(ପୃଷ୍ଠା–୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୫/୨୦୨୨ (୧୨+୮=୨୦ ପୃଷ୍ଠା) | Bhubaneswar, Monday, August 15/2022 | Page 12+8 | ₹ 7.00 | ★★★★

୪୮ଶ ଭାଗ ୨୬୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-









ମହାଯୋଗୀ ଶ୍ରୀଅରବିନ୍ଦଙ୍କ ପବିତ୍ର ଜନ୍ମଦିବସରେ ଧରିତ୍ରୀର ବିନମ୍ର ପ୍ରଣତି।

## ଶୁଭେଚ୍ଛା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଧରିତ୍ରୀ ତା'ର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଖବରଦାତା, ଏଜେଣ୍ଟ, ବିତରକ, ପୃଷ୍ଠପୋଷକମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

## ଧରିତ୍ରୀର ଛୁଟି

ସ୍ୱାଧୀନତା ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ୧୫ ତାରିଖ ସୋମବାର ବନ୍ଦ ରହିବ। ପରବର୍ତ୍ତୀ ସଂସ୍କରଣ ୧୭ ତାରିଖ ସକାଳେ ପ୍ରକାଶ ପାଇବ।

## ଆଜିର ସମ୍ପାଦକୀୟ

ମାନସିକତାରେ ପରାଧୀନ

# ସ୍ଥିତି ଦେଖି ପଦକ୍ଷେପ

## ମହାନଦୀରେ ମଧ୍ୟମ ଧରଣର ବନ୍ୟା

- ମହାନଦୀ, ବୈତରଣୀ, ଜଳକା ଜଳସ୍ତର ବଢୁଛି
- ସମସ୍ତ ବନ୍ଦର ପାଇଁ ୩ ନଂ. ବିପଦ ସଙ୍କେତ
- ୧୨ ଜିଲାକୁ ରେଡ୍ ୱାର୍ନିଂ, ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା
- ୪ ଜିଲାକୁ ଗଲେ ଓଡ୍ରାଫ, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ଟିମ୍

**ଭୁବନେଶ୍ୱର, ୧୪।୮ (ବ୍ୟୁରୋ)**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଚଳିତ ମାସର ଦ୍ୱିତୀୟ ଲଘୁଚାପ ରବିବାର ସକାଳ ସାଢ଼େ ୮ଟାରେ ଉତ୍ତର ଓଡ଼ିଶା ଉପକୂଳ ଏବଂ ଉତ୍ତର ପଶ୍ଚିମ ସମୁଦ୍ରରେ ଅବପାତରେ ପରିଣତ ହୋଇଛି। ଫଳରେ ରାଜ୍ୟରେ ଜାରି ରହିଥିବା ବର୍ଷା ପରିମାଣ ବଢ଼ିଛି। ଶନିବାର ରାତିରୁ ରବିବାର ସକାଳ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଏହି ସମୟରେ ଜଗତ୍‌ସିଂହପୁର ଜିଲା ଏରସମାରେ ସର୍ବାଧିକ ୨୧୫ମି.ମି. ବର୍ଷା ରେକର୍ଡ କରାଯାଇଛି। ସେପଟେ ଉପରମୁଣ୍ଡରେ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରର ୩୪ ଗେଟ୍ ଦେଇ ପାଣି ଛଡ଼ା ଯାଉଥିବାରୁ ମହାନଦୀ, ବୈତରଣୀ ସମେତ ଅନ୍ୟ କେତେକ ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। ମହାନଦୀରେ ମଧ୍ୟମ ଧରଣର ବନ୍ୟା ଆଶଙ୍କା ରହିଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ବର୍ଷା ଓ ବନ୍ୟା ପାଣି ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। କେତେକ ସ୍ଥାନରେ ରେଳଧାରଣା ବୁଡ଼ିଯାଇଛି। ଘର ଓ ପୋଲ ଭୁଶୁଡ଼ିବା ସହ ଭୂସ୍ଖଳନ ହୋଇଥିବା ଦେଖାଯାଇଛି। ଏଥିସହ ଜୀବନହାନିର ସୂଚନା ମିଳିଛି।

ବର୍ଷା ଓ ବନ୍ୟାଜନିତ ସ୍ଥିତିକୁ ନେଇ ରବିବାର ପୂର୍ବାହ୍ଣରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବୈଠକ ବସିଥିଲା। ବନ୍ୟା ଆସିଲେ ସବୁ ପ୍ରକାର ମୁକାବିଲା ଲାଗି ରାଜ୍ୟ ସରକାର ପ୍ରସ୍ତୁତ ଥିବା ବୈଠକ ପରେ ଜଳ ସମ୍ପଦ ବିଭାଗ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି। ସେହିଭଳି ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ପ୍ରଦୀପ କୁମାର ଜେନା କହିଛନ୍ତି, ଲଘୁଚାପଜନିତ ଲଗାଣ ବର୍ଷା ଓ ହୀରାକୁଦରୁ ୩୪ ଗେଟ୍ ଦେଇ ଜଳ ପ୍ରବାହିତ ହେଉଥିବାରୁ ରାଜ୍ୟର ବିଭିନ୍ନ ନଦୀରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ମହାନଦୀରେ ମଧ୍ୟମ ଧରଣର ବନ୍ୟା ଆସୁଛି। ପୂର୍ବରୁ ୨୦୧୯ରେ ମଧ୍ୟମ ଧରଣର ବନ୍ୟା ଆସିଥିଲେ ମଧ୍ୟ ବିଶେଷ କିଛି କ୍ଷତି ହୋଇ ନ ଥିଲା। ଏବେ ଯେଉଁ ବନ୍ୟା ଆସିବାର ସମ୍ଭାବନା ରହିଛି, ତାକୁ ମୁକାବିଲା କରିବା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆଶଙ୍କା ନ ଥିବାବେଳେ ଜଳକାରେ ଜଳସ୍ତର ବିପଦ ସଙ୍କେତ ଉପରେ ରହିଛି।

☞ପୃଷ୍ଠା–୨



କଟକ ନରାଜ ଆନିକଟଠାରେ ରବିବାର ମହାନଦୀରେ ପ୍ରବାହିତ ବନ୍ୟାଜଳ ।








GD Symbol of Trust
GUPTA DISTRIBUTORS
No.1 Retail Chain Stores
(A unit of Gupta Electro Trade Pvt Ltd)
FREEDOM SALE
75 Azadi Ka Amrit Mahotsav
Upto 40% DISCOUNT* LOWEST PRICE
Assured Free Gifts* with every purchase
CASH BACK OFFER UPTO 22.5%* ( Max. 20000/- )
GET 1 year EXTENDED WARRANTY @50% ONLY
Triple ZERO Offer NO DOWN PAYMENT PROCESSING FEE INTEREST LOWEST EMI
COMPARE & BUY AT ONLINE PRICE
HURRY!! Offer valid from 12-16 August 2022
Our New Store at PATRAPADA Near ICICI Bank,Patrapada Bus Stop IS NOW OPEN
OUR PARTNERS FOR SPOT FINANCE
BAJAJ FINSERV
IDFC FIRST Bank
HDB FINANCIAL SERVICES
HDFC BANK We understand your world
ACs: NO COST EMI*
LEDs: EMI-999*
WMs: EMI-999*
REFs: EMI-999*
REFs & LEDs: 1 EMI OFF*
ACs: NO DP*
10%*Cash Back on Samsung Mobile
Cash Back Rs.5000* on Above 50K finance
UPTO 40% OFF Additional 10% DISCOUNT ON EXCHANGE
HOME & OFFICE FURNITURE ARE AVAILABLE AT :
PATRAPADA-Bhubaneswar | Puri | CDA-Cuttack | Jagatsinghpur Nayagarh | Kalapathar | Balugaon | Jajpur Town | Chandikhole | Athagarh
LG Life's Good
75 YEARS OF INDEPENDENCE CELEBRATION
25 YEARS OF LG's INNOVATION
100% HAPPINESS FOR THE NATION
Join the celebrations!
LG OLED
LG QNED MiniLED
EXCLUSIVE OFFERS
Up to 20% Cashback (on select debit/ credit card)
Fixed EMI ₹888* onwards
0* Down Payment (rest in EMI)
1 EMI FREE*
HOME ENTERTAINMENT OFFERS
5 YEAR* ASSURANCE (On purchase of select LG TVs)
FREE* SOUNDBAR worth up to ₹64990* (With select OLED TV models)
OLED CIRCLE An exclusive alliance Get benefits up to ₹50000*
HOME APPLIANCES OFFERS
FREE* GET MINI BAR (On select models of SBS Refrigerator)
ADDITIONAL 2 YEAR ASSURANCE STARTING AT ₹2* PER DAY (On select models of Refrigerator & Washing Machine)
PCB 5 (On LG Air Conditioner)
FREE* GLASS BOWL KIT (On select models of Microwave Oven)
FREE* ₹4200/- Worth Free Maintenance STAINLESS STEEL TUMBLER (On purchase of LG Water Purifier)
FREE* Get Finish all-in-one tablets* (With every purchase of LG Dishwasher)
Care & Delight LG Service
LG 24 x 7 CUSTOMER CARE
1800-315-9999 1800-180-9999 (Toll Free)
5757554 (Send SMS)
www.lg.com/in/support
LG WhatsApp No. 9711709999
LG Service India Mobile App Available at Google Play
www.facebook.com/lgindiapage/
www.twitter.com/LGIndia
To know more about LG, visit www.lg.com/in
For Corporate/Institutional enquiries, please write to corp.enquiries@lge.com
24x7 NOW SHOP AT LG BRAND STORE www.lgbrandstore.com/in
LG Greencycle
AMERICAN EXPRESS
Bank of Baroda Credit Card
citi Credit Cards
FEDERAL BANK
HDFC BANK We understand your world
ICICI Bank Credit & Debit Cards
kotak
SBI card
standard chartered
Regd. Office: LG Electronics India Pvt. Ltd., A-24/6, Mohan Cooperative Industrial Estate, Mathura Road, New Delhi-110044
CIN No. U32107DL1997PTC220109
BHUBANESWAR- PATRAPADA : Near ICICI Bank, Patrapada Bus Stop,Mob-7008989313, BARAMUNDA : Main Road, Front of Kali Mandir, Mob: 7008989309, PATIA : KIIT Square, In front of Khimji Honda, Mob: 7008989302, LAXMI SAGAR (Cuttack Road) : Mob: 7008989301, SAHEED NAGAR : Beside PNB Bank, Mob-8144920830, SAMANTARAPUR : Near Sanjeevani Medicare Hospital, Mob : 9692316302, CUTTACK- DOLMUNDAI : Mob: 2424932/7008989303, BUXI BAZAR : Mob : 7008989304, CDA : Near Judicial Academy (Utkal Hyundai), Mob: 7008989312, PURI : Medical Chhack, Grand Road, Mob: 7008989310, JATNI : Near Axis Bank, Mob: 2492932/7008989305, NIMAPADA : Near Dolabedi Chhaka, Mob:7008989307, BALUGAON : Main Road, Near Digantika Hotel, Mob:7008989308, KHORDHA : Main Road, Palla Chhaka, Mob: 7008989311, NAYAGARH : Khandapada Road, Mob:7008989306, BHADRAK : Main Road, Chappulia, Mob: 7008989314, JAGATSINGHPUR : Main Bus Stand, Mob: 7008989317, Gandhi Chhack, Jagatsinghpur, JAJPUR TOWN : N C College Road, Boula Mula Chhack, Mob: 8144920820, KALAPATHAR : Near Dhabaleswar Temple, Mob: 7008989315, PARADEEP : Dochaaki, Udaybata, Mob: 7008989316, BARIPADA : Near Roxy Cinema Hall, Mob: 7008989347, ANGUL : NH-55, Kandasar, Nalco Nagar (Near Kargil Petrol Pump), Mob: 9692316300, CHANDIKHOLE : Jena Premium, National Highway, Near Railway Overbride, Mob : 9692316301, ATHAGARH : Birakishorpur, Near (Chandabali Chhak), Mob :9692316303, GUPTA WHOLESALE OUTLET - HANSPAL : Puri Canal Road, Near Hanuman Mandir, Mob: 7735455009,
*T&C Apply. Price/ EMI mentioned are subject to change. Offer applicable on selected brand/ product only. Pictures are indicative only/ CASH BACK IS SUBJECT TO BANK .T&C apply

# ଧରିତ୍ରୀ
DHARITRI

ସୋମବାର, ଅଗଷ୍ଟ ୧୫/୨୦୨୨ | Monday, August 15/2022 | ପୃଷ୍ଠା-୧




ରାୟଗଡ଼ା ଜିଲା ଶିକରପାଇ-ଭାଲୁମାସ୍କା ରାସ୍ତାରେ ରବିବାର ପାହାଡ଼ରୁ ପଥର ଖସି ରେଳ ଧାରଣାରେ ପଡ଼ିବାରୁ ସମଲେଶ୍ୱରୀ ଏକ୍ସପ୍ରେସ ଅଟକି ରହିଛି।

# ଆଞ୍ଚଳିକ ବୈଷମ୍ୟ କମୁଛି

## ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରଥମ ସ୍ୱାଧୀନତା ଦିବସ ଅଭିଭାଷଣ



**ନୂଆଦିଲ୍ଲୀ,୧୪।୮**

୭୬ତମ ସ୍ୱାଧୀନତା ଦିବସର ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧିତ କରି ଭାରତରେ ଆଞ୍ଚଳିକ ବୈଷମ୍ୟ ହ୍ରାସ ପାଉଥିବା କହିଛନ୍ତି। ଆର୍ଥିକ ସଂସ୍କାରମୂଳକ ପଦକ୍ଷେପ ସାଙ୍ଗକୁ ନୂତନ କଲ୍ୟାଣକାରୀ ଯୋଜନା ଯୋଗୁ ନିକଟ ଅତୀତରେ ବିଶେଷ କରି କୋଭିଡ୍ ମହାମାରୀ ପରେ ବିଶ୍ୱ ଏକ ନୂଆ ଭାରତ ଦେଖିଛି। ବିଶ୍ୱିକ ପ୍ରଭାବକୁ ପ୍ରତିହତ କରି ଦେଶର ଆର୍ଥିକ ଅଭିବୃଦ୍ଧିକୁ ଆଗେଇ ନେବାରେ ସରକାର ଓ ନୀତି ନିର୍ଦ୍ଧାରକମାନଙ୍କ ପଦକ୍ଷେପକୁ ରାଷ୍ଟ୍ରପତି ଭୂୟସୀ ପ୍ରଶଂସା କରିଛନ୍ତି।

ଭାରତ ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ଅତିବାହିତ କରିଛି। ଏହା ଏକ ପୁରାତନ ରାଷ୍ଟ୍ର ପାଇଁ କ୍ଷଣିକ ହୋଇପାରେ, କିନ୍ତୁ ବ୍ୟକ୍ତିବିଶେଷ ଭାବେ ଆମ ପାଇଁ ଏହା ଏକ ଜୀବନକାଳ। ପ୍ରିୟ ଦେଶ ଆମକୁ ସବୁକିଛି ଦେଇଛି। ତେଣୁ ଦେଶର ନିରାପତ୍ତା, ସୁରକ୍ଷା, ପ୍ରଗତି ଓ ବିକାଶ ଲାଗି ଆମେ ସବୁ କିଛି ଦେବା ଲାଗି ପ୍ରତିଜ୍ଞା କରିବା ଆବଶ୍ୟକ। ଦେଶର ଅଭିବୃଦ୍ଧି ଅଧିକ ସମାବେଶୀ ହୋଇଛି ଏବଂ ଆଞ୍ଚଳିକ ବୈଷମ୍ୟ ହ୍ରାସ ପାଉଥିବା ରାଷ୍ଟ୍ରପତି କହିଛନ୍ତି। ସେହିପରି ଦେଶରେ ଲିଙ୍ଗଗତ ଅସମାନତା କମିବା ସହ ମହିଳାମାନେ ସବୁ କ୍ଷେତ୍ରରେ ଅଗ୍ରଗତି କରିଛନ୍ତି। ଅଧିକାଂଶ ସୁପ୍ରତିଷ୍ଠିତ ଗଣତନ୍ତ୍ରରେ ମହିଳାମାନେ ଭୋଟ ଅଧିକାର ପାଇବା ଲାଗି ଦୀର୍ଘ ସଂଗ୍ରାମ କରିବାକୁ ପଡ଼ିଥିଲା। କିନ୍ତୁ ଭାରତ ଏକ ସାଧାରଣତନ୍ତ୍ର ଭାବେ ସମସ୍ତ ସାବାଳକଙ୍କୁ ମତଦାନ ଅଧିକାର ପ୍ରଦାନ କରିଛି। ଗଣତନ୍ତ୍ରର ପ୍ରକୃତ ସାମର୍ଥ୍ୟ ଆବିଷ୍କାର ପାଇଁ ବିଶ୍ୱକୁ ଭାରତ ସହାୟତା କରିପାରିଛି।

୨୦୪୭ ବେଳକୁ ଆମେ ଆମ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ୱପ୍ନକୁ ପୂର୍ଣ୍ଣ ରୂପରେ ସିଦ୍ଧ କରିପାରିବା। ଭାରତର ଷ୍ଟାର୍ଟଅପ୍ ବ୍ୟବସ୍ଥା ବିଶ୍ୱରେ ଶୀର୍ଷ ସ୍ଥାନରେ ରହିଛି। ଏହା ଶିଳ୍ପ ବିକାଶର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ। ଗରିବଙ୍କ ପାଇଁ ନିଜସ୍ୱ ଗୃହ ଏବେ ଆଉ ସ୍ୱପ୍ନ ହୋଇ ରହିନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅଧିକରୁ ଅଧିକ ଲୋକ ଘର ପାଇପାରିଛନ୍ତି। ଜଳଜୀବନ ମିଶନ ଜରିଆରେ ପ୍ରତ୍ୟେକଙ୍କ ଘରକୁ ଟ୍ୟାପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଦେଶ ଆଜି ବିକାଶ ପଥରେ ଯେଉଁଳି ଅଗ୍ରଗତି କରିଛି, ତାହାର ଶ୍ରେୟ କୃଷକ, ଶ୍ରମିକମାନଙ୍କ କଠିନ ପରିଶ୍ରମ ଏବଂ ଉଦ୍ୟୋଗୀମାନଙ୍କ ବ୍ୟବସାୟିକ ଦକ୍ଷତାକୁ ଦିଆଯିବା ଆବଶ୍ୟକ। ମହାମାରୀକୁ ପ୍ରତିରୋଧ କରିବାରେ ଆମର ସଫଳତା ବିକଶିତ ଦେଶଗୁଡ଼ିକଠାରୁ ଭଲ ରହିଆସିଛି। ସେଥିପାଇଁ ଦେଶ ଏହାର ବୈଜ୍ଞାନିକ, ଡାକ୍ତର, ନର୍ସ ଏବଂ ଟିକାକରଣ ସହ ସମ୍ପୃକ୍ତ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ନିକଟରେ କୃତଜ୍ଞ ବୋଲି ରାଷ୍ଟ୍ରପତି କହିଛନ୍ତି।

# ହୃଦ୍‌ଘାତରେ ରାକେଶ ଝୁନ୍‌ଝୁନ୍‌ୱାଲାଙ୍କ ପରଲୋକ



**ମୁମ୍ବାଇ,୧୪।୮**

ବିଶିଷ୍ଟ ଷ୍ଟକ୍ ମାର୍କେଟ ନିବେଶକ ତଥା ଆକାଶ ଏୟାରର ପ୍ରତିଷ୍ଠାତା ରାକେଶ ଝୁନ୍‌ଝୁନ୍‌ୱାଲାଙ୍କର ରବିବାର ସକାଳେ ମୁମ୍ବାଇର ଏକ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କୁ ୬୨ ବର୍ଷ ହୋଇଥିଲା। ଭାରତର ୱାରେନ୍ ବଫେଟ୍ ତଥା ଦଲାଲ ଷ୍ଟ୍ରିଟ୍‌ର ବିଗ୍ ବୁଲ୍ ଭାବେ ପରିଚିତ ଝୁନ୍‌ଝୁନ୍‌ୱାଲାଙ୍କୁ ହଠାତ୍ ହୃଦ୍‌ଘାତ ହେବାରୁ ତାଙ୍କର ଦେହାନ୍ତ ହେଲା ବୋଲି ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲର ଡ. ପ୍ରତୀତ ସମ୍‌ଦାନି କହିଛନ୍ତି। ଏହା ବ୍ୟତୀତ ସେ ଦୀର୍ଘଦିନ ହେଲା କିଡ୍‌ନୀ ରୋଗ ଏବଂ ମଧୁମେହରେ ପୀଡ଼ିତ ଥିଲେ। ନିକଟରେ ତାଙ୍କର ଆଞ୍ଜିଓପ୍ଲାଷ୍ଟି କରାଯାଇଥିଲା। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ସନ୍ଧ୍ୟାରେ ମୁମ୍ବାଇର ବଙ୍ଗାଙ୍ଗ କ୍ରେମେଟୋରିୟମ୍‌ରେ ଝୁନ୍‌ଝୁନ୍‌ୱାଲାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଫୋର୍ବସ ୨୦୨୧ ତାଲିକା ଅନୁଯାୟୀ, ୪୬,୦୦୦ କୋଟି ଟଙ୍କାର ସମ୍ପତ୍ତି ସହ ଝୁନ୍‌ଝୁନ୍‌ୱାଲା ଭାରତର ୩୬ତମ ଧନୀ ବ୍ୟକ୍ତି। ଟାଇଟନ, ଷ୍ଟାର ହେଲ୍‌ଥ, ଟାଟା ମୋଟର୍ସ, ମେଟ୍ରୋ ବ୍ରାଣ୍ଡସ ସମେତ ୩୬ରୁ ଊର୍ଦ୍ଧ୍ୱ କମ୍ପାନୀରେ ସେ ପୁଞ୍ଜିନିବେଶ କରିଛନ୍ତି। ☞ପୃଷ୍ଠା-୨

# ମା'କୋଳରୁ ଖସି ଶିଶୁପୁତ୍ର ମୃତ

**ବାଲୁଗାଁ,୧୪।୮(ଡି.ଏନ୍.ଏ.)**

ବାଲୁଗାଁ ଚିଲିକା ରୋଡ୍‌ସ୍ଥିତ ସେନାପତି କଲୋନୀରେ ଶନିବାର ରାତିରେ ଏକ ଦୁଃଖଦ ଘଟଣା ଘଟିଛି। ବର୍ଷାପାଣି ଘରେ ଜମି ରହିଥିବା ବେଳେ ଖଟରେ ଶୋଇଥିବା ଦେଢ଼ମାସର ଶିଶୁପୁତ୍ର ମା'କୋଳରୁ ଖସି ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ସୂଚନା ମୁତାବକ, ଲଘୁଚାପଜନିତ ବର୍ଷା ଯୋଗୁ ବାଲୁଗାଁ ନଗରର ବିଭିନ୍ନ ୱାର୍ଡରୁ ପାଣି ନିଷ୍କାସନ ହୋଇ ନ ପାରି କେଉଁଠି ଘରେ ପଶୁଛି ତ କେଉଁଠି ରାସ୍ତା ବୁଡ଼ି ଚାଲୁଛି। ଏଭଳି ସ୍ଥିତିରେ ସେନାପତି କଲୋନୀରେ ଜଣେ ମହିଳା ଦେଢ଼ମାସର ଶିଶୁ ପୁତ୍ରକୁ ଧରି ଖଟରେ ଶୋଇଥିବା ବେଳେ ବର୍ଷାଜଳ ଘରେ ପଶି ଜମି ରହିଥିଲା। ତେବେ ଅସାବଧାନତାବଶତଃ ଶିଶୁପୁତ୍ରଟି ଖଟରୁ ତଳେ ପଡ଼ିଯାଇଥିଲା। ବିଳମ୍ବିତ ରାତିରେ ମହିଳାଙ୍କ ନିଦ ଭାଙ୍ଗିବାରୁ ଶିଶୁପୁତ୍ରକୁ ପାଇ ନ ଥିଲେ। ପରେ ଖଟ ପାର୍ଶ୍ୱ ପାଣିରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶିଶୁପୁତ୍ରକୁ ମୃତ ଘୋଷଣା କରିଥିଲେ। ବାଲୁଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ (ନଂ.୨୦/୨୨) ମାମଲା ରୁଜୁ ହୋଇଛି।

# ୧୫ ଜଣ ପାଇବେ ରାଷ୍ଟ୍ରପତି ପୋଲିସ ପଦକ

## ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଉତ୍କୃଷ୍ଟ ସେବା ପଦକ

**ଭୁବନେଶ୍ୱର,୧୪।୮(ବ୍ୟୁରୋ)**

୭୬ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ରାଷ୍ଟ୍ରପତି ପୋଲିସ ପଦକ ରବିବାର ଘୋଷଣା କରାଯାଇଛି। ଏନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ୨୦୨୨ ଲାଗି ଓଡ଼ିଶା ପୋଲିସର ୧୫ ଜଣ ମନୋନୀତ ହୋଇଛନ୍ତି। ୨ ଜଣ ପୋଲିସ କର୍ମଚାରୀଙ୍କୁ ସାହସିକତା ପଦକ ପାଇଁ ଚୟନ କରାଯାଇଛି। ବିଶିଷ୍ଟ ତଥା ଉତ୍କୃଷ୍ଟ ସେବା ନିମନ୍ତେ ଦ୍ୱୈତନଗରୀ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ସିକ୍ୟୁରିଟି ୱିଙ୍ଗର ଭାରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ସରୋଜ କୁମାର ମହାପାତ୍ର ରାଷ୍ଟ୍ରପତି ପୋଲିସ ପଦକ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ଓଡ଼ିଶାର ୨ଜଣ ପୋଲିସ ଅଧିକାରୀ ସାହସିକତା ପାଇଁ ପୋଲିସ ପଦକରେ ସମ୍ମାନିତ ହେବେ। ସେମାନେ ହେଲେ କମାଣ୍ଡୋ କୁମାର କର୍ମୀ ଓ କମାଣ୍ଡୋ ପୀତବାସ ପାଣ୍ଡେ। ସେହିଭଳି ୧୧ ଜଣ ପୋଲିସ କର୍ମୀଙ୍କୁ ଉଲ୍ଲେଖନୀୟ ସେବା ପାଇଁ ପୋଲିସ ପଦକ ପ୍ରଦାନ କରାଯିବ। ସେମାନେ ହେଲେ କଟକ ଭିଜିଲାନ୍ସ ସେଲ ନିର୍ଦ୍ଦେଶାଳୟର ଅତିରିକ୍ତ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ପ୍ରକାଶ କୁମାର ନାଏକ, ଭୁବନେଶ୍ୱର ଏସ୍‌ଟିଏଫ ସିଆଇଡି, ସିବିର ଡେପୁଟି ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ☞ପୃଷ୍ଠା-୨



ସୌମେନ୍ଦ୍ର ପ୍ରିୟଦର୍ଶୀ


DADLS - 28



ପବିତ୍ର ସ୍ୱାଧୀନତା ଦିବସ -୨୦୨୨ ଉପଲକ୍ଷେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପରଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

ସ୍ୱାଧୀନତା ଆମ ପାଇଁ ବିଶେଷ ଉପଲବ୍ଧି । ସ୍ୱାଧୀନତାର ମହାର୍ଘ ଚେତନା ଓ ଭାବବୋଧ ଆମ ସମସ୍ତଙ୍କର ଧ୍ୟେୟ ହେଉ ବୋଲି ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ମୁଁ କାମନା କରୁଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR-15001/13/0093/2223

DADLS - 28

ଓଡ଼ିଶା ସରକାର



ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଉଛି । ଆସନ୍ତୁ, ଓଡ଼ିଶାର ବିକାଶ ରଥକୁ ଆହୁରି ଆଗକୁ ନେବା ସହିତ ଦେଶର ଗୌରବ ବୃଦ୍ଧି ପାଇଁ ଆଜିର ଏହି ପବିତ୍ର ଦିନରେ ସଂକଳ୍ପବଦ୍ଧ ହୋଇ କାମ କରିଚାଲିବା ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0093/2223

DADLS - 28



ପବିତ୍ର ସ୍ୱାଧୀନତା ଦିବସ ଅବସରରେ
ବାର୍ତ୍ତା

ପବିତ୍ର ୭୬ତମ ସ୍ୱାଧୀନତା ଦିବସର ଶୁଭ ଅବସରରେ ମୁଁ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରଦର୍ଶିତ ଅହିଂସା ଓ ସତ୍ୟାଗ୍ରହ ମାର୍ଗରେ ପରିଚାଳିତ ହୋଇ ଦେଶପ୍ରେମୀ ସଂଗ୍ରାମୀଙ୍କ ତ୍ୟାଗ, ତପସ୍ୟା ଓ ତିତିକ୍ଷା ବଳରେ ଆମେ କଷ୍ଟଲବ୍ଧ ସ୍ୱାଧୀନତା ହାସଲ କରିଛନ୍ତି ।

ଆସନ୍ତୁ, ଦେଶର ସ୍ୱାଧୀନତା ପାଇଁ ଆତ୍ମୋତ୍ସର୍ଗ କରିଥିବା ସଂଗ୍ରାମୀମାନଙ୍କର ବଳିଦାନକୁ ସସମ୍ମାନେ ସ୍ମରଣ କରିବା ଏବଂ ଏକ ସଶକ୍ତ ଓ ସମୃଦ୍ଧ ରାଜ୍ୟ ତଥା ଦେଶ ଗଢ଼ିବାକୁ ସଂକଳ୍ପବଦ୍ଧ ହେବା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR-15001/13/0093/2223

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଅଙ୍କିତା
ପରିବାରବର୍ଗ


କୁନ୍‌ମୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପଥର, ମାଟି ଅତଡ଼ା ଧସି ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ

**ରାୟଗଡ଼ା ଅଫିସ,୧୪।୮**

- ସମଲେଶ୍ୱରୀ ଏକ୍ସପ୍ରେସ ସାଢ଼େ ୭ ଘଣ୍ଟା ବିଳମ୍ବ
- ୨ ଟ୍ରେନ୍ ଯାତ୍ରା ଅଧାରୁ ବାତିଲ

ପ୍ରବଳ ବର୍ଷା ଯୋଗୁ ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ରେଳଷ୍ଟେଶନ ନିକଟ ୩୪ ନଂ. ଟନେଲ ପାଖରେ ରବିବାର ପଥର ଓ ମାଟି ଅତଡ଼ା ଧସି ରାୟଗଡ଼ା-କୋରାପୁଟ ରେଲ୍‌ୱେ ଲାଇନ୍‌ରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। କେଉଟଗୁଡ଼ା ଓ ଶିକରପାଇ ଷ୍ଟେଶନ ମଝି ଆନନ୍ଦପାଡ୍ରୁ ଗାଁ ନିକଟରେ ପ୍ରଥମେ ମାଟି ଅତଡ଼ା ଧସିବା ଯୋଗୁ ମାଟି ଏବଂ ଗଛ ରେଳଧାରଣା ଉପରେ ପଡ଼ିଥିଲା। ଫଳରେ ଉକ୍ତ ରୁଟ୍‌ରେ ଜଗଦଲପୁରରୁ ହାୱଡ଼ା ଯାଉଥିବା ସମଲେଶ୍ୱରୀ ଏକ୍ସପ୍ରେସ ଦୀର୍ଘ ୩ ଘଣ୍ଟା ଅଟକି ରହିଥିଲା। ରେଲ୍‌ୱେ କର୍ମଚାରୀ ଏବଂ ରାୟଗଡ଼ାରୁ ଇଞ୍ଜିନିୟରିଂ ଟିମ୍ ଯାଇ ଲାଇନ୍ କ୍ଲିୟର କରିବା ପରେ ଟ୍ରେନ୍ ରାୟଗଡ଼ା ଅଭିମୁଖେ ବାହାରିଥିଲା। ୪ କି.ମି. ଦୂର ଯିବାପରେ ଶିକରପାଇ-ଭାଲୁମାସ୍କା ରାସ୍ତାରେ ପୁଣି ପାହାଡ଼ରୁ ବଡ଼ ପଥର ଖସି ରେଳଧାରଣା ଉପରେ ପଡ଼ିଥିଲା। ରେଲ୍‌ୱେ କର୍ମଚାରୀ ପହଞ୍ଚି ରାସ୍ତାରୁ ପଥର ହଟାଇବା ପରେ ଟ୍ରେନ୍‌ଟି ସାଢ଼େ ୭ ଘଣ୍ଟା ବିଳମ୍ବରେ ରାତି ୭ଟାରେ ରାୟଗଡ଼ା ଷ୍ଟେଶନରେ ପହଞ୍ଚିଥିଲା। ଏଠାରୁ ଟ୍ରେନ୍ ଗନ୍ତବ୍ୟ ସ୍ଥଳ ହାୱଡ଼ା ଅଭିମୁଖେ ବାହାରିଥିଲା।

ଏହା ବ୍ୟତୀତ ଏହି ରୁଟ୍‌ରେ ଅନ୍ୟ ୨ଟି ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଛି। ରବିବାର ବିଶାଖାପାଟଣାରୁ କୋରାପୁଟ ଯାଉଥିବା ଟ୍ରେନ୍‌କୁ ରାୟଗଡ଼ାଠାରେ ଯାତ୍ରା ସମାପ୍ତ କରାଯାଇଛି। ଏହା ରାୟଗଡ଼ାରୁ ପୁଣି ବିଶାଖାପାଟଣା ଫେରିବ। ସେହିପରି କୋରାପୁଟ-ବିଶାଖାପାଟଣା ଟ୍ରେନ୍‌କୁ ଶିକରପାଇ ଠାରେ ଯାତ୍ରା ସମାପ୍ତ କରାଯାଇଥିଲା। ଏହା ଶିକରପାଇରୁ ପୁଣି କୋରାପୁଟ ଫେରିଥିବା ରେଲ୍‌ୱେର ସିନିୟର ଡିଭିଜନାଲ ମ୍ୟାନେଜର ଏ.କେ. ତ୍ରିପାଠୀ ସୂଚନା ଦେଇଛନ୍ତି।

# ନାଟମଣ୍ଡପ ଉପରକୁ ଚଢ଼ିଗଲେ ଯୁବକ

**ପୁରୀ ଅଫିସ,୧୪।୮**

- ଉଦ୍ଧାର କଲେ ଚୂନରା ସେବାୟତ
- ସୁରକ୍ଷା ବ୍ୟବସ୍ଥା ନେଇ ଉଠିଲା ପ୍ରଶ୍ନ

ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ନେଇ ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରବିବାର ଶ୍ରୀମନ୍ଦିର ନାଟମଣ୍ଡପ ଉପରିଭାଗ ତଥା ମଝିଦେଉଳ ଉପରକୁ ଜଣେ ଯୁବକ ଚଢ଼ିଯାଇଥିଲେ। ଚୂନରା ସେବାୟତ ଓ ଅଗ୍ନିଶମ ବାହିନୀର ମିଳିତ ଉଦ୍ୟମରେ ତାଙ୍କୁ ଉଦ୍ଧାର କରାଯାଇଛି। ଶ୍ରୀମନ୍ଦିର ପୋଲିସ ସଂପୃକ୍ତ ଯୁବକଙ୍କୁ ସିଂହଦ୍ୱାର ଥାନା ଜିମାରେ ଦେଇଛନ୍ତି। ଗତ କିଛି ମାସ ମଧ୍ୟରେ ଏହା ତୃତୀୟ ଘଟଣା। ଶ୍ରୀମନ୍ଦିର ନୀଳଚକ୍ର ଛୁଇଁବା ପାଇଁ ସେ ନାଟମଣ୍ଡପକୁ ଚଢ଼ିଯାଇଥିଲେ ବୋଲି ଯୁବକ ଜଣକ କହିଛନ୍ତି। ତେବେ ସେ ମାନସିକ ବିକୃତ ନୁହନ୍ତି ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟା ୩୦ରେ ମୁକ୍ତିମଣ୍ଡପ ପାଖ ମୁଦୁଲି ଦ୍ୱାର ପାଖରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ) ପକ୍ଷରୁ ନିର୍ମିତ ଅସ୍ଥାୟୀ ଲୁହା ପାହାଚ ଦେଇ ଜଣେ ଯୁବକ ନାଟମଣ୍ଡପ ଉପରକୁ ଚଢ଼ିଯାଇଥିଲେ। ସେ ମନ୍ଦିର ଉପରେ ଥିବା ସିଂହମୂର୍ତ୍ତି ଉପରେ ବସି ରହିଥିଲେ। କେତେଜଣ ଶ୍ରଦ୍ଧାଳୁ ଏହା ଦେଖି ଶ୍ରୀମନ୍ଦିର ପୋଲିସକୁ ସୂଚନା ଦେଇଥିଲେ। ଶ୍ରୀମନ୍ଦିର ପୋଲିସ ଏନେଇ ଚୂନରା ସେବାୟତଙ୍କ ସହାୟତା ଲୋଡ଼ିଥିଲା। ଚୂନରା ସେବାୟତମାନେ ଘଟଣାସ୍ଥଳରେ ପହଞ୍ଚି ମନ୍ଦିର ଉପରକୁ ଚଢ଼ି ସମ୍ପୃକ୍ତ ଯୁବକଙ୍କୁ ତଳକୁ ଆଣିଥିଲେ। ଏଥିଲାଗି ପ୍ରାୟ ୩୦ ମିନିଟ ଲାଗିଥିଲା। ସମ୍ପୃକ୍ତ ଯୁବକଙ୍କ ବୟସ ୩୨ ବର୍ଷ ଓ ତାଙ୍କ ନାମ ଜିତୁ ଗୌଡ଼ ହୋଇଥିବାବେଳେ ସେ ଗଞ୍ଜାମ ଜିଲା ବ୍ରହ୍ମପୁର ସହରର ନିବାସୀ ବୋଲି ସୂଚନା ମିଳିଛି। ସିଂହଦ୍ୱାର ଥାନା ଆଇଆଇସି ଶ୍ୱେତପଦ୍ମା ଦାଶ କହିଛନ୍ତି, ଶ୍ରୀମନ୍ଦିର ପୋଲିସ ଓ ସେବାୟତମାନେ ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରି ସିଂହଦ୍ୱାର ଥାନାରେ ଜିମା ଦେଇଛନ୍ତି।



ନାଟମଣ୍ଡପ ଉପରକୁ ଚଢ଼ିଥିବା ଯୁବକ ଜିତୁ ଗୌଡ଼।

ଏନେଇ ଏପର୍ଯ୍ୟନ୍ତ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ପ୍ରାଥମିକ ତଦନ୍ତରେ ଯୁବକ ଜଣକ ଶ୍ରୀମନ୍ଦିର ଉପରକୁ ଚଢ଼ିଥିବା ସ୍ୱୀକାର କରିଥିଲେ ମଧ୍ୟ ଅଧିକ କିଛି କହିନାହାନ୍ତି।

ଅନ୍ୟପକ୍ଷରେ ଶ୍ରୀମନ୍ଦିର ପୋଲିସର ଦାୟିତ୍ୱହୀନ କାର୍ଯ୍ୟକଳାପକୁ ନେଇ ଚୂନରା ସେବାୟତ ଡ. ଶରତ ମହାନ୍ତି ପ୍ରଶ୍ନ ଉଠାଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଶ୍ରୀମନ୍ଦିର ପରିସରରେ ଆଇନ ଶୃଙ୍ଖଳା ରକ୍ଷା କରିବା ସହ ଶ୍ରଦ୍ଧାଳୁଙ୍କୁ ସୁରକ୍ଷା ଯୋଗାଇବା କାର୍ଯ୍ୟ ପୋଲିସର। ମାତ୍ର ଶ୍ରୀମନ୍ଦିର ପୋଲିସ ଠିକ୍‌ଭାବେ କାର୍ଯ୍ୟ ସମ୍ପାଦନ କରୁନାହିଁ। ଜଣେ ବ୍ୟକ୍ତି ଯଦି ସୁରକ୍ଷାବଳୟ ଭାଙ୍ଗି ଶ୍ରୀମନ୍ଦିର ଉପରକୁ ଚଢ଼ିପାରୁଛନ୍ତି ତେବେ ସେଠାରୁ ତଳକୁ ଖସିପଡ଼ିବା କିମ୍ବା ଡେଇଁ ପଡ଼ିବା ମଧ୍ୟ ସମ୍ଭବ। ବିଗତ କିଛି ମାସ ମଧ୍ୟରେ ଏଭଳି କାର୍ଯ୍ୟକଳାପ ବଢିଥିବାରୁ ଏନେଇ ପୋଲିସ ପ୍ରଶାସନ ସ୍ୱତନ୍ତ୍ର ଧ୍ୟାନ ଦେବା ଦରକାର। ନଚେତ୍ ଏହା ଏକ ଟ୍ରେଣ୍ଡରେ ପରିଣତ ହୋଇଯିବ। ଏଭଳି ଅନେକ ଭକ୍ତଙ୍କୁ ଆମେ ପ୍ରତିଦିନ ଭେଟୁଛୁ, ଯେଉଁମାନେ ନୀଳଚକ୍ର ପର୍ଯ୍ୟନ୍ତ ଯିବା ପାଇଁ ନେହୁରା ହେଉଛନ୍ତି। ମାତ୍ର ଏହା ପରମ୍ପରା ବିରୋଧୀ ଏବଂ ଅସୁରକ୍ଷିତ ହୋଇଥିବାରୁ ସେମାନଙ୍କୁ ଅନୁମତି ମିଳୁନାହିଁ। ସେହିପରି ଶ୍ରୀମନ୍ଦିର ଉପରେ ଚଢ଼ିଯାଉଥିବା ସମସ୍ତ ବ୍ୟକ୍ତିଙ୍କୁ ଯେ ମାନସିକ ବିକାରଗ୍ରସ୍ତ କହି ପ୍ରଶାସନ ଖସିଯାଉଛି ତାହା ନୁହେଁ, ଭକ୍ତି ଭାବରେ ମଧ୍ୟ ଅନେକ ଶ୍ରଦ୍ଧାଳୁ ଚଢିଯାଉଛନ୍ତି। ତେଣୁ ଶ୍ରଦ୍ଧାଳୁଙ୍କୁ ବାରଣ କରିବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ହେବା ଉଚିତ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ବିଶ୍ୱରଞ୍ଜନଙ୍କ 'ସଂପର୍କର ହଜାରେ ଭିଡ଼ରେ' ଲୋକାର୍ପିତ


ବିଶ୍ୱରଞ୍ଜନ ଦାଶଙ୍କ ପ୍ରଥମ କବିତା ସଙ୍କଳନକୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

**ଭୁବନେଶ୍ୱର,୧୪।୮(ବ୍ୟୁରୋ)**

ଟାଇମ୍ ପାସ୍ ପକ୍ଷରୁ ପ୍ରକାଶିତ ଯୁବକବି ତଥା ଗୀତିକାର ବିଶ୍ୱରଞ୍ଜନ ଦାଶଙ୍କ ପ୍ରଥମ କବିତା ସଙ୍କଳନ 'ସଂପର୍କର ହଜାରେ ଭିଡ଼ରେ' ରବିବାର ସ୍ଥାନୀୟ ଏକ ହୋଟେଲରେ ଲୋକାର୍ପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଥାକାର ଅଧ୍ୟାପକ ବିଶ୍ୱରଞ୍ଜନ ଯୋଗଦେଇ କବିଙ୍କ ସମ୍ପର୍କ ଗଢ଼ିବାର କଳା ଓ କାରିଗରି ସମ୍ପର୍କରେ ମତ ରଖିଥିଲେ। ମୁଖ୍ୟବକ୍ତା ପ୍ରାବନ୍ଧିକ ଓ ସମାଲୋଚକ ବିଶ୍ୱରଞ୍ଜନ ଦାସ ପୁସ୍ତକର ସାମଗ୍ରିକ ସ୍ୱର ସମ୍ପର୍କରେ ବିଶେଷଭାବେ ଆଲୋକପାତ କରିଥିଲେ। ଯୁବକବି ଦାଶ ଲେଖକୀୟ ବକ୍ତବ୍ୟରେ କବିତା ପଛର ଅନେକ କଥା ବଖାଣିଥିଲେ। ଦୈନିକ ଖବରକାଗଜ ଧରିତ୍ରୀର 'ଛୁଟିଦିନ'ରେ କବିତା ସବୁ ପ୍ରକାଶ ପାଇବା ପରେ ମୋତେ ପୁସ୍ତକ ଲେଖିବାକୁ ପ୍ରେରଣା ମିଳିଥିଲା ବୋଲି ପ୍ରକାଶ କରିଥିଲେ। ପ୍ରକାଶକ ତଥା ଲେଖକ ସରୋଜ ବଳ ସ୍ୱାଗତ ଭାଷଣ ଦେଇଥିଲେ। ପୁସ୍ତକରୁ ଗୀତିକାର ପଞ୍ଚାନନ ନାୟକ, କଣ୍ଠଶିଳ୍ପୀ ମମତା ତ୍ରିପାଠୀ, ଗାଳ୍ପିକ ସୁବ୍ରତ ସେନାପତି, କଥାକାର ପ୍ରଜ୍ଞା ପାରମିତା ରଥ ଗୋଟିଏ ଲେଖାଏ କବିତା ପାଠ କରିଥିଲେ। ଅରୁଣ କୁମାର ଦାସ ଓ ଅବିନାଶ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଆନ୍ତି କୁରୁବଳଙ୍କର**
**ଗାଆନ୍ତି ପାଣ୍ଡଙ୍କର।**

ସ୍ୱାର୍ଥୀ ବ୍ୟକ୍ତି ନିଜ ସ୍ୱାର୍ଥ ପୂରଣ ପାଇଁ ଯେକୌଣସି ସ୍ତରକୁ ଖସିଯାଇପାରନ୍ତି, ଦରକାର ପଡ଼ିଲେ ନିଜ ଲୋକଙ୍କୁ ମଧ୍ୟ ପର କରିଦେଇପାରନ୍ତି। ନିଜର ଲାଭ ବା ଉନ୍ନତି ପାଇଁ ଉପକାରୀ ବ୍ୟକ୍ତି ପ୍ରତି ଛଳ କରିବାକୁ କେବେ ପଶ୍ଚାତ୍‌ପଦ ହୋଇ ନ ଥାନ୍ତି। ଜଣଙ୍କର ଖାଇ ଅନ୍ୟ ଜଣଙ୍କର ଗୁଣଗାନ କରିବା ତଥା ତାଙ୍କ ଭଲମନ୍ଦ ପାଇଁ ଚିନ୍ତା ପ୍ରକଟ କରିବା ବେଇମାନି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖାଇ ହଗା, ଯାଚି ମଗା**
**ଏ ଦୁଇଟା ହତଭାଗା।**

ଖାଇସାରି ଝାଡ଼ାଯିବା ସ୍ୱାସ୍ଥ୍ୟ ପାଇଁ ଅହିତକର ବା କ୍ଷତିକାରକ ହୋଇଥାଏ। ସେହିପରି ମାଗି ଯାଚି ଜୀବିକା ନିର୍ବାହ କରୁଥିବା ବ୍ୟକ୍ତିଙ୍କ ଜୀବନ ବଡ଼ ଦୁର୍ବିସହ ହୋଇଥାଏ। ଏହିଧରଣର ବ୍ୟକ୍ତି ହତଭାଗା ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୨୫ ଜିଲାରେ ଏକ ସମୟରେ ଦେଶାତ୍ମବୋଧକ ସଙ୍ଗୀତ ଗାନ

**ଭୁବନେଶ୍ୱର,୧୪।୮(ବ୍ୟୁରୋ)** - ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏକ ଅନନ୍ୟ ଓ ଅଭିନବ କବିତା ପାଠୋତ୍ସବର ଆୟୋଜନ କରାଯାଇଛି। ସୋମବାର ଅପରାହ୍ନ ୩ଟାରେ ରାଜ୍ୟର ୨୫ଟି ଜିଲାର ୧୨୫ଟି ସ୍ଥାନରେ ୨୦ଜଣ କରି ମୋଟ ଅଢ଼େଇ ହଜାର କବି ଏକ ସମୟରେ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିବେ। ବାକି ୫ଟି ଜିଲାରେ ଏହି କାର୍ଯ୍ୟକ୍ରମ ପୂର୍ବରୁ ସରି ଯାଇଛି। ରାଜ୍ୟବ୍ୟାପୀ ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଏକାଡେମୀ ପ୍ରତିନିଧି ସମ୍ପାଦନ କରିବେ। ଏହାର ଭିଡିଓକୁ ରେକର୍ଡ କରାଯାଇ ଲିମ୍‌କା ବୁକ୍ ଅଫ୍ ରେକର୍ଡ୍ସ ଓ ଗିନିଜ ବୁକ୍ ରେକର୍ଡ୍ସରେ ସ୍ଥାନିତ କରିବାକୁ ଉଭୟ କର୍ତ୍ତୃପକ୍ଷ ଆଗ୍ରହ ପ୍ରକାଶ କରିଛନ୍ତି। ଏକାଡେମୀର ଏହି ପ୍ରୟାସ ଜାତୀୟ ସ୍ତରରେ ପ୍ରଶଂସିତ ହେଉଛି ବୋଲି ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ପ୍ରକାଶ କରିଛନ୍ତି। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କରାଯାଉଛି।

## ପ୍ରଥମ ପୃଷ୍ଠାରୁ...

### ୧୫ ଜଣ ପାଇବେ ...

ସଚ୍ଚିଦାନନ୍ଦ ରଥ, ଭୁବନେଶ୍ୱର ବିପିଏସପିଏର ଡେପୁଟି ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଗୁରୁପ୍ରସାଦ ଶିବଶଙ୍କର ନନ୍ଦ, ରାଉରକେଲା ଡେପୁଟି ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ବନିତା ମାଝୀ, କଟକ ସିଆଇଡି, ସିବିର ସବ-ଇନ୍ସପେକ୍ଟର ଏନ୍.ତ୍ରିନାଥ ଡୋରା, ସମ୍ବଲପୁର ସ୍ପେସାଲ ସ୍କ୍ୱାଡର ସହକାରୀ ସବ-ଇନ୍ସପେକ୍ଟର ମହମ୍ମଦ ଜାହାଙ୍ଗୀର, ଝାରସୁଗୁଡା ଓଏସ୍ଏପି ୨ୟ ବାଟାଲିୟନର ହାବିଲଦାର ବିଷ୍ଣୁ କୁମାର ବୁରା, ଅନୁଗୋଳର ଡ୍ରାଇଭର ହାବିଲଦାର ହୃଷୀକେଶ ବାରିକ, କୋରାପୁଟର ଏସ୍ଓଜି,ଏଇଟି ଏବଂ ଆରସିର ସହକାରୀ ଆର୍ମୋରିର ବସନ୍ତ କୁମାର ଡାକୁଆ,ସୁନ୍ଦରଗଡ ଡିଏଫଏସ୍ଏଲର କନଷ୍ଟେବଲ ଅଞ୍ଜନ କୁମାର ମହାନ୍ତି ଓ କୋରାପୁଟ ଓଏସ୍ଏପି ୩ୟ ବାଟାଲିୟନର ସିପାହୀ ପ୍ରଶାନ୍ତ ପରିଡା। ଅପରପକ୍ଷରେ ୩ ଅଗ୍ନିଶମ କର୍ମଚାରୀ ପ୍ରଶାନ୍ତ କୁମାର ଦାଶ, ବିଜୟ ଚନ୍ଦ୍ର ପାତ୍ର ଓ ହାବିଲଦାର ସର୍ବେଶ୍ୱର ମିଶ୍ର ପାଇବେ ଫାୟାର ସର୍ଭିସ ପଦକ। ସେହିପରି ୩ ଜଣ ଜେଲ୍ କର୍ମଚାରୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସେବା ପାଇଁ ପଦକ ମିଳିବ। ଜେଲର୍ ବିଭେନ୍ଦୁ ଭୂୟାଁଙ୍କୁ 'ରାଷ୍ଟ୍ରପତିଙ୍କ ସୁଧାର ସେବା ପଦକ', ଜେଲର୍ ବୁଲୁ ମାଟିଆ ଓ ସହକାରୀ ଜେଲର୍ ସୁପକ କୁମାର ନାୟକଙ୍କୁ 'ଗୁଣାତ୍ମକ ସେବା ପାଇଁ ସୁଧାରା ସେବା ପଦକ' ପ୍ରଦାନ କରାଯିବ।

## ପ୍ରଥମ ପୃଷ୍ଠାରୁ...

### ସ୍ଥିତି ଦେଖି ...

କିନ୍ତୁ ଜଳକାରେ ଏହା ସ୍ୱାଭାବିକ ସ୍ଥିତି। ଦକ୍ଷିଣ ଓଡ଼ିଶା ନଦୀରେ ସେମିତି ବନ୍ୟା ଆଶଙ୍କା ନାହିଁ। ହୀରାକୁଦରେ ଏବେ ଆଉ ଗେଟ୍ ଖୋଲିବୁନି। ସ୍ଥିତି ଦେଖି ନିଷ୍ପତ୍ତି ନେବୁ ବୋଲି ଏସ୍ଆର୍‌ସି କହିଛନ୍ତି। ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ବିଜୟ ମିଶ୍ର କହିଛନ୍ତି, ବର୍ତ୍ତମାନ ହୀରାକୁଦର ଉପରମୁଣ୍ଡରେ ଓ ତଳମୁଣ୍ଡରେ ବର୍ଷା ଜାରି ରହିଛି। ହୀରାକୁଦରେ ୫ ଲକ୍ଷ ୪୦ ହଜାର କ୍ୟୁସେକ ଜଳ ଆଉଟ୍ ଫ୍ଲୋ ଏବଂ ୫ ଲକ୍ଷ ୬୦ ହଜାର କ୍ୟୁସେକ ଜଳ ଇନ୍ ଫ୍ଲୋ ହେଉଛି। ୩୪ଟି ଗେଟ ଖୋଲା ରହିଛି। ସ୍ଥିତି ଦେଖି ଅଧିକ ଗେଟ ଖୋଲିବା ପାଇଁ ନିଷ୍ପତ୍ତି ନିଆଯିବ। ବଂଶଧାରା କାଶୀନଗର ନିକଟରେ ଜଳସ୍ତର ବଢ଼ିଛି। ଆଖୁଆପଦାଠାରେ ବୈତରଣୀ ନଦୀର ବି ଜଳସ୍ତର ବଢୁଛି। ସକାଳ ୭ଟା ସୁଦ୍ଧା ମୁଣ୍ଡଳୀ ଦେଇ ୫ ଲକ୍ଷ ୫୬ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ଉପର ମୁଣ୍ଡରୁ ପାଣି ଆସିବା ଜାରି ରହିଥିବାରୁ ମହାନଦୀର ଜଳସ୍ତର ଆହୁରି ବଢ଼ିବ। ୧୫ ତାରିଖ ସୁଦ୍ଧା ମୁଣ୍ଡଳୀ ଦେଇ ୭ ଲକ୍ଷ କ୍ୟୁସେକ ବନ୍ୟା ଜଳ ପ୍ରବାହିତ ହେବ। ବର୍ତ୍ତମାନ କୌଣସି ସ୍ଥାନରେ ନଦୀବନ୍ଧ ଭାଙ୍ଗିବା ନେଇ ଖବର ଆସି ନାହିଁ। ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଅଫିସରମାନଙ୍କୁ ସଜାଗ ରଖାଯାଇଛି। ୧୮ଟି ସ୍ଥାନରେ ଦୁର୍ବଳ ନଦୀବନ୍ଧକୁ ମରାମତି କରାଯାଇଛି। ୨୧ ତାରିଖ ପର୍ଯ୍ୟନ୍ତ ହୀରାକୁଦରେ ୬୨୨ ଫୁଟ ପର୍ଯ୍ୟନ୍ତ ଜଳ ଆମେ ରଖି ପାରିବୁ ବୋଲି ସେ କହିଛନ୍ତି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ରବିବାର ଅପରାହ୍ନ ୫ଟାର ବୁଲେଟିନ ଅନୁସାରେ, ଅବପାତ ପଶ୍ଚିମବଙ୍ଗ ଦିଘାଠାରୁ ଦକ୍ଷିଣ ପୂର୍ବ ଦିଗରେ ୧୦ କିମି ଏବଂ ବାଲେଶ୍ୱରଠାରୁ ପୂର୍ବ ଉତ୍ତର-ପୂର୍ବ ଦିଗରେ ୯୦ କିମି ଦୂରରେ କେନ୍ଦ୍ରୀଭୂତ ହୋଇଛି। ରବିବାର ପୂର୍ବାହ୍ନରେ ଏହା ଘଣ୍ଟା ପ୍ରତି ୧୦କିମି ବେଗରେ ଗତି କରିବା ସହ ଉପକୂଳ ଅତିକ୍ରମ କରିଛି। ଏହି ଅବପାତ ଆଗାମୀ ୨୪ଘଣ୍ଟା ପର୍ଯ୍ୟନ୍ତ ତୀବ୍ରତା ବଜାୟ ରଖିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ୧୫ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ସୋନପୁର, ବୌଦ୍ଧ, ବରଗଡ଼, ଅନୁଗୋଳ, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, କେନ୍ଦୁଝର ଏବଂ ସୁନ୍ଦରଗଡ଼ ଆଦି ୧୨ ଜିଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା(୭ ରୁ ୨୦ସେମି) ଓ ଆଉ କେତେକ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା (୨୦ ସେମିରୁ ଅଧିକ)ର ସମ୍ଭାବନା ରହିଛି। ତେଣୁ ଏସବୁ ଜିଲାକୁ ରେଡ୍ ୱାର୍ନିଂ ଓ ବାକି ୧୮ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ସୋମବାର ସକାଳୁ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଏବଂ ନୂଆପଡ଼ା ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଏଥିସହ ଓଡ଼ିଶାର ସମସ୍ତ ସାମୁଦ୍ରିକ ବନ୍ଦର ଗୋପାଳପୁର, ପୁରୀ, ପାରାଦୀପ ଏବଂ ଧାମରା/ଚାନ୍ଦବାଲି ପାଇଁ ବିପଦ ସଙ୍କେତ ୩ ଜାରି କରାଯାଇଛି। ୧୫ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ନ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ ଓ ଖୋର୍ଦ୍ଧା ଜିଲା ଅଧିକ ପ୍ରଭାବିତ ସମ୍ଭାବନା ଥିବାରୁ ସତର୍କ କରାଯିବା ସହ ଓଡ୍ରାଫ, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ଟିମ୍‌କୁ ପଠାଯାଇଛି।

## classifieds Everyday
0674-2580101, 2549302

real estate

**SALE**

Buy/Sale. Triplex 18000sqft. Pandra- 6,50,00,000/-, 4BHK Duplex Jharpada- 1,50,00,000/-, Balianta- 79,00,000/-, Pada Sahi-75,00,000/- .3BHK Apartment Patia-90,00,000/-. Land30000sqft. Jaanla- 6,00,00,000/, Patia-2900, Patrapada-1800, Pahala-1800. 8984071303. D-1251

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda School & College**କୁ ଲାଗି **layout approval plot (Bank finance) @9,00,000/-** ଦେଇ ତୁରନ୍ତ ଘର କରନ୍ତୁ। **(OD Group). 9437033320.** D-73283

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73292

ନଖରା **East** କଲେଜଠାରୁ **2.5k.m.** ଦୂରତାରେ **@870/-** ପାଚେରି ଥାଇ **Govt. Medical** ନିକଟରେ ଘରବାରି ପ୍ଲଟ୍ ମିଳୁଛି। **9348152874.** D-73291

3BHK 1660sqft. 4th Floor at Palm Heights opposite Sum Hospital. Call- 7205072051. D-71652

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

ସ୍ଥିତିବାନ ଘରବାରି ପ୍ଲଟ୍ ପାଚେରି ସହିତ ବିକ୍ରିହେବ। ଉତ୍ତରା ଟଙ୍କପାଣିରୋଡ୍ ପାଖରେ। 9861201010. D-73856

କାଗା କିଣି ତୁରନ୍ତ ଘର କରନ୍ତୁ। ଭୁବନେଶ୍ୱର **New Railway Station**ରୁ **400mtr** ଦୂରତାରେ **yellowzone- sqft.-650/-,** ବାରଙ୍ଗ-ତ୍ରିଶୁଳିଆ **NH side**ରେ **sqft.-1500/- (SC plot available). 9078371787.** D-73290

construction

**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295

healthcare

Refresh your body with best therapist Ashirvad Panchakarma harbal SPA Kesarimall. 8926173473. D-73951

**Relax, Refresh your body, Mind at Saikrupa Spa with best therapies. 8984068077.** D-1248

Newly open full body massage 1099 free massage one. Mo: 9583808247. D-1164

Newly open SPA positively health benefit with expert. Contact: 7749976301. D-73854

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ଶାରୀରିକ ସୁସ୍ଥତା ସହ ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ଖୁସି ରହିବେ। ଅଫିସ୍ କାମରେ ଏପରି କି ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବନ୍ଧୁମେଳରେ ଦିନଟି ହସଖୁସିରେ କଟିବ। ପାରିବାରିକ ସ୍ଥିତି ମଧ୍ୟ ବହୁତ ଭଲ ରହିବ।

**ବୃଷ** - ରାଶିରେ ମଙ୍ଗଳ ହେତୁ ମାନସିକ ସ୍ଥିତି ଉତ୍ତେଜନାପ୍ରବଣ ରହିପାରେ। ଭଲ କଥା କହିଲେ ମଧ୍ୟ ବନ୍ଧୁମାନେ ଭୁଲ୍ ବୁଝିପାରନ୍ତି। ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତରଜନିତ ଟେନ୍ସନ ରହିବ। ଅବଶ୍ୟ ବନ୍ଧୁମିଳନ, ଉପଢ଼ୌକନ ଓ ସମ୍ମାନର ସୌଭାଗ୍ୟ ପାଇବେ।

**ମିଥୁନ** - ଭାଗ୍ୟସ୍ଥାନକୁ ବୁଧ ଦେଖୁଥିବାରୁ ବିଭିନ୍ନ ଧନ୍ଦା ସକାଶେ ସହକର୍ମୀମାନେ ଉତ୍ସାହିତ କରିବେ। ଜଣେ ବନ୍ଧୁ ମାର୍ଗଦର୍ଶକ ସାଜି ପାରନ୍ତି, ଯାହାକି ଆପଣଙ୍କ ସକାଶେ ହିତକର ହେବ। କର୍ମକ୍ଷେତ୍ରରେ, ବ୍ୟବସାୟରେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣ କଲେ ମନ୍ଦ ହେବନି। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**କର୍କଟ** - ଆଜିର ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁତ ଭଲ ରହିବ। ଯାହା ଚାହିଁବେ ତାହା ନିଶ୍ଚିତ ପ୍ରାପ୍ତ ହେବ। ବହୁତ ଦିନର ଅଭିଳାଷ ପୂରଣ ହୋଇଯିବ। ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ।

**ସିଂହ** - ଧନ ଏକାଦଶାଧିପତି ରାଶିରେ ଥିବାରୁ ଅର୍ଥ, ସମ୍ମାନ, ବନ୍ଧୁଦର୍ଶନ ସହ ଉଚ୍ଚବର୍ଗଙ୍କ କୃପାପାତ୍ର ହେବେ। ସାମାଜିକ ସ୍ତରରେ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ଏକାସଙ୍ଗରେ ଗୁଡ଼ିଏ କାମ ହାତକୁ ନେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ସଭାସମିତି ଦିଗଟି ଭଲ ରହିବ।

**କନ୍ୟା** - ଧନ ସ୍ଥାନରେ କେତୁ ଥିବା ହେତୁ ଅର୍ଥ ସମ୍ପର୍କୀୟ ବିବାଦ ଲାଗିପାରେ। ନିଜଲୋକଙ୍କ ଭୁଲ୍ କାମରୁ ଅଫିସରେ ସାଧାରଣ କଥାରେ ମତାନ୍ତର ସୃଷ୍ଟିହେବ। ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଗୃହସଜ୍ଜା, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିପାରନ୍ତି ।

**ତୁଳା** - ଗ୍ରହ ସ୍ଥିତି ବିଷମତା କାରଣରୁ ମନ ଅସ୍ଥିର ରହିବା ସହ ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ଝଡ଼ ଉଠିପାରେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ ନଚେତ୍ ବିବାଦର ସମ୍ମୁଖୀନ ହେବାକୁ ପଡ଼ିବ। ମାମଲାମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ଘରକୁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି।

**ବିଛା** - ଆଜିଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଢିଯିବ। ଅନ୍ୟମାନଙ୍କ କଥାରେ ଭାସି ନ ଯାଇ ନୀଚସଂସର୍ଗରୁ ଦୂରେଇ ରହିବା ଭଲ । ଧନାଧିପ ବକ୍ରୀ ହେତୁ ଅଭାବ ଦୂରେଇବାର ପ୍ରୟାସ କଲେ ମଧ୍ୟ ଧାରକରଜ କରି ଆବଶ୍ୟକତା ଚଳାଇ ନେବେ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ।

**ଧନୁ** - ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଭିତରେ ଚଳିବାକୁ ବାଧ୍ୟ ହେବେ। ବିଶେଷତଃ ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଅଶାନ୍ତିର କାରଣ ହୋଇପାରେ। ପରିବହନ, ଆମଦାନୀ କ୍ଷେତ୍ରରେ ନିଜ ନିଜର ସ୍ଥାନରେ ବେଶ୍ ଖୁସି ରହିବେ। ରାଜନୀତିରେ ଓ ସାଂଗଠନିକ କ୍ଷେତ୍ରରେ ବହୁତ ଜନକଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହେବେ।

**ମକର** - ସପ୍ତମସ୍ଥ ରବି ଓ ଶୁକ୍ର ହେତୁ ସାଧାରଣ କଥାରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ଆଜି ଯାହା କରିବାକୁ ମନସ୍ଥ କରିଛନ୍ତି ସେଥିପାଇଁ ବନ୍ଧୁଙ୍କ କଥା ମାନି କାମ କଲେ ଭଲ । ସହକର୍ମୀଙ୍କ ସହୃଦୟତାରୁ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକୁଳି ଯାଇ ପାରନ୍ତି । ପ୍ରକାଶନ, ସାହିତ୍ୟ ଚର୍ଚ୍ଚା ଓ ପ୍ରଶାସନିକ ସଫଳତା ଅବଶ୍ୟ ପାଇବେ।

**କୁମ୍ଭ** - ଆଜିର କାମଗୁଡ଼ିକ ଘାତପ୍ରତିଘାତ ମଧ୍ୟ ଦେଇ ସମ୍ପନ୍ନ ହେବାର ସମ୍ଭାବନା ରହିଛି। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ନିକଟସ୍ଥ ବ୍ୟକ୍ତିଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମହେବେ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି ।

**ମୀନ** - ଗୁରୁଚାନ୍ଦ୍ରି ଯୋଗ ପ୍ରଭାବରେ ଆଜି ସମସ୍ୟା ସମାଧାନ ହେବା କାରଣରୁ ମାନସିକ ସ୍ୱାସ୍ଥ୍ୟ କେତେକାଂଶରେ ଭଲ ରହିବ। କୌଣସି ବନ୍ଧୁ କିଛି ଖବର ନ ଦେଇ ହଠାତ୍ ଆସିଯିବେ। ସଭା ସମିତିକୁ ନିମନ୍ତ୍ରିତ ହୋଇ ଯିବାର ସୌଭାଗ୍ୟ ଅର୍ଜନ କରିବେ। କିନ୍ତୁ ଆତ୍ମୀୟମାନେ ବିଶ୍ୱାସଘାତକତା କରିପାରନ୍ତି।

### ହୃଦ୍‌ଘାତରେ ରାକେଶ ...

ସେ ହଙ୍ଗାମା ମିଡିଆ ଏବଂ ଆପ୍‌ଟେକ୍‌ର ଅଧ୍ୟକ୍ଷ ଥିଲେ। ତାଙ୍କ ଏୟାରଲାଇନ୍ସ ଏୟାର ଆକାଶ ଗତ ସପ୍ତାହରେ ପ୍ରଥମ ଉଡ଼ାଣ ଆରମ୍ଭ କରିଥିଲା। ଏହାର ଉଦ୍‌ଘାଟନ ସମୟରେ ଝୁନ୍‌ଝୁନ୍‌ୱାଲାଙ୍କୁ ହୁଇଲ୍ ଚେୟାରରେ ଦେଖିବାକୁ ମିଳିଥିଲା। ୧୯୬୦ ଜୁଲାଇ ୫ରେ ଜନ୍ମିତ ଝୁନ୍‌ଝୁନ୍‌ୱାଲାଙ୍କ ଯୋଗ୍ୟତା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ। ସେ ୧୯୮୫ରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ୫,୦୦୦ ଟଙ୍କା ସହ ନିବେଶ ଆରମ୍ଭ କରିଥିଲେ।




# 'ଋକ୍-ବେଦ- ଶାକଲ ସଂହିତା' ଓଡ଼ିଆ ସଂକଳନ ପ୍ରକାଶିତ



ପ୍ରକାଶ ପ୍ରଧାନଙ୍କ ଦ୍ୱାରା ପ୍ରକାଶିତ ଋକ୍ ବେଦର ଓଡ଼ିଆ ସଙ୍କଳନ।

**ଭୁବନେଶ୍ୱର, ୧୪।୮ (ବ୍ୟୁରୋ)**

ବେଦ ହିଁ ଭାରତୀୟ ଧର୍ମ, ସଂସ୍କୃତି ଓ ଦର୍ଶନର ପ୍ରାଣ। ମାନବ ସମାଜର ଏହି ପ୍ରାଚୀନତମ ଗ୍ରନ୍ଥ ଦ୍ୱାରା ମାନବୀୟ ପ୍ରଜ୍ଞାର ଉତ୍ତରୋତ୍ତର ଅଭିବୃଦ୍ଧି ଘଟିପାରିଛି। ବେଦ ଋକ୍, ସାମ, ଯଜୁ ଓ ଅଥର୍ବ ଚାରି ଭାଗରେ ବିଭକ୍ତ। ଓଡିଆରେ ଅଦ୍ୟାବଧି ବେଦ ପ୍ରକାଶ ପାଇପାରିନାହିଁ। କତିପୟ ବିଦ୍ୱାନ୍ ବେଦର କେତେକ ଅଂଶ ଓ କେତୋଟି ଉପନିଷଦ ଓଡ଼ିଆ ଭାଷାରେ ପ୍ରକାଶ କରିଛନ୍ତି। ବେଦବିଜ୍ଞାନ ପ୍ରସାରକ ପ୍ରକାଶ ପ୍ରଧାନ ଚେନ୍ନାଇରେ ରହୁଥିଲେ ମଧ୍ୟ ସମ୍ପୂର୍ଣ୍ଣ ବେଦ ଓ ଉପନିଷଦ ସମୂହକୁ ଓଡ଼ିଆ ଭାଷାରେ ସଂକଳନ ଓ ପ୍ରକାଶ କରିବାର ମହତୀ ପ୍ରଚେଷ୍ଟା କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ସେ 'ବେଦ ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ – ଏକ ସଂକ୍ଷିପ୍ତ ପରିଚୟ' ଓ 'ଋକ୍-ବେଦ ଶାକଲ ସଂହିତା' ପ୍ରକାଶ କରିଛନ୍ତି, ଯାହା ଡିଜିଟାଲ୍ ରୂପରେ ୱେବ୍ ସାଇଟ୍‌ରେ ମଧ୍ୟ ବିନାମୂଲ୍ୟରେ ଉପଲବ୍ଧ। ଏଗୁଡିକ ଡାଉନଲୋଡ୍ କରିବାର ସୂତ୍ର ହେଉଛି "https://scholarshoppe.com/veda-odia"। ପ୍ରକାଶ ପ୍ରଧାନଙ୍କର ପ୍ରକାଶିତ ଗ୍ରନ୍ଥ ହେଉଛି ଋକ୍-ବେଦ – ଶାକଲ ସଂହିତା। ୯୫୫ ପୃଷ୍ଠା ବିଶିଷ୍ଟ ଏହି ବିରାଟ ଗ୍ରନ୍ଥଟି ଓଡିଆ ଭାଷାର ଏକ ଦୁର୍ଲଭ ଗ୍ରନ୍ଥ। ପ୍ରଧାନ ମୂଲ୍ୟବାନ କାଗଜରେ ନିର୍ଭୁଲ ଭାବରେ ଗ୍ରନ୍ଥଟିକୁ ପ୍ରକାଶ କରିବାକୁ ପ୍ରୟାସ କରିଛନ୍ତି। ଗ୍ରନ୍ଥଟି ବୈଦିକ ସାହିତ୍ୟର ପ୍ରଥମ ଓଡ଼ିଆ ରୂପାନ୍ତର। 'ଧରିତ୍ରୀ'କୁ ସେ ପଠାଇଥିବା ଏହି ଗ୍ରନ୍ଥଟି ରବିବାର ପହଞ୍ଚିବା ପରେ ଏହାର ପରିପାଟୀ ଅତ୍ୟନ୍ତ ସୁନ୍ଦର ଥିବା ଦେଖିବାକୁ ପାଇଛୁ। ନିଶ୍ଚିତ ଭାବେ ଏହା ଓଡ଼ିଆ ଭାଷୀଙ୍କ ପାଇଁ ଅମୂଲ୍ୟ ସମ୍ପଦ ହେବ ବୋଲି ଆଶା କରାଯାଉଛି।






ଯେଉଁ ଶକ୍ତି ସବୁ ସାଧନ କରିପାରିବ– ତାହା ଅଛି। କିନ୍ତୁ ତାହା ଆମ ଭିତରେ ଏକ ଗୁପ୍ତ କୋଠରି ଭିତରେ ଲୁଚିକରି ଅଛି। ଏବଂ ସେହି ରୁଦ୍ଧ ପ୍ରକୋଷ୍ଠର ଚାବି ଅଛି ଈଶ୍ୱରଙ୍କ ହାତରେ। ଆସ– ଈଶ୍ୱରଙ୍କୁ ଖୋଜି ପାଇବା ଓ ତାଙ୍କଠାରୁ ସେ ଚାବି ହାସଲ କରିବା। –ଶ୍ରୀଅରବିନ୍ଦ



# ମାନସିକତାରେ ପରାଧୀନ

ଭାରତ ଆଜି ସ୍ୱାଧୀନତାର ୭୫ ବର୍ଷ ପୂରଣ କରିଛି। ଏହି ସ୍ୱତନ୍ତ୍ରତାକୁ ସ୍ମରଣୀୟ କରି ରଖିବା ଲାଗି ବର୍ଷବ୍ୟାପୀ ଦେଶସାରା 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରାଯାଉଛି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡାକରାକୁ ସମ୍ମାନ ଦେଇ ତିନି ରଙ୍ଗର ଜାତୀୟ ପତାକାକୁ ଅନେକ ଲୋକ ତାଙ୍କ ଘରେ ଉଡ଼ାଇବାର ଦେଖାଯାଉଛି। ଏଭଳି ଦେଶପ୍ରେମ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ତେବେ ଘର ଘର ବୁଲି କିଏ ପତାକା ଉଡ଼ାଇଲେ ଓ କିଏ ନ ଉଡ଼ାଇଲେ ବୋଲି ହିସାବ ରଖାଯିବାର ଯେଉଁ ଧମକ ଦିଆଯାଉଛି, ସେହି ଧମକ ସାମାଜିକ ପରିବର୍ତ୍ତନ ପାଇଁ ଦିଆଯାଇ ପାରିଲେ ଏହି ଭୂଖଣ୍ଡର ଉନ୍ନତି ଘଟିପାରନ୍ତା। ନିକଟରେ ରାଜସ୍ଥାନରେ ଘଟିଥିବା ଏକ ଘଟଣାକୁ ଉଦାହରଣ ଭାବେ ନିଆଯାଉ। ଗତ ଜୁଲାଇ ୨୦ ତାରିଖରେ ରାଜସ୍ଥାନ ଜାଲୋର ଜିଲା ସୁରାନା ଗ୍ରାମରେ ଥିବା ସରସ୍ୱତୀ ବିଦ୍ୟାମନ୍ଦିରରେ ପଢ଼ୁଥିବା ତୃତୀୟ ଶ୍ରେଣୀର ୯ ବର୍ଷର ଦଳିତ ଛାତ୍ର ଇନ୍ଦର ମେଘୱାଲ ତାଙ୍କ ଶିକ୍ଷକଙ୍କ ପାଇଁ ଉଦ୍ଦିଷ୍ଟ ଥିବା ମାଟିପାତ୍ରରୁ ପାଣି ପିଇ ଦେବାରୁ ତାଙ୍କୁ ପ୍ରବଳ ମାଡ଼ ଖାଇବାକୁ ପଡ଼ିଥିଲା। 'ଉଚ୍ଚ ଜାତି'ର ଶିକ୍ଷକ ଚୈଲ ସିଂ ପିଲାଟିକୁ ଏଭଳି ବାଡ଼େଇଲେ ଯେ ସେ ଅସୁସ୍ଥ ହୋଇ ସ୍ଥାନୀୟ ହସ୍‌ପିଟାଲ ଓ ପରେ ଉଦୟପୁର ଡାକ୍ତରଖାନାକୁ ସ୍ଥାନାନ୍ତର ହେଲେ। ସ୍ୱାସ୍ଥ୍ୟାବସ୍ଥା ଅତି ଗମ୍ଭୀର ହେବାରୁ ତାଙ୍କୁ ସ୍ୱତନ୍ତ୍ର ଚିକିତ୍ସା ଲାଗି ଅହମଦାବାଦ ନିଆଯାଇଥିଲା। ହେଲେ ୧୩ ଅଗଷ୍ଟରେ ତାଙ୍କର ମୃତ୍ୟୁ ଘଟିଲା। ଇତିମଧ୍ୟରେ ସମ୍ପୃକ୍ତ ଶିକ୍ଷକଙ୍କୁ ଗିରଫ କରାଯାଇ ଘଟଣାର ତଦନ୍ତ ଆରମ୍ଭ ହୋଇଛି। କିନ୍ତୁ ଦୋଷ ନ ଥାଇ ସରସ୍ୱତୀ ବିଦ୍ୟାମନ୍ଦିରର ନିରୀହ ଛାତ୍ରର ପାଣି ପିଇବାର ପ୍ରଚେଷ୍ଟା ଯୋଗୁ ଯେଭଳି ଜୀବନ ଗଲା ତାହା ଭାରତର ପ୍ରତ୍ୟେକ ନାଗରିକଙ୍କ ବିବେକକୁ ଦଂଶନ କରିବା କଥା। କିନ୍ତୁ ଆମେ ଏଭଳି ଏକ ନୃଶଂସ ଜାତିରେ ପାଲଟି ଗଲୁଣି ଯେ, ଏପରି ଘଟଣାକୁ ଅତି ଶୀଘ୍ର ଭୁଲିଯିବାର ସବୁ ଚେଷ୍ଟା କରିବୁ। ଗୋଟିଏପଟେ ପତାକା ଉଡ଼ାଇ କ୍ଷମତା ରାଜନୀତି କରିବାର ଇଚ୍ଛା ପ୍ରବଳତର ହେଉଥିବା ବେଳେ ଅନ୍ୟପଟେ ଭାରତର ସମାଜ ଖଣ୍ଡବିଖଣ୍ଡିତ ହେବାରେ ଲାଗିଛି।

**କ୍ଷମତା ରାଜନୀତି ପାଇଁ ହିନ୍ଦୁ–ମୁସଲମାନ ବିଭେଦ ଯେତିକି ସହାୟକ ହେଉଛି, ତାହାଠାରୁ ଅଧିକ ଉଚ୍ଚନୀଚ ଜାତିର ପ୍ରଭେଦ ବଢ଼ାଇଲେ ନିର୍ବାଚନରେ ସଫଳତା ମିଳୁଛି।**

ସ୍ୱାଧୀନତାର ଅର୍ଥ ଆଜି ପର୍ଯ୍ୟନ୍ତ ଭାରତୀୟମାନେ ବୁଝିବାକୁ ଅକ୍ଷମ। ଅନେକ ଶହ ବର୍ଷରୁ ଚାଲିଆସୁଥିବା ଜାତିଆଣ ବିବାଦ, ଅସ୍ପୃଶ୍ୟତା ଓ ଅସହିଷ୍ଣୁତା ଆଜି ମଧ୍ୟ ସଜାଗ ଓ ଶକ୍ତିଶାଳୀ ଅଛି। ସେହି ମନୋଭାବକୁ ଆଜିର ଶାସକମାନେ ପରୋକ୍ଷ ଭାବେ ଉତ୍ସାହିତ କରୁଥିବା ବିଷୟ ସ୍ପଷ୍ଟ ଜଣାପଡ଼େ। କ୍ଷମତା ରାଜନୀତି ପାଇଁ ହିନ୍ଦୁ–ମୁସଲମାନ ବିଭେଦ ଯେତିକି ସହାୟକ ହେଉଛି, ତାହାଠାରୁ ଅଧିକ ଉଚ୍ଚନୀଚ ଜାତିର ପ୍ରଭେଦ ବଢ଼ାଇଲେ ନିର୍ବାଚନରେ ସଫଳତା ମିଳୁଛି। ଗୋଟିଏ ଦେଶ କେବଳ ଏକ ରାଜନୈତିକ କିମ୍ବା ସେନା ଦ୍ୱାରା ପ୍ରସ୍ତୁତ କରାଯାଇଥିବା ମାନଚିତ୍ରରେ ସୀମିତ ରହିବା କଥା ନୁହେଁ। ରାଷ୍ଟ୍ରର ଚରିତ୍ର ଗଢ଼ାଯାଏ ସେଠାକାର ଲୋକଙ୍କୁ ନେଇକରି। ଯେତେବେଳେ ଗୋଟିଏ ଦେଶର ନାଗରିକ ସୁଖ, ସମୃଦ୍ଧି ଓ ଭୟବିହୀନ ପରିବେଶରେ ବଞ୍ଚିଥାଏ, ସେତେବେଳେ ବାସ୍ତବ ସ୍ୱାଧୀନତା ମିଳିଛି ବୋଲି କୁହାଯାଇପାରେ। ପତାକା ଉଡ଼ାଇ ଦେଶ ପ୍ରତି ପ୍ରେମ ବାଧ୍ୟବାଧକତାମୂଳକ କରାଇବା କେବେହେଲେ ସମ୍ଭବପର ହୁଏ ନାହିଁ। ଦେଖିବାକୁ ଗଲେ ଅତ୍ୟଧିକ ମାତ୍ରାର ପାପ କରୁଥିବା ଲୋକ ଯେମିତି ମନ୍ଦିର ବ୍ୟତୀତ ସାଧୁସନ୍ଥଙ୍କ ପାଖକୁ ଧାଇଁ ଥାଆନ୍ତି, ସେହିଭଳି ଅତ୍ୟଧିକ ମାତ୍ରାର ଦୁର୍ନୀତି, ଅତ୍ୟାଚାର ଓ ଅନ୍ୟାୟ ଘଟାଉଥିବା ନାଗରିକ ବିରାଟକାୟ ପତାକା ଉଡ଼ାଇ ନିଜର ଜାତୀୟତାବାଦ ପ୍ରମାଣ କରିବାକୁ ଚେଷ୍ଟା କରିଥାନ୍ତି। ଯେତେବେଳେ କୁହାଯାଉଛି ଯେ ହିନ୍ଦୁ ଧର୍ମାବଲମ୍ବୀଙ୍କ ପ୍ରତି ବିପଦ ଉପୁଜୁଛି ସେତେବେଳେ ସେହି ନିଃଶ୍ୱାସରେ କୁହାଯିବା ଦରକାର ଯେ ହିନ୍ଦୁ ଚିନ୍ତାଧାରାକୁ ବିପଦ ହିନ୍ଦୁ ଧର୍ମାନ୍ଧଙ୍କଠାରୁ ସୃଷ୍ଟି ହେଉଛି। ଏହି ଧର୍ମରେ ଗଭୀର ଚେର ମାଡ଼ିଥିବା ଜାତିଆଣ ବିଭେଦକୁ ଶେଷ କରା ନ ଯିବା ପର୍ଯ୍ୟନ୍ତ 'ହିନ୍ଦୁ ବିପଦରେ ରହିଛି'। ହିନ୍ଦୀରେ କହୁଛନ୍ତି 'ହିନ୍ଦୁ ଖତ୍‌ରେ ମେଁ ହୈ', କାରଣ ଆମ ଆଭ୍ୟନ୍ତରୀଣ ଅସୂୟାଭାବ ଆମକୁ ଶଢ଼ି ପଚେଇ ଦେଲାଣି। ଯେପର୍ଯ୍ୟନ୍ତ ସେହି ମାନସିକତାକୁ ତ୍ୟାଗ କରି ହିନ୍ଦୁମାନେ ଆଗକୁ ଯାଇପାରିବେ ନାହିଁ, ସେ ପର୍ଯ୍ୟନ୍ତ ଏହି ଦେଶର ପିଲାମାନେ ପାଣି ପିଇଲା ବେଳକୁ ମାଡ଼ ଖାଇ ମରିବେ। ଏଥିସହିତ ଦଳିତ ଯୁବତୀ ଓ ମହିଳାଙ୍କ ପ୍ରତି ଯେଉଁ ଯୋଜନାବଦ୍ଧ ଅତ୍ୟାଚାର ଓ ଅନ୍ୟାୟ ଘଟାଯାଉଛି କୌଣସି ସ୍ୱାଧୀନ ଦେଶର ସଭ୍ୟ ସମାଜ ସହିବା କଥା ନୁହେଁ। ଯେପର୍ଯ୍ୟନ୍ତ ଏହି ଦେଶର ଗୋଟିଏ ବି ନାଗରିକ ଅବିଚାର ଏବଂ ଅସହିଷ୍ଣୁତା ଯୋଗୁ ଅନ୍ୟାୟର ଶିକାର ହେବ, ସେ ପର୍ଯ୍ୟନ୍ତ ଏହି ଦେଶ ଏକ ବିକୃତ ମାନସିକତାରେ ପରାଧୀନ ହୋଇ ରହିଛି ବୋଲି ବୁଝିବାକୁ ହେବ।

# ଶ୍ରୀଅରବିନ୍ଦଙ୍କ ପାଞ୍ଚଟି ସ୍ୱପ୍ନ



ବିମଳ ପ୍ରସନ୍ନ ଦାସ

୧୮୭୨ ଅଗଷ୍ଟ ୧୫ ରେ ମହାଯୋଗୀ ଶ୍ରୀଅରବିନ୍ଦ ଜନ୍ମଗ୍ରହଣ କରିଥିଲେ, ସେହି ପୁଣ୍ୟ ତିଥିର ୭୫ ବର୍ଷ ପରେ ଅର୍ଥାତ୍ ୧୫।୦୮।୧୯୪୭ରେ ସ୍ୱାଧୀନ ଭାରତର ଜନ୍ମ। ଦୀର୍ଘ ଦୁଇଶହ ବର୍ଷରୁ ଊର୍ଦ୍ଧ୍ୱକାଳ ପରାଧୀନତାରୁ ମୁକ୍ତିଲାଭ କଲା ଆମ ଦେଶ, ଏହାକୁ ଏକ ପୁରାତନ ଯୁଗର ଶେଷ ଓ ନୂତନ ଯୁଗର ଆରମ୍ଭ ବୋଲି ଅଭିହିତ କରି ଶ୍ରୀଅରବିନ୍ଦ କହିଛନ୍ତି "ଆମେ ଏକ ସ୍ୱାଧୀନ ଜାତି ରୂପେ ଆମ ଜୀବନ ଓ କର୍ମ ଦ୍ୱାରା ଏହାକୁ ଏକ ମହତ୍ତ୍ୱପୂର୍ଣ୍ଣ ଦିବସ ଭାବରେ ରୂପ ଦେବା ଯେ ଯେପରି ଏହା ସମଗ୍ର ପୃଥିବୀ ପାଇଁ ମଣିଷ ଜାତିର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭବିଷ୍ୟତ ପାଇଁ ଏକ ନୂତନ ଯୁଗର ଉନ୍ମୋଚନ କରିବ।

୧) "ଅଗଷ୍ଟ ୧୫ ମୋର ଜନ୍ମ ଦିବସ ଏବଂ ସ୍ୱଭାବତଃ ଏହା ମୋ ପାଇଁ ଅତ୍ୟନ୍ତ ଆନନ୍ଦର ବିଷୟ ଯେ ଏହି ଦିବସଟି ବିପୁଳ ତାତ୍ପର୍ଯ୍ୟ ଅର୍ଜନ କରିଛି, ଏହି ଯୋଗାଯୋଗକୁ ମୁଁ ଏକ ଆକସ୍ମିକ ଘଟଣା ରୂପେ ଗ୍ରହଣ କରୁନାହିଁ, ବରଂ ମୁଁ ମନେକରେ ଯେଉଁ ଭଗବତ ଶକ୍ତିଙ୍କ ପରିଚାଳନାରେ ମୋ କର୍ମଜୀବନ ଆରମ୍ଭ ହୋଇଥିଲା ଓ ଯାହା ମୋର ପଦକ୍ଷେପ ପଥ ପ୍ରଦର୍ଶକ ଏହା ଆଜି ତାଙ୍କର ସ୍ୱୀକୃତି ଓ ଅନୁମୋଦିତ ଯୋଗୁ ହୋଇଛି ଏବଂ ମୁଁ ଭାବୁଛି ସେହି କାର୍ଯ୍ୟର ପୂର୍ଣ୍ଣ ସାଫଲ୍ୟର ସମୟ ସମାଗତ। ଏହି ଦିବସରେ ମୁଁ ପ୍ରାୟ ସେହିସବୁ ବିଶ୍ୱ କ୍ରିୟାବଳୀକୁ ଲକ୍ଷ୍ୟ କରୁଛି, ଯେଉଁଗୁଡ଼ିକୁ ମୁଁ ମୋ ଜୀବଦଶାରେ ପୂର୍ଣ୍ଣ ହେବାର ଆଶା କରିଥିଲି, ଆଜି କିନ୍ତୁ ଲକ୍ଷ୍ୟ କରୁଛି ସେସବୁ ସଫଳ ହୋଇଛି ଅଥବା ସଫଳତାର ପଥରେ, ଏହିସବୁ କ୍ରିୟାଧାରା ମଧ୍ୟରେ ସ୍ୱାଧୀନ ଭାରତ ଏକ ମହାନ୍ ଭୂମିକା ଏବଂ ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱ ଗ୍ରହଣ କରିପାରେ।

ଏଗୁଡ଼ିକ ମଧ୍ୟରୁ ମୋର ପ୍ରଥମ ସ୍ୱପ୍ନ ଥିଲା ଏକା ବୈପ୍ଳବିକ ଆନ୍ଦୋଳନ, ଯାହାଦ୍ୱାରା ଏକ ସ୍ୱାଧୀନ ଓ ଅଖଣ୍ଡ ଭାରତ ପ୍ରତିଷ୍ଠା ହେବ। ଆଜି ଭାରତ ସ୍ୱାଧୀନ, କିନ୍ତୁ ଏପର୍ଯ୍ୟନ୍ତ ଅଖଣ୍ଡତା ଲାଭ କରିପାରିନାହିଁ। ବ୍ରିଟିଶ ଶାସନର ଅବ୍ୟବହିତ ପୂର୍ବେ ଭାରତ ଯେପରି ବହୁ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ ହୋଇ ବିଶୃଙ୍ଖଳିତ ହୋଇ ପଡ଼ିଥିଲା, ଏକ ସମୟରେ ମନେହେଉଥିଲା ସ୍ୱାଧୀନତା ଦ୍ୱାରା ପୁଣି ଭାରତ ସେହି ସ୍ତରକୁ ଖସିପଡ଼ିବ। କିନ୍ତୁ ସୌଭାଗ୍ୟର କଥା ବର୍ତ୍ତମାନ ଦେଖାଯାଉଛି ଏହି ବିପଦକୁ ଦୂର କରାଯାଇ ପାରିବ ଏବଂ ପରିପୂର୍ଣ୍ଣ ଅଖଣ୍ଡତା ପ୍ରତିଷ୍ଠିତ ନ ହୋଇପାରିଲେ ମଧ୍ୟ ଏକ ସୁଦୃଢ଼ ନୀତି ଯୋଗୁ ଦଳିତ ଜାତିର ସମସ୍ୟା, ବିଭେଦ ଓ ମତଭେଦ ବିନା ସବୁକିଛି ସମାଧାନ ହୋଇଯିବାର ସମ୍ଭାବନା ଦେଖାଦେଇଛି, କିନ୍ତୁ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଥିବା ପୂର୍ବର ସାମ୍ପ୍ରଦାୟିକ ବିଭେଦ ବର୍ତ୍ତମାନ ଅଧିକ ଦୃଢ଼ ହୋଇ ଦେଶର ଏକ ସ୍ଥାୟୀ ରାଜନୈତିକ ବିଭକ୍ତୀକରଣର ରୂପ ନେଇଥିବା ପରି ମନେହୁଏ। ସର୍ବଦା ଗୃହ ବିବାଦର ସମ୍ଭାବନା – ଏପରି କି ବିଦେଶୀ ଆକ୍ରମଣ ଓ ରାଜ୍ୟ ଅଧିକାରର ସମ୍ଭାବନା ମଧ୍ୟ ରହିପାରେ। ଜାତି ଓ ଦେଶ ମଧ୍ୟରେ ତାହାର ଆସନ ଦୁର୍ବଳ ହୋଇଯାଇପାରେ ଓ ତାହାର ଭବିତବ୍ୟ ବ୍ୟାହତ ଏପରି କି ବ୍ୟର୍ଥ ମଧ୍ୟ ହୋଇଯାଇପାରେ। ଏହା ଯେପରି କଦାପି ନ ଘଟେ ସେ ଦିଗରେ ସମୟୋଚିତ ପଦକ୍ଷେପ ନେବା ଆବଶ୍ୟକ। ଏକତା ଅବଶ୍ୟ ପ୍ରତିଷ୍ଠିତ ହେବ, କାରଣ ଭାରତରେ ଭବିଷ୍ୟତ ମହାନତା ପାଇଁ ଏହା ଅତ୍ୟନ୍ତ ପ୍ରୟୋଜନ।



୨) ଅନ୍ୟ ଏକ ସ୍ୱପ୍ନ ହେଲା, ଏସିଆବାସୀଙ୍କର ପୁନରୁତ୍ଥାନ ଓ ମୁକ୍ତି ଏବଂ ମାନବ ସଭ୍ୟତାର ବିକାଶ ଦିଗରେ ତାହାର ମହତ୍ତର ଭୂମିକା ଗ୍ରହଣ। ଏସିଆ ଆଜି ଜାଗ୍ରତ, ତାହାର ଏକ ବିରାଟ ଅଂଶ ମୁକ୍ତ ହୋଇ ସାରିଛି। ଏହାର ଏ ପର୍ଯ୍ୟନ୍ତ ପରାଧୀନ ଥିବା ବା ଆଂଶିକ ପରାଧୀନ ଥିବା ଅନ୍ୟାନ୍ୟ ଅଂଶକୁ କୌଣସି ନା କୌଣସି ସଂଗ୍ରାମ ଚଳାଇ ସ୍ୱାଧୀନତା ଦିଗରେ ଆଗେଇ ଚାଲିଛନ୍ତି। କେବଳ ସାମାନ୍ୟ ମାତ୍ର କରିବାକୁ ବାକିଅଛି ଏବଂ ଆଜି ହେଉ ବା କାଲି ହେଉ ତାହା ନିଶ୍ଚୟ ରୂପେ ହେବ। ୩) ତୃତୀୟ ସ୍ୱପ୍ନ ହେଲା ବିଶ୍ୱ ସଂଘର ପ୍ରତିଷ୍ଠା – ଯାହା ସମଗ୍ର ମାନବଜାତି ପାଇଁ ଅଧିକ ସୁନ୍ଦର, ଉଜ୍ଜ୍ୱଳତର ଓ ମହତ୍ତର ଜୀବନର ବାହ୍ୟ ଭିତ୍ତି ଗଠନ କରିବ, ମାନବ ସମାଜର ସେହି ଏକତା ବର୍ତ୍ତମାନ ପ୍ରସ୍ତୁତି ପଥରେ ଏ ଦିଗରେ ଏକ ପ୍ରାରମ୍ଭିକ ସଂଗଠନ ହୋଇସାରିଛି ଯଦିଓ ଏହା ତ୍ରୁଟିପୂର୍ଣ୍ଣ, ତାହାକୁ ବହୁ ବାଧାବିଘ୍ନ ବିରୋଧରେ ମଧ୍ୟ ସଂଗ୍ରାମ କରିବାକୁ ହେଉଛି। କିନ୍ତୁ ତା ମଧ୍ୟରେ ରହିଛି ଏକ ପ୍ରବେଶ ଓ ଏହା ଅନିବାର୍ଯ୍ୟ ଭାବରେ ବୃଦ୍ଧି ପାଇବ ଏବଂ ଅବଶ୍ୟ ବିଜୟ ହାସଲ ହେବ। ଏଠାରେ ମଧ୍ୟ ଭାରତ ଏକ ପ୍ରଧାନ ଭୂମିକା ନେବାକୁ ଆରମ୍ଭ କରିଛି। ଯଦି ସେ ସେହି ଧରଣର ବିଶାଳରେ ରାଷ୍ଟ୍ରଗୁଡ଼ିକୁ ବିକଶିତ କରିପାରନ୍ତା ଯାହାକି ବର୍ତ୍ତମାନ ଘଟଣା ଓ ଆଶୁ ସମ୍ଭାବନା ଦ୍ୱାରା ସୀମାବଦ୍ଧ ନୁହେଁ, ବରଂ ଭବିଷ୍ୟତ ଦିଗରେ ଦୃଷ୍ଟି ନିବଦ୍ଧ କରେ ଏବଂ ସେହି ଭବିଷ୍ୟତକୁ ନିକଟରେ କରାଏ ତେବେ ଭାରତର ଉପସ୍ଥିତିର ପ୍ରଭାବ ଫଳରେ ଏ ଦିଗରେ ଅଗ୍ରଗତି ମନ୍ଥର ଓ ଶଙ୍କାକୁଳ ନ ହୋଇ ନିର୍ଭୀକ ଓ କ୍ଷିପ୍ର ହେବ।

୪) ଅନ୍ୟ ଏକ ସ୍ୱପ୍ନ ହେଲା ପୃଥିବୀକୁ ଭାରତର ଆଧ୍ୟାତ୍ମିକ ଅବଦାନ – ଇତିମଧ୍ୟରେ ତାହା ଆରମ୍ଭ ହୋଇଗଲାଣି। ଭାରତର ଆଧ୍ୟାତ୍ମିକତା ୟୁରୋପ ଓ ଆମେରିକା ମଧ୍ୟକୁ କ୍ରମଶଃ ଅଧିକ ଭାବରେ ପ୍ରବେଶ କରୁଛି, ସେହି ଆନ୍ଦୋଳନ ପ୍ରସାର ଲାଭ କରିବ, ଏ ଯୁଗର ବିପର୍ଯ୍ୟୟ ମଧ୍ୟରେ ଅଧିକରୁ ଅଧିକ ବ୍ୟକ୍ତି ଭାରତ ଆଡ଼କୁ ଆଶାର ଦୃଷ୍ଟି ନେଇ ଚାହିଁ ରହିଛନ୍ତି। ସେମାନେ କେବଳ ତାହାର ଶିକ୍ଷା ପ୍ରତି ନୁହେଁ, ତାହାର ଅନ୍ତରାତ୍ମା ଓ ଆଧ୍ୟାତ୍ମିକ ସାଧନାର ଆଶ୍ରୟ ଖୋଜୁଛନ୍ତି। ୫) ସର୍ବଶେଷ ସ୍ୱପ୍ନ ହେଲା, ବିବର୍ତ୍ତନରେ ଏକ ଅଗ୍ର ପଦକ୍ଷେପ ଯାହାକି ମନୁଷ୍ୟକୁ ଏକ ଉଚ୍ଚତର ଓ ବିଶାଳତର ଚେତନା ମଧ୍ୟକୁ ଉନ୍ନୀତ କରିବ ଏବଂ ବ୍ୟକ୍ତିଗତ ପୂର୍ଣ୍ଣତା ଓ ସାମାଜିକ ପୂର୍ଣ୍ଣତାର ବିଷୟରେ ଚିନ୍ତା କରିବା ତଥା ସ୍ୱପ୍ନ ଦେଖିବା ଦିନଠାରୁ ମନୁଷ୍ୟକୁ ଯେଉଁସବୁ ସମସ୍ୟା ବ୍ୟସ୍ତ ଓ ବିଚଳିତ କରିଛି ସେ ସମସ୍ତ ସମସ୍ୟାର ସମାଧାନ ଆଣିଦେବ। ତଥାପି ମଧ୍ୟ ଏହା ଏକ ବ୍ୟକ୍ତିଗତ ଆଶା, ବିଚାର ଓ ଆଦର୍ଶ ଯାହା ଭାରତ ଏବଂ ପାଶ୍ଚାତ୍ୟର ଦୂରଦୃଷ୍ଟିସଂପନ୍ନ ତଥା ଚିନ୍ତାଶୀଳ ବ୍ୟକ୍ତିଙ୍କୁ ଆନ୍ଦୋଳିତ କରିବାକୁ ଆରମ୍ଭ କରିଛି। ପ୍ରଚେଷ୍ଟାର ଅନ୍ୟ କୌଣସି କ୍ଷେତ୍ର ଅପେକ୍ଷା ଏହି କ୍ଷେତ୍ରରେ ପ୍ରତିବନ୍ଧକ ଅଧିକ ଶକ୍ତିଶାଳୀ, କିନ୍ତୁ ପ୍ରତିବନ୍ଧକକୁ ଅତିକ୍ରମ କରିବା ପାଇଁ ହିଁ ତାହା ସୃଷ୍ଟି ହୋଇଥାନ୍ତି ଏବଂ ଯଦି ଭଗବାନଙ୍କ ଇଚ୍ଛା ଏହାର ପଶ୍ଚାତରେ ଥାଏ ତେବେ ସେ ସବୁକୁ ଅତିକ୍ରମ କରିହେବ। ଏ କ୍ଷେତ୍ରରେ ମଧ୍ୟ ଭାରତ ପ୍ରଥମ ଉଦ୍ୟମ ଆରମ୍ଭ କରିବ, ଯଦିଓ ଏଥିପାଇଁ ସୁଯୋଗ ପରିସର ବିଶ୍ୱବ୍ୟାପକ, ତଥାପି କେନ୍ଦ୍ରୀୟ ପ୍ରକ୍ରିୟା ଭାରତରୁ ହିଁ ଆରମ୍ଭ ହେବା ସମ୍ଭବ। ଭାରତର ଏହି ସ୍ୱାଧୀନତା ଦିବସକୁ ମୁଁ ଏହି ତାତ୍ପର୍ଯ୍ୟ ପ୍ରଦାନ କରୁଛି, ମୋର ଏହି ଆଶା କେତେଦୂର ସଫଳ ହେବ ତାହା ନିର୍ଭର କରେ ନୂତନ ଓ ସ୍ୱାଧୀନ ଭାରତ ଉପରେ।

ଶ୍ରୀଅରବିନ୍ଦ ଜଣେ ବ୍ୟକ୍ତି ନ ଥିଲେ ପ୍ରେମ, ଦେଶଭକ୍ତି ତାଙ୍କ ଭିତରେ ଆଧ୍ୟାତ୍ମିକ ଚେତନା ଥିଲା ଏବଂ ସେ ବିଶ୍ୱକୁ ବିଶେଷକରି ଭାରତବର୍ଷକୁ ନିଜର 'ମା' ରୂପରେ ଦେଖୁଥିଲେ ଏବଂ ଭାରତବର୍ଷକୁ ପରାଧୀନତାର ଶୃଙ୍ଖଳରୁ ତାଙ୍କୁ ବାହାର କରିବା ଲାଗି ନିଜର ଜୀବନ ମଧ୍ୟ ତ୍ୟାଗ କରିବାକୁ ସେ ପ୍ରସ୍ତୁତ ଥିଲେ। ସେ ଏକ ଆଧ୍ୟାତ୍ମିକ ଚେତନାରେ ପରବର୍ତ୍ତୀ ସମୟରେ ରୂପାନ୍ତରିତ ହୋଇଥିଲେ। ଋଷିଙ୍କ ବାଣୀ କଦାପି ଅନ୍ୟଥା ହୁଏନା, ସୁତରାଂ ଦେବଜୀବନର ରୂପକାର, ଅତିମାନସ ଯୋଗର ପ୍ରତିଷ୍ଠାତା ତଥା ଆଧ୍ୟାତ୍ମିକତାର ଆଦର୍ଶ ବ୍ୟାଖ୍ୟାକାର ମହାଯୋଗୀ ଶ୍ରୀଅରବିନ୍ଦଙ୍କର ସ୍ୱପ୍ନ ଓ ସଂକଳ୍ପ ବାସ୍ତବ ରୂପ ଗ୍ରହଣ ଦିଗରେ ଅଗ୍ରଗାମୀ – ଏଥିରେ ସନ୍ଦେହର ଅବକାଶ ନାହିଁ।

ମୋ: ୯୪୩୮୧୮୬୨୨୬

# ବିଶ୍ୱକୁ କ୍ଷୁଧା ସଙ୍କଟ



ଡ. ଅଜୟ କୁମାର ପାତ୍ର

ମିଳିତ ଜାତିସଂଘ ୧୯୪୮ରେ ଘୋଷଣା କରିଥିଲା, 'ପ୍ରତ୍ୟେକ ବ୍ୟକ୍ତିର ଖାଦ୍ୟ ଅଧିକାର ଏକ ମାନବିକ ଅଧିକାର। ବ୍ୟକ୍ତି ପାଇଁ ସୁଷମ ଖାଦ୍ୟ ନିଶ୍ଚିତ କରିବା ରାଷ୍ଟ୍ରର ଦାୟିତ୍ୱ। କିନ୍ତୁ ଦେଖିବାକୁ ମିଳିଛି ଭୋକିଲାମାନେ ବଡ଼ବଡ଼ିଆଙ୍କର ଭୋଜିଭାତ ବା ହୋଟେଲର ଅଇଁଠା ବା ବଳକା ଖାଦ୍ୟ ଅଳିଆ ଗଦାରୁ ଖାଇବା ପାଇଁ ନିଜ ଭିତରେ କଳିଗୋଳ କରୁଛନ୍ତି। ବ୍ରାଜିଲ, ପେରୁ ଓ ଇଥିଓପିଆରେ ଖାଦ୍ୟ ବଣ୍ଟନ କେନ୍ଦ୍ରରେ ଭୋକିଲାଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲାଠି ଚାଳନା କରିବା ମଧ୍ୟ ଦୃଷ୍ଟାନ୍ତ ଅଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଆଫଗାନିସ୍ତାନ । ଏବେ ଆଫଗାନିସ୍ତାନବାସୀଙ୍କୁ ମରୁଡ଼ି, ମହାମାରୀ, ଅର୍ଥନୈତିକ ଦୁର୍ଗତି ଏକକାଳୀନ ଗ୍ରାସ କରିଛି। ଦେଶର ୪୦ନିୟୁତ ଲୋକଙ୍କ ମଧ୍ୟରୁ ପ୍ରାୟ ୨୩ନିୟୁତ ଭୋକରେ ରହିଛନ୍ତି। ଏପରି କି ଘୋର ଆର୍ଥିକ ସଙ୍କଟ ଯୋଗୁ ଜୀବନ ବଞ୍ଚାଇବା ପାଇଁ ନିଜ ଶରୀରର ଅଙ୍ଗପ୍ରତ୍ୟଙ୍ଗ ବିକ୍ରି କରୁଛନ୍ତି। ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏଫ୍‌ପି) ମୁଖ୍ୟ ଡେଭିଡ ବାସ୍‌ଲେ କହିଛନ୍ତି ଯେ ଖାସ୍‌କରି ତାଲିବାନ କ୍ଷମତା ଦଖଲ ପରେ ଆଫଗାନିସ୍ତାନର ପ୍ରାୟ ଅଧା ଲୋକ ଭୋକ ଉପବାସରେ ରହୁଥିବାରୁ ବିଶ୍ୱ ସମୁଦାୟ ଅଧିକ ସହାୟତା ଯୋଗାଇ ଦେବା ପାଇଁ ଆଗେଇ ଆସିବା ଦରକାର।

କଲମ୍ବୋ ଗେଜେଟରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଶ୍ରୀଲଙ୍କା ଦ୍ୱିଗୁଣ କ୍ଷତିର ସମ୍ମୁଖୀନ ହୋଇଛି। ଗୋଟିଏ ହେଉଛି ଆର୍ଥିକ କ୍ଷତି ଓ ଅନ୍ୟଟି ବ୍ୟବସାୟିକ କ୍ଷତି। ପ୍ରାୟ ୨୨ ନିୟୁତ ଜନସଂଖ୍ୟା ବିଶିଷ୍ଟ ଶ୍ରୀଲଙ୍କା ଏକ ଅଦୃଶ୍ୟ ଅର୍ଥନୈତିକ ସଙ୍କଟରେ। ଚାଇନାଠାରୁ ଅତ୍ୟଧିକ ଋଣ ନେବା ଓ ଶୁଝି ନ ପାରିବା ଶ୍ରୀଲଙ୍କାକୁ ମହଙ୍ଗା ପଡ଼ିଛି। ଖାଦ୍ୟ ପଦାର୍ଥର ମୂଲ୍ୟ ୧୫%ରୁ ୨୦% ବୃଦ୍ଧି ପାଇଛି। ଦେଶ ଚଳାଇବା ପାଇଁ ଯେତିକି ଅର୍ଥ ଆବଶ୍ୟକ ଶ୍ରୀଲଙ୍କା ନିକଟରେ ସେତିକି ନାହିଁ। ଫଳରେ ଉକ୍ତ ଖାଦ୍ୟ ସମସ୍ୟା ଶ୍ରୀଲଙ୍କାରେ ଦେଖାଯାଇଛି। ସାଧାରଣ ଓ ମଧ୍ୟବିତ୍ତ ପରିବାରଙ୍କ ଅବସ୍ଥା ଅତ୍ୟନ୍ତ ସଙ୍ଗିନ। ପାକିସ୍ତାନ ମଧ୍ୟ ଚାଇନା ପ୍ରେମରେ ପଡ଼ି ନିଜର ଅର୍ଥନୀତିକୁ ଧ୍ୱଂସ କରିଛି। ପରିସ୍ଥିତି ଏପରି ହେଲା ଯେ ଆର୍ଥିକ ସଙ୍କଟ ଯୋଗୁ ଇମ୍ରାନ ସରକାରଙ୍କ ପତନ ଘଟିଲା।

ଦୁଇବର୍ଷର କରୋନା ମହାମାରୀ ଓ ରୁଷ–ୟୁକ୍ରେନ୍ ଯୁଦ୍ଧ ବୈଶ୍ୱିକ ବଜାରକୁ ଗୁରୁତର ପ୍ରଭାବିତ କରିଛି। ଅନେକ ଦେଶରେ ଖାଦ୍ୟ ସଙ୍କଟକୁ ଦେଖି ଏକାଧିକ ରାଷ୍ଟ୍ର ନିଜର ଖାଦ୍ୟ ସୁରକ୍ଷାକୁ ନିରନ୍ତର ଅବ୍ୟାହତ ରଖିବା ଲାଗି ଖାଦ୍ୟ ସାମଗ୍ରୀ ରପ୍ତାନି ଉପରେ କଟକଣା ଲଗାଇଛନ୍ତି। ଉତ୍ପାଦନଶୀଳ ରାଷ୍ଟ୍ରଙ୍କ ଏହି କଟକଣା ଯୋଗୁ ଅନେକ ଗରିବ ଦେଶରେ ଦେଖାଦେଲାଣି ଖାଦ୍ୟ ସଙ୍କଟ। ଶ୍ରୀଲଙ୍କା, ପାକିସ୍ତାନ ପରେ ଏବେ ଭୁଟାନରେ ଅନୁରୂପ ସ୍ଥିତି। ଭୁଟାନର ଗ୍ରାମାଞ୍ଚଳରେ ଖାଦ୍ୟ ଓ ପାନୀୟ ଅଭାବ ଦେଖାଦେଇଛି। ଭୁଟାନର ଅର୍ଥମନ୍ତ୍ରୀ ଲୋକନାଥ ଶର୍ମା ଏହି ସୂଚନା ଦେବା ସହ ଏଥିପାଇଁ ଭାରତର ସହଯୋଗ ମାଗିଛନ୍ତି।

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ନିକଟରେ ଚେତାବନୀ ଦେଇ କହିଛନ୍ତି, ଆଗାମୀ ଦିନରେ ବିଶ୍ୱ ଗୁରୁତର ଖାଦ୍ୟ ସଙ୍କଟର ସମ୍ମୁଖୀନ ହେବାକୁ ଯାଉଛି। ଏ ଦିଗରେ ଆନ୍ତର୍ଜାତିକ ସ୍ତରରେ ଜରୁରୀ ପଦକ୍ଷେପ ନିଆ ନ ଗଲେ ଏହି ପରିସ୍ଥିତି ଗମ୍ଭୀର ରୂପ ଧାରଣ କରିବ। ଜାତିସଂଘ ପକ୍ଷରୁ କରାଯାଇଥିବା ଆକଳନରେ କୁହାଯାଇଛି ଯେ ଗତବର୍ଷ (୨୦୨୧) ବିଶ୍ୱ ବଜାରରେ ଖାଦ୍ୟ ମୂଲ୍ୟ ପ୍ରାୟ ଏକ ତୃତୀୟାଂଶ ବୃଦ୍ଧି ପାଇଥିବା ବେଳେ ସାର ମୂଲ୍ୟ ପ୍ରାୟ ୫୦% ଏବଂ ତୈଳ ଦର ଦୁଇ ତୃତୀୟାଂଶ ବୃଦ୍ଧିପାଇଛି। ଏଥିସହିତ ଖାଦ୍ୟାନ୍ନ ସଙ୍କଟର ସମ୍ମୁଖୀନ ହେଉଥିବା ଲୋକଙ୍କ ସଂଖ୍ୟା ଗତ ଦୁଇବର୍ଷ ମଧ୍ୟରେ ୧୩୫ ନିୟୁତରୁ ବୃଦ୍ଧିପାଇ ସମ୍ପ୍ରତି ୨୭୬ ନିୟୁତରେ ପହଞ୍ଚିଛି। ଇଥିଓପିଆ, ସୋମାଲିଆ ଏବଂ କେନିୟା ଭଳି ରାଷ୍ଟ୍ରରେ ମାତ୍ରାଧିକ କ୍ଷୁଧାର ଶିକାର ଲୋକ ସଂଖ୍ୟା ଗତବର୍ଷ ତୁଳନାରେ ଦ୍ୱିଗୁଣିତ ହୋଇଛି।

ଏକ ତଥ୍ୟ ଅନୁଯାୟୀ ବିଶ୍ୱର ପ୍ରାୟ ୨୦ଟି ରାଷ୍ଟ୍ର ଖାଦ୍ୟ ସାମଗ୍ରୀ ଓ ସାର ରପ୍ତାନି ଉପରେ କଟକଣା ଲଗାଇଛନ୍ତି। ଭାରତର କୃଷି ମୁଖ୍ୟତଃ ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ। ଦେଶର କୌଣସି ନା କୌଣସି ଭାଗରେ ବର୍ଷତମାମ ଅତ୍ୟନ୍ତ ପ୍ରତିକୂଳ ପାଣିପାଗ ପରିସ୍ଥିତି ଲାଗି ରହିଥିବାରୁ କୃଷି ଉତ୍ପାଦନ ପ୍ରଭାବିତ ହେଉଛି। ତା' ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଚଳିତ ଭୋଟର ତୁଷ୍ଟୀକରଣ ଯୋଜନାରେ ଦରିଦ୍ର ଜନସାଧାରଣଙ୍କ ପାଇଁ ମାଗଣା/ରିହାତି ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଣ ସରକାରଙ୍କୁ ଏହାର ରପ୍ତାନି ଉପରେ ଅନେକ ଥର ଗଭୀର ଭାବରେ ଚିନ୍ତା କରିବାକୁ ବାଧ୍ୟ କରୁଛି। ନିକଟରେ ଭାରତ ସରକାରଙ୍କ ନୀତି ଆୟୋଗ ଦ୍ୱାରା ୨୦୨୧ ପାଇଁ ଜାତୀୟ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ ରିପୋର୍ଟ ଲୋକାର୍ପିତ ହୋଇଛି। ଦାରିଦ୍ର୍ୟ ସୂଚକାଙ୍କ ୩ଟି ମୁଖ୍ୟ ବିଷୟ ଉପରେ ପର୍ଯ୍ୟବସିତ: ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜୀବନଶୈଳୀ। ଏହି ୩ଟି ସୂଚକାଙ୍କ ଆହୁରି ୧୨ଟି ବିଭାଗ ଉପରେ ଆଧାରିତ: ପୁଷ୍ଟିକର ଖାଦ୍ୟ, ଶିଶୁ ଏବଂ କିଶୋର ମୃତ୍ୟୁ, ପ୍ରସବକାଳୀନ ଯତ୍ନ, ବିଦ୍ୟାଳୟର ବର୍ଷ, ବିଦ୍ୟାଳୟରେ ଉପସ୍ଥାପନ, ରନ୍ଧନ ଇନ୍ଧନ, ପରିମଳ, ପାନୀୟ ଜଳ, ବିଦ୍ୟୁତ୍, ଗୃହ, ସମ୍ପତ୍ତି ଏବଂ ବ୍ୟାଙ୍କ ଆକାଉଣ୍ଟ ଇତ୍ୟାଦି। ମିଳିତ ଜାତିସଂଘର ରିପୋର୍ଟରେ ପୃଥିବୀର ପ୍ରତି ଆଠ ଜଣରେ ଜଣେ ଭୋକିଲା। ପୃଥିବୀ ଜନସଂଖ୍ୟାର ଅର୍ଦ୍ଧେକ ଅର୍ଥାତ୍ ୩୫୦କୋଟି ଅପପୁଷ୍ଟିର ଶିକାର। ଦକ୍ଷିଣ ଏସିଆର ବିକାଶଶୀଳ ଦେଶଗୁଡ଼ିକ ପୃଥିବୀର ସବୁଠାରୁ ଅଧିକ ଭୋକିଲା। ଏଫ୍‌ଏଓର ୨୦୦୩–୨୦୦୪ ରିପୋର୍ଟରେ ଏହି ଦେଶଗୁଡ଼ିକୁ 'ଭୋକିଲା ମହାଦେଶ' ନାମ ମିଳିଛି। ଆଫ୍ରିକା ମହାଦେଶ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ଆଡ୍ଡା। ସେଠାରେ ବ୍ୟବସାୟିକ କୃଷି ପାଇଁ କ୍ଷୁଧା। ବର୍ଷ ବର୍ଷ ଧରି ଦୁର୍ଭିକ୍ଷ। ଭାରତରେ ଭୋକିଲା ସଂଖ୍ୟା ୧୧ କୋଟିରୁ ଅଧିକ। ପୃଥିବୀରେ ଭୋକର ଭୂଗୋଳରେ ଭାରତର ସ୍ଥାନ ୧୦୧। କ୍ୟୁବା ବିଶ୍ୱ କ୍ଷୁଧା ତାଲିକାରେ ପ୍ରଥମ ୧୭ଟି ଦେଶ ମଧ୍ୟରେ ସ୍ଥାନ ପାଇଛି।

ବିଶ୍ୱ ବ୍ୟାଙ୍କ ଓ ବିଶ୍ୱ ଖାଦ୍ୟ ସଂସ୍ଥାର ରିପୋର୍ଟ ଅନୁସାରେ କେବଳ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭାଗଚାଷୀ ଓ କୃଷି ଶ୍ରମିକମାନେ ପୃଥିବୀରେ ୮୦% ଖାଦ୍ୟ ଉତ୍ପାଦନ କରିଥାନ୍ତି। ମାତ୍ର ଦୁଃଖର କଥା, ଏଇ ଲୋକମାନେ ହିଁ କ୍ଷୁଧାର୍ତ୍ତ।

ବିଶ୍ୱବ୍ୟାଙ୍କ ରିପୋର୍ଟ ଅନୁଯାୟୀ ବିଶ୍ୱର ୮୩ଟି ରାଷ୍ଟ୍ରରେ ଏବେ ସଂଖ୍ୟାଗରିଷ୍ଠ ଜନତା କ୍ଷୁଧାର ସମ୍ମୁଖୀନ ହୋଇଛନ୍ତି। ଏହାର କାରଣ ମଧ୍ୟରେ ଦେଶ ଦେଶ ମଧ୍ୟରେ ବିବାଦ, ସାମାଜିକ, ଅର୍ଥନୈତିକ, ପ୍ରାକୃତିକ ବିପର୍ଯ୍ୟୟ, ଜଳବାୟୁ ପରିବର୍ତ୍ତନ ଏବଂ ଫସଲରେ କୀଟପତଙ୍ଗ ଆକ୍ରମଣ ଆଦି ଅନ୍ୟତମ। ଏହାକୁ ଦୃଷ୍ଟିରେ ରଖି ଜି ୭ ରାଷ୍ଟ୍ର ସମୂହ ଚଳିତ ବର୍ଷ ମେ' ମାସରେ 'ଗ୍ଲୋବାଲ ଆଲାଏନ୍ସ ଫର ସିକ୍ୟୁରିଟି' ସ୍ଥାପନ କରିଛନ୍ତି। ଏହା ବିଶ୍ୱ କ୍ଷୁଧା ସମସ୍ୟାର ସମାଧାନ ଦିଗରେ ଜରୁରୀ ସମ୍ମିଳିତ ପଦକ୍ଷେପ ଗ୍ରହଣ ନିମନ୍ତେ ଲକ୍ଷ୍ୟ ରଖିଛି। କ୍ଷୁଧା ନିବାରଣ ରାସ୍ତା ଖୁବ୍ ଦୁର୍ଗମ। ବିଶ୍ୱ କ୍ଷୁଧା ମଣିଷକୃତ। ଶାସକ ଗୋଷ୍ଠୀଙ୍କ ମାନସିକତା ବଦଳରେ ହିଁ ଏହା ସମ୍ଭବ। କୃଷି ମାଧ୍ୟମରେ ସ୍ଥାନୀୟ ଖାଦ୍ୟ ସମସ୍ୟା ସମାଧାନ ଦ୍ୱାରା କ୍ଷୁଧା ମୁକ୍ତ ବିଶ୍ୱ ସମ୍ଭବ। 'ଆତ୍ମନିର୍ଭର' ଚେଷ୍ଟାରେ ପ୍ରତ୍ୟେକ ରାଷ୍ଟ୍ର ଏବେଠୁ ପ୍ରୟାସ ଆରମ୍ଭ କରିବା ଉଚିତ। ଋଣ ରାକ୍ଷସଠାରୁ ସର୍ବଦା ଦୂରେଇ ରହିବାର ସମୟ ଉପନୀତ। ତେଣୁ ପ୍ରତ୍ୟେକ ରାଷ୍ଟ୍ର ନିଜକୁ ଅନ୍ୟର ଦାସତ୍ୱ ବନ୍ଧନରେ ନ ବାନ୍ଧି ବନ୍ଧୁତ୍ୱର ବନ୍ଧନରେ ଯୋଡ଼ିହେବା ଉଚିତ ଏବଂ 'ଆତ୍ମନିର୍ଭର ରାଷ୍ଟ୍ର'ର ବାନା ଉଡ଼ାଇବା ଉଚିତ।

ପରିବେଶ ବିଜ୍ଞାନୀ
ମୋ: ୯୪୩୮୬୨୧୩୯୧

## ଏଇ ଭାରତରେ

୬୦ ବର୍ଷ ବୟସ ପରେ ଆର୍ଥିକ ରୂପେ ସ୍ୱାଧୀନ ଜୀବନ ଜିଇବା ସହଜ ନ ହେଲେ ମଧ୍ୟ ଗୁଜରାଟ ନବସାରୀ ଥାଟ ଗାଁର ୬୧ ବର୍ଷୀୟା ଲକ୍ଷ୍ମୀ ପଟେଲଙ୍କ କାହାଣୀ ଆମ ପାଇଁ ପ୍ରେରଣାଦାୟକ ନିଶ୍ଚୟ। ଅନ୍ୟମାନଙ୍କ ଉପରେ କୌଣସି ପ୍ରକାର ନିର୍ଭର ନ କରି ସେ ସ୍ୱାବଲମ୍ବୀ ହୋଇପାରିଛନ୍ତି ଓ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ବି ସୃଷ୍ଟି କରିଛନ୍ତି। ସେ ପରିଣତ ବୟସରେ ଅର୍ଗାନିକ କୃଷି କରୁଛନ୍ତି। ଜାଣି ଆଶ୍ଚର୍ଯ୍ୟ ଲାଗେ ଯେ ଲକ୍ଷ୍ମୀ ବର୍ଷକୁ ଏହି ଚାଷରୁ ୧୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସେ ନବସାରୀ କୃଷି ବିଶ୍ୱବିଦ୍ୟାଳୟର ଟ୍ରେନିଂ କ୍ୟାମ୍ପରେ ଯୋଗଦେଇ ଜୈବିକ କୃଷି ସମ୍ପର୍କରେ ପ୍ରଶିକ୍ଷଣ ନେବା ପରେ ଚାଷ କରୁଛନ୍ତି। ସେ ୫୧ ବର୍ଷ ବୟସରେ ଜମି କିଣି ଏହି ଚାଷରେ ମନୋନିବେଶ କରିଥିଲେ ଓ ତାହା ଏଯାବତ ଜାରି ରଖିଛନ୍ତି। ସେ ଏବେ ଆଟ ଗାଁର ସବୁଠୁ ଅଧିକ ରୋଜଗାରିଆ ମହିଳା। କେବଳ ଏତିକି ନୁହେଁ ସେ ମଧ୍ୟ ସ୍ଥାନୀୟ ଗ୍ରାହକଙ୍କୁ ଜୈବିକ କୃଷି ସମ୍ବନ୍ଧରେ ଶିକ୍ଷା ଦେଉଛନ୍ତି। ୬୧ ବର୍ଷରେ ସେ ଦିନରାତି କ୍ଷେତରେ କାମ କରିପାରୁଛନ୍ତି ଓ ସୁସ୍ଥ ଅଛନ୍ତି। କୃଷି ଉତ୍ପାଦନର ମାର୍କେଟିଂ ବି ନିଜେ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଅଗଷ୍ଟ ୧୯୯୭

- ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ସଂକ୍ରାନ୍ତ ଦ୍ୱିତୀୟ ସଂଶୋଧନ ବିଲ୍ ପାର୍ଲାମେଣ୍ଟର ଉଭୟ ଗୃହରେ ସର୍ବସମ୍ମତିକ୍ରମେ ଗୃହୀତ।
- ଅର୍ଥ ବିଭାଗର ଜିଦ୍ ଯୋଗୁ ସ୍ୱାଧୀନତାର ୫୦ତମ ସୁବର୍ଣ୍ଣଜୟନ୍ତୀକୁ ଜାକଜମକରେ ପାଳନ କରିବା ପାଇଁ ନିଆଯାଇଥିବା ନିଷ୍ପତ୍ତି ଶେଷ ମୁହୂର୍ତ୍ତରେ ବାତିଲ।
- ଅଞ୍ଜନାଙ୍କ ଯା' ରାଜଲକ୍ଷ୍ମୀ ମିଶ୍ରଙ୍କ ଅଭିଯୋଗ ଭିତ୍ତିରେ କେନ୍ଦ୍ରାଞ୍ଚଳ ଡିଆଇଜି ସୁରେନ୍ଦ୍ର ସ୍ୱାଇଁ ଏବଂ ବିଡାନାସୀ ଥାନାର ମହିଳା ସବ୍‌ଇନ୍ସପେକ୍ଟର ଆରତୀ ମିଶ୍ରଙ୍କ ବିରୁଦ୍ଧରେ ଫୌଜଦାରୀ ମକଦ୍ଦମା।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 3 | | 4 | 9 |
| | 5 | | 8 | | | | 6 | 7 |
| 3 | | | | | | | | 1 |
| 2 | | | | | | | | |
| 7 | | | 9 | 5 | | | | |
| | | | 6 | 2 | 8 | | | |
| 1 | | 2 | | | | | | |
| | 4 | | | 1 | | | | 6 |
| | 6 | 3 | | | 4 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 8 | 4 | 7 | 2 | 3 | 9 | 5 |
| 3 | 9 | 5 | 1 | 6 | 8 | 7 | 2 | 4 |
| 4 | 7 | 2 | 5 | 3 | 9 | 1 | 8 | 6 |
| 2 | 1 | 9 | 6 | 4 | 5 | 8 | 7 | 3 |
| 6 | 8 | 7 | 9 | 1 | 3 | 4 | 5 | 2 |
| 5 | 4 | 3 | 2 | 8 | 7 | 9 | 6 | 1 |
| 8 | 5 | 1 | 3 | 9 | 6 | 2 | 4 | 7 |
| 9 | 2 | 4 | 7 | 5 | 1 | 6 | 3 | 8 |
| 7 | 3 | 6 | 8 | 2 | 4 | 5 | 1 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସହର ବନ୍ୟାର ଦୁଃଖ

ମହାଶୟ,

ଲଘୁଚାପଜନିତ ଲଗାଣ ବର୍ଷାରେ ଗ୍ରାମାଞ୍ଚଳରେ କଚ୍ଚାଘରର ମାଟିକାନ୍ଥ ପଡି ଧନ ଜୀବନ କ୍ଷୟକ୍ଷତିର କରୁଣ ଦୃଶ୍ୟ ଗଣମାଧ୍ୟମର ଶିରୋନାମା ପାଲଟୁଥିବା ବେଳେ ସହରବାସୀ ଏପରିକି ରାଜଧାନୀବାସୀଙ୍କ ଦୁର୍ଦ୍ଦଶା ତା'ଠୁ ଅଧିକ। ସ୍ମାର୍ଟସିଟିର ମାନ ମହତ୍ ଭୂଲୁଣ୍ଠିତ କରୁଛି ଲଗାଣ ବର୍ଷା। କୁହାଳିଆ ନେତାଙ୍କ ପାଟି ଚୁପ୍ କରିବାକୁ ଏହା ଯଥେଷ୍ଟ। କିନ୍ତୁ କଥାରେ ଅଛି ଯେଉଁମାନଙ୍କ ମୁହଁ ଟାଣ ସେମାନଙ୍କୁ ବା କ'ଣ କୁହାଯିବ। ଏ କ୍ଷେତ୍ରରେ ମଧ୍ୟ ନିର୍ଲଜମାନେ ଇନ୍ଦ୍ର ଆଉ କେନ୍ଦ୍ରକୁ ଏଥିପାଇଁ ଦୋଷ ଦେବାକୁ ତିଳେହେଲେ ସଂକୋଚ ପ୍ରକାଶ କରୁ ନ ଥିବା ଦେଖାଯାଉଛି। ଆଧୁନିକତାରେ ବଳିପଡୁଛି ରାଜଧାନୀର ସବୁଜ ବନାନୀ। ପାଣି ଆଉ ଭୂଗର୍ଭକୁ ଭେଦୁ ନାହିଁ କି ଭୂଗର୍ଭ ଜଳସ୍ତର ବୃଦ୍ଧି ହେଉନି। ଏହା ଆଣି ଦେଉଛି ମନୁଷ୍ୟକୃତ ବନ୍ୟାର ଦୁଃଖ, ଯନ୍ତ୍ରଣାଦାୟକ ଅନୁଭୂତି ସହରବାସୀଙ୍କ ପାଇଁ।

–ଶ୍ରୀଧର ସ୍ୱାଇଁ, ବାଲିପାଟଣା, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୁକୁଳାଇ କେଶ ଆକୁଳାଇ ମୋର ହିୟା
କିଏ ସେ ଆଜି ଗୋ ଦୁଆରେ ହୋଇଲ ଠିଆ ?
ଅଙ୍ଗେ ଦୁକୂଳ ବଖାଣଇ ନିଜ ଶୋଭା।
ଶୂନ୍ୟ ଏ ଘରେ ଆସିଲ କାହାର ପ୍ରିୟା !

–(ରୂପର ମୋହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଫଡ଼୍‌ନବିସଙ୍କୁ ଗୃହ, ଅର୍ଥ

## ଶିନ୍ଦେ କ୍ୟାବିନେଟ୍‌ରେ ବିଭାଗ ବଣ୍ଟନ

ମୁମ୍ବାଇ,୧୪।୮: ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ରବିବାର ତାଙ୍କ ମନ୍ତ୍ରିମଣ୍ଡଳରେ ବିଭାଗ ବଣ୍ଟନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନବିସଙ୍କୁ ଗୃହ, ଅର୍ଥ ଏବଂ ଯୋଜନା ବିଭାଗ ମିଳିଥିବାବେଳେ ମୁଖ୍ୟମନ୍ତ୍ରୀ ନିଜ ହାତରେ ସହରାଞ୍ଚଳ ବିକାଶ ବିଭାଗ ରଖିଛନ୍ତି। ମହାରାଷ୍ଟ୍ରରେ ଶିବସେନାର ଗୋଟିଏ ଗୋଷ୍ଠୀ ବିଧାୟକଙ୍କ ବିଦ୍ରୋହ ପରେ ଜୁନ୍ ୩୦ରେ ଶିନ୍ଦେଙ୍କ ନେତୃତ୍ୱରେ ନୂଆ ସରକାର ଗଢ଼ାଯାଇଥିଲା। ଏହାର ୭ ସପ୍ତାହ ପରେ ଗତ ମଙ୍ଗଳବାର ଶିନ୍ଦେ ତାଙ୍କ ଦୁଇଜଣିଆ କ୍ୟାବିନେଟରେ ଆଉ ୧୮ ଜଣ ମନ୍ତ୍ରୀଙ୍କୁ ସାମିଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ମନ୍ତ୍ରୀ ରାଧାକ୍ରିଷ୍ଣ ଭିଖେ ପାଟିଲଙ୍କୁ ରାଜସ୍ୱ, ସୁଧୀର ମୁଙ୍ଗନ୍ତିୱାରଙ୍କୁ ଜଙ୍ଗଲ ବିଭାଗ, ଚନ୍ଦ୍ରକାନ୍ତ ପାଟିଲଙ୍କୁ ଉଚ୍ଚଶିକ୍ଷା, ବୈଷୟିକ ଶିକ୍ଷା ଓ ସଂସଦୀୟ ବ୍ୟାପାର ବିଭାଗ ଦିଆଯାଇଛି। ସେହିପରି ଶିନ୍ଦେ କ୍ୟାମ୍ପରୁ ଦୀପକ କେଶରକରଙ୍କୁ ସ୍କୁଲ୍ ଶିକ୍ଷା ଏବଂ ଅବଦୁଲ ସତ୍ତାରଙ୍କୁ କୃଷି ବିଭାଗ ଦାୟିତ୍ୱ ମିଳିଛି।



୧୯୪୭ ମସିହା ଦେଶ ବିଭାଜନ ବେଳେ ଦୁର୍ଦ୍ଦଶା ଭୋଗିଥିବା ଏବଂ ପ୍ରାଣତ୍ୟାଗ କରିଥିବା ବ୍ୟକ୍ତିମାନଙ୍କ ସ୍ମୃତିରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଜି. କିଶନ ରେଡ୍ଡୀ, ଅର୍ଜୁନ ରାମ ମେଘୱାଲ ଓ ଅନ୍ୟମାନେ ୭୬ତମ ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ରବିବାର ନୂଆଦିଲ୍ଲୀରେ ନୀରବ ଶୋଭାଯାତ୍ରା କରୁଛନ୍ତି।

# ‘ମହଙ୍ଗାଇ ପର ଚର୍ଚ୍ଚା’ କାର୍ଯ୍ୟକ୍ରମ ସଫଳ ଲାଗି ବୈଠକ କଲା ପିସିସି

**ଭୁବନେଶ୍ୱର, ୧୪।୮(ବ୍ୟୁରୋ):** ଦରଦାମ୍ ବୃଦ୍ଧି ନେଇ କଂଗ୍ରେସ ନିକଟରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିଥିବା ବେଳେ ଦଳ ଆସନ୍ତା ୧୭ରୁ ୨୩ତାରିଖ ପର୍ଯ୍ୟନ୍ତ ‘ମହଙ୍ଗାଇ ପର ଚର୍ଚ୍ଚା’ ଏବଂ ‘ମହଙ୍ଗାଇ ପର ହାଲ୍ଲା ବୋଲ୍- ଚଲୋ ଦିଲ୍ଲୀ’ କାର୍ଯ୍ୟକ୍ରମ କରିବାକୁ ଯାଉଛି। ଏହାକୁ ସଫଳ କରିବା ସକାଶେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ପରେ ପିସିସି ସଭାପତି କହିଛନ୍ତି, ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଦରଦାମ ଅହେତୁକ ବୃଦ୍ଧି, ଉତ୍କଟ ବେକାରି ସମସ୍ୟା ଓ ଅର୍ଥନୀତିକୁ ଭୁଲ ବାଟରେ ପରିଚାଳନା କରିବା ଯୋଗୁ ଭାରତବର୍ଷରେ ଏକ ବିଷମ ପରିସ୍ଥିତି ସୃଷ୍ଟି ହୋଇଛି। ଏହି କିଛିଦିନ ତଳେ କେନ୍ଦ୍ର ସରକାର ଜିଏସ୍‌ଟି କାଉନସେଲିଂ ବୈଠକରେ ଗୁଡ଼, ଚୁଡ଼ା, ମୁଢ଼ି, ଦହି, ଖଇ, ଉଖୁଡ଼ା, ଅଟା, ପେନସିଲ କଟର, ନୋଟ୍ ଖାତା ଇତ୍ୟାଦି ଉପରେ ୫% ଜିଏସଟି ଲାଗୁ କରିଛନ୍ତି। ମୁଦ୍ରାସ୍ଫୀତି ଏବେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଏହାକୁ ବିରୋଧ କରି ଏବଂ ଜନଜାଗରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏଆଇସିସି ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀଙ୍କ ଆହ୍ୱାନରେ ସାରା ଦେଶରେ ମହଙ୍ଗାଇ ପର ଚର୍ଚ୍ଚା କାର୍ଯ୍ୟକ୍ରମ ଲାଗି ନିଷ୍ପତ୍ତି ନିଆଯାଇଛି।




# ‘ଜେଡିୟୁ-ଆର୍‌ଜେଡି ମେଣ୍ଟର ପ୍ରଭାବ ରହିବନି’

ନୂଆଦିଲ୍ଲୀ,୧୪।୮

ବିହାରରେ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏବଂ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)କୁ ନେଇ ନବଗଠିତ ମେଣ୍ଟ ୨୦୨୪ ସାଧାରଣ ନିର୍ବାଚନରେ ଜାତୀୟ ରାଜନୀତିକୁ ବିଶେଷ ପ୍ରଭାବିତ କରିବ ନାହିଁ ବୋଲି ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର(ପିକେ) କହିଛନ୍ତି।

ପାଟନାର ଏକ ଖବରଦାତା ସମ୍ମିଳନୀରେ ରବିବାର ଜେଡିୟୁର ପୂର୍ବତନ ନେତା ପ୍ରଶାନ୍ତ କିଶୋର ବିହାରର ଦୁଇ ପ୍ରମୁଖ ଦଳର ପୁନର୍ମିଳନକୁ ଏକ ‘ରାଜନୈତିକ ଅହଂକାର’ ଭାବେ ଅଭିହିତ କରିଛନ୍ତି। ପିକେ କହିଛନ୍ତି, ଜେଡିୟୁ ନେତା ନୀତୀଶ କୁମାର ଏବଂ ଆର୍‌ଜେଡିର ତେଜସ୍ୱୀ ଯାଦବ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି କେତେ ରକ୍ଷା କରିପାରିବେ ତାହା ଉଭୟଙ୍କ ଉପରେ ନିର୍ଭର କରେ। ଆଗାମୀ ଲୋକ ସଭା ନିର୍ବାଚନ ଉପରେ ଏହି ମେଣ୍ଟର ବିଶେଷ ପ୍ରଭାବ ରହିବ ନାହିଁ। ପୂର୍ବରୁ ନୀତୀଶ ଯେତେ ଥର ମେଣ୍ଟ କରିଛନ୍ତି ତାହା ଦୁଇବର୍ଷରୁ ଅଧିକ ସମୟ ଟିକ୍‌ିନାହିଁ। ତେଣୁ ଆଗକୁ ନୀତୀଶ–ତେଜସ୍ୱୀଙ୍କ ଚୁକ୍ତି କେତେଦିନ ବଳବତ୍ତର ରହିବ ତାହା ଅନୁମାନ କରାଯାଇପାରେ ବୋଲି ପ୍ରଶାନ୍ତ କହିଛନ୍ତି। ପ୍ରକାଶ ଯେ, ଏକଦା ଜେଡିୟୁ ଉପାଧ୍ୟକ୍ଷ ଥିବା ପ୍ରଶାନ୍ତଙ୍କୁ ନୀତୀଶଙ୍କ ଘନିଷ୍ଠ ସହଯୋଗୀ ବିବେଚନା କରାଯାଉଥିଲା। କିନ୍ତୁ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ପ୍ରସଙ୍ଗରେ ନୀତୀଶ କୁମାର ଭାଜପା ଆଭିମୁଖ୍ୟକୁ ସମର୍ଥନ କରିବା ପରେ ପ୍ରଶାନ୍ତ କିଶୋର ଜେଡିୟୁ ଛାଡ଼ି ଭିନ୍ନ ପଥ ବାଛିଥିଲେ। ୨୦୨୫ ବିଧାନସଭା ନିର୍ବାଚନ ପୂର୍ବରୁ ରାଜନୈତିକ ଦଳ ପ୍ରତିଷ୍ଠା ଘୋଷଣା କରିଥିବା ପିକେ ଗତ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ‘ଜନ ସ୍ୱରାଜ’ ନାମରେ ବିହାରରେ ପଦଯାତ୍ରା କରୁଛନ୍ତି।

## ସ୍ଥାୟିତ୍ୱକୁ ନେଇ ପିକେଙ୍କ ସନ୍ଦେହ


ପ୍ରଶାନ୍ତ କିଶୋର









**ଦେଶ ବିଭାଜନ ବେଳେ ପ୍ରାଣବଳି ଦେଇଥିବା ସମସ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ପ୍ରଧାନମନ୍ତ୍ରୀ**

ଦେଶ ବିଭାଜନ ବେଳେ ପ୍ରାଣବଳି ଦେଇଥିବା ସମସ୍ତଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଇତିହାସର ସେହି ଦୁଃଖଦ ସମୟରେ ସେମାନଙ୍କ ଧୈର୍ଯ୍ୟ ଓ ସାହସକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି। ଅଗଷ୍ଟ ୧୪କୁ ଦେଶ ବିଭାଜନ ବିଭୀଷିକା ସ୍ମରଣ ଦିବସ ଭାବେ ଗତବର୍ଷଠାରୁ ପାଳନ କରାଯାଉଛି। ଏହି ଅବସରରେ ସେହି ସମୟର ସଂଘର୍ଷ ଓ ଲୋକଙ୍କ ବଳିଦାନର ସ୍ମରଣ କରାଯାଇଥାଏ।



## ସଂକ୍ଷେପରେ

### ଲାଲ୍‌କିଲ୍ଲାରେ ଡ୍ରୋନ୍ ନିରୋଧୀ ବ୍ୟବସ୍ଥା

**ନୂଆଦିଲ୍ଲୀ,୧୪।୮:** ସ୍ୱାଧୀନତା ପ୍ରାପ୍ତିର ୭୫ତମ ବର୍ଷ ପୂର୍ତ୍ତି ପାଳନ ଅବସରରେ ସାରା ଦେଶରେ ଉତ୍ସବର ମାହୋଲ। ପଲ୍ଲୀରୁ ନେଇ ଦିଲ୍ଲୀ ଓ କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଏହି ବିଶେଷ ମୁହୂର୍ତ୍ତର ସାକ୍ଷୀ ହେବା ପାଇଁ ଲୋକଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଉଦ୍ଦୀପନା ଦେଖିବାକୁ ମିଳିଛି। ସ୍ୱାଧୀନତା ଦିବସରେ ଆତଙ୍କବାଦୀ ଆକ୍ରମଣକୁ ଏଡ଼ାଇବା ପାଇଁ ସବୁ ରାଜ୍ୟର ପୋଲିସକୁ ଆଲର୍ଟରେ ରଖାଯାଇଛି। ଦିଲ୍ଲୀର ଲାଲ୍‌କିଲ୍ଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନବମ ଥର ପାଇଁ ଦେଶବାସୀଙ୍କୁ ସମ୍ବୋଧିତ କରିବେ। ଏଥିଲାଗି ସମ୍ପୃକ୍ତ ଅଞ୍ଚଳରେ ଦିଲ୍ଲୀ ପୋଲିସର ୧୦,୦୦୦ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଜାତୀୟ ରାଜଧାନୀରେ ୧୪୪ ଧାରା ଜାରି କରାଯାଇଛି। ପ୍ରତିରକ୍ଷା ଉନ୍ନୟନ ଓ ଗବେଷଣା ସଙ୍ଗଠନ (ଡିଆର୍‌ଡିଓ) ପକ୍ଷରୁ ବିକଶିତ ଡ୍ରୋନ୍ ନିରୋଧୀ ବ୍ୟବସ୍ଥା କରାଯାଇଛି। ଆର୍ଥିକ ରାଜଧାନୀ ମୁମ୍ବାଇରେ ମଧ୍ୟ ଅନେକ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାକୁ ସକ୍ରିୟ କରାଯାଇଛି।

### ସାହସିକତା, ଉତ୍ତମ ସେବା ପାଇଁ ୧,୦୮୨ ପୋଲିସଙ୍କୁ ମେଡାଲ

**ନୂଆଦିଲ୍ଲୀ,୧୪।୮(ପି.ଟି.):** ସ୍ୱାଧୀନତା ଦିବସ ପାଳନ ଅବସରରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ଏବଂ ରାଜ୍ୟ ପୋଲିସରୁ ମୋଟ ୧,୦୮୨ ଜଣଙ୍କୁ ସାହସିକତା ଓ ଉତ୍ତମ ସେବା ପାଇଁ ପୁରସ୍କୃତ କରାଯାଇଛି। ୩୪୭ ଜଣଙ୍କୁ ସାହସିକତା ପାଇଁ ପୋଲିସ ମେଡାଲ ମିଳିଥିବାବେଳେ, ଉଲ୍ଲେଖନୀୟ ସେବା ପାଇଁ ୮୭ ଜଣଙ୍କୁ ରାଷ୍ଟ୍ରପତି ପୋଲିସ ମେଡାଲ ଏବଂ ପ୍ରଶଂସନୀୟ ସେବା ପାଇଁ ୬୪୮ ଜଣଙ୍କୁ ପୋଲିସ ମେଡାଲରେ ସମ୍ମାନିତ କରାଯାଇଛି। ୩୪୭ ବୀରତା ପୁରସ୍କାର ମଧ୍ୟରୁ ଜମ୍ମୁ-କଶ୍ମୀରରେ ନିୟୋଜିତ ୨୦୪ ଜଣ, ମାଓବାଦୀ ପ୍ରଭାବିତ ଅଞ୍ଚଳର ୮୦ ଏବଂ ଉତ୍ତରପୂର୍ବାଞ୍ଚଳର ୧୪ ଜଣ ପୁରସ୍କୃତ ହୋଇଛନ୍ତି। ସର୍ବାଧିକ ୧୦୯ ବୀରତା ମେଡାଲ ସିଆର୍‌ପିଏଫ୍‌କୁ ଯାଇଥିବାବେଳେ ଜମ୍ମୁ-କଶ୍ମୀର ପୋଲିସକୁ ୧୦୮, ବିଏସ୍‌ଏଫ୍‌କୁ ୧୯, ଆଇଟିବିପି ଏବଂ ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି)କୁ ୬ଟି ଲେଖାଏ ମିଳିଛି। ରାଜ୍ୟ ପୋଲିସ ମଧ୍ୟରୁ ମହାରାଷ୍ଟ୍ରକୁ ସର୍ବାଧିକ ୪୨ ପଦକ ମିଳିଥିବାବେଳେ ଛତିଶଗଡ଼ ପୋଲିସକୁ ୧୫ ମେଡାଲ ଯାଇଛି।

### ଭାରତର ବୈଦେଶିକ ନୀତିକୁ ଇମ୍ରାନ୍‌ଙ୍କ ପ୍ରଶଂସା

**ରାଲିରେ ଜୟଶଙ୍କରଙ୍କ ଭିଡିଓ ଦେଖାଇଲେ**

**ଇସ୍‌ଲାମାବାଦ,୧୪।୮:** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଭାରତର ସ୍ୱାଧୀନ ବିଦେଶ ନୀତିକୁ ପୁଣିଥରେ ପ୍ରଶଂସା କରିଛନ୍ତି। ରୁଷିଆରୁ ତେଲ କ୍ରୟ ପାଇଁ ଭାରତକୁ ସମାଲୋଚନା କରୁଥିବା ପାଶ୍ଚାତ୍ୟ ରାଷ୍ଟ୍ରଙ୍କୁ ଇମ୍ରାନ୍ ନିନ୍ଦା କରିଛନ୍ତି। ଲାହୋରରେ ଏକ ଜନସଭାକୁ ଉଦ୍‌ବୋଧନ ଦେବା ବେଳେ ଇମ୍ରାନ୍ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର ସ୍ଲୋଭାକିଆର ପ୍ରତିସ୍ଲାଭା ଫୋରମରେ ଦେଇଥିବା ଅଭିଭାଷଣର ଭିଡିଓ କ୍ଲିପ୍ ଦେଖାଇଥିଲେ। ରୁଷିଆରୁ ଶସ୍ତା ତୈଳ କ୍ରୟ ବିରୋଧରେ ଆମେରିକାର ଚାପ ଆଗରେ ଦୃଢ଼ ଭାବରେ ଛିଡ଼ା ହୋଇଥିବା ଜୟଶଙ୍କରଙ୍କୁ ଇମ୍ରାନ୍ ପ୍ରଶଂସା କରିଛନ୍ତି। ଭାରତ ଓ ପାକିସ୍ତାନ ଏକସଙ୍ଗେ ସ୍ୱାଧୀନ ହୋଇଥିଲେ। ଭାରତ ଏହାର ବୈଦେଶିକ ନୀତି ଯୋଗୁ ବଳିଷ୍ଠ ଆଭିମୁଖ୍ୟ ରଖିପାରୁଥିବା ବେଳେ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ପାଇଁ ଇସ୍‌ଲାମାବାଦ ଧାଡ଼ିର ପଛରେ ପଡ଼ିଥିବା ପିଟିଆଇ ନେତା କହିଛନ୍ତି।



ନାଗାଲାଣ୍ଡର ଦିମାପୁରସ୍ଥିତ ହେବ୍ରୋନ୍‌ରେ ୭୬ତମ ସ୍ୱାଧୀନତା ଦିବସ ପାଳନ ପାଇଁ ରବିବାର ଖରମ୍ ନୃତ୍ୟ ପରିବେଷଣ କରୁଛନ୍ତି କଳାକାର।



ଜମ୍ମୁ-କଶ୍ମୀରର ଚିଲେହାନାରେ ଭାରତ-ପାକିସ୍ତାନ ସୀମା ମଧ୍ୟରେ ନିର୍ମିତ ଏହି ବ୍ରିଜ୍ ଦେଇ ଦୁଇଦେଶର ଲୋକେ ଯିବାଆସିବା କରୁଥିଲେ। ୨୦୧୮ରେ ଏହାକୁ ତାରବାଡ଼ ଦେଇ ବନ୍ଦ କରିଦିଆଯାଇଛି।

# ନେହେରୁଙ୍କୁ ହଟାଇ ସାବରକରଙ୍କ ଫଟୋ

**କର୍ଣାଟକ ସରକାରଙ୍କ ବିବାଦୀୟ ବିଜ୍ଞାପନ**

ବେଙ୍ଗାଲୁରୁ/ନୂଆଦିଲ୍ଲୀ,୧୪।୮

ଭାଜପା ଶାସିତ କର୍ଣାଟକରେ ଏକ ବିଜ୍ଞାପନକୁ ନେଇ ବିବାଦ ସୃଷ୍ଟି ହୋଇଛି। ସରକାରୀ ବିଜ୍ଞାପନର ଫଟୋରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ହଟାଇ ତାଙ୍କ ସ୍ଥାନରେ ବିପ୍ଳବୀ ବିନାୟକ ଦାମୋଦର ସାବରକରଙ୍କୁ ସ୍ଥାନିତ କରାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ କର୍ଣାଟକରେ 'ହର୍ ଘର ତ୍ରିରଙ୍ଗା' ଅଭିଯାନ ଚାଲିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ନେତୃତ୍ୱାଧୀନ ସରକାରଙ୍କ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ରବିବାର ଖବରକାଗଜଗୁଡ଼ିକରେ ଏକ ଫୁଲ୍ ପେଜ୍ ବିଜ୍ଞାପନ ପ୍ରକାଶ କରାଯାଇଛି। ଉକ୍ତ ବିଜ୍ଞାପନରେ ନେହେରୁଙ୍କୁ ବାଦ୍ ଦେଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ବିଚାରକ ବୀର ସାବରକରଙ୍କୁ ସ୍ଥାନ ଦିଆଯାଇଥିବାରୁ କଂଗ୍ରେସ ସମାଲୋଚନା କରିଛି। ଦେଶ ବିଭାଜନ ପାଇଁ ଶାସକ ଭାଜପା ପ୍ରଥମ ପ୍ରଧାନମନ୍ତ୍ରୀ ନେହେରୁ ଓ ପାକିସ୍ତାନର ପ୍ରତିଷ୍ଠାତା ମହମ୍ମଦ ଅଲୀ ଜିନ୍ନାଙ୍କୁ ଦାୟୀ କରିଛି। ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ଭାଜପା-କଂଗ୍ରେସ ମୁହାଁମୁହିଁ ହୋଇଛନ୍ତି। କଂଗ୍ରେସ ନେତା ଜୟରାମ ରମେଶ ଟୁଇଟ୍ କରିଛନ୍ତି, ଅଗଷ୍ଟ ୧୪କୁ 'ବିଭାଜନ ବିଭୀଷିକା ସ୍ମୃତି ଦିବସ' ରୂପେ ପାଳନ କରିବା ପଛରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରକୃତ ଉଦ୍ଦେଶ୍ୟ ସାମ୍ନାକୁ ଆସିଛି। ଅନ୍ୟପକ୍ଷେ ନେହେରୁ ଭାରତକୁ ଦୁଇଭାଗ କରିଦେଇଥିବାରୁ ତାଙ୍କ ଫଟୋକୁ ବିଜ୍ଞାପନରୁ ହଟାଇ ଦିଆଯାଇଥିବା ଭାଜପା ମୁଖପାତ୍ର ରବି କୁମାର କହିଛନ୍ତି।




## ଭାଜପା ଭିଡିଓକୁ କଂଗ୍ରେସର ବିରୋଧ

ନୂଆଦିଲ୍ଲୀ,୧୪।୮

ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପୂର୍ତ୍ତି ପାଳନର ଅବ୍ୟବହିତ ପୂର୍ବରୁ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବରିଷ୍ଠ ଭାଜପା ନେତାମାନେ ସ୍ୱାଧୀନତା ସଂଗ୍ରାମୀଙ୍କ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଭାଜପା ଅଗଷ୍ଟ ୧୪କୁ ବିଭାଜନ ବିଭୀଷିକା ସ୍ମୃତି ଦିବସ ରୂପେ ପାଳନ କରି ନୂଆଦିଲ୍ଲୀର ଯନ୍ତରମନ୍ତରରେ ନୀରବ ଶୋଭାଯାତ୍ରା କରିଛି। କଂଗ୍ରେସ ଓ ବାମପନ୍ଥୀମାନେ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ପାଇଁ ମୁସଲିମ୍ ଲିଗ୍‌ର ଦାବିକୁ ମାନିନେଇଥିବା ଦର୍ଶାଇ ଅଗଷ୍ଟ ୧୪ ବିଭାଜନ ବିଭୀଷିକା ସ୍ମୃତି ଦିବସରେ ଭାଜପା ପକ୍ଷରୁ ଏକ ଭିଡିଓରେ ସମାଲୋଚନା କରାଯାଇଛି। ୭ ମିନିଟର ଏହି ଭିଡିଓକୁ ରବିବାର ଶାସକ ଦଳ ଜାରି କରିଛି। ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ମୁସ୍‌ଲିମ୍ ଲିଗ୍ ନେତା ମହମ୍ମଦ ଅଲୀ ଜିନ୍ନାଙ୍କ ଦାବିକୁ ବିରୋଧ ପରିବର୍ତ୍ତେ ତାକୁ ଗ୍ରହଣ କରିଥିଲେ। ଏଥିଯୋଗୁ ପାକିସ୍ତାନ ସୃଷ୍ଟି ହୋଇଥିଲା ବୋଲି ଉଭୟ ନେହେରୁ ଓ ଜିନ୍ନାଙ୍କୁ ବିଭାଜନ ପାଇଁ ଦାୟୀ କରାଯାଇଛି। ଭାରତକୁ ଦୁଇଭାଗ କରିବା ପାଇଁ ମାନଚିତ୍ର ପ୍ରସ୍ତୁତ କରିଥିବା ସିରିଲ୍ ଜନ୍ ରାଡ୍‌କ୍ଲିଫେଙ୍କୁ ମଧ୍ୟ ଏଥିରେ ଖଳନାୟକ ରୂପେ ଦେଖାଯାଇଛି। ଭାରତୀୟ ସଂସ୍କୃତି, ଐତିହ୍ୟ, ସଭ୍ୟତା ଓ ମୂଲ୍ୟବୋଧ ଉପରେ ଅଜ୍ଞ ବ୍ୟକ୍ତି ଶତାବ୍ଦୀ ଧରି ଏକାଠି ରହୁଥିବା ଲୋକଙ୍କ ମଧ୍ୟରେ ମାତ୍ର ୩ ସପ୍ତାହ ଭିତରେ କିପରି ସୀମା ଆଙ୍କିଥିଲେ ବୋଲି ପ୍ରଶ୍ନ କରାଯାଇଛି। ତେବେ ଭାଜପା ନିଜ ରାଜନୈତିକ ସ୍ୱାର୍ଥ ପାଇଁ ଏପରି କରୁଥିବା କଂଗ୍ରେସ ସମାଲୋଚନା କରିଛି।

## ତ୍ରିରଙ୍ଗା ନେବାକୁ ମନାକଲେ ଏଏମ୍‌ୟୁ କୁଳପତି

ଆଲିଗଡ଼,୧୪।୮

ଉତ୍ତର ପ୍ରଦେଶର ଆଲିଗଡ଼ ମୁସ୍‌ଲିମ୍ ୟୁନିଭର୍ସିଟି (ଏଏମ୍‌ୟୁ) କୁଳପତି ତାରିକ୍ ମନ୍‌ସୁର ଜାତୀୟ ପତାକା ନେବାକୁ ମନା କରିଦେଇଥିବା ରବିବାର ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଜମାଲ ସିଦ୍ଦିକି ଅଭିଯୋଗ ଆଣିଛନ୍ତି। ସିଦ୍ଦିକି କହିଛନ୍ତି, ଆଜାଦୀ କା ଅମୃତ ମହୋତ୍ସବରେ ସାମିଲ ହେବା ଲାଗି ସେ କଶ୍ମୀରୀ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଜାତୀୟ ପତାକା ଦେବାକୁ କୁଳପତିଙ୍କୁ କହିଥିଲେ। କିନ୍ତୁ କୁଳପତି ତାଙ୍କୁ ଭେଟିବାକୁ ଚାହିଁଲେ ନାହିଁ। ଏହାଦ୍ୱାରା କେବଳ ଜାତୀୟ ପତାକାର ଅପମାନ ହୋଇନାହିଁ, ବରଂ ପାକିସ୍ତାନର ପ୍ରତିଷ୍ଠାତା ମହମ୍ମଦ ଅଲୀ ଜିନ୍ନାଙ୍କ ପ୍ରତି କୁଳପତିଙ୍କ ଭଲ ପାଇବା ପ୍ରତିଫଳିତ ହୋଇଛି।

## ଗ୍ରାମରେ ଉତ୍ତେଜନା, ଇଣ୍ଟରନେଟ ସେବା ବନ୍ଦ

**ଶିକ୍ଷକଙ୍କ ମାଡ଼ରେ ଦଳିତ ଛାତ୍ର ମୃତ୍ୟୁ ଘଟଣା**

ଜୟପୁର,୧୪।୮

ରାଜସ୍ଥାନର ଜଲୋର ଜିଲା ସୁରାନା ଗ୍ରାମର ଏକ ଘରୋଇ ସ୍କୁଲର ଦଳିତ ଛାତ୍ର ଶିକ୍ଷକଙ୍କ ମାଡ଼ରେ ପ୍ରାଣ ହରାଇବା ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଯାଇଛି। ମୃତ ଛାତ୍ରଙ୍କ ପରିବାର ସହ ଉତ୍ତ୍ୟକ୍ତ ଗ୍ରାମବାସୀ ପୋଲିସ ଉପରକୁ ଢେଲାପଥର ମାଡ଼ କରିଥିଲେ। ସଂଘର୍ଷରେ କେତେଜଣ ଗୁରୁତର ଆହତ ହୋଇଥିବାବେଳେ ସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ କରିଦିଆଯାଇଛି। ମୃତଦେହ ସଂସ୍କାର କରିବା ପାଇଁ ପୋଲିସ ଚାପ ପକାଉଥିବା ମୃତ ଛାତ୍ରଙ୍କ ବାପା ଦେୱାରାମ ମେଘଲୱାଲ ଅଭିଯୋଗ କରିବା ପରେ ଉତ୍ତେଜନା ମୁଣ୍ଡ ଟେକିଥିଲା।

ଜୁଲାଇ ୨୦ ତାରିଖରେ ଛାତ୍ର ଜଣକ ମାଠିଆରୁ ପାଣି ପିଇବାକୁ କେନ୍ଦ୍ର କରି ୯ ବର୍ଷର ଦଳିତ ଛାତ୍ରଙ୍କୁ ଶିକ୍ଷକ ମାଡ଼ ମାରିଥିଲେ। ଅହମ୍ମଦାବାଦସ୍ଥିତ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସମ୍ପୃକ୍ତ ଶିକ୍ଷକ ଚେଲ ସିଂ(୪୦)ଙ୍କୁ ପୋଲିସ ଗିରଫ କରିନେଇଥିବାବେଳେ ତାଙ୍କ ବିରୋଧରେ ଏସ୍‌ସିଏସ୍‌ଟି ଆକ୍ଟରେ ମାମଲା ରୁଜୁ ହୋଇଛି। ମାମଲାଟିକୁ ଜଲୋର ମୁଖ୍ୟ ଅଧିକାରୀ (ସିଓ)ଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ରାଜ୍ୟ ଶିକ୍ଷା ବିଭାଗ ଯାଞ୍ଚ କମିଟି ଗଠନ କରିଥିବାବେଳେ ରିପୋର୍ଟ ଦାଖଲ ପାଇଁ ବ୍ଲକ୍ ଶିକ୍ଷା ଅଫିସରଙ୍କୁ କମିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ରାଜୌରୀ ଆକ୍ରମଣ ପଛରେ ପିଏଏଫ୍‌ଏଫ୍

**ଜି-୨୦ ସମିଟ୍ ପରବର୍ତ୍ତୀ ଟାର୍ଗେଟ**

ଶ୍ରୀନଗର,୧୪।୮

ଜମ୍ମୁ-କଶ୍ମୀରର ରାଜୌରୀସ୍ଥିତ ସେନା କ୍ୟାମ୍ପ ଉପରେ ହୋଇଥିବା ଆତ୍ମଘାତୀ ଆକ୍ରମଣ ପାଇଁ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ପିପୁଲ୍ସ ଆଣ୍ଟି ଫାସିଷ୍ଟ ଫ୍ରଣ୍ଟ (ପିଏଏଫ୍‌ଏଫ୍) ନିଜକୁ ଦାୟୀ କରିଛି। ଏହି ସଂଗଠନ ପକ୍ଷରୁ ଏକ ପ୍ରଚାର ଭିଡିଓ ଜାରି କରାଯାଇଛି। ଚଳିତ ବର୍ଷ ଭାରତ ଆୟୋଜନ କରିବାକୁ ଥିବା ଜି-୨୦ ସମିଟ୍ ଏହାର ପରବର୍ତ୍ତୀ ଟାର୍ଗେଟ ବୋଲି ସଂଗଠନ କହିଛି। ଗତ ୧୧ ତାରିଖରେ ୨ ଆତଙ୍କବାଦୀ ରାଜୌରୀସ୍ଥିତ ଭାରତୀୟ ସେନା କ୍ୟାମ୍ପରେ ଆତ୍ମଘାତୀ ଆକ୍ରମଣ ଉଦ୍ୟମ କରିଥିଲେ। ସୁରକ୍ଷା ବଳ ସହ ଗୁଳି ବିନିମୟ ବେଳେ ୪ ଯବାନ ଶହୀଦ ହେବା ସହ ୨ ଆତଙ୍କବାଦୀ ନିହତ ହୋଇଥିଲେ।




ନୂଆଦିଲ୍ଲୀରେ ବିଭାଜନ ବିଭୀଷିକା ସ୍ମରଣ ଦିବସ ପାଳନ ଅବସରରେ ଭାଜପା ସମର୍ଥକ ନୀରବ ଶୋଭାଯାତ୍ରା କରୁଛନ୍ତି।

## ଚର୍ଚ୍ଚରେ ନିଆଁ: ୪୧ ମୃତ

**କାଇରୋ,୧୪।୮** ଇଜିପ୍ଟ ରାଜଧାନୀ କାଇରୋରେ ଥିବା କୋପ୍ଟିକ୍ ଖ୍ରୀଷ୍ଟିଆନ୍ ଚର୍ଚ୍ଚରେ ରବିବାର ସକାଳେ ନିଆଁ ଲାଗି ୪୧ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୫୫ ଜଣ ଆହତ ହୋଇଛନ୍ତି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ଶର୍ଟସର୍କିଟ୍‌ରୁ ଏହା ଘଟିଥିବା ପ୍ରାଥମିକ ଅନୁଧ୍ୟାନରୁ ଅନୁମାନ କରାଯାଉଛି। ଚର୍ଚ୍ଚରେ ଏକ କାର୍ଯ୍ୟକ୍ରମ ଚାଲିଥିବାବେଳେ ନିଆଁ ଲାଗିଥିଲା। ୧୫ଟି ଅଗ୍ନିଶମ ଗାଡ଼ି ନିଆଁକୁ ଆୟତ୍ତ କରିଥିବାବେଳେ ଆମ୍ବୁଲାନ୍ସ ଯୋଗେ ମୃତାହତମାନଙ୍କୁ ହସ୍ପିଟାଲ ନିଆଯାଇଥିଲା।



# ରାଜସ୍ଥାନରୁ ୨ ଆଇଏସ୍‌ଆଇ ଗୁପ୍ତଚର ଗିରଫ

ଜୟପୁର,୧୪।୮

ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ପାଇଁ ଗୁପ୍ତଚର ବୃତ୍ତିରେ ସମ୍ପୃକ୍ତ ଥିବା ଦୁଇଜଣ ଯୁବକଙ୍କୁ ରାଜସ୍ଥାନର ଭିଲ୍ୱାରା ଏବଂ ପାଲି ଜିଲାରୁ ଗିରଫ କରାଯାଇଛି। କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥାର ତଥ୍ୟ ଆଧାରରେ ରାଜସ୍ଥାନ ପୋଲିସ ଶନିବାର ଚଢ଼ାଉ କରି ସେମାନଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନାରାୟଣ ଲାଲ୍ ଗଦ୍ରି (୨୭) ଏବଂ କୁଲ୍‌ଦୀପ ସିଂ ଶେଖାୱତ (୨୪)। ସେମାନେ ସୋସିଆଲ ମିଡିଆ ଜରିଆରେ ଆଇଏସ୍‌ଆଇ ସହ ସମ୍ପର୍କରେ ରହିଥିଲେ।

ଜେରା ବେଳେ ନାରାୟଣ କହିଛନ୍ତି, ଗତବର୍ଷ ଫେସ୍‌ବୁକ୍‌ରେ ଏକ ଜଏନିଂ ଲିଙ୍କ୍‌କୁ ଗ୍ରହଣ କରି ସେ ଏକ ପର୍ନୋଗ୍ରାଫି ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ସାମିଲ ହୋଇଥିଲେ। ଉକ୍ତ ଗ୍ରୁପ୍‌ରେ ଥିବା ୨୫୦ ସଦସ୍ୟ ପାକିସ୍ତାନ ସମେତ ବିଭିନ୍ନ ଦେଶର ମୋବାଇଲ ନମ୍ବର ବ୍ୟବହାର କରୁଥିଲେ। ସେ କିଛିଦିନ ପରେ ଉକ୍ତ ଗ୍ରୁପ୍‌ରୁ ବାହାରିଆସିବାରୁ ପାକିସ୍ତାନରୁ ଅନିଲ ନାମକ ବ୍ୟକ୍ତି ତାଙ୍କୁ ଫୋନ୍ କରି ବାହାରିଯିବାର କାରଣ ପଚାରିଥିଲେ। ପରେ ଅନିଲ୍ ନାରାୟଣଙ୍କୁ ଅନ୍ୟ ଜଣେ ପାକିସ୍ତାନୀ ଗୋଇନ୍ଦା କାର୍ଯ୍ୟକର୍ତ୍ତା ସହିଲଙ୍କ ସହ ଯୋଗାଯୋଗ କରାଇଥିଲେ। ସେ ନାରାୟଣଙ୍କୁ ପାକିସ୍ତାନ ଯିବା ଲାଗି ପାସ୍‌ପୋର୍ଟ, ଭିଜା ବ୍ୟବସ୍ଥା କରିବାକୁ କହି ତାଙ୍କ ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଓ ପାନ୍‌କାର୍ଡର ଜେରକ୍ସ କପି ନେଇଥିଲେ। ଏହା ପରେ ସେମାନେ ୫ ହଜାର ଟଙ୍କା ଦେଇ ନାରାୟଣଙ୍କଠାରୁ ୫ଟି ଭାରତୀୟ ସିମ୍ କାର୍ଡ ସଂଗ୍ରହ କରିବା ସହ ବିଭିନ୍ନ ସମୟରେ ଭାରତୀୟ ସେନା ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଥିଲେ। ଏହା ବ୍ୟତୀତ ସେମାନେ ଟଙ୍କା ଦେଇ ନାରାୟଣଙ୍କଠାରୁ ଅହମଦାବାଦ ରେଳଷ୍ଟେଶନର କେତେକ ଫଟୋ, ଉଦୟପୁର କ୍ୟାଣ୍ଟନମେଣ୍ଟ ନିକଟରେ ଥିବା ଶପିଂ ଅଞ୍ଚଳ ଆଦିର ଫଟୋ ସଂଗ୍ରହ କରିନେଇଥିଲେ। ସେହିପରି ଦ୍ୱିତୀୟ ଅଭିଯୁକ୍ତ କୁଲ୍‌ଦୀପ ସୋସିଆଲ ମିଡିଆ ଆକାଉଣ୍ଟ ଜରିଆରେ ପାକିସ୍ତାନର ଜଣେ ମହିଳାଙ୍କୁ ସେନା ସମ୍ପର୍କିତ ବିଭିନ୍ନ ଗୋପନ ତଥ୍ୟ ଯୋଗାଉଥିଲେ ବୋଲି ଗୋଇନ୍ଦା ବିଭାଗ ଡିଜିପି ଉମେଶ ମିଶ୍ର କହିଛନ୍ତି।



ନାରାୟଣ ଲାଲ୍ ଗଦ୍ରି ଓ କୁଲ୍‌ଦୀପ ସିଂ ଶେଖାୱତ।

## ୟୁପିରୁ ଆଉଜଣେ ଜୈଶ୍ ଆତଙ୍କବାଦୀ ଗିରଫ

ଲକ୍ଷ୍ନୌ,୧୪।୮

ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ସଂଗଠନ ଏବଂ ଏହାର ପାକିସ୍ତାନୀ ଓ ଆଫଗାନିସ୍ତାନ ପରିଚାଳକଙ୍କ ସହ ସୋସିଆଲ ମିଡିଆ ଜରିଆରେ ସମ୍ପର୍କ ରଖିଥିବା ଉତ୍ତରପ୍ରଦେଶର ଜଣେ ୧୯ ବର୍ଷୀୟ ଯୁବକଙ୍କୁ ଆତଙ୍କବାଦୀ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଗିରଫ କରିଛି। ହବିବୁଲ ଇସ୍‌ଲାମ ଓରଫ ସୌଫୁଲା ନାମକ ଏହି ଯୁବକଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ)ରେ ମାମଲା ରୁଜୁ ହୋଇଛି। ପୂର୍ବରୁ ଜେଇଏମ୍ ଆତଙ୍କବାଦୀ ମହମ୍ମଦ ନଦୀମ(୨୫)ଙ୍କୁ ଗିରଫ କରାଯାଇଥିଲା। ଭାଜପାର ନିଲମ୍ବିତ ମୁଖପାତ୍ର ନୁପୁର ଶର୍ମାଙ୍କ ଉପରେ ଫିଦାଏଁ ଆକ୍ରମଣ ଲାଗି ତାଙ୍କୁ ଜେଇଏମ୍ ଦାୟିତ୍ୱ ଦେଇଥିଲା।

## ବୃଦ୍ଧି ପାଇଛି ଦାବିଦାର ପାଣ୍ଠି

**ନୂଆଦିଲ୍ଲୀ:** ଗଛ କିଛି ବର୍ଷ ମଧ୍ୟରେ ଦେଶରେ ବିଭିନ୍ନ ସଂସ୍ଥାର ପଡ଼ି ରହିଥିବା ପାଣ୍ଠି ଆଶାତୀତଭାବେ ବୃଦ୍ଧି ପାଇଛି। ଏନେଇ ସୁପ୍ରିମକୋର୍ଟ ନିକଟରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରିଛନ୍ତି। ବିଶେଷ କରି ମୃତ ବ୍ୟକ୍ତିଙ୍କ ବ୍ୟାଙ୍କ, ବୀମା କମ୍ପାନୀ ଓ ଡାକ ଘର ଆଦିରେ ପଡ଼ିରହିଥିବା ଦାବିଦାର ନଥିବା ପାଣ୍ଠି ପାଇଁ ଏକ ଅନଲାଇନ୍ ଡାଟାବେସ୍ ପ୍ରସ୍ତୁତ କରିବା ପାଇଁ ରୁଜୁ ହୋଇଥିବା ମାମଲାର ଶୁଣାଣି କରିବା ସହ ଏ ନେଇ ମଧ କୋର୍ଟ କେନ୍ଦ୍ର ସରକାର ଓ ରିଜର୍ଭ ବ୍ୟାଙ୍କକୁ ମଧ ନୋଟିସ୍ ଜାରି କରିଛନ୍ତି। ଜଷ୍ଟିସ୍ ଏ.ଏସ୍. ନାଜିର ଓ ଜେ. କେ. ମାହେଶ୍ୱରୀଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଉକ୍ତ ମାମଲାର ଶୁଣାଣି ହୋଇଛି।

## ସଂକ୍ଷେପରେ

### ଇନ୍ଧନ ମୂଲ୍ୟ ବୃଦ୍ଧି ଯୋଗୁ ବଢ଼ିଥାଏ ବିମାନ ଭଡ଼ା

**ନୂଆଦିଲ୍ଲୀ,୨୦।୭:** ଦେଶରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବିମାନ ଭଡ଼ା ସମ୍ପର୍କରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି ଯେ, ଆଭିଏଶନ ଟର୍ବାଇନ ଫୁଏଲ (ଏଟିଏଫ)ର ମୂଲ୍ୟ ବୃଦ୍ଧି ପାଇଚାଲିଛି। ଏପରିକି ୨୦୧୯ରେ ଏଟିଏଫ୍ ମୂଲ୍ୟ ଲିଟର ପିଛା ୫୩ ହଜାର ଟଙ୍କା ଥିବାବେଳେ ବର୍ତ୍ତମାନ ଏହା ୧ ଲକ୍ଷ ୪୧ହଜାର ଟଙ୍କାକୁ ବୃଦ୍ଧି ପାଇଛି। ବିମାନ ଇନ୍ଧନ ବୃଦ୍ଧି ଯୋଗୁ ବିମାନ ଟିକେଟର ଭଡା ମଧ ସେହି ଅନୁପାତରେ ବଢୁଛି, ତଥାପି ଆମେ ବିମାନ ଭଡ଼ାକୁ ମାତ୍ର କିଛି ପ୍ରତିଶତ ବୃଦ୍ଧି କରିଛୁ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। କାରଣ ବିମାନ କମ୍ପାନୀଗୁଡିକ ଆଦାୟ କରୁଥିବା ଭଡ଼ାର ୫୦% ଇନ୍ଧନ ପାଇଁ ଖର୍ଚ୍ଚ କରିବାକୁ ପଡିଥାଏ। ସେହିପରି ଏଟିଏଫର ମୂଲ୍ୟ ହ୍ରାସ ଘଟିଲେ ମଧ ବିମାନ ଟିକେଟର ମୂଲ୍ୟ ସେହି ଅନୁପାତରେ ହ୍ରାସ ପାଇବ। ଅପରପକ୍ଷରେ କିଛି ସହରକୁ ବିମାନ ନିୟମିତ ଚାଲୁ ନ ଥିବା ପ୍ରସଙ୍ଗରେ ସିନ୍ଧିଆ କହିଛନ୍ତି ଯେ, କେତେକ ସ୍ଥାନକୁ ବିମାନ ବାତିଲ କରିବା ପଛରେ ବଡ କାରଣ ହେଉଛି ଯାତ୍ରୀ ସଙ୍କଟ ଓ ଇନ୍ଧନ ମୂଲ୍ୟ ଇତ୍ୟାଦି।

### ୩୪% ବୃଦ୍ଧି ପାଇଛି କମ୍ପାନୀ ଟିକସ

**ନୂଆଦିଲ୍ଲୀ,୧୪।୮:** ଚଳିତ ଆର୍ଥିକ ବର୍ଷର ୧ମ ତ୍ରୈମାସରେ କମ୍ପାନୀ ଟିକସ ସଂଗ୍ରହ ୩୪% ବୃଦ୍ଧି ଘଟିଛି। ଏପରିକି ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନି ମାସରେ ଟିକସ ସଂଗ୍ରହରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି। ତେବେ ପ୍ରକୃତରେ କେତେ ଟଙ୍କା ସଂଗ୍ରହ କରାଯାଇଛି ତାହାର ସୂଚନା ଆୟକର ବିଭାଗ ବିସ୍ତୃତ ସୂଚନା ପ୍ରଦାନ କରିନାହିଁ। ଏପରିକି ୨୦୨୧-୨୨ ଆର୍ଥିକ ବର୍ଷରେ ୭.୨୩ ଲକ୍ଷ କୋଟି ଟଙ୍କାର କମ୍ପାନୀ ଟିକସ ସଂଗ୍ରହ କରାଯାଇଥିଲା ଯାହା ୨୦୨୦-୨୧ ତୁଳନାରେ ୫୮% ଅଧିକ ବୋଲି ଜଣାପଡିଛି। ୨୦୧୮-୧୯ ଆର୍ଥିକ ବର୍ଷ ତୁଳନାରେ ୨୦୨୧-୨୨ରେ କମ୍ପାନୀ ଟିକସ ସଂଗ୍ରହ ୯% ଅଧିକ ଥିଲା। ୨୦୨୦-୨୧ରେ କରୋନା ମହାମାରୀର ପ୍ରଭାବ ରହିଥିଲା। ସେଥିପାଇଁ ଟିକସ ସଂଗ୍ରହ ଅଳ୍ପ ସମୟ ପାଇଁ ପ୍ରଭାବିତ ହୋଇଥିଲା। ଏହା ପରେ ସେଥିରେ ସୁଧାର ଘଟିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ୨୦୧୯ ସେପ୍ଟେମ୍ବରରେ ସରକାର କମ୍ପାନୀ ଟିକସକୁ ୩୦% ରୁ ହ୍ରାସ କରି ୨୨% କରିଥିଲେ।

# ଷ୍ଟାର୍ଟଅପ୍ କ୍ଷେତ୍ରରେ ଭାରତ ବିଶ୍ୱର ମାର୍ଗଦର୍ଶକ

ନୂଆଦିଲ୍ଲୀ,୧୪।୮

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉତ୍ସବକୁ ସାରା ଦେଶ ମହାଆଡମ୍ବର ସହକାରେ ପାଳନ କରୁଛି। ଏପରିକି ସ୍ୱାଧୀନତା ପରଠାରୁ ଦେଶ ଅନେକ କ୍ଷେତ୍ରରେ ଆଗକୁ ବଢିସାରିଛି। ହେଲେ ଏକବିଂଶ ଶତାବ୍ଦୀରେ ଭାରତ ଆଜି ଷ୍ଟାର୍ଟଅପ କ୍ଷେତ୍ରରେ ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଭାରତରେ ବର୍ତ୍ତମାନ ୭୫,୦୦୦ରୁ ଊର୍ଦ୍ଧ୍ୱ ଷ୍ଟାର୍ଟଅପ ୟୁନିଟ ରହିଛି।

ସେହିଭଳି ଡିପାର୍ଟମେଣ୍ଟ ଫର୍ ପ୍ରୋମୋଶନ ଅଫ ଇଣ୍ଡଷ୍ଟ୍ରି ଆଣ୍ଡ ଟ୍ରେଡ୍ (ଡିପିଆଇଆଇଟି) ର ସହଯୋଗ ଓ ସହାୟତାରେ ସାରା ଦେଶର ଯୁବପିଢୀ ନିଯୁକ୍ତି ପଛରେ ନ ଗୋଡାଇ ନିଯୁକ୍ତି ସୃଷ୍ଟି କରିପାରୁଛନ୍ତି। ଦେଶରେ ୭୫ହଜାରରୁ ଅଧିକ ଷ୍ଟାର୍ଟଅପ ରେକର୍ଡ ହୋଇଥିବା ବିଭାଗ ପକ୍ଷରୁ ପ୍ରାରମ୍ଭିକ ସୂଚନା ମିଳିଛି। ଏହି ସଂଖ୍ୟା ସାରା ବିଶ୍ୱର ଯେ କୌଣସି ରାଷ୍ଟ୍ର ପାଇଁ ଏକ ମାଇଲ ଖୁଣ୍ଟ ସଦୃଶ ବୋଲି କୁହାଯାଇଛି। ଗତ ୨୦୧୫ ଅଗଷ୍ଟ ୧୫ରେ ଲାଲକିଲ୍ଲାରୁ ସ୍ୱାଧୀନତା ଦିବସ ଅଭିଭାଷଣରେ ପ୍ରଧାନମନ୍ତ୍ରୀ




ନରେନ୍ଦ୍ର ମୋଦି ଏକ ନୂଆ ଭାରତର ପରିକଳ୍ପନା କରିଥିଲେ, ଯାହା ଲୋକଙ୍କ ଉଦ୍ୟମଶୀଳତା କ୍ଷମତା ଆଧାରରେ ସାରା ବିଶ୍ୱରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିପାରିବାର କ୍ଷମତା ଉଭୟ ଦେଶ ଓ ଯୁବବର୍ଗଙ୍କ ପାଖରେ ରହିଛି ବୋଲି ମୋଦି ମତବ୍ୟକ୍ତ କରିଥିଲେ। ଏପରିକି ୨୦୧୬ ଜାନୁୟାରୀ ୧୬ରେ ଦେଶର ଏକ ଆକ୍ସନ ପ୍ଲାନର ମୂଳଦୁଆ ପଡିଥିଲା। ଏଥିରେ ଇନୋଭେଶନ ଏବଂ ଷ୍ଟାର୍ଟଅପକୁ ବଳ ଦେବା ପାଇଁ ଏକ ମଜଭୁତ ଇକୋସିଷ୍ଟମ ମଧ୍ୟ ଗଠନ କରାଯାଇଥିଲା। ଏହି କାରଣରୁ ଜାନୁୟାରୀ ୧୬କୁ ରାଷ୍ଟ୍ରୀୟ ଷ୍ଟାର୍ଟଅପ ଦିବସ ଭାବେ ପାଳନ କରାଯାଉଛି। ଗତ ୬ ବର୍ଷ ପରେ ଦେଶ ଆଜି ଷ୍ଟାର୍ଟଅପ ଦୁନିଆରେ ଏକ ମହାଶକ୍ତି ହେବା ସହ ବିଶ୍ୱର ୩ୟ ସବୁଠୁ ବଡ଼ ଇକୋସିଷ୍ଟମ ହେବାରେ ମଧ୍ୟ ସଫଳ ହୋଇଛି।

ଉଲ୍ଲେଖଯୋଗ୍ୟ ଯେ, ଦେଶର ପ୍ରଥମ ୧୦ହଜାର ଷ୍ଟାର୍ଟଅପକୁ ୮୦୮ଦିନରେ ଚିହ୍ନଟ କରାଯାଇଥିଲା। କିନ୍ତୁ ଶେଷ ୧୦ ହଜାର ଷ୍ଟାର୍ଟଅପ ମାତ୍ର ୧୫୬ ଦିନରେ ପ୍ରସ୍ତୁତ କରାଯାଇଥିଲା। ସେହିପରି

### ପ୍ରତିଦିନ ୮୦ରୁ ଅଧିକ ଷ୍ଟାର୍ଟଅପକୁ ମିଳୁଛି ସ୍ୱୀକୃତି

ଦେଶରେ ପ୍ରତିଦିନ ୮୦ରୁ ଅଧିକ ଷ୍ଟାର୍ଟଅପକୁ ମାନ୍ୟତା ଦିଆଯାଉଛି। ମୋଟ ମାନ୍ୟତା ହାସଲ କରିଥିବା ଷ୍ଟାର୍ଟଅପ ମଧ୍ୟରୁ ପ୍ରାୟ ୧୨% ଆଇଟି ସର୍ଭିସେସ, ୯% ହେଲଥ ଏବଂ ଲାଇଫ ସାଇନ୍ସ, ୭% ଶିକ୍ଷା, ୫% ବ୍ୟବସାୟିକ ଏବଂ ବାଣିଜ୍ୟିକ ସେବା ଏବଂ ୫% କୃଷି କ୍ଷେତ୍ରରେ କାମ କରୁଛନ୍ତି। ଭାରତୀୟ ଷ୍ଟାର୍ଟଅପ ଇକୋସିଷ୍ଟମ ବର୍ତ୍ତମାନ ସୁଦ୍ଧା ୭.୪୬ ଲକ୍ଷ ନିଯୁକ୍ତି ସୃଷ୍ଟି କରିପାରିଛି। ଗତ ୬ ବର୍ଷ ତୁଳନାରେ ୧୧୦% ବାର୍ଷିକ ବୃଦ୍ଧି ସହ ୨୦୨୧ ଏପ୍ରିଲ ୧ରେ ଭାରତ ସରକାରଙ୍କ ଦ୍ୱାରା ଏକ ଷ୍ଟାର୍ଟଅପ ଇଣ୍ଡିଆ ସିଡ୍ ଫଣ୍ଡ ସ୍କିମ୍(ଏସ୍ଆଇଏସ୍ଏଫଏସ୍)ର ମଧ୍ୟ ଶୁଭାରମ୍ଭ କରାଯାଇଥିଲା। ଏସ୍ଆଇଏସ୍ଏଫ୍ଏସ୍ ଅଧୀନରେ ଡିପିଆଇଆଇଟି ଦ୍ୱାରା ମାନ୍ୟତାପ୍ରାପ୍ତ ଷ୍ଟାର୍ଟଅପ ପାଇଁ ଯୋଗ୍ୟ ବିଭାଗକୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଥାଏ।

# ଶ୍ୟାମ ଷ୍ଟିଲର ନୂଆ ଡିଜିଟାଲ ପ୍ରଚାର ଅଭିଯାନ

ଭୁବନେଶ୍ୱର,୧୪।୮

ପ୍ରାଥମିକ ଟିଏମ୍‌ଟି ବାରର ଅନ୍ୟତମ ଅଗ୍ରଣୀ ଉତ୍ପାଦନକାରୀ ଏବଂ ବିନିର୍ମାଣକାରୀ ଶ୍ୟାମ ଷ୍ଟିଲ ଅଲିମ୍ପିକ ପଦକ ବିଜେତା ଲଭଲିନା ବୋରଗୋହେନ ଏବଂ ମନପ୍ରୀତ ସିଂଙ୍କୁ ନେଇ ତାହାର ନୂଆ ଡିଜିଟାଲ ପ୍ରଚାର ଅଭିଯାନ ଆରମ୍ଭ କରିଛି। ଶ୍ୟାମ ଷ୍ଟିଲ ଅପନା ଘର୍ ଆପ୍ ଦ୍ୱାରା ଯୋଗାଇ ଦିଆଯାଉଥିବା ପୂର୍ଣ୍ଣାଙ୍ଗ ସମାଧାନ ସମ୍ପର୍କରେ ବ୍ୟକ୍ତିଗତ ବାସଗୃହ ନିର୍ମାତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଶ୍ୟାମ ଷ୍ଟିଲ ଫ୍ଲେକ୍ସି ଷ୍ଟ୍ରଙ୍ଗ ଟିଏମ୍‌ଟି ବାରଗୁଡିକ ଭଳି ସାମର୍ଥ୍ୟ ଓ ନମନୀୟତାର ଠିକ୍ ତାଳମେଳ ଜରିଆରେ ମଜଭୁତ ମୂଳଦୁଆ ହାସଲ କରାଯାଏ ବୋଲି ବ୍ରାଣ୍ଡର ବାର୍ତ୍ତା ସବୁସ୍ତରରେ ପହଞ୍ଚାଇବାକୁ ଏହି ପ୍ରଚାର ଅଭିଯାନ ଲକ୍ଷ୍ୟ ରଖିଛି। ଡିଜିଟାଲ ଫିଲ୍ମ ପ୍ରଚାର ଅଭିଯାନର ଡିଜାଇନ କ୍ରିକ କ୍ରିଏଟିଭସ ଦ୍ୱାରା କରାଯାଇଛି। ଏହା ସାମାଜିକ ଓ ଡିଜିଟାଲ ଗଣମାଧ୍ୟମଗୁଡିକ ଜରିଆରେ ଜୋରଦାର ପ୍ରଚାର କରାଯିବ।




ଏ ସମ୍ପର୍କରେ ଶ୍ୟାମ ଷ୍ଟିଲ ଇଣ୍ଡଷ୍ଟ୍ରିଜ ଲିମିଟେଡର ଡାଇରେକ୍ଟର ଲଳିତ ବେରିୱାଲା କହିଛନ୍ତି, ନମନୀୟତା ଉପରେ ନିର୍ଭର କରୁଥିବା ସ୍ଥାୟିତ୍ୱ ସହ ସାମର୍ଥ୍ୟ ପ୍ରତି ଦୃଷ୍ଟିଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକଟି ପ୍ରତିବନ୍ଧକକୁ ଏଡାଇଯାଇ ସେମାନଙ୍କ ସ୍ୱପ୍ନ ସାକାର କରିବା ନିମନ୍ତେ ଲଭଲିନା ଏବଂ ମନପ୍ରୀତଙ୍କର ଦୃଢ଼ତା ଏବଂ ଏକାଗ୍ରତା ସହ ବ୍ରାଣ୍ଡ୍ ଚିନ୍ତାଧାରାର ସାମଞ୍ଜସ୍ୟକୁ ଏହି ପ୍ରଚାର ଅଭିଯାନ ପ୍ରତିଫଳିତ କରୁଛି। ଏହି ପ୍ରଚାର ଅଭିଯାନ ମଧ୍ୟ ଅପନା ଘର୍ ଆପ ଏବଂ ଏହାର ଫାଇଦା ସମ୍ପର୍କରେ ଗ୍ରାହକଙ୍କୁ ସଚେତନ କରାଇବା ଦିଗରେ ଆମକୁ ସହାୟତା କରିବ।

# ପୂର୍ବତଟ ରେଳପଥ ପକ୍ଷରୁ ବିଭାଜନ ବିଭୀଷିକା ସ୍ମରଣ ଦିବସ

ଭୁବନେଶ୍ୱର,୧୪।୮

ଭାରତର ବିଭାଜନ ସମୟରେ ଲକ୍ଷ ଲକ୍ଷ ଲୋକଙ୍କ ଦୁଃଖକୁ ସାମ୍ନାକୁ ଆଣିବା ପାଇଁ ସମଗ୍ର ଦେଶ ଚଳିତ ବର୍ଷ ଅଗଷ୍ଟ ୧୪ରେ ଦେଶ ବିଭାଜନ ସମୟର ବିଭୀଷିକାକୁ ସ୍ମରଣ ଦିବସ ଭାବେ ପାଳନ କରୁଛି। ଏପରିକି ନରେନ୍ଦ୍ର ମୋଦି ଗତ ସ୍ୱାଧୀନତା ଦିବସ ଅଭିଭାଷଣରେ ବିଭାଜନ ବିଭୀଷିକା ସ୍ମରଣ ଦିବସ ପାଳନ କରିବାକୁ ଘୋଷଣା କରିଥିଲେ। ଏହି ପରିପ୍ରେକ୍ଷୀରେ ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱର ରେଳ ଷ୍ଟେଶନଠାରେ ଆୟୋଜିତ ସମାରୋହରେ ଯୋଗଦାନ କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଭାଜନ ଦିବସରେ ଘଟିଥିବା ଦୁଃଖଦ ଘଟଣା ବିଷୟରେ ବିସ୍ତୃତ ମତବ୍ୟକ୍ତ କରିଥିଲେ। ସେହିଭଳି ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଥିଲେ ଯେ, ଯୁବସମାଜ ବିଭାଜନ ସମୟର ଦୁଃଖଦ ବିଭୀଷିକା ସମ୍ପର୍କରେ ଜାଣିବା ଆବଶ୍ୟକ ରହିଛି। ଏହି ଅବସରରେ ଭୁବନେଶ୍ୱର



ରେଳ ଷ୍ଟେଶନରେ ଆୟୋଜିତ ପ୍ରଦର୍ଶନୀକୁ ପ୍ରଧାନ ଉଦ୍‌ଘାଟନ କରିବା ସହ ବୁଲି ଦେଖିଥିଲେ। ସେହିପରି ପୁରୀ,ଭୁବନେଶ୍ୱର,ସମ୍ବଲପୁର ଏବଂ ବିଶାଖାପଟନମ୍ ରେଳଷ୍ଟେଶନ ସମେତ ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ୩୭ଟି ରେଳ ଷ୍ଟେଶନଠାରେ ବିଭାଜନ ଭୟାବହତା ଉପରେ ପ୍ରଦର୍ଶନୀ ମଧ୍ୟ ଆୟୋଜିତ କରାଯାଇଥିଲା। ଏହି ଅବସରରେ ପ୍ରଧାନଙ୍କ ଦ୍ୱାରା ୨ଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଭୟ ସ୍ୱାଧୀନତା ସଂଗ୍ରାମୀ ଶ୍ୟାମ ସୁନ୍ଦର ବେହେରା ଏବଂ ରାମହରି ଗୋସ୍ୱାମୀ ମଧ୍ୟ ବିଭାଜନ ସମୟର ବିଭୀଷିକା ସମ୍ବନ୍ଧରେ ସେମାନଙ୍କର ଅଭିଜ୍ଞତାକୁ ବଖାଣିଥିଲେ। ସେହିପରି ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ ଉକ୍ତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିବାବେଳେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳୱେ ପ୍ରବନ୍ଧକ ରିଙ୍କେଶ ରୟ ଉକ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ୨୨,୪୫୨କୋଟିର ପିଏଫ୍ଆଇ ନିବେଶ

ନୂଆଦିଲ୍ଲୀ,୧୪।୮

ଗତ କିଛି ମାସର ଅସ୍ଥିରତା ଓ ଭାରତ ସରକାରଙ୍କ ଦୃଢ ପଦକ୍ଷେପ ଯୋଗୁ ବିଦେଶୀ ପୋର୍ଟଫୋଲିଓ ନିବେଶକ (ପିଏଫଆଇ)ରେ ଆଶାତୀତ ବୃଦ୍ଧି ଦେଖାଦେଇଛି। ଏପରିକି ଅଗଷ୍ଟ ମାସର ଗତ ୨ସପ୍ତାହରେ ଭାରତୀୟ ଶେୟାର ବଜାରରେ ବେଶ ଉତ୍ସାହ ଦେଖାଯାଇଛି। ସେହିଭଳି ଗତ କିଛି ମାସ ପରେ ପିଏଫଆଇ ଏକ ଦୀର୍ଘ ଅନ୍ତରାଳରେ ଭାରତୀୟ ଶେୟାର ବଜାରରୁ ଆଶା ତୁଟାଇବା ସହ ଶେୟାର ବିକ୍ରି ମଧ୍ୟ କରିଥିଲେ। ହେଲେ ଭାରତର ମୁଦ୍ରାସ୍ଫୀତିକୁ ନେଇ ଚିନ୍ତା କମିବା ପରେ ବିଦେଶୀ ନିବେଶକ ଅଗଷ୍ଟ ମାସର ପ୍ରଥମ ଦୁଇ ସପ୍ତାହରେ ଶେୟାର ବଜାରରେ ୨୨,୪୫୨ କୋଟି ଟଙ୍କା ନିବେଶ କରିଛନ୍ତି। ଡିପୋଜିଟାରୀ ପରିସଂଖ୍ୟାନ ଅନୁସାରେ ଏହା ପୂର୍ବରୁ ଜୁଲାଇରେ ଏଫପିଆଇ ଶେୟାରରେ ପ୍ରାୟ ୫୦୦୦ କୋଟି ନିବେଶ କରିଥିଲେ।

# ଜିଓର ନୂତନ ସୁବିଧା ସାଙ୍ଗକୁ ଆକର୍ଷଣୀୟ ଅଫର

ଭୁବନେଶ୍ୱର,୧୪।୮

ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ଜିଓର ୩ସ୍ୱତନ୍ତ୍ର ଅଭିଯାନ ସହ ସ୍ୱାଧୀନତା ଦିବସ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଭାରତୀୟଙ୍କୁ ଜିଓ ଡିଜିଟାଲ ଜୀବନର ନୂତନ ଲାଭ ପ୍ରଦାନ କରିବ। ବିଶେଷକରି 'ହର୍ ଘର୍ ତ୍ରିରଙ୍ଗା, ହର୍ ଘର୍ ଜିଓ ଫାଇବର' ଅଭିଯାନ ସହ ପୋଷ୍ଟପେଡ୍ ମନୋରଞ୍ଜନ ବୋନାଞ୍ଜା ପ୍ଲାନ୍ ଜରିଆରେ ୧୫ଦିନର ଅତିରିକ୍ତ ଲାଭ ମାଗଣାରେ ଉପଲବ୍ଧ। ସେହିଭଳି ୨୯୯୯ ଟଙ୍କା ରିଚାର୍ଜ ପ୍ଲାନ୍‌ରେ ୩୦୦୦ଟଙ୍କା ମୂଲ୍ୟର ଲାଭ ସହ ଜିଓ ସ୍ୱାଧୀନତା ଦିବସ ଅଫର ଏବଂ ୭୫୦ ଟଙ୍କାରେ ଏକ ସ୍ୱତନ୍ତ୍ର ୯୦ ଦିନିଆ ଅସୀମିତ ପ୍ଲାନ୍ ମଧ୍ୟ ସାମିଲ ରହିଛି।

ଅପରପକ୍ଷରେ ଚଳିତ ମାସ ୧୨ରୁ ୧୬ ଅଗଷ୍ଟ ମଧ୍ୟରେ ଜିଓ ଫାଇବର ପୋଷ୍ଟପେଡ୍ ମନୋରଞ୍ଜନ ବୋନାଞ୍ଜା ପ୍ଲାନ୍ ସହ ଯେଉଁମାନେ ଏକ ନୂଆ ଜିଓଫାଇବର ସଂଯୋଗ କିଣିବେ ସେହି ସମସ୍ତ ନୂଆ ଗ୍ରାହକଙ୍କ ପାଇଁ ଜିଓଫାଇବର ସ୍ୱାଧୀନତା ଦିବସ ଅଫର




ଉପଲବ୍ଧ ହେବ। ନୂତନ ସଂଯୋଗକୁ ସକ୍ରିୟ କରିବା ସମୟରେ ଯେଉଁ ପ୍ଲାନ୍ ଚୟନ କରାଯାଇଥିବ ଅତିରିକ୍ତ ୧୫ଦିନ ପାଇଁ ନୂଆ ଗ୍ରାହକଙ୍କ ପାଇଁ ସେହି ଲାଭ ମାଗଣାରେ ଉପଲବ୍ଧ ହେବ। ସେହିପରି ୪ ଟି ରିଚାର୍ଜ ସହ ୬ ମାସ କିମ୍ବା ୧୨ମାସ ଅବଧିର ପ୍ଲାନ୍‌ର ପୋଷ୍ଟପେଡ୍ ମନୋରଞ୍ଜନ ବୋନାଞ୍ଜା ଅଫର ଚୟନ କରୁଥିବା ନୂଆ ଜିଓଫାଇବର ଗ୍ରାହକଙ୍କ ପାଇଁ ଏହି ଅଫର ପ୍ରଯୁଜ୍ୟ । ମୋବାଇଲ୍ ବ୍ୟବହାରକାରୀମାନଙ୍କ ଲାଗି ଜିଓ ପକ୍ଷରୁ ୨୯୯୯ ଟଙ୍କାର ବାର୍ଷିକ ରିଚାର୍ଜ ପ୍ଲାନ୍‌ରେ 'ଜିଓ ସ୍ୱାଧୀନତା ଦିବସ ଅଫର' ଘୋଷଣା କରାଯାଇଛି।

## ଫୁର୍ସତ୍



### ବଡ଼ ପ୍ରୋଜେକ୍ଟରେ କ୍ୟାଟ୍ରିନା

**ମୁମ୍ବାଇ:** ଏକ ବଡ଼ ପ୍ରୋଜେକ୍ଟରେ ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ କାମ କରିବାକୁ ଯାଉଛନ୍ତି। ଇଣ୍ଟେରିଓର ଡିଜାଇନର୍ ତଥା ଫିଲ୍ମ ପ୍ରଯୋଜକ ଗୌରୀ ଖାନ୍ କ୍ୟାଟ୍ରିନାଙ୍କ ସହ ଏ ଫଟୋ ଶେୟାର କରିଛନ୍ତି। ଦୁହେଁ ମିଶି ସିନେପ୍ରେମୀଙ୍କୁ ଏକ ବଡ଼ ପ୍ରୋଜେକ୍ଟ ଭେଟି ଦେବା ନେଇ ଏବେ ଇଣ୍ଡଷ୍ଟ୍ରିରେ ଚର୍ଚ୍ଚା ଜୋର୍ ଧରିଛି। ପୋଷ୍ଟ ଶେୟାର କରିବା ସହ ଗୌରୀ କ୍ୟାପ୍ସନ୍‌ରେ ଲେଖିଛନ୍ତି ଯେ, ଇଣ୍ଟେରିଓର ଡିଜାଇନିଂରେ କ୍ୟାଟ୍ରିନା କୈଫଙ୍କ ଖୁବ୍ ରୁଚି ରହିଛି। ପ୍ରୋଜେକ୍ଟ ନେଇ ଗୌରୀ ପୋଷ୍ଟରେ କିଛି ଉଲ୍ଲେଖ କରି ନାହାନ୍ତି। ୨୦୨୧ରେ ରିଲିଜ ହୋଇଥିବା ଫିଲ୍ମ ସୂର୍ଯ୍ୟବଂଶୀରେ କ୍ୟାଟ୍ରିନାଙ୍କୁ ଶେଷଥର ପାଇଁ ଦେଖାଯାଇଥିଲା। ତେବେ ଚଳିତ ବର୍ଷ 'ଫୋନ୍ ଭୂତ୍' ଏବଂ 'ମେରୀ ଖ୍ରୀଷ୍ଟମାସ୍' ଫିଲ୍ମ ରିଲିଜ୍ ଅପେକ୍ଷାରେ ରହିଛି।

# କୁକୁର ଚୋରି କରି ୬ ବର୍ଷ ଜେଲ

ଲସ୍ଏଞ୍ଜେଲସ୍

ହଲିଉଡ୍ ସିଙ୍ଗର ଲେଡି ଗାଗାଙ୍କ କୁକୁର ଚୋରି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୬ ବର୍ଷ ଜେଲ ଦଣ୍ଡ ମିଳିଛି। ୨୮ ବର୍ଷୀୟ ଲାଫାୟେଟ ଶୋନ ୱାଲେଙ୍କୁ କୋର୍ଟରେ ହାଜର କରାଯାଇଥିବାବେଳେ ସେ ତାଙ୍କ ଦୋଷ ସ୍ୱୀକାର କରିଛନ୍ତି। ଗତବର୍ଷ ଫେବୃୟାରୀରେ ଏକ ଗ୍ୟାଙ୍ଗ୍ ଯୋଜନାବଦ୍ଧ ଭାବେ ଗାଗାଙ୍କ ଦୁଇଟି କୁକୁର ଚୋରି କରିଥିଲେ। ଚୋରି ହୋଇଥିବା କୁକୁରକୁ ଫେରାଇ ଦେବା ପାଇଁ ଗାୟିକା ଜଣକ ୫ ଲକ୍ଷ ଡଲାରର ଏକ ଅଫର୍ ଦେଇଥିଲେ। କୁକୁର ଚୋରି ଘଟଣା ଏକ ଅଜବ କାଣ୍ଡ ଭଳି ମନେ ହେଉଥିଲେ ହେଁ ଲେଡି ଗାଗାଙ୍କ କୁକୁରଗୁଡ଼ିକର ବିରଳ ପ୍ରଜାତି (ଫ୍ରେଞ୍ଚ ବୁଲ୍ ଡଗ୍) ପାଇଁ ସେମାନଙ୍କୁ ଚୋରି କରାଯାଇଥିବା ଲସ୍ ଏଞ୍ଜେଲସ୍ ପୋଲିସ ଅଧିକାରୀ କହିଛନ୍ତି। ଫିସ୍‌ଚର ଲେଡି ଗାଗାଙ୍କ ୩

### ବନ୍ଧୁକମୁନରେ ଲେଡି ଗାଗାଙ୍କ ୨ ଫ୍ରେଞ୍ଚ ବୁଲ୍‌ଙ୍କୁ ଚୋରି କରିଥିଲେ ଦୁର୍ବୃତ୍ତ



କୁକୁରକୁ ସାନ୍ଧ୍ୟ ଭ୍ରମଣରେ ନେଇଯାଇଥିବାବେଳେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରିଥିଲେ। ବନ୍ଧୁକଧାରୀ ଚୋର ଫିସ୍‌ଚରଙ୍କ ଉପରକୁ ଗୁଳିମାଡ଼ କରିଥିଲେ, ଯେଉଁଥିରେ ତାଙ୍କ ଫୁସ୍‌ଫୁସ୍ ଆଂଶିକଭାବେ କାମ କରିବା ବନ୍ଦ କରିଦେଇଥିଲା।

# ୩୮ ବର୍ଷ ପରେ ବଙ୍କରରୁ ମିଳିଲା ଶହୀଦଙ୍କ କଙ୍କାଳ

**ନୂଆଦିଲ୍ଲୀ:** କଶ୍ମୀର ସିଆଚେନ୍‌ରେ ୧୯୮୪ର ଅପରେଶନ୍ ମେଘଦୂତରେ ଶହୀଦ ହୋଇଥିବା ଲାନ୍ସ ନାୟକ ଚନ୍ଦ୍ରଶେଖରଙ୍କ କଙ୍କାଳ ପୁରାତନ ବଙ୍କରରୁ ଠାବ ହୋଇଛି। ପାଖାପାଖି ୩୮ ବର୍ଷ ପୂର୍ବେ ଚନ୍ଦ୍ରଶେଖରଙ୍କ ପରିବାରକୁ ଆସ୍ୱସ୍ତି ମିଳିଛି। ବରଫାବୃତ ବଙ୍କର ଭିତରୁ ମିଳିଥିବା କଙ୍କାଳକୁ ସେନା ପକ୍ଷରୁ ଚିହ୍ନଟ କରାଯାଇଛି। ଚନ୍ଦ୍ର ଶେଖର ଶହୀଦ ହୋଇଥିଲେ ହେଁ ଘରଲୋକଙ୍କୁ ତାଙ୍କ ମୃତଦେହ ମିଳିପାରି ନ ଥିଲା। ୧୬ ହଜାର ଫୁଟ ଗଭୀର ତଳୁ ଚନ୍ଦ୍ର ଶେଖରଙ୍କ କଙ୍କାଳ ଠାବ ହୋଇଥିବା କୁହାଯାଉଛି। କଙ୍କାଳ ସାଙ୍ଗକୁ ଯବାନଙ୍କୁ ଦିଆଯାଉଥିବା ଆର୍ମି ନମ୍ବର



ମିଳିବା କାରଣରୁ ଚନ୍ଦ୍ରଶେଖରଙ୍କୁ ଚିହ୍ନିବା ସହଜ ହୋଇଥିଲା। ମେଘଦୂତ ଅପରେଶନ୍‌ରେ ଶହୀଦ ହୋଇଥିବା ଅଧିକାଂଶ ଯବାନଙ୍କ ମୃତଦେହ ଏବେସୁଦ୍ଧା ସେମାନଙ୍କ ପରିବାରକୁ ମିଳିପାରି ନାହିଁ। କଙ୍କାଳ ମିଳିବା ପରେ ଚନ୍ଦ୍ର ଶେଖରଙ୍କ ପରିବାର ଭାବବିହ୍ୱଳ ହୋଇପଡ଼ିଛନ୍ତି।


GOVERNMENT OF ODISHA
DEPARTMENT OF WATER RESOURCES
O/o THE SUPERINTENDING ENGINEER
ANGUL IRRIGATION DIVISION, ANGUL
e-Mail Id- eeangulirrigation@gmail.com
'e'-Procurement Notice No. SE-AID-4/2022-23

**No.A-450:** The Superintending Engineer, Angul Irrigation Division, Angul on behalf of the Governor of Odisha invites bid in single cover system in ONLINE MODE from eligible manpower service provider as detailed below.

| | | | |
|---|---|---|---|
| 1 | Name of the Work | : | Engagement of different categories of labour/Personnel on outsourcing basis for Operation & Maintenance of Derjang, Sapua-Badjore & Aunli Irrigation Project under Angul Irrigation Division, Angul for the year 2022-23 (Period from August 2022 to March 2023. |
| 2 | Bid Identification No. | : | SE-AID-4/2022-23 |
| 3 | Total No. of Work | : | 01 (One) No. |
| 4 | Estimated Cost put to Tender | : | Approximately Rs.8.42 Lakh |
| 5 | Tender Paper Cost | : | Rs.4,000/- (Non-refundable) |
| 6 | Class of Contractor | : | Manpower Service Provider/ Human Resources Supply |
| 7 | Period | : | 210 days |
| 8 | EMD | : | Only Bid security declaration to be furnished in prescribed format (Annexed in Bid Document) |
| 9 | Availability of Bid documents and receipt of Bid through online | : | From 10.00 A.M. of 16.08.2022 to 5.00 P.M. of 25.08.2022 in the website (www.tendersodisha.gov.in.) |
| 10 | Date, Time & Place for opening of online Tenders | : | 26.08.2022 at 11.00 A.M. and onwards in the O/o. the SE, Angul Irrigation Division, Angul |
| 11 | Digital Signature Certificate | : | The bidders must possess compatible Digital Signature Certificate (DSC) of Class-II or Class-III |
| 12 | Name and Address of Officer Inviting Tender (OIT) | : | Superintending Engineer, Angul Irrigation Division, Angul, At/PO-Hakimpada, Dist-Angul, Odisha, e-mail Id-eeangulirrigation@gmail.com |

Further details can be seen from the e-procurement portal of Government Odisha at www.tendersodisha.gov.in. Any addendum/ corrigendum/cancellation of tender can also be seen in the said site.
Sd./- Superintending Engineer, Angul Irrigation Division, Angul
OIPR-32049/11/0003/2223



OFFICE OF THE PRINCIPAL PANCHAYAT SAMITI DEGREE COLLEGE, MURIBAHAL, BALANGIR
Ph.: 06655-272007, Mob.: 9438283147, e-mail: degreecollegemuribahal@gmail.com
WALK-IN-INTERVIEW

An interview is schedule to be held in Panchayat Samiti Degree College, Muribahal on Dt.21.08.2022 at 10.30 A.M. to 03.00 P.M. for the following post.

| Sl. No. | Name of the Post | No. of Post | Qualification |
|---|---|---|---|
| 01 | Lect. in Chemistry | 01 | M.Sc. having Minimum 55% marks |
| 02 | Lect. in Botany | 01 | M.Sc. having Minimum 55% marks |
| 03 | Lect. in English | 01 | M.A. having Minimum 55% marks |
| 04 | Lect. in Education | 01 | M.A. having Minimum 55% marks |

Interested candidates are hereby informed to attend the interview on 21.08.2022 between 10.30 A.M. to 03.00 P.M. with complete Bio-data, original and Xerox copies of all Certificate and two passport size photographs. Salary is negotiable and no TA/DA will be given for attending the interviews.
Sd./- Principal cum Secretary
P.S. Degree College, Muribahal, Balangir

# ଜଣେ ମୃତ, ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

## ବଲରାମପୁରରେ ଜ୍ୱର ଆତଙ୍କ

ପାତ୍ରପୁର,୧୪୦୮(ଡି.ଏନ.ଏ): ଆନ୍ଧ୍ର ସୀମାକୁ ଲାଗିଥିବା ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଅନ୍ତର୍ଗତ ଗୁଡିପଦର ପଞ୍ଚାୟତ ବଲରାମପୁର ଗ୍ରାମରେ ଜ୍ୱର ଆତଙ୍କ ଦେଖାଦେଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ମୃତକ ହେଲେ ବଲରାମପୁର ଗ୍ରାମର ଏ. ତାରକେଶୁ। ଜି ମହାଲକ୍ଷ୍ମୀ, ସି ଏଚ ନାଗମ୍ମା, ଏ ଶେଷମ୍ମା, ଏ ହେମଲତା ପ୍ରମୁଖ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ, ଦୀର୍ଘ ୧୫ ଦିନ ହେବ ଗ୍ରାମରେ ଜ୍ୱର ଆତଙ୍କ ଦେଖା ଦେଇଥିଲା। ଗତ ସପ୍ତାହେ ହେଲା ତାରକେଶୁ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଗତ ଦୁଇ ଦିନ ପୂର୍ବେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପାତ୍ରପୁରରୁ ମେଡିକାଲ ଟିମ୍ ଗ୍ରାମରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଥିଲେ। ଆକ୍ରାନ୍ତ ତିନି ଜଣ ମହିଳାଙ୍କୁ ଅଧିକା ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କ ବିଭିନ୍ନ ପରୀକ୍ଷା କରାଯିବା ସହ ଡେଙ୍ଗୁ ସଚେତନତା ନେଇ ଆଲୋଚନା ହୋଇଛି।

# ୨୦୧୯ ପର୍ଯ୍ୟନ୍ତ ଅନାଦେୟ ଇ-ଚାଲାଣ ପ୍ରତ୍ୟାହାର

## ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ବିଜ୍ଞପ୍ତି

କଟକ ଅଫିସ,୧୪।୮: ରାଜ୍ୟର ବିଭିନ୍ନ ଯାନ ଉପରେ ୨୦୧୯ ଡିସେମ୍ବର ୩୧ ପର୍ଯ୍ୟନ୍ତ ଅନାଦେୟ ହୋଇ ପଡ଼ିରହିଥିବା ଇ-ଚାଲାଣଗୁଡ଼ିକୁ ପ୍ରତ୍ୟାହାର କରିନିଆଯାଇଛି। ଏ ନେଇ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ବିଜ୍ଞପ୍ତି ମାଧମରେ ସୂଚନା ଦେଇଛନ୍ତି। ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ସଦସ୍ୟ ସଚିବଙ୍କ ପତ୍ର ଅନୁସାରେ ସମ୍ପୃକ୍ତ ଆଞ୍ଚଳିକ ପରିବହନ ଅଧିକାରୀମାନଙ୍କ ଦ୍ୱାରା ଉପରୋକ୍ତ ସମୟ ସୀମା ପର୍ଯ୍ୟନ୍ତ ଦାଖଲ କରାଯାଇଥିବା ଅନାଦେୟ ଇ-ଚାଲାଣ ସମ୍ପର୍କିତ ମାମଲାଗୁଡ଼ିକୁ ପ୍ରତ୍ୟାହାର କରିନିଆଯାଇଛି। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଅନାଦେୟ ଇ-ଚାଲାଣ ସମ୍ପର୍କିତ ମାମଲାଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ଅତିକ୍ରମ ହୋଇଥିବା କାରଣରୁ ଅଦାଲତରେ ବିଚାର ପାଇଁ ଅଗ୍ରାହ୍ୟ ହୋଇଥିବା ଜଣାଯାଇଛି।

# ବଂଶଧାରା ଜଳସ୍ତର ବିପଦ ସଙ୍କେତ ନିକଟତର

## ୨ ନାଳର ଗେଟ୍ ବନ୍ଦ, କୃତ୍ରିମ ବନ୍ୟା ଆଶଙ୍କା

ଗୁଣପୁର,୧୪।୮ (ଡି.ଏନ୍.ଏ.): ରାୟଗଡ଼ା ଜିଲା ଗୁଣପୁରଠାରେ ବଂଶଧାରା ନଦୀର ଜଳସ୍ତର ବିପଦ ସଙ୍କେତ ନିକଟତର ହୋଇଛି। ବିପଦ ସଙ୍କେତ ୮୪ ମିଟର ରହିଥିବାବେଳେ ଏବେ ନଦୀଜଳ ୮୩.୯୭ ମିଟରରେ ପ୍ରବାହିତ ହେଉଛି। ଉପରମୁଣ୍ଡରେ ବର୍ଷା ଲାଗି ରହିଥିବାରୁ ହରଭାଙ୍ଗି ସହ କେନ୍ଦୁଗୁଡ଼ା ବ୍ୟାରେଜରୁ ପାଣି ଛଡ଼ାଯାଇଛି। ଫଳରେ ବଂଶଧାରାରେ ନଦୀର ଜଳସ୍ତର ବୃଦ୍ଧିପାଇ ବିପଦ ସଙ୍କେତର ନିକଟତର ହୋଇଛି। ଗାଁ ଏବଂ ସହରର ବିଭିନ୍ନ ତଳିଆ ଅଞ୍ଚଳରେ ବର୍ଷାଜଳ ଜମି ରହିଥିବା ଦେଖିବାକୁ ମିଳିଛି। ଅପରପକ୍ଷେ ସହରର ଘାସି ସାହିଠାରେ କରଞ୍ଜା ନାଳର ଗେଟ୍ ଏବଂ କତାଲୁଗଡ଼ାଠାରେ ହଳଦିଆ ନାଳର ଗେଟ୍ ବନ୍ଦ କରାଯାଇଛି। ଫଳରେ ନାଳପାଣି ବଂଶଧାରା ନଦୀକୁ ନ ଯାଇ କୃତ୍ରିମ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ବର୍ଷା ଲାଗି ରହିଥିବାରୁ ରାତିରେ ନଦୀଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେବ ବୋଲି ଅନୁମାନ କରାଯାଇଛି। ଏହାକୁ ନଜରରେ ରଖି ଗୁଣପୁର ବ୍ଲକ ପ୍ରଶାସନ ପକ୍ଷରୁ କରଞ୍ଜା ନାଳ ନିକଟରେ ଥିବା ସେବା ସମାଜର ବାଳିକାମାନଙ୍କୁ ଲିମାମେଡ଼ା ସ୍ଥିତ ଅନ୍ୟ ଏକ ଆଶ୍ରମକୁ ସ୍ଥାନାନ୍ତର କରାଯାଇଛି।


କଳିଙ୍ଗା ଘାଟି ରାସ୍ତାରେ ପଥର, ମାଟି ଧସିବା ସହ ଗଛ ଉପୁଡ଼ିଛି।

# କଳିଙ୍ଗା ଘାଟିରେ ପଥର ଖସିଲା

ଭଞ୍ଜନଗର,୧୪।୮(ଡି.ଏନ୍.ଏ.): ଲଘୁଚାପ ବର୍ଷା ଯୋଗୁ ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳରେ ମଧ କିଛିଦିନ ହେଲା ଲଗାଣ ବର୍ଷା ହେଉଛି। ଏଭଳି ସ୍ଥିତିରେ ରବିବାର ଅପରାହ୍ନରେ ଗଞ୍ଜାମ-କନ୍ଧମାଳ ଜିଲା ସୀମାରେ ଥିବା କଳିଙ୍ଗା ଘାଟିରେ ପାହାଡ଼ରୁ କିଛି ପଥର, ମାଟି ଖସି ରାସ୍ତାରେ ପଡ଼ିଥିଲା। ଏଥିସହ କେତେଟି ଗଛ ମଧ ଉପୁଡ଼ି ପଡ଼ିଥିଲା। ଫଳରେ କିଛି ସମୟ ପାଇଁ ଭଞ୍ଜନଗର-ଫୁଲବାଣୀ ମୁଖ୍ୟ ରାସ୍ତାରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସମ୍ପୃକ୍ତ ଅଞ୍ଚଳବାସୀ ରାସ୍ତା ସଫା କରିବା ପରେ ଗମନାଗମନ ସ୍ୱାଭାବିକ ହୋଇଛି। ଅନ୍ୟପକ୍ଷରେ ଭଞ୍ଜନଗର ଲୋହାରାଖଣ୍ଡି ଏବଂ ବେଲଗୁଣ୍ଠା ବ୍ଲକ ନୂଆଗାଁ ଠାରେ ବଡ ନଦୀରେ ବନ୍ୟାଜଳ ଧୀରେ ଧୀରେ ବୃଦ୍ଧି ପାଉଛି। ଅପରାହ୍ନ ୪ଟା ସୁଦ୍ଧା ଏହି ଦୁଇ ନଦୀରେ ବନ୍ୟାଜଳ ବିପଦ ସଙ୍କେତ ତଳେ ରହିଥିଲା।

ଜନ୍ମ ଦିନର ଶୁଭେଚ୍ଛା
ଡା. ଅଙ୍କିତା ଦାଶ
ଆଜି ତୁମ ଜନ୍ମ ଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ବୁଢି ଜାଗୁଲେଇଙ୍କ ନିକଟରେ ତୁମର ଦୀର୍ଘ ନିରାମୟ ଜୀବନ ଶୁଭକାମନା କରୁଛୁ।
ଶୁଭେଚ୍ଛା ସହ: ଡାଡି, ମମି, ଭାଇ, ଭାଉଜ, ଅୟନ୍ସ, ହେନା ପରିବାରବର୍ଗ।
ଧ-୧୨୬୩

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଆଜାଦୀ କା ମହୋତ୍ସବ ପାଳନ ଅବସରରେ ରାଇରଙ୍ଗପୁର ଅଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା।
ଇଷାନ ମିଶ୍ର
ସମାଜସେବୀ, ରାଇରଙ୍ଗପୁର

୭୫ତମ ସ୍ୱାଧୀନତା ଦିବସ ପୂର୍ତ୍ତି ଅବସରରେ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ପକ୍ଷରୁ ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ। ଦେଶର ସାର୍ବଭୌମତ୍ୱକୁ ଅକ୍ଷୁଣ୍ଣ ରଖିବା ଏବଂ ପ୍ରକୃତି ଓ ବନ୍ୟଜନ୍ତୁଙ୍କ ସୁରକ୍ଷାରେ ଯତ୍ନବାନ ହେବାକୁ ସମସ୍ତଙ୍କୁ ନିବେଦନ।
ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି

ସ୍ୱାଧୀନତାର ଅମୃତ ମହୋତ୍ସବ
ସ୍ୱାଧୀନତା ଦିବସ ଅବସରରେ...
ସ୍ୱାଧୀନତା ସଂଗ୍ରାମୀ ଓ ସ୍ୱାଧୀନତା ପାଇଁ ଶହୀଦ ବୀର ଯବାନମାନଙ୍କୁ ଆଜିର ଦିବସରେ ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ଦେଶ ଜ୍ଞାପନ କରୁଅଛି। ସ୍ୱାଧୀନତା ବଜାୟ ରଖିବା ପାଇଁ ଆମ ସମସ୍ତଙ୍କର ଧ୍ୟେୟ ହେବା ଦରକାର।
A WELL WISHER
DHARMASALA, JAJPUR

ସ୍ୱାଧୀନତା ଦିବସ ପାଳନ ଅବସରରେ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କର ସୁଖ, ସମୃଦ୍ଧି କାମନା କରୁଛି।
ବରିଷ୍ଠ ବିଜେଡି ନେତା
ରାଜେନ୍ଦ୍ର କୁଜୁର
(ଜିଲ୍ଲା ପରିଷଦ ସଭ୍ୟ, କୁଆଁରମୁଣ୍ଡା 'ଖ' ଜୋନ)
ତଥା ବିଜେଡି ରାଉରକେଲା ଜିଲ୍ଲା ସାଙ୍ଗଠନିକ ସମ୍ପାଦକ

ସ୍ୱାଧୀନତାର ଅମୃତ ମହୋତ୍ସବ
୭୫ତମ ସ୍ୱାଧୀନତା ଦିବସର ଅମୃତ ମହୋତ୍ସବ ପାଳନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ସାଦର ଶୁଭେଚ୍ଛା ଜଣାଉଛି।
ଶ୍ରୀ ଭଗବାନ ସାହୁ
ବରିଷ୍ଠ ବିଜେଡି ନେତା
ଆସିକା (ଗଞ୍ଜାମ)

ସ୍ୱାଧୀନତାର ଅମୃତ ମହୋତ୍ସବ
୭୫ତମ ସ୍ୱାଧୀନତା ଦିବସର ଅମୃତ ମହୋତ୍ସବ ପାଳନ ଅବସରରେ ଆସିକା ବ୍ଲକର ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
ଶ୍ରୀମତୀ ତ୍ରିବେଣୀ ନାହାକ
ଅଧ୍ୟକ୍ଷା, ପଞ୍ଚାୟତ ସମିତି
ଆସିକା (ଗଞ୍ଜାମ)

ସ୍ୱାଧୀନତା ଦିବସ ଅବସରରେ ବନାଞ୍ଚଳ ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କର ସୁଖ, ସମୃଦ୍ଧି କାମନା କରୁଛି।
ସ୍ୱାଧୀନତା ସାହାଣୀ
ରେଞ୍ଜର, କୁଆଁରମୁଣ୍ଡା ଫରେଷ୍ଟ ରେଞ୍ଜ ଅଫିସ

ସ୍ୱାଧୀନତାର ଅମୃତ ମହୋତ୍ସବ
ସ୍ୱାଧୀନତା ଦିବସ ଶୁଭ ଅବସରରେ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଚଳିତ ବର୍ଷ ସ୍ୱାଧୀନତା ପାଇଁ ଦେଶ ଅମୃତ ମହୋତ୍ସବ ପାଳନ କରୁଅଛି। ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦ ବୀର ଯବାନମାନଙ୍କୁ ଆଜିର ଦିବସରେ ଦେଶ ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛି। ସ୍ୱାଧୀନତା ବଜାୟ ରଖିବା ପାଇଁ ସମସ୍ତଙ୍କୁ ନିବେଦନ।
ଶ୍ରୀଯୁକ୍ତ ରାକେଶ କୁମାର ତ୍ରିପାଠୀ
ଧର୍ମଶାଳା ଥାନା ଭାରପ୍ରାପ୍ତ ଅଧିକାରୀ

ସ୍ୱାଧୀନତା ଦିବସରେ ଦେଶ ଆଜାଦୀକା ଅମୃତ ମହୋତ୍ସବ ପାଳନ କରୁଥିବା ଅବସରରେ ଅନୁଗୋଳ ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା।
ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ପ୍ରଧାନ (ନିଲୁ)
ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓ
ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ
ଭାରତୀୟ ଜନତା ପାର୍ଟି, ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ

ଶୁଭେଚ୍ଛା
ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ କାଶୀନଗର ବିଜ୍ଞାପିତ ଅଞ୍ଚଳର ଜନସାଧାରଣ ଓ କର୍ମଚାରୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।
ଏମ୍. ସୁଧାରାଣୀ
ଅଧ୍ୟକ୍ଷା
କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ

ସ୍ୱାଧୀନତାର ଅମୃତ ମହୋତ୍ସବ
୭୫ତମ ସ୍ୱାଧୀନତା ଦିବସର ଅମୃତ ମହୋତ୍ସବ ପାଳନ ଅବସରରେ ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
ଶ୍ରୀମତୀ ମଞ୍ଜୁଳା ସାଇଁ
ବିଧାୟିକା, ଆସିକା (ଗଞ୍ଜାମ)

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
ଙ୍ଲାବନ୍ୟବତୀ ସାବତ
ଠିକଣା: ଗାଁ- କୁମାରକୁଲୁ, ଜିଲ୍ଲା- କଟକ
ତିରୋଧାନ: ୨୭।୦୮।୨୦୨୧
ଚାହୁଁ ଚାହୁଁ ଏକବର୍ଷ ପୂରିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣାଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁଅ: ଶୁକଦେବ, ପ୍ରଭାତ, ସୋମନାଥ, ବୋହୂ: ମୋହିନୀ, ବନଲତା, ସୀମା, ଝିଅ-ଜ୍ୱାଇଁ, ନାତି-ନାତୁଣୀ ବନ୍ଧୁ ପରିବାରବର୍ଗ, ଆତ୍ମୀୟସ୍ୱଜନ ଏବଂ ସାବତ ପରିବାରବୃନ୍ଦ
ଧ-୧୨୬୪

ନବମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ମନୋରଞ୍ଜନ ମଲ୍ଲିକ (ବିକି)
ମାତାପିତା- ଜ୍ୟୋତ୍ସ୍ନାରାଣୀ ମଲ୍ଲିକ, ମୃଷା ମଲ୍ଲିକ
ଦାମୋଦରପୁର, ବ୍ରହ୍ମଗିରି, ପୁରୀ
ଆବିର୍ଭାବ: ୧୧।୧୨।୧୯୯୪
ତିରୋଧାନ: ୧୫।୦୮।୨୦୧୩
ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଦେଇ ତୁ ଚାଲିଗଲୁ ଆରପାରିକୁ। ତୋର ହସହସ ମୁହଁ, ଅଭୁଲା ସ୍ମୃତି ମନେ ପଡ଼ିଲେ ଠୁଳିଆଣ୍ଟି, ଅଙ୍କଲଙ୍କ ପରି ସମସ୍ତଙ୍କ ଆଖିରୁ ଲୁହ ଝରିପଡେ। ତୋର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଧନରେ ବୈକୁଣ୍ଠପୁରରେ ରହି ଆମ୍ଭପ୍ରତି ଶୁଭ ଦୃଷ୍ଟି ବରଷୁ ଥିବୁ।
ସନ୍ତାପିତ ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୧୨୬୭

1st Death Anniversary
Forever in our heart...
Suresh Chandra Nayak
1951-2021
This day is remembered and quitely kept, No words are needed, we shall never forget, For those we love, don't go away, They walk beside us every day. Unseen and unheard but always near. So loved, so missed and so very dear.
Deeply mourned by:
Family members
ଧ-୧୨୬୫

ଦଶାହ ଉପଲକ୍ଷେ
ଙ୍ସୁମିତ୍ରା ବିଶୋଇ
ବଡ଼ଦାଣ୍ଡସାହି, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ତା. ୦୮।୦୯।୧୯୪୨
ତିରୋଧାନ: ତା. ୦୬।୦୮।୨୦୨୨
ତୁମର ସ୍ନେହ, ଶ୍ରଦ୍ଧା ଓ ଦାୟିତ୍ୱବୋଧ ସବୁଦିନ ଆମକୁ ପ୍ରେରଣା ଦେଉଥିବ। ତୁମର ଶୂନ୍ୟସ୍ଥାନ ଚିରଦିନ ଅପୂରଣୀୟ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଲିଙ୍ଗରାଜ, ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର: ସନ୍ତୋଷ, ସନତ, ପୁତ୍ରବଧୂ: କୁନି, ଶାନ୍ତି, ସ୍ନେହ, ନାତି: ସୋନୁ, ଚିନୁ, ନାତୁଣୀ: ରୋମି, ପ୍ରୀତି, ନାତୁଣୀ ଜ୍ୱାଇଁ: ପିକୁନ୍, ନାତୁଣୀବୋହୂ: ସୁକନ୍ୟା ଓ ପରିବାରବର୍ଗ।
ଧ-୪୮୭୨୯

'ରା'
ଙ୍ଧନେଶ୍ୱର ବେହେରା
ଭଦ୍ରକାଳୀସାହି, (ରଘୁପତିବିନ୍ଧା), ଭଦ୍ରକ
ଆବିର୍ଭାବ: ୨୩।୦୮।୧୯୪୨
ତିରୋଧାନ: ୦୬।୦୮।୨୦୨୨
ମଙ୍ଗଳବାର (୧୬।୦୮।୨୦୨୨) ଏକାଦଶାହ ଉପଲକ୍ଷେ)
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପ୍ରଦୀପ, ଦିଲ୍ଲୀପ, ନିରୁପମା, ମାମିନା, କରୁଣାକର, ଗୀତାଞ୍ଜଳି, ପପୁ, ଇଙ୍କୁ, ନବନୀତା, ପ୍ରଥମେଶ, ସୁତପା, ମଞ୍ଜରୀ।
ଧ-୧୨୬୬

# ବାୟୁରେ ଅମ୍ଳଜାନ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

"ଆଜକୁ ପ୍ରାୟ ୪୦୦ ନିୟୁତ ବର୍ଷ ପୂର୍ବେ ଉଦ୍ଭିଦଜଗତ ଆରମ୍ଭ ହେଲା ଏବଂ କ୍ରମେ ଏହା ଅମ୍ଳଜାନ ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲା। ତେବେ ପ୍ରଥମେ ବାୟୁମଣ୍ଡଳକୁ ଅମ୍ଳଜାନ ସମୃଦ୍ଧ କରିଥିଲା ଏବଂ ତହିଁରେ ତାହାକୁ ସ୍ଥିର ରଖିଥିବା ଏହି କ୍ରିୟା ପ୍ରକ୍ରିୟା କିପରି ଘଟିଲା, ତାହା ଏବେ ସୁଦ୍ଧା ରହସ୍ୟମୟ ହୋଇ ରହିଛି। ତଥାପି ନିକଟରେ 'ମାସାଚ୍ୟୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି(ଏମ୍‌ଆଇଟି)'ର କିଛି ବୈଜ୍ଞାନିକଙ୍କ ଦ୍ୱାରା ପ୍ରଦତ୍ତ ଏକ ମତବାଦ ଏହାର ସମାଧାନ ଲାଗି ନୂତନ ସମ୍ଭାବନାଟିଏ ସୃଷ୍ଟି କରିଛି।"






ଧରାପୃଷ୍ଠରେ ଏକ ସମୁନ୍ନତ ଜୀବଜଗତର ସୃଷ୍ଟି ଓ ବିକାଶ କ୍ଷେତ୍ରରେ ଏହାର ବାୟୁମଣ୍ଡଳର ସୁରଙ୍ଗତ ସଂରଚନା ଏକ ବରିଷ୍ଠ ଭୂମିକା ନେଇ ଆସିଛି। ତହିଁରେ ସାମାନ୍ୟତମ ବ୍ୟତିକ୍ରମ ହେଲେ ମଣିଷ ସମେତ ସମସ୍ତ ବାୟୁସେବନକାରୀ ପ୍ରାଣୀଙ୍କର ଜୀବନଧାରଣ ସମ୍ଭବ ନୁହେଁ। ଏକ ବିଶୁଦ୍ଧ ଶୁଷ୍କ ବାୟୁ ନମୁନାରେ ଥାଏ ୭୮.୦୮% ପ୍ରତିଶତ ଯବକ୍ଷାରଜାନ, ୨୦.୯୫ ପ୍ରତିଶତ ଅମ୍ଳଜାନ, ୦.୯୩ ଶତକଡ଼ା ଆର୍ଗନ, ୦.୦୪ ପ୍ରତିଶତ ଅଙ୍ଗାରକାମ୍ଳ ଏବଂ ସାମାନ୍ୟ ପରିମାଣର ଅନ୍ୟାନ୍ୟ ବାଷ୍ପ। ବାୟୁରେ ଜଳୀୟକଣା ମଧ୍ୟ ଥାଏ। ଏହା (ଜଳୀୟକଣା) ସମୁଦ୍ରପତ୍ତନରେ ପ୍ରାୟ ୧ ପ୍ରତିଶତ ଏବଂ ବାୟୁମଣ୍ଡଳରେ ପ୍ରାୟ ୦.୪ ପ୍ରତିଶତ। ତେବେ ତନ୍ମଧ୍ୟରୁ ଆମ ଜୀବନ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ଅମ୍ଳଜାନ।

ପୃଥିବୀ ସୃଷ୍ଟିର ଆଦ୍ୟକାଳରେ ଏହାର ବାୟୁମଣ୍ଡଳ ସୌର-ନେବୁଲାରେ ଥିବା ଉଦ୍‌ଜାନ ବାଷ୍ପରେ ହିଁ ମୁଖ୍ୟତଃ ଗଠିତ ହୋଇଥିଲା। ସମ୍ଭବତଃ ପରେ ବୃହସ୍ପତି ଏବଂ ଶନି ଭଳି ବୃହତ ବାଷ୍ପୀୟ ଗ୍ରହମାନଙ୍କ ଭଳି ଏଠାରେ ସରଳ ହାଇଡ୍ରାଇଡ, ଜଳୀୟବାଷ୍ପ, ମିଥେନ୍ ଏବଂ ଆମୋନିଆ ମଧ୍ୟ କିଛି ମାତ୍ରାରେ ସୃଷ୍ଟି ହେଲା। ପରବର୍ତ୍ତୀ ଅବସ୍ଥାରେ ଆଗ୍ନେୟଗିରି ଉଦ୍‌ଗିରଣ, ଉଲ୍‌କା ପତନ ଆଦି ଯୋଗୁ ପ୍ରଚୁର ଯବକ୍ଷାରଜାନ, ଅଙ୍ଗାରକାମ୍ଳ ଏବଂ ନିଷ୍କ୍ରିୟ ବାଷ୍ପମାନଙ୍କର ଉଦ୍ଭବ ଘଟିଲା। ଅତଏବ ପ୍ରାୟ ୩.୪ ହଜାର ନିୟୁତ (ବିଲିୟନ) ବର୍ଷ ପୂର୍ବେ ବାୟୁମଣ୍ଡଳର ମୁଖ୍ୟାଂଶ ଥିଲା ଯବକ୍ଷାରଜାନ। କେବଳ ଆଜକୁ ପ୍ରାୟ ୨.୪ ହଜାର ନିୟୁତ ବର୍ଷ ପୂର୍ବେ ଆଲୋକ ସଂଶ୍ଳେଷଣକ୍ଷମ 'ସାଇନୋ ବ୍ୟାକ୍ଟେରିଆ'ଙ୍କ ଆବିର୍ଭାବ ଫଳରେ ଅମ୍ଳଜାନ ସୃଷ୍ଟି ଆରମ୍ଭ ହେଲା। ଏହାକୁ 'ବୃହତ୍ ଅମ୍ଳଜାନକରଣ ଘଟଣା' (ଗ୍ରେଟ୍ ଅକ୍ସିଜେନ ଇଭେଣ୍ଟ ବା ସଂକ୍ଷେପରେ ଜିଓଇ) ବୋଲି କୁହାଯାଏ। ତେବେ ବିଗତ ପ୍ରାୟ ୬୦୦ ନିୟୁତ ବର୍ଷ ପର୍ଯ୍ୟନ୍ତ ବାୟୁମଣ୍ଡଳରେ ଅମ୍ଳଜାନର ସ୍ତର ଅସ୍ଥିର ରହୁଥିଲା। ସମୟ ସମୟରେ ତାହା ୧୫/୨୦ ପ୍ରତିଶତରୁ କମ୍ ହୋଇଯାଉଥିଲା ଆଉ କେତେବେଳେ ୩୦ ପ୍ରତିଶତକୁ ଅତିକ୍ରମ କରିଯାଉଥିଲା। ଏହା ଜୀବଜଗତ ପାଇଁ ବିଶେଷ ସହାୟକ ନ ଥିଲା। ସାଇନା ବ୍ୟାକ୍ଟେରିଆଙ୍କ ବଂଶର ଏବଂ ଭୂପୃଷ୍ଠରେ ପତିତ ସୌର ରଶ୍ମିର ହ୍ରାସ ବୃଦ୍ଧି ଏହାର କାରଣ ହୋଇପାରେ ବୋଲି ମନେକରାଯାଏ। କ୍ରମେ ବିବିଧ ଭୂତାତ୍ତ୍ୱିକ ପରିବର୍ତ୍ତନ ଏବଂ ଜୈବିକ କ୍ରିୟା ପ୍ରକ୍ରିୟା ହେତୁ ତାହା ପ୍ରାୟ ୨୧ ପ୍ରତିଶତ ସ୍ଥିର ରହିଲା। ତା'ପରେ ଆଜକୁ ପ୍ରାୟ ୪୦୦ ନିୟୁତ ବର୍ଷ ପୂର୍ବେ ଉଦ୍ଭିଦ ଜଗତର ଆରମ୍ଭ ହେଲା ଏବଂ କ୍ରମେ ଏହା ଅମ୍ଳଜାନ ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲା। ତେବେ ପ୍ରଥମେ ବାୟୁମଣ୍ଡଳକୁ ଅମ୍ଳଜାନ ସମୃଦ୍ଧ କରିଥିଲା ଏବଂ ତହିଁରେ ତାହାକୁ ସ୍ଥିର ରଖିଥିବା ଏହି କ୍ରିୟା ପ୍ରକ୍ରିୟା କିପରି ଘଟିଲା ତାହା ଏବେ ସୁଦ୍ଧା ରହସ୍ୟମୟ ହୋଇ ରହିଛି। ତଥାପି ନିକଟରେ 'ମାସାଚ୍ୟୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି)ର କିଛି ବୈଜ୍ଞାନିକଙ୍କ ଦ୍ୱାରା ପ୍ରଦତ୍ତ ଏକ ମତବାଦ ଏହାର ସମାଧାନ ଲାଗି ନୂତନ ସମ୍ଭାବନାଟିଏ ସୃଷ୍ଟି କରିଛି।

ଏହି ଅନୁସାରେ ସମ୍ଭବତଃ ଏହି ସମୟରେ କିଛି ନୂତନ ସାମୁଦ୍ରିକ ସୂକ୍ଷ୍ମଜୀବଙ୍କର ଆବିର୍ଭାବ ଘଟିଥିଲା, ଯାହାକି ସମୁଦ୍ର ତରଳ ମୃତ୍ତିକାରେ ଥିବା କେତେକ ଧାତବ ଲବଣ ସହିତ ଆନ୍ତଃକ୍ରିୟା କରିବା ହେତୁ ଅଧିକ ଅମ୍ଳଜାନ ଉତ୍ପନ୍ନ ହେଲା। ସେ ସମୟରେ ଭୂତାତ୍ତ୍ୱିକ ଅବସ୍ଥା ଅନୁକୂଳ ଥିବାରୁ ଏହାର ଉତ୍ପନ୍ନ ଏବଂ ଶୋଷଣ ମଧ୍ୟରେ ଏକ ଭାରସାମ୍ୟ ରହୁଥିଲା। ସେଥିପାଇଁ ତାହା ଗୋଟିଏ ନିର୍ଦ୍ଦିଷ୍ଟ ମାତ୍ରାରେ ବାୟୁମଣ୍ଡଳରେ ଗଚ୍ଛିତ ହେବାକୁ ଲାଗିଲା, ଫଳରେ ତହିଁରେ ତାହାର ପରିମାଣ ସ୍ଥିର ରହିଲା।

ସେମାନେ ତାଙ୍କର ଏହି ମତବାଦକୁ ପ୍ରତିଷ୍ଠିତ କରିଛନ୍ତି ବିବର୍ତ୍ତନୀୟ ବିଶ୍ଳେଷଣ ମାଧ୍ୟମରେ। ଏଥିରୁ ଜଣାପଡ଼ିଛି ଯେ ପ୍ରକୃତ ବୃହତ୍ ଅମ୍ଳଜାନ-କରଣ ଘଟଣା ପୂର୍ବରୁ ଥିବା କେତେକ ସୂକ୍ଷ୍ମଜୀବମାନଙ୍କର ସମୁଦ୍ରତଳର ମୃତ୍ତିକା ସହ ଆନ୍ତଃକ୍ରିୟା କରିବାର ଦକ୍ଷତା ଥିଲା। ତେବେ କାଳକ୍ରମେ ସେମାନଙ୍କଠାରେ ଏହି ଦକ୍ଷତା ବୃଦ୍ଧି ହେବାରୁ ଏହା ସମ୍ଭବ ହେଲା। ଏହାରି ଉପରେ ସେମାନେ ନିବନ୍ଧଟିଏ ପ୍ରକାଶ କରିଛନ୍ତି 'ନେଚର କମ୍ୟୁନିକେଶନ' ପତ୍ରିକାର ମାର୍ଚ୍ଚ ୨୦୨୨ ସଂଖ୍ୟାରେ। ଆମ ଗ୍ରହର ଇତିହାସରେ ଘଟିଥିବା ଏଭଳି ଗୁରୁତ୍ୱପୂର୍ଣ୍ଣ ଘଟଣାଟି ପାଇଁ ସୂକ୍ଷ୍ମଜୀବ, ଧାତବ ଲବଣ ଏବଂ ଭୂରାସାୟନିକ ପରିବେଶ କିପରି ଏକତ୍ର କାର୍ଯ୍ୟ କରିଥିବେ ତାହା ଏଥିରେ ସୂଚୀତ କରାଯାଇଛି।

ତଦନୁଯାୟୀ ଏହି ସୂକ୍ଷ୍ମ ଜୀବଗୁଡ଼ିକ ହେଲେ 'ଡେଟ୍ରିଟସ୍' ଜାତୀୟ। ବୃହତ୍ ଅମ୍ଳଜାନକରଣ ଘଟଣା ପୂର୍ବରୁ ସେଗୁଡ଼ିକ ଥିଲେ। କିନ୍ତୁ ତାଙ୍କଠାରେ କେତେକ ଜିନୀୟ ପରିବର୍ତ୍ତନ ଆସିବା ଫଳରେ ସୃଷ୍ଟି ହେଲେ କିଛି ନୂତନ ପ୍ରଜାତି, ଯେଉଁଗୁଡ଼ିକ ଏକ ବିଶେଷ ଧରଣର ଏଞ୍ଜାଇମ୍ ଉତ୍ପନ୍ନ କରିପାରିଲେ। ଏହା ଏଞ୍ଜାଇମ୍ ପ୍ରକ୍ରିୟାକୁ ତ୍ୱରାନ୍ୱିତ କଲା। ଫଳରେ ଯଥେଷ୍ଟ ଅମ୍ଳଜାନ ଉତ୍ପନ୍ନ ହେଲା ଏବଂ ବାୟୁମଣ୍ଡଳ ସେଥିରେ ସମୃଦ୍ଧ ହେଲା। ଏବେ ଏହି ସୂକ୍ଷ୍ମ ଜୀବଙ୍କର ବଂଶହାନି ଘଟିଚାଲିଛି ବିବିଧ ପରିବେଶୀୟ ପରିସ୍ଥିତି ହେତୁ। ସମୁଦ୍ର ତଳର ମୃତ୍ତିକାରେ ମଧ୍ୟ ଧାତବ ଲବଣର କ୍ଷୟ ଘଟିଛି। ତେବେ ବର୍ତ୍ତମାନ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି ସବୁଜ ଉଦ୍ଭିଦମାନେ। ଆଲୋକ ସଂଶ୍ଳେଷଣ ମାଧ୍ୟମରେ ସେଗୁଡ଼ିକ ବାୟୁମଣ୍ଡଳକୁ ଏହାର ଜୀବନ ରକ୍ଷାକାରୀ ବାଷ୍ପ ଯୋଗାଇ ଚାଲିଛନ୍ତି।

ଅନେକ ବୈଜ୍ଞାନିକ ଏହି ମତବାଦକୁ ଗ୍ରହଣ କରନ୍ତି ନାହିଁ। ସେମାନଙ୍କ ମତରେ ଏହାକୁ ନିଶ୍ଚିତ କରିବାକୁ ହେଲେ ଆବଶ୍ୟକ ଆହୁରି ଅନେକ ପରୀକ୍ଷା-ନିରୀକ୍ଷା ଓ ଅଧ୍ୟୟନ। ତଥାପି ଏହାକୁ ପୃଥିବୀର ବାୟୁମଣ୍ଡଳ କିପରି ପ୍ରଥମେ ଯଥେଷ୍ଟ ଅମ୍ଳଜାନ ପ୍ରାପ୍ତ ହେଲା ସେ ସମ୍ପର୍କରେ ଏକ ନୂତନ ସମ୍ଭାବନା ରୂପେ ଗ୍ରହଣ କରାଯାଇ ପାରିବ।

-ଉଷା ନିବାସ, ୧୨୪/୨୪୪୫
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୯୮୫୭୬୭

## ଖାଇବା ଧାରାକୁ ପ୍ରଭାବିତ କରେ ମୃଦୁ ପାନୀୟ



ମୃଦୁ ପାନୀୟ ପିଇବା ଅନେକଙ୍କର ଏକ ଅଭ୍ୟାସ। ବିଶେଷଭାବରେ ଗ୍ରୀଷ୍ମ ଋତୁରେ ଏହାର ଚାହିଦା ବେଶୀ। କିନ୍ତୁ ଏହା ଏକ ଅଭ୍ୟାସରେ ପରିଣତ ହୋଇଗଲେ ତାହା ସଂପୃକ୍ତ ବ୍ୟକ୍ତିଙ୍କର ଖାଇବା ଧାରାକୁ ପ୍ରଭାବିତ କରିଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। କେବଳ ସେତିକି ନୁହେଁ ଓଜନ ବଢ଼ାଇବାରେ ଏହା ମଧ୍ୟ କେତେକାଂଶରେ ସହାୟକ ହୋଇଥାଏ ବୋଲି ଏଭଳି ଗବେଷଣା କରିଥିବା ୟୁନିଭର୍ସିଟି ଅଫ୍ ସିଡ୍‌ନୀର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ପ୍ରାୟ ନିମୟିତ ମୃଦୁପାନୀୟ ପିଉଥିବା କିଛି ବ୍ୟକ୍ତିଙ୍କର ଖାଇବା ଧାରାକୁ ସେମାନେ ତନ୍ନ ତନ୍ନ କରି ତର୍ଜମା କରିବା ପରେ ଏଭଳି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ମେଦବହୁଳତା ସମସ୍ତଙ୍କ ଚିନ୍ତାର କାରଣ ସାଜିଛି। ଉକ୍ତ ୟୁନିଭର୍ସିଟିର ଗବେଷକଙ୍କ ମତରେ ମୃଦୁ ପାନୀୟରେ 'ସୁକ୍ରୋଜ' ନାମକ ତତ୍ତ୍ୱ ରହିଛି ଯାହା ମେଦବହୁଳତା ବୃଦ୍ଧି କରିଥାଏ। ତା'ସହ ଭୋକ ପରିମାଣକୁ ଏହା ମଧ୍ୟ ବଢ଼ାଇ ଦେଇଥାଏ। ଯଦି ମୃଦୁ ପାନୀୟରେ ମିଠା ଅଂଶ ଆବଶ୍ୟକତାଠାରୁ ଅଧିକ ରହିଲା ତେବେ ତାହା ମସ୍ତିଷ୍କର କାର୍ଯ୍ୟଧାରାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି।

## କିଡ୍‌ନୀ ଡାଏଲିସିସ୍



ଡାଏଲିସିସ୍ ହେଉଛି ରାସାୟନିକ ଉପାଦାନଗୁଡ଼ିକର ଏକ ପୃଥକୀକରଣ ପଦ୍ଧତି। କିଡ୍‌ନୀ ଦ୍ୱୟ କାମ କରିବା ପାଇଁ ଅକ୍ଷମ ହୋଇପଡ଼ିଲେ ଡାଏଲିସିସ୍ ପଦ୍ଧତିଟି କିଡ୍‌ନୀ ଭଳି ରକ୍ତ ଛାଣିବା କାମ ତୁଲେଇଥାଏ। ତା'ସହ ରକ୍ତରେ ଥିବା କୋଷିକା ଓ ପ୍ରୋଟିନ୍ ଅଣୁ ଇତ୍ୟାଦିକୁ ବାହାର କରି ନ ଦେଇ ରକ୍ତରେ ଜମି ଯାଇଥିବା ଅଦରକାରୀ ତଥା କ୍ଷତିକାରୀ ଉପାଦାନଗୁଡ଼ିକୁ ନିଷ୍କାସନ କରିଦିଏ। ସେମିଘର୍‌ମିଏବଲ୍ ପରଦା ଡାଏଲିସିସ୍‌ରେ ବ୍ୟବହୃତ ହୋଇଥାଏ। ଏହି ପରଦାଟି ସେଲ୍ୟୁଲୋଜ୍ ଏସିଟେଟ୍ କିମ୍ବା ପଲି ୟୁରେଥେନ୍ କିମ୍ବା ନାଇଟ୍ରୋ ସେଲ୍ୟୁଲୋଜ୍ ନାମକ ଉପାଦାନରେ ତିଆରି ହୋଇଛି। ଉକ୍ତ ପରଦାଟିରେ ବିଭିନ୍ନ ଆକାର ବିଶିଷ୍ଟ ସୂକ୍ଷ୍ମ ଛିଦ୍ରମାନ ରହିଥାଏ। ସେହି ଛିଦ୍ରଗୁଡ଼ିକ ମଧ୍ୟ ଦେଇ ରକ୍ତରେ ଜମି ଥିବା କ୍ଷତିକାରୀ ବର୍ଜ୍ୟ ଉପାଦାନଗୁଡ଼ିକ ରକ୍ତ ଭିତରୁ ପରଦାର ଅନ୍ୟପଟେ ରହିଥିବା ଡାଏଲିସିସ୍ ଦ୍ରବଣ ବା ଡାଏଲାଇସେଟ୍ ଭିତରକୁ ସ୍ଥାନାନ୍ତରିତ ହୋଇଯାଏ। ଫଳରେ ସେହି ସବୁ ବର୍ଜ୍ୟର ପରିମାଣ ରକ୍ତରେ ହ୍ରାସ ପାଏ। ରକ୍ତ କୋଷିକା ଓ ପ୍ରୋଟିନ୍ ଅଣୁ ଭଳି ବଡ଼ ଆକାରର ଉପାଦାନମାନ ଉକ୍ତ ସେମିପର୍‌ମିଏବଲ୍ ପରଦାକୁ ଭେଦି ଅନ୍ୟପଟକୁ ଯାଇପାରନ୍ତିନି। ଆକ୍ୟୁଟ୍ ରେନାଲ୍ ଫେଲ୍ୟୁଓର୍‌ରେ ରୋଗୀ ଓ ଟ୍ରାନ୍ସପ୍ଲାଣ୍ଟେଶନ୍ ପାଇଁ ଅପେକ୍ଷା କରିଥିବା କ୍ରନିକ୍ ରେନାଲ୍ ଫେଲ୍ୟୁଓର୍ ରୋଗୀ ଓ ଟ୍ରାନ୍ସପ୍ଲାଣ୍ଟେଶନ୍ ସମ୍ଭବ ହୋଇ ପାରୁ ନ ଥିବା ରୋଗୀମାନଙ୍କ ପାଇଁ ଡାଏଲିସିସ୍ ହିଁ ଏକମାତ୍ର ସନ୍ତୋଷଜନକ ପନ୍ଥା।

## ଉପକାରୀ ଭିଟାମିନ୍ 'ଇ'



ଭିଟାମିନ୍ ଆମ ସ୍ୱାସ୍ଥ୍ୟ ପାଇଁ କେତେ ଲାଭପ୍ରଦ ତାହା କହିବା ଅନାବଶ୍ୟକ। ଏହାର ପରିମାଣ ଶରୀରରେ ଅସନ୍ତୁଳିତ ରହିଲେ ତାହା ବିଭିନ୍ନ ପ୍ରକାର ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ତେଣୁ ଆମକୁ ସବୁବେଳେ ଭିଟାମିନଯୁକ୍ତ ଖାଦ୍ୟ ଖାଇବାକୁ ପଡ଼ିଥାଏ। ଏହି ଭିଟାମିନ୍‌ଗୁଡ଼ିକ ମଧ୍ୟରୁ 'ଭିଟାମିନ୍-ଇ' ଅନ୍ୟତମ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ, ଚିନାବାଦାମ ଆଦିରେ ଭିଟାମିନ-ଇ ପ୍ରଚୁର ମାତ୍ରାରେ ଭରି ରହିଛି। ଏହାର ସବୁଠାରୁ ଉପକାରୀ ଗୁଣ ହେଲା, ଏପରି ଖାଦ୍ୟ ନିୟମିତ ଖାଇଲେ ତାହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଫଳରେ ଅନେକ ପ୍ରକାର ରୋଗର ଆଶଙ୍କା ଅନେକାଂଶରେ କମ୍ ରହିଥାଏ। ଏଭଳି ଖାଦ୍ୟକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କଲେ ଆମେ ନିଜକୁ ଆଲର୍ଜି ସମସ୍ୟାରୁ କେତେକାଂଶରେ ରକ୍ଷା କରିପାରିବା ବୋଲି ୟୁନିଭର୍ସିଟି ଅଫ୍ ଲଣ୍ଡନ ପୁଷ୍ଟିବିଜ୍ଞାନୀମାନେ ମତ ପ୍ରକାଶ କରିଛନ୍ତି। ଭିଟାମିନ୍-ଇ ଯୁକ୍ତ ଖାଦ୍ୟ ଚର୍ବିରେ ମିଶିଲେ ତାହା ଆଣ୍ଟିଅକ୍ସିଡାଣ୍ଟ ପରି କାମ କରିଥାଏ। ଶରୀରରେ କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିବା ନିହାତି ଜରୁରୀ। ଏ କ୍ଷେତ୍ରରେ ଭିଟାମିନ୍ 'ଇ' ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଭିଟାମିନ୍ -ଇ ଯୁକ୍ତ ଖାଦ୍ୟ ଶରୀରରେ ଲାଲ୍ ରକ୍ତ କୋଷିକା ଗଠନରେ ମଧ୍ୟ ସାହାଯ୍ୟ କରେ।

## ସ୍ୱାସ୍ଥ୍ୟ ସୂଚନା

➤ନିଜ ଶରୀରକୁ ସୁସ୍ଥ ରଖିବା ପାଇଁ ଏକ ରୁଟିନ୍ ଲାଇଫ ଅନୁସରଣ କରନ୍ତୁ।

➤ରାତ୍ର ଭୋଜନରେ ଯେତେ ହାଲୁକା ଖାଦ୍ୟ ଖାଇବେ ତାହା ସେତେ ଶୀଘ୍ର ହଜମ ହୋଇଥାଏ। ହେଲେ ରାତିରେ ଶୋଇବା ଏବଂ ଖାଇବା ମଧ୍ୟରେ ଅତିକମ୍‌ରେ ଦୁଇ ଘଣ୍ଟାର ବ୍ୟବଧାନ ରହିବା ଭଲ।

➤ଆପଣ ଡାଇବେଟିସ୍ ବା ମଧୁମେହ ସମସ୍ୟା ସହ ଜଡ଼ିତ କି? ଯଦି ହଁ ତେବେ ଖାଇ ସାରିବା ପରେ ସାଙ୍ଗେ ସାଙ୍ଗେ ପାଣି ପିଇବା ଠିକ୍ ନୁହେଁ। ଏହା ଦ୍ୱାରା ମେଦ ବୃଦ୍ଧି ହେବାର ଆଶଙ୍କା ରହିଛି।

➤ଦାନ୍ତକୁ ସଫା ରଖିବା ପାଇଁ ହେଲେ ପ୍ରତିଦିନ ସକାଳେ ଓ ରାତ୍ରି ଭୋଜନ ପରେ ଭଲ ଭାବରେ ବ୍ରଶ୍ କରନ୍ତୁ। ଏହା ସହ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଦନ୍ତରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।



➤ପ୍ରତିଦିନ ସକାଳୁ କିଛି କିଛି ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହା ଆମ ଶରୀରରେ ହେଉଥିବା ପାଚନ ପ୍ରକ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ।

➤ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ଅପେକ୍ଷା ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ କରି ଖାଦ୍ୟ ଖାଆନ୍ତୁ।

➤ବୟସ୍କ ବ୍ୟକ୍ତିମାନେ ସବୁବେଳେ ନିଜକୁ ଚିନ୍ତାଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ତା'ସହ ନିୟମିତ ସମୟ ବ୍ୟବଧାନରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

## ନିଶା ନୁହେଁ ମହୌଷଧି



ଡା. ଆଶିଷ ବାନାର୍ଜୀ



ପ୍ରକୃତି ଏବଂ ପ୍ରାକୃତିକର ବିକଳ୍ପ ନାହିଁ। ପ୍ରକୃତି ତାହାର ସନ୍ତାନମାନଙ୍କର ସମସ୍ତ ଆବଶ୍ୟକତା ଓ ସମସ୍ୟାର ସମାଧାନ ପାଇଁ ନିଜ କୋଳରେ ସମସ୍ତ ସାମଗ୍ରୀ ମହଜୁଦ ରଖିଛି। ପୁଣି ଏହା ପାର୍ଶ୍ୱପ୍ରତିକ୍ରିୟାବିହୀନ ଏବଂ ପଞ୍ଚଭୂତାତ୍ମକ ଶରୀର ପାଇଁ ପ୍ରଯୁଜ୍ୟ। ମାତ୍ର ଆଜିକାଲି ଆମେ ଏହାର ଉପଲବ୍ଧିକୁ ଗ୍ରହଣ ନ କରି କୃତ୍ରିମ ଔଷଧ, ପେନ୍‌କିଲର ଉପରେ ଅଧିକାଂଶ ସମୟରେ ନିର୍ଭର କରୁଛେ। କୃତ୍ରିମ ଔଷଧର ବହୁଳ ବ୍ୟବହାର ଏବଂ ଏଗୁଡ଼ିକୁ ଡାକ୍ତରଙ୍କ ପରାମର୍ଶ ବିନା ଖାଇବା ସ୍ୱାସ୍ଥ୍ୟ ସମସ୍ୟାକୁ ବେଳେବେଳେ ବିଗାଡ଼ି ଦେଉଛି। ଫଳରେ ଆମେ ଅଯଥା ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛେ।

ବର୍ତ୍ତମାନ ଥାଇଲାଣ୍ଡ ସରକାର ଏହି ପ୍ରାକୃତିକ ଔଷଧର ଉପକାରିତାକୁ ଉପଲବ୍ଧି କରି ଭାଙ୍ଗ, ଅଫିମକୁ ଚାଷ କରିବା ପାଇଁ ସ୍ୱୀକୃତି ଦେବା ସହ ଏଗୁଡ଼ିକୁ ଔଷଧରେ ବ୍ୟବହାର କରିବାକୁ ଅନୁମତି ଦେଲେଣି। ଗଞ୍ଜେଇ ପତ୍ରକୁ ଭାଙ୍ଗ ବୋଲି କୁହାଯାଏ। ଭାଙ୍ଗକୁ ଗୋଦୁଗ୍ଧରେ ସିଝାଇଲେ ଏହାର ବିଷ ଦୋଷ ନଷ୍ଟ ହୁଏ। ଗଞ୍ଜେଇକୁ ଗରମ ପାଣିରେ ରାତିତମାମ ବତୁରାଇ ତାହାକୁ ପରଦିନ ଖରାରେ ଶୁଖାଇ ଦିଅନ୍ତୁ। ପରେ ଏହାକୁ ଘିଅରେ ଭାଜି ଦେଲେ



ତାହାର ବିଷ ଦୋଷ ନଷ୍ଟ ହୋଇଥାଏ। ଏଥିରୁ ପ୍ରସ୍ତୁତ ଔଷଧ ବ୍ୟବହାର କଲେ ତାହା ଯନ୍ତ୍ରଣା ନିବାରକ, ନିଦ୍ରାକାରକ ସାବ୍ୟସ୍ତ ହୋଇଥାଏ। ତା'ସହ ଶରୀରର ଥକାପଣ ଦୂର କରିଥାଏ। ପତଳା ଝାଡ଼ା ହେଉଥିଲେ ଏଥିରୁ ଉପଶମ ପାଇବା ପାଇଁ ଆୟୁର୍ବେଦୀୟ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଏଭଳି ଔଷଧ ବ୍ୟବହାର କରିପାରନ୍ତି। ଏହାକୁ ଖାଇଲେ ହଜମ ଶକ୍ତି ବଢ଼ିଥାଏ, ଯୌନ କ୍ଷମତା ବୃଦ୍ଧି ପାଏ, ବଳ ବୃଦ୍ଧି କରେ, ଏସିଡିଟି ସମସ୍ୟାରୁ ଉପଶମ ଦିଏ। ଏହାକୁ ଖାଇଲେ ମହିଳାମାନଙ୍କର ଅଧିକ ଋତୁସ୍ରାବ ନିୟନ୍ତ୍ରିତ ହୋଇଥାଏ। ଧାତୁ ରୋଗ, ଆକ୍ଷେପ, ଶ୍ୱାସ, କାଶ, ଅରୁଚି, ରକ୍ତହୀନତା, ହିକ୍କା, ପ୍ରସବ ବେଦନାକୁ ଦୂର କରେ। ଏହାକୁ ସେବନ କଲେ ଜଳାନ୍ତକ ରୋଗରୁ ମଧ୍ୟ ଉପଶମ ମିଳିଥାଏ। ଭାଙ୍ଗକୁ ବାଟି ମୁଣ୍ଡରେ ଲେପ ଦେଲେ ଉକୁଣି, ନିଖ ମରନ୍ତି ଏବଂ କେଶ ବୃଦ୍ଧି ହୋଇଥାଏ। ଭାଙ୍ଗ ପତ୍ରକୁ ବାଟି ପାଦରେ ଲେପ ଦେଲେ ନିଦ୍ରାହୀନତା ଦୂର ହୁଏ। ଆୟୁର୍ବେଦ ଚିକିତ୍ସା ବିଜ୍ଞାନରେ ଏହି ରୋଗ ସମ୍ବନ୍ଧୀୟ ଔଷଧଗୁଡ଼ିକ- କାମେଶ୍ୱର ମୋଦକ, ଗତାବରୀ ମୋଦକ, ପୁଷ୍ପ ଧନ୍ୱାବଟୀ ଆଦି ବ୍ୟବହାର କରାଯାଇଥାଏ।

ସେହିପରି ପୋସ୍ତ ଗଛ କ୍ଷୀରରୁ ଅଫିମ ପ୍ରସ୍ତୁତ ହୋଇଥାଏ। ଅଫିମକୁ ୨୧ ଦିନ ପର୍ଯ୍ୟନ୍ତ ସୂର୍ଯ୍ୟକିରଣ ଏବଂ ରାତିରେ ଚନ୍ଦ୍ର କିରଣରେ ରଖିଲେ ଏହାର କୁପ୍ରଭାବ ନଷ୍ଟ ହୋଇଥାଏ। ଏହା ମଧୁମେହ, ଧାତୁ ରୋଗ, ବହୁମୂତ୍ର, ଧାତୁ ଶୀଘ୍ର କ୍ଷୟ ହେବା, ଦାନ୍ତ ବିନ୍ଧା, ପତଳା ଝାଡ଼ା, ଚର୍ମ ରୋଗ, ନାଳ ଝାଡ଼ା, ଅମ୍ଳପିତ୍ତ, ସାଇଟିକା, ଅଣ୍ଟାଧରା ଇତ୍ୟାଦିରୁ ଉପଶମ ଦେଇଥାଏ। ତା'ସହ ପଥୁରୀ, ହାର୍ଣ୍ଣିଆ ରୋଗର ଯନ୍ତ୍ରଣା ନିବାରଣ, ସ୍ୱପ୍ନ ଦୋଷ, ବୀର୍ଯ୍ୟ ସ୍ଖଳନ, ଅର୍ଶ, କମ୍ପଜ୍ୱର, ମୁଣ୍ଡ ବିନ୍ଧା ନିବାରଣ ପାଇଁ ଏହାକୁ ଔଷଧ ଭାବରେ ବ୍ୟବହାର କରାଯାଇଥାଏ।

ପୋସ୍ତ ମଞ୍ଜି ବିଭିନ୍ନ ଖାଦ୍ୟର ମସଲା ରୂପେ ବ୍ୟବହାର କରାଯାଏ। ଏଥିରେ ଆଲକାଲୋଏଡସ୍ ମର୍ଫିନ୍, କୋଡାଇନ୍ ଏବଂ ଥିବାଇନ୍ ରାସାୟନିକ ତତ୍ତ୍ୱ ରହିଛି। ଏହା ଧାତୁ ବୃଦ୍ଧି କରିଥାଏ। ବଳବୀର୍ଯ୍ୟ ଓ କାନ୍ତି ବଢ଼ାଏ। ଫାଇଲେରିଆ, ନାଳ ଝାଡ଼ା, ପତଳା ଝାଡ଼ା, ମସ୍ତିଷ୍କ ରୋଗ, ବୃକକ ରୋଗ, କାଶ, ଯକ୍ଷ୍ମା ରୋଗ ପାଇଁ ଏଥିରୁ ପ୍ରସ୍ତୁତ ଔଷଧ ହିତକର ଅଟେ।

ତେବେ ଏସବୁ ଔଷଧ ବ୍ୟବହାର କରିବା ପୂର୍ବରୁ ନିଜର ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଅଭିଜ୍ଞ ଆୟୁର୍ବେଦୀୟ ବିଶେଷଜ୍ଞଙ୍କ ସହ ବିଶଦ ଭାବରେ ଆଲୋଚନା କରନ୍ତୁ।

-ଆନନ୍ଦ ବଜାର
ବେତନଟୀ, ମୟୂରଭଞ୍ଜ
ମୋ: ୯୮୬୧୩୭୪୩୮୫

# ରାଜ୍ୟ ସ୍କୁଲ୍ସ ଚେସ୍: ଜ୍ଞାନଜ୍ୟୋତି ଚାମ୍ପିୟନ



କୃତୀ ଖେଳାଳିମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୪।୮ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ (ଓଏସ୍‌ସିଏ) ଆନୁକୂଲ୍ୟରେ ଟଙ୍କପାଣି ରୋଡ୍‌ସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିର ପରିସରରେ ୨ୟ ଲଡୁକିଶୋର ନାୟକ ସ୍ମାରକୀ ସ୍କୁଲ୍ସ ଓପନ୍ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୬ ରାଉଣ୍ଡବିଶିଷ୍ଟ ଏହି ପ୍ରତିଯୋଗିତାରେ ଜ୍ଞାନଜ୍ୟୋତି ସିଂ ପୂରା ୬ ପଏଣ୍ଟ ପାଇ ଚାମ୍ପିୟନ ହୋଇଛି। ଶୁଭମ୍ ପ୍ରତୀକ ମିଶ୍ର ୫ ପଏଣ୍ଟ ପାଇ ରନର୍ସଅପ୍ ହୋଇଛନ୍ତି। ସମାନ ପଏଣ୍ଟ ପାଇଥିବା ଅନ୍ୟ ୨ ପ୍ରତିଯୋଗୀ ମନସିଜ ସାମଲ ଓ ଭିନିତ ନାୟକ ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନମସ୍ୟ ନଳିନୀ (୪.୫୦), ରିତ୍ୱିକ ରାଜ ମିଶ୍ର, ରୋନିତ ଅଗ୍ରୱାଲ, ସାଇ ବିଦ୍ୟାଶ୍ରୀ, ସାୟେଂଶୁ ସେନାପତି ଓ ଶ୍ରୀମାନ୍ ଦାଶ (ସମସ୍ତେ ୪ ପଏଣ୍ଟ) ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ସ୍ୱତନ୍ତ୍ର ଏବଂ ୬ ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଛି। ସିନିୟର ଅନ୍‌କୋଲୋଜିଷ୍ଟ ଅମିତାଭ ଜେନା ମୁଖ୍ୟ ଅତିଥି ଓ ରାଜ୍ୟ ଗୋଇନ୍ଦା ଇନ୍‌ସ୍ପେକ୍ଟର ପ୍ରିୟଦର୍ଶୀ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସାଇ ବୀଣାପାଣି ଜ୍ଞାନମନ୍ଦିର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର ଓ ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପାରା ଫେନ୍‌ସିଂ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୧୪।୮ (କ୍ରୀଡ଼ା ପ୍ରତିନିଧି)**

ଲଣ୍ଡନରେ ଗତ ୧୦ରୁ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ପାରା ଫେନ୍‌ସିଂ ଚାମ୍ପିୟନଶିପ୍‌ରେ ପଦକ ବିଜେତା ଓଡ଼ିଶା ଖେଳାଳିଙ୍କୁ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି। ପ୍ରତିଯୋଗିତାରେ ଭାରତକୁ ମୋଟ୍ ୫ ପଦକ ମିଳିଥିବାବେଳେ ସେଥିରେ ଓଡ଼ିଶାର ୩ ଖେଳାଳି ପ୍ରତିନିଧିତ୍ୱ କରିଥିଲେ। ସବୁଠାରୁ ଖୁସିର କଥା ହେଲା, ସମସ୍ତ ଓଡ଼ିଆ ଖେଳାଳି ପଦକ ସହ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ମାଳତୀ ପାନାଉରେ ବ୍ୟକ୍ତିଗତ ଫଏଲରେ ରୌପ୍ୟ ପଦକ ଜିତିଥିବା ବେଳେ ରମେଶ ରାଓ ଓ ରାଖାଲ କୁମାର ସେଠୀ ଦଳଗତ ଇପିରେ ସମାନ ସଫଳତା ପାଇଥିଲେ। ଏହି ୩ ଖେଳାଳିଙ୍କ ସହିତ ଓଡ଼ିଶା ପାରା ଫେନ୍‌ସିଂ ଅଧ୍ୟକ୍ଷା ବେଲା ଜେଶ୍‌ଲ ଓଡ଼ିଶା ପହଞ୍ଚିବା ପରେ ସେମାନଙ୍କୁ ବିମାନବନ୍ଦରରୁ ସଂଘ ଅଫିସକୁ ନିଆଯାଇଥିଲା। ସେଠାରେ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି କମଳାକାନ୍ତ ରଥ, ଉପସଭାପତି ଚିତ୍ତରଞ୍ଜନ ବୈରିସାଲ, କୋଷାଧ୍ୟକ୍ଷ ସୁନୀଲ ପ୍ରଧାନ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଦଳକୁ ସମ୍ବର୍ଦ୍ଧିତ କରିଥିଲେ।




ରାଜ୍ୟଗୋଷ୍ଠୀ ପାରା ଫେନ୍‌ସିଂ ଚାମ୍ପିୟନଶିପ୍‌ରେ ପଦକ ବିଜେତା ଓଡ଼ିଶା ଖେଳାଳିମାନେ ସୋମବାର ସମ୍ବର୍ଦ୍ଧିତ ହେବା ଅବସରରେ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା କର୍ମକର୍ତ୍ତାଙ୍କ ସହ।

## ଫିଫା ବ୍ୟାନ୍‌କୁ ନେଇ ଭୟଭୀତ ହୁଅନି: ଛେତ୍ରୀ

**ବେଙ୍ଗାଲୁରୁ, ୧୪।୮ (ପି.ଟି.):** ଫିଫା ବ୍ୟାନ୍ ଧମକକୁ ନେଇ ଖେଳାଳିମାନେ ଚିନ୍ତିତ ନ ହେବା ପାଇଁ ପରାମର୍ଶ ଦେଇଛନ୍ତି ଭାରତୀୟ ଫୁଟବଲ ଦଳର ଅଧିନାୟକ ସୁନୀଲ ଛେତ୍ରୀ। ଫୁଟବଲ ପଡିଆରେ ଆପଣ ନିଜର ଶତ ପ୍ରତିଶତ ପ୍ରଦାନ କରନ୍ତୁ ଏବଂ ବ୍ୟାନ୍ ଧମକ ବିଷୟରେ ଚିନ୍ତା ନ କରିବା ପାଇଁ ସେ ସାଥୀ ଖେଳାଳିମାନଙ୍କୁ ପରାମର୍ଶ ଦେଇଛନ୍ତି। ସର୍ବଭାରତୀୟ ଫୁଟବଲ୍ ସଂଘ (ଏଆଇଏଫ୍‌ଏଫ୍)ର ନିର୍ବାଚନକୁ ନେଇ ଫିଫା ପକ୍ଷରୁ ବ୍ୟାନ୍ ଧମକ ଦିଆଯିବା ସହିତ ୧୭ ବର୍ଷରୁ କମ୍ ମହିଳା ଫୁଟବଲ ବିଶ୍ୱକପ୍ ଖାରଜ କରିବା ପାଇଁ ଚେତାବନୀ ମିଳିଥିଲା। ତୃତୀୟ ପକ୍ଷ ପ୍ରରୋଚନାରେ ଫିଫା ପକ୍ଷରୁ ଏଭଳି ଚେତାବନୀ ମିଳିଥିବା ବେଳେ ଏହାକୁ ଧ୍ୟାନ ନ ଦେବା ପାଇଁ ସେ କହିଛନ୍ତି। ଏପରି ଧମକ ସତ୍ତ୍ୱେ କମିଟି ଅଫ୍ ଆଡମିନିଷ୍ଟ୍ରେଟର୍ସ(ସିଓଏ) ପକ୍ଷରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଆସନ୍ତା ଅଗଷ୍ଟ ୨୮ ତାରିଖରେ ନିର୍ବାଚନ ହେବ।

# ଆନ୍ତଃ ସ୍କୁଲ ଟେବୁଲ ଟେନିସ ଶେଷ

**ଭୁବନେଶ୍ୱର, ୧୪।୮ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ( ଓଏସ୍‌ଟିଟିଏ) ଆନୁକୂଲ୍ୟରେ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆନ୍ତଃ-ସ୍କୁଲ ଟେବୁଲ ଟେନିସ ପ୍ରତିଯୋଗିତା ରବିବାର ଶେଷ ହୋଇଛି। ଅନ୍ୟପକ୍ଷରେ ୨୭ତମ ୱାଇଜିଟିଟିଏ ଟେବୁଲ ଟେନିସ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି।

ଆନ୍ତଃସ୍କୁଲ ପ୍ରତିଯୋଗିତାର ଜୁନିୟର ବାଳକ ଦଳଗତ ଫାଇନାଲରେ କଟକ ସିଡିଏ ଡିଏଭି ପବ୍ଲିକ୍ ସ୍କୁଲ ୩-୧ରେ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧କୁ ହରାଇ ଚାମ୍ପିୟନ ହୋଇଛି। ସେହିପରି ସିନିୟର ବାଳକ ଦଳଗତ ଫାଇନାଲରେ କଟକର ନ୍ୟୁ ଷ୍ଟିୱାର୍ଟ ସ୍କୁଲ ୩-୧ରେ କଟକ ଦିଲ୍ଲୀ ପବ୍ଲିକ ସ୍କୁଲକୁ ହରାଇ ଦେଇଛି। ଜୁନିୟର ବାଳିକା ସିଙ୍ଗଲ୍ସ ଫାଇନାଲରେ କଟକ ସାଇ ଇଣ୍ଟିଗ୍ରେଟେଡ ସ୍କୁଲର ଉର୍ଜା ବର୍ମା ୩-୧ (୧୧-୯, ୧୨-୧୦, ୯-୧୧, ୧୧-୯)ରେ ଷ୍ଟିୱାର୍ଟ ସ୍କୁଲର ସାକ୍ଷୀ ଭଗତଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ସିନିୟର ବାଳକ ସିଙ୍ଗଲ୍ସରେ ଦିଲ୍ଲୀ ପବ୍ଲିକ୍ ସ୍କୁଲ (କଳିଙ୍ଗା)ର ଅଙ୍କୁର ବିଶ୍ୱାଳ ୩-୨ (୭-୧୧, ୧୧-୯, ୧୨-୧୦, ୧୧-୧୩, ୧୧-୪)ରେ ସିଡିଏ ଡିଏଭି ପବ୍ଲିକ୍ ସ୍କୁଲର ଆୟାନ ମୁସ୍ତାକଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। ଜୁନିୟର ବାଳକ ସିଙ୍ଗଲ୍ସ ଫାଇନାଲରେ ସିଡିଏ ଡିଏଭିର ଜିଜ୍ଞାସୁ ସାହୁ ୩-୦ (୧୧-୮, ୧୧-୨, ୧୧-୭)ରେ ସେଣ୍ଟ ଜାଭିୟରର ତକମିଲ ମହମ୍ମଦଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି।

### ୱାଇଜିଟିଟିଏ ପ୍ରତିଯୋଗିତା ଆରମ୍ଭ

ୱାଇଜିଟିଟିଏ ଟେବୁଲ ଟେନିସ ଚାମ୍ପିୟନଶିପ୍‌ରେ ୨୦ଟି ବିଭିନ୍ନ ଜିଲା ଓ ଅନୁଷ୍ଠାନରୁ ପାଖାପାଖି ୨୫୦ (୧୧୦ ବାଳିକା, ୧୪୦ ବାଳକ) ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ରାଉଣ୍ଡ ରବିନ ଲିଗ୍‌ଭିତ୍ତିରେ ବିଭିନ୍ନ ବୟସ ବର୍ଗରେ ମ୍ୟାଚ ଅନୁଷ୍ଠିତ ହେବା ପରେ ୟୁଥ ବାଳକରେ ଶୁଭଙ୍କର ମାହାଲି ଓ ଆରୁଷ ମାଣିଆ ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ୟୁଥ୍ ବାଳିକା ବର୍ଗରେ ଶ୍ୱେତା ବର୍ମା ଓ ଆରାଧ୍ୟା ସାହୁ ଫାଇନାଲରେ ପହଞ୍ଚିଛନ୍ତି।






କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଆନ୍ତଃ-ସ୍କୁଲ ଟେବୁଲ ଟେନିସ ପ୍ରତିଯୋଗିତାରେ ଚାମ୍ପିୟନ ସିନିୟର ଓ ଜୁନିୟର ବାଳକ ଦଳ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୫/୨୦୨୨ (୧୨+୮=୨୦ ପୃଷ୍ଠା) Bhubaneswar, Monday, August 15/2022


DADLS-31

Azadi Ka Amrit Mahotsav | ଓଡ଼ିଶା ସରକାର

# ସ୍ୱାଧୀନତାର ଉଚ୍ଛ୍ୱାସ
# ୭୬ତମ ସ୍ୱାଧୀନତା ଦିବସ



## ଓଡ଼ିଶା

ସବୁଦିନେ ଆଗରେ । ସେତେବେଳେ ବି ଆଉ ଆଜି ବି ।
'ସିପାହୀ ବିଦ୍ରୋହ'ର ୪୦ ବର୍ଷ ପୂର୍ବରୁ ଓଡ଼ିଶାରେ ଆରମ୍ଭ ହୋଇଥିଲା ଦେଶର ପ୍ରଥମ ସଶସ୍ତ୍ର ସଂଗ୍ରାମ 'ପାଇକ ବିଦ୍ରୋହ' । ୧୯୩୦ ମସିହା 'ଲବଣ ସତ୍ୟାଗ୍ରହ'ରେ ବି ଆଗଭର ହୋଇ ଆଗକୁ ବାହାରି ଆସିଥିଲେ **ରମା ଦେବୀ** ଆଉ **ମାଳତୀ ଚୌଧୁରୀ**ଙ୍କ ଭଳି ମହିଳା । **୧ ଏପ୍ରିଲ୍ ୧୯୩୬** ମସିହାରେ ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ଭାବରେ ମାନ୍ୟତା ପାଇବାରେ ଓଡ଼ିଶା ହିଁ ପ୍ରଥମ ରାଜ୍ୟ ।
**ଆଜି ବି ଓଡ଼ିଶା ଅନେକ କଥାରେ ପ୍ରଥମ ।**



ଓଡ଼ିଶାବାସୀଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀ **ଶ୍ରୀ ନବୀନ ପଟ୍ଟନାୟକ**ଙ୍କ ଦୁଇ ଦଶନ୍ଧିରୁ ଅଧିକ ଲୋକାଭିମୂଖୀ ଶାସନ କାଳରେ ଓଡ଼ିଶା ଆଜି **ମହିଳା ସଶକ୍ତିକରଣ, ଖାଦ୍ୟ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା** ଏମିତି ଅନେକ କ୍ଷେତ୍ରରେ ଆଗରେ । **'5T'** ଅଣିଛି ବ୍ୟାପକ ଶାସନ ସଂସ୍କାର ଆଉ **'ମୋ ସରକାର'** ଯୋଗୁଁ ଜନସାଧାରଣ ଆଜି ସରକାରଙ୍କ ନିକଟତର ଏବଂ ସରକାର ଲୋକଙ୍କ ନିକଟତର । ସବୁଥିରେ **ଓଡ଼ିଶା** ଆଜି ସମଗ୍ର ଦେଶରେ ଅଗ୍ରଣୀ ଏବଂ ଅନୂକରଣୀୟ । ସରକାରୀ ସେବା ପାଇବାରେ ମିଳିଛି ସ୍ୱାଚ୍ଛନ୍ଦ୍ୟ ଆଉ ସ୍ୱାଧୀନତା । ଆମେ ବିକାଶର ଏହି ନବପର୍ବରେ ଆଜି ସଗୌରବେ ପାଳନ କରୁଛୁ
**'ସ୍ୱାଧୀନତାର ଉଚ୍ଛ୍ୱାସ'**
ସ୍ୱାଧୀନତାର ୭୫ବର୍ଷର ପୂର୍ତ୍ତି ଅବସରରେ ।

## ୧୫ ଅଗଷ୍ଟ ୨୦୨୨ ରୁ ୨ ଅକ୍ଟୋବର ୨୦୨୨

## ପ୍ରମୁଖ କାର୍ଯ୍ୟକ୍ରମ

### ସୂଚନା ଓ ଲୋକସମ୍ପର୍କ ବିଭାଗ
- ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ମହାସମାରୋହରେ ପାଳନ ।
- ଅଗଷ୍ଟ ୧୫ରୁ ଅକ୍ଟୋବର ୨ **'ଅହିଂସା ରଥ'**ର ଓଡ଼ିଶା ପରିକ୍ରମା ଏବଂ ଅହିଂସାର ବାର୍ତ୍ତା ପ୍ରଚାର ।
- ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶନ ।
- ଗାନ୍ଧୀ ସ୍ମୃତିପୀଠ, ତେଲେଙ୍ଗାପେଣ୍ଠରେ ରାଜ୍ୟସ୍ତରୀୟ ସ୍ମୃତି ସଭା ।

### ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ
- ସମସ୍ତ ସହରାଞ୍ଚଳ, ବସ୍ତି ତଥା ଅଣବସ୍ତି ଅଞ୍ଚଳରେ ସ୍ୱାଧୀନତା ସଂପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ।

### ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗ
- ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସ୍ୱାଧୀନତା ସଂପର୍କିତ ବିଭିନ୍ନ ପ୍ରତିଯୋଗିତା, ମାରାଥନ୍, ସେମିନାର୍, ସିଂପୋଜିୟମ, ପରିସର ସଫେଇ ଏବଂ ଅନ୍ୟାନ୍ୟ ମନୋଜ୍ଞ କାର୍ଯ୍ୟକ୍ରମ ।

### ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
- ବିଭାଗ ତରଫରୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସ୍ୱାଧୀନତା ସଂପର୍କିତ ସେମିନାର, କଳାକୃତି ପ୍ରଦର୍ଶନ, କବିତା ପାଠୋତ୍ସବ ଏବଂ ଚିତ୍ରକଳା ପ୍ରଦର୍ଶନ ।
- ବିଭିନ୍ନ ଏକାଡେମୀ ମାନଙ୍କ ତରଫରୁ ସ୍ୱାଧୀନତା ସଂପର୍କିତ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ ।

### ସୂଚନା ଓ ପ୍ରଯୁକ୍ତି ବିଭାଗ
- ସାମାଜିକ ଗଣମାଧ୍ୟମରେ ଓଡ଼ିଶା ଓ ମହାତ୍ମାଙ୍କ ସଂପର୍କିତ ବାର୍ତ୍ତା ପ୍ରଚାର ଓ ପ୍ରସାର ।

### ପଞ୍ଚାୟତିରାଜ ବିଭାଗ
- ପ୍ରତ୍ୟେକ ପଞ୍ଚାୟତରେ ସଂଗ୍ରାମୀ ଓ ଶହୀଦ ମାନଙ୍କୁ ନେଇ ଜାତୀୟ ପତାକା ଉତ୍ତୋଳନ, ସ୍ୱତନ୍ତ୍ର ଗ୍ରାମସଭା, ଶହୀଦ ଓ ସଂଗ୍ରାମୀ ପରିବାରଙ୍କୁ ସମ୍ବର୍ଦ୍ଧନା, ଗାନ୍ଧୀ ଜୟନ୍ତୀ ପାଳନ ।

### ମହିଳା ଓ ଶିଶୁ ବିକାଶ ବିଭାଗ
- ବୃକ୍ଷ ରୋପଣ, ସ୍ୱାଧୀନତା ସଂଗ୍ରାମ ଉପରେ ପୋଷ୍ଟର, ଫ୍ୟାନ୍ସିଡ୍ରେସ୍, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା, ପରିବେଶ ସଫେଇ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ।

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0104/2223

## ସ୍ୱାଧୀନତାର ଅର୍ଥ ବୁଝିବା ଆବଶ୍ୟକ

ତ୍ରିରଙ୍ଗା ଧରି ବୁଲିଲେ ହୋଇଯିବ ନାହିଁ। ସ୍ୱାଧୀନତାର ଅର୍ଥ ବୁଝିବା ଆବଶ୍ୟକ। ଅନେକେ ଅଛନ୍ତି ଯେଉଁମାନେ ସ୍ୱାଧୀନତା କ'ଣ ଜାଣନ୍ତି ନାହିଁ। ସେମାନଙ୍କୁ ବୁଝାଇବା ଦରକାର। ସ୍ୱାଧୀନତାର ୭୫ବର୍ଷ ପୂରଣ ହେଲା, ତେଣୁ ଏହାକୁ ପାଳନ କରିବା ନିହାତି ଆବଶ୍ୟକ। ଉତ୍ତରପିଢ଼ିଙ୍କୁ ଜାଗ୍ରତ କରାଇବା ସହ କେତେ ଲହୁ ଲୁହ ଯାଇଛି, କଳାପାଣି ଦଣ୍ଡ ଭୋଗିଛନ୍ତି, ସ୍ୱାଧୀନତାର ଇତିହାସ ସମ୍ପର୍କରେ ଜଣାଇବାକୁ ହେଲେ ବର୍ତ୍ତମାନ ଆଜାଦୀ କା ଅମୃତ ମହୋତ୍ସବ ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା ଅଭିଯାନରେ ସାମିଲ ହୋଇ ସ୍ୱାଧୀନତା ଦିବସକୁ ପାଳନ କରିବା ଦରକାର।



– ପ୍ରତିଭା ରାୟ, ଲେଖିକା

## ଅନେକ ସମ୍ଭାବନା ବାସ୍ତବ ରୂପରେ ପରିଣତ ହୋଇନାହିଁ

ସ୍ୱାଧୀନତା ବହୁ ସମ୍ଭାବନା ନେଇ ଆସିଥିଲା। ସ୍ୱାଧୀନତାକୁ ୭୫ବର୍ଷ ପୂରିଥିଲେ ମଧ୍ୟ ଅନେକ ସମ୍ଭାବନା ବାସ୍ତବ ରୂପରେ ପରିଣତ ହୋଇନାହିଁ। ଭାରତ ଅନେକ କ୍ଷେତ୍ରରେ ପ୍ରଗତି ଲାଭ କରିଥିଲେ ମଧ୍ୟ ତା'ର ଆତ୍ମା ଓ ଆଧ୍ୟାତ୍ମିକତାଠାରୁ ଦୂରେଇ ଯାଉଛି। ଆଧ୍ୟାତ୍ମିକ ସ୍ରୋତ ପ୍ରବାହିତ ହେଲେ ସବୁ ପ୍ରଗତି ସମ୍ଭବ ବୋଲି ମହାପୁରୁଷମାନେ ମତବ୍ୟକ୍ତ କରିଥିଲେ। ବୈଷୟିକ ପ୍ରଗତି, ରାଜନୈତିକ ସ୍ୱାଧୀନତା ସତ୍ତ୍ୱେ ଆଧ୍ୟାତ୍ମିକତାକୁ ଆମେ ସବୁ ଭୁଲିଯାଉଛୁ। ଆଧ୍ୟାତ୍ମିକତା ସମସ୍ତଙ୍କୁ ନିଜର କରି ରଖିବାରେ ସାହାଯ୍ୟ କରେ। ଏହି ଦିଗରେ ଧ୍ୟାନ ଦେଲେ ଈର୍ଷା, ମୋହ, ପରଶ୍ରୀକାତରତା ଆମ ଭାରତରୁ ଦୂରେଇ ଯିବ।



– ବ୍ରଜମୋହନ ମିଶ୍ର, ଇଂଲିଶ୍ ପ୍ରଫେସର

## ଦେଶ ପାଇଁ କିଛି କରିବାକୁ ଯୁବପିଢ଼ି ଆଗ୍ରହୀ ହୁଅନ୍ତୁ

ସ୍ୱାଧୀନତାର ୭୫ବର୍ଷ ପୂରିବା ସହ ଦେଶ ଅନେକ କ୍ଷେତ୍ରରେ ପ୍ରଗତି ଲାଭ କରିଛି। ଏହି ଦିବସକୁ ସମସ୍ତେ ପାଳନ କରିବା ସହ ଏହାକୁ ବୁଝିବାର ଆବଶ୍ୟକତା ରହିଛି। ସ୍ୱାଧୀନତା ପାଇଁ ଦେଶ କେତେ ଯେ ବଳିଦାନ ଦେଇଛି, ତାହା ପ୍ରତ୍ୟେକ ଜାଣିବା ଦରକାର। ସ୍ୱାଧୀନତାର ମର୍ମକୁ ଅନୁଭବ କରି ଦେଶ ପାଇଁ କିଛି କରିବାକୁ ଯୁବପିଢ଼ି ଆଗ୍ରହୀ ହେବା ସହ ହିଂସାଠାରୁ ଦୂରେଇ ରହିବା ଉଚିତ।



– ମିହିର ଚନ୍ଦନ ମିଶ୍ର, କର୍ମଜୀବୀ

# ଦେଶପ୍ରେମର ଉର୍ଜା

ଈଶ୍ୱରଙ୍କ ଅମୃତ ସନ୍ତାନ କହିଲେ ସମଗ୍ର ମନୁଷ୍ୟ ସମାଜକୁ ଇଙ୍ଗିତ କରେ। ବିଶ୍ୱର ବିଭିନ୍ନ ଭୂଖଣ୍ଡରେ ଥିବା ମଣିଷ ସମାଜର ସାମଗ୍ରିକ ପ୍ରଚେଷ୍ଟାରେ ପ୍ରତ୍ୟେକ ଭୂଖଣ୍ଡଗୁଡ଼ିକ ଗୋଟିଏ ଗୋଟିଏ ସମୃଦ୍ଧ ରାଷ୍ଟ୍ରରେ ପରିଣତ ହୋଇଛି। ବିଭିନ୍ନ ଦେଶରେ ଜନ୍ମ ନେଇଥିବା ଅନେକ ବରପୁତ୍ରମାନଙ୍କ ତ୍ୟାଗ ଓ ବଳିଦାନ ଯୋଗୁ ସେମାନଙ୍କ ଦେଶ ଗୋଟିଏ ଗୋଟିଏ ବିକଶିତ ତଥା ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ ହୋଇଛି। ସେହିପରି ପରାଧୀନ ଭାରତରେ ଜନ୍ମ ନେଇଥିବା ଅନେକ ବରପୁତ୍ରମାନଙ୍କ ତ୍ୟାଗ ଓ ବଳିଦାନ ଯୋଗୁ ବର୍ତ୍ତମାନର ସ୍ୱାଧୀନ ଭାରତ ଓ ତା'ର ୧୪୦ କୋଟି ଅମୃତ ସନ୍ତାନ ଏକ ଐତିହାସିକ ମୁହୂର୍ତ୍ତକୁ ସାମ୍ନା କରିବାକୁ ଯାଉଛନ୍ତି। ବର୍ତ୍ତମାନର ପିଢ଼ି ଏତେ ଭାଗ୍ୟବାନ ଯେ ନିଜ ଜନ୍ମମାଟିରେ ପାଳିବାକୁ ଯାଉଛନ୍ତି ସ୍ୱାଧୀନତାର ୭୫ ତମ ସେହି ମହାର୍ଘ୍ୟ ଦିବସ। ପ୍ରାୟ ଦୁଇ ଶହ ବର୍ଷରୁ ଉର୍ଦ୍ଧ୍ୱ ଇଂରେଜମାନଙ୍କ କବଳରୁ ଦେଶକୁ ମୁକ୍ତ କରିବାରେ ଯେଉଁମାନଙ୍କ ଚିନ୍ତନ ବଳିଦାନ ଆମକୁ ସ୍ୱାଧୀନତାର ସ୍ୱାଦ ଚଖାଇବା ସହିତ ଯେଉଁ ବିଜୟ ତ୍ରିରଙ୍ଗା ଆମକୁ ଦେଇଥିଲେ, ସେଇମାନଙ୍କ ସମ୍ମାନାର୍ଥେ ସମଗ୍ର ଦେଶରେ ପାଳିତ ହେଉଛି 'ଆଜାଦୀ କା ଅମୃତ ମହୋତ୍ସବ'। ୧୯୪୭ ଅଗଷ୍ଟ ୧୫ ତାରିଖର ସେଇ ସ୍ମରଣୀୟ ମଧ୍ୟରାତ୍ରର ମହତ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ଓ ଆଗକୁ ବଢ଼ିବା ପାଇଁ ଆମ ଓଡ଼ିଆ ଜାତିର ଗୌରବ ଭକ୍ତକବି ମଧୁସୂଦନ ଦାସଙ୍କ ସନ୍ତାନର ଉକ୍ତି କବିତାର ପ୍ରାସଙ୍ଗିକତା ଆଜିର ସମାଜ ପାଇଁ ଢେର ଆବଶ୍ୟକ। ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କର ସ୍ୱାର୍ଥକୁ ଦିଅ ଆହୁତି, ସ୍ୱାର୍ଥମେଧ ଯଜ୍ଞ ଚାରିଆଡ଼େ ନାଚ ଛାତିକୁ ମିଶାଇ ଛାତି। ତ୍ୟାଗ ହିଁ ଦେଇପାରିବ ପୂର୍ଣ୍ଣ ସଫଳତା, ଯାହା ସବୁଠାରୁ କଷ୍ଟସାଧ୍ୟ ହୋଇ ପଡ଼ିଛି ଆଜିର ମଣିଷ ପାଇଁ। ଏବେ ଆସିବା ମୂଳ କଥାକୁ, ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରେରଣାରେ ସମଗ୍ର ଦେଶରେ ପାଳିତ ହେଉଛି ଦେଶ ପ୍ରେମର ଏକ ବଳିଷ୍ଠ ପ୍ରୟାସ ହର୍ ଘର୍ ତ୍ରିରଙ୍ଗା।



ଅନେକ ପରିବର୍ତ୍ତନ ଓ ସଂସ୍କରଣ ପରେ ଯେଉଁ ବିଜୟ ପତାକା ୧୯୪୭ ଅଗଷ୍ଟ ୧୫ ତାରିଖରୁ ଆମ ରାଷ୍ଟ୍ରର ସ୍ୱାଭିମାନର ପ୍ରତୀକ ବହନ କରୁଛି ତା'ର ରୂପକାର ହେଉଛନ୍ତି ଆମ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅନୁଗତ ତଥା ମହାନ୍ ସ୍ୱାଧୀନତାପ୍ରେମୀ 'ପିଙ୍ଗଳି ଭେଙ୍କୟା'। ୧୮୭୬ ଅଗଷ୍ଟ୨ ତାରିଖରେ ଆନ୍ଧ୍ରପ୍ରଦେଶ ମଚ୍ଛଲିପଟନମ୍ ନିକଟସ୍ଥ ପେନୁମାରୁ ନାମକ ଏକ କ୍ଷୁଦ୍ର ଗ୍ରାମର ଏକ କୁଳୀନ ବ୍ରାହ୍ମଣ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ସେ ବହୁ ଗୁଣର ଅଧିକାରୀ ଥିଲେ। ତାଙ୍କର ଧୀଶକ୍ତି ତଥା ବିଚକ୍ଷଣ ବୁଦ୍ଧି ଓ ଦେଶପ୍ରେମର ପରିଚୟର ଭେଟି ହେଉଛି ଆମ ତ୍ରିରଙ୍ଗା ପତାକା। ମହାତ୍ମା ଗାନ୍ଧୀଙ୍କ ପରାମର୍ଶ ଅନୁଯାୟୀ ୩୦ଟି ଦେଶର ପତାକାକୁ ଅନୁଧ୍ୟାନ କରି ପରିଶେଷରେ ସେ ଯେଉଁ ତିନୋଟି ରଙ୍ଗକୁ ସ୍ଥାନିତ କରିଛନ୍ତି ତାହା ହେଉଛି ନାରଙ୍ଗୀ, ଧଳା ଓ ସବୁଜ। ନାରଙ୍ଗୀ ରଙ୍ଗର ସଙ୍କେତ ହେଉଛି ଦେଶର ବୀରତ୍ୱ, ଶକ୍ତି ଓ ସାହସର ପ୍ରତୀକ, ଧଳା ରଙ୍ଗର ସଙ୍କେତ ହେଉଛି ସତ୍ୟ ଓ ଶାନ୍ତିର ପ୍ରତୀକ ଏବଂ ସବୁଜ ରଙ୍ଗଟି ଦେଶର ଅଭିବୃଦ୍ଧି, ଶୁଭଚିନ୍ତା ଓ ଚେତନାକୁ ପ୍ରତିପାଦିତ କରେ। ଏହାର ଦୈର୍ଘ୍ୟ ପ୍ରସ୍ଥର ଅନୁପାତ ୩:୨ହେବା ଆବଶ୍ୟକ। ତ୍ରିରଙ୍ଗାର ମଝି ଧଳା ରଙ୍ଗ ଉପରେ ଅଶୋକ ଚକ୍ରରେ ଥିବା ୨୪ଟି ଅର ବା ଅଖ ଆମକୁ ଚବିଶଟି ସନ୍ଦେଶ ପ୍ରଦାନ କରିବା ସହିତ ବିକାଶଶୀଳ ହେବାପାଇଁ ପ୍ରେରଣା ଦେଇଥାଏ। ପ୍ରଥମ ଅଖର ସନ୍ଦେଶ ହେଲା ଠିକ୍–ଏକ ସରଳ ଜୀବନ ବଞ୍ଚିବାକୁ ପ୍ରବର୍ତ୍ତାଇ ଥାଏ। ଦ୍ୱିତୀୟଟି ସ୍ୱାସ୍ଥ୍ୟ – ଯାହା ଶରୀର ଓ ମନକୁ ସୁସ୍ଥ ରହିବାକୁ ପ୍ରେରଣା ଦେଇଥାଏ। ତୃତୀୟଟି ଶାନ୍ତି – ଦେଶରେ ଶାନ୍ତି ବଜାୟ ରଖିବା, ଚତୁର୍ଥଟି ବଳିଦାନ– ଦେଶ ତଥା ସମାଜ ପାଇଁ କୌଣସି ସମସ୍ୟା ଲାଗି ପ୍ରସ୍ତୁତ ହେବା। ପଞ୍ଚମଟି ନୈତିକତା – ବୃତ୍ତିଗତ ଓ ବ୍ୟକ୍ତିଗତ ଜୀବନରେ ନୈତିକତା ବଜାୟ ରଖିବା। ଷଷ୍ଠଟି ସେବା – ଆବଶ୍ୟକ ବେଳେ ସମାଜର ସେବା କରିବାକୁ ପ୍ରସ୍ତୁତ ହେବା, ସପ୍ତମଟି କ୍ଷମା– ଜୀବେ ଦୟା ମନୋବୃତ୍ତି ପୋଷଣ କରିବା। ଅଷ୍ଟମଟି ପ୍ରେମ– ସମସ୍ତଙ୍କୁ ଭଲ ପାଇବା ସହ ସମ୍ବେଦନଶୀଳ ହେବା। ନବମଟି ବନ୍ଧୁତାର ବାର୍ତ୍ତା ବହନ କରେ ଅର୍ଥାତ୍ ସମସ୍ତ ନାଗରିକଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନ କରିବା। ଦଶମଟି ଭ୍ରାତୃତ୍ୱ ବା ଭାଇଚାରା ବଜାୟ ରଖିବା। ଏକାଦଶଟି ସଂଗଠନ– ଜାତିର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା। ଦ୍ୱାଦଶଟି କଲ୍ୟାଣ– ସମାଜର କଲ୍ୟାଣ କାର୍ଯ୍ୟରେ ବଦ୍ଧପରିକର ହେବା। ତ୍ରୟୋଦଶଟି ସମୃଦ୍ଧତା ଅର୍ଥାତ୍ ଦେଶ ବିକାଶରେ ସକ୍ରିୟ ଅଂଶଗ୍ରହଣ କରିବା। ଚତୁର୍ଦ୍ଦଶଟି ଶିଳ୍ପ– ଦେଶର ଶିଳ୍ପ ପ୍ରଗତିକୁ ଆଗକୁ ନେବା। ପଞ୍ଚଦଶଟି ସୁରକ୍ଷା– ଦେଶ ସୁରକ୍ଷା ପାଇଁ ସର୍ବଦା ପ୍ରସ୍ତୁତ ହେବା। ଷୋଡ଼ଶଟି ସଚେତନତା– ଗୁଜବକୁ ବିଶ୍ୱାସ ନ କରି ସତ୍ୟ ପ୍ରତି ସଚେତନ ହେବା। ସପ୍ତଦଶଟି ସମାନତା– ସମାନତା ଆଧାରରେ ସମାଜ ପ୍ରତିଷ୍ଠା କରିବା। ଅଷ୍ଟାଦଶଟି ସୂଚିତ କରେ ଅର୍ଥ– ଯାହାର ବ୍ୟବହାର ସବୁଠାରୁ ଅଧିକ। ଊନବିଂଶଟି ନୀତି – ଦେଶର ନୀତି ପ୍ରତି ବିଶ୍ୱାସ କରିବା। ବିଂଶତମ ସନ୍ଦେଶଟି ହେଉଛି ନ୍ୟାୟ– ସମସ୍ତଙ୍କ ପାଇଁ ସମାନ ନ୍ୟାୟ ପ୍ରଦାନ। ଏକବିଂଶ ଅଖଟି ସୂଚିତ କରେ ସହଯୋଗ–ଏକତା ହିଁ ବଳ ଅର୍ଥାତ୍ ମିଳିମିଶି କାମ କରିବା। ବାଇଶତମ ଅଖଟି କର୍ତ୍ତବ୍ୟ– କର୍ତ୍ତବ୍ୟକୁ ସଚ୍ଚୋଟ ରୂପେ ପାଳନ କରିବା। ତେଇଶତମ ଅଖଟି ସୂଚାଏ ଅଧିକାର– ବୃତ୍ତିଗତ ଓ ବ୍ୟକ୍ତିଗତ ଅଧିକାରକୁ ଅପବ୍ୟବହାର ନ କରିବା। ଶେଷ ତଥା ଚବିଶତମ ଅଖଟି ସନ୍ଦେଶ ଦିଏ ଜ୍ଞାନ– ପୁସ୍ତକ ବାହାରେ ଜ୍ଞାନ ଆହରଣ କରିବା।

ଆମ ରାଷ୍ଟ୍ରର ଧ୍ୱଜା ତଥା ଆମେ ଧରୁଥିବା ତ୍ରିରଙ୍ଗାର ପରିଭାଷାକୁ ବିଶ୍ଳେଷଣ କଲେ, ଏହା ଆମର ମହାନ୍ ଗଣତନ୍ତ୍ର ରାଷ୍ଟ୍ରର ମର୍ଯ୍ୟାଦା ଓ ଗରିମାକୁ ସ୍ପଷ୍ଟ ଭାବରେ ପ୍ରତିପାଦନ କରେ। ଆଜକୁ ୭୫ ବର୍ଷ ହେଲା ଏହି ମହାନ୍ ରାଷ୍ଟ୍ରୀୟ ଧ୍ୱଜା ଭାରତୀୟଙ୍କୁ ଦେଶଭକ୍ତି,ରାଷ୍ଟ୍ରୀୟ ଗୌରବ ଓ ସ୍ୱଚ୍ଛ ଶାସନ ଆଦିର ସଚେତନତା ବାର୍ତ୍ତା ଦେବା ସହିତ ପ୍ରତ୍ୟେକ ଲୋକଙ୍କ ଭାବନା ଏବଂ ମାନସିକତାରେ ଏକ ନିଆରା ତଥା ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛି।

– ଡ. ଅଜୟ କୁମାର ନନ୍ଦ
ajayakumarnanda@gmail.com




## 'ସାମାଜିକ ମୂଲ୍ୟବୋଧ ବଜାୟ ରହୁ'



ସଂଗ୍ରାମୀ ବ୍ରଜକିଶୋର ରାଉତ

ସମାଜରୁ ନିଶା ଓ ହିଂସାର ବିଲୋପ ଘଟି ସାମାଜିକ ମୂଲ୍ୟବୋଧ ବଜାୟ ରହୁ। ମହାତ୍ମା ଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଭଳି ମହା ମନୀଷୀଙ୍କ ଆଦର୍ଶ ଓ ଚିନ୍ତାଧାରା ଏବେ ଯୁବପିଢ଼ିଙ୍କଠାରୁ ଦୂରେଇ ଯାଉଛି। ସମାଜରେ ମୂଲ୍ୟବୋଧ କ୍ରମଶଃ ଅବକ୍ଷୟମୁଖୀ ହେଉଥିବା ବେଳେ ନିଶା କାରବାର ଦିନକୁ ଦିନ ବୃଦ୍ଧି ପାଇବା ଆଦୌ ମଙ୍ଗଳକର ନୁହେଁ। ସରକାର ରାଜସ୍ୱ ଆଦାୟ ପାଇଁ ମାଦକ ଦ୍ରବ୍ୟ କାରବାରକୁ ପ୍ରୋତ୍ସାହିତ କରୁଛନ୍ତି। ଯାହା ଆମମାନଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀଙ୍କ ଆତ୍ମାକୁ କଷ୍ଟ ଦେଉଛି। ଦେଶବାସୀ ସ୍ୱାଧୀନତା ପ୍ରାପ୍ତିର ୭୫ବର୍ଷ ପୂର୍ତ୍ତି ଅବସରରେ ଆଜାଦୀ କା ଅମୃତ ମହୋତ୍ସବ ପାଳୁଛନ୍ତି। ଅମୃତ ଉତ୍ସବ ପାଳନରେ ସମାଜରୁ ନିଶା ଓ ହିଂସାର ବିଲୋପ ଘଟାଇ ସାମାଜିକ ମୂଲ୍ୟବୋଧ ବଜାୟ ରଖିବା ଆବଶ୍ୟକ ବୋଲି ଦୁଇ ଦୁଇଥର ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହୋଇଥିବା ସ୍ୱାଧୀନତା ସଂଗ୍ରାମୀ ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ବୟାଳିଡିହି ପଞ୍ଚାୟତର କମାରବନ୍ଧ ଗାଁର ବ୍ରଜ କିଶୋର ରାଉତ କହିଛନ୍ତି। ସେଦିନର ସ୍ୱାଧୀନତା ସଂଗ୍ରାମର ବ୍ୟଥା ମନେପଡ଼ିଲେ ଦେହରେ ଆଜି ଉନ୍ମାଦନା ସୃଷ୍ଟି ହୋଇଥାଏ। ତେବେ ସେ ସମୟର ନେତା ଏବଂ ଲୋକଙ୍କ କଥା ଓ କାମରେ ଯେମିତି ସାମଞ୍ଜସ୍ୟ ଥିଲା ଆଜି ଆଉ ସେ ଅନୁଭବ ହେଉନାହିଁ।

ବର୍ତ୍ତମାନ ନିଶା ଓ ହିଂସା ସମାଜ ଓ ଯୁବପିଢ଼ିଙ୍କୁ ଅବକ୍ଷୟମୁଖୀ କରି ଚାଲିଛି। ମଧୁବାବୁ, ଗୋପବନ୍ଧୁଙ୍କ ପରି ତ୍ୟାଗ ଓ ଆଦର୍ଶ ସମ୍ପର୍କରେ ବର୍ତ୍ତମାନର ଯୁବପିଢ଼ି ଆଉ ଅବଗତ ହେଉନାହାନ୍ତି। ଆମ ସମୟ ଅପେକ୍ଷା ବର୍ତ୍ତମାନ ଅଧିକ ଉନ୍ନତି ହୋଇଛି ସତ; ହେଲେ ଗାନ୍ଧୀ, ଗୋପବନ୍ଧୁଙ୍କ ଭଳି ମହାପୁରୁଷଙ୍କ ଆଦର୍ଶ ଓ ନୈତିକତା ଲୋପ ପାଇ ବସିଛି। ଏହା ଗାଁର ଲୋକଙ୍କ ମଧ୍ୟରେ ଭାଇଚାରାକୁ ନଷ୍ଟ କରୁଛି। ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିବା ଅନେକ ସଂଗ୍ରାମୀଙ୍କୁ ସରକାର ଅବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉପଯୁକ୍ତ ସମ୍ମାନ ମିଳିପାରି ନ ଥିବା କହି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଆଜିର ଯୁବପିଢ଼ିଙ୍କୁ ସ୍ୱାଧୀନତା ସଂଗ୍ରାମର କଥା ଓ ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପ୍ରେରଣାଦାୟୀ କାର୍ଯ୍ୟକ୍ରମ ହାତକୁ ନେଇ ସେମାନଙ୍କ ଭିତରେ ଦେଶପ୍ରେମର ବହ୍ନି ଜାଗ୍ରତ କରିବା ପାଇଁ ଆହ୍ୱାନ ଦେଇଛନ୍ତି।

୯୬ ବର୍ଷୀୟ ସ୍ୱାଧୀନତା ସଂଗ୍ରାମୀ ରାଉତ ୨୦୧୧ରେ ଦିଲ୍ଲୀଠାରେ ତତ୍କାଳୀନ ରାଷ୍ଟ୍ରପତି ପ୍ରତିଭା ଦେବୀସିଂ ପାଟିଲଙ୍କଠାରୁ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ଭାବେ ସମ୍ମାନିତ ହୋଇଥିଲେ। ୨୦୨୦ରେ କୋଭିଡ୍ କଟକଣା ଯୋଗୁ ନିଜ ବାସଗୃହରେ ସେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ପକ୍ଷରୁ ଜିଲାପାଳଙ୍କ ଦ୍ୱାରା ରାଷ୍ଟ୍ରପତି ସମ୍ମାନ ଗ୍ରହଣ କରିଥିଲେ। ସେହିପରି ୧୯୭୨ରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କଠାରୁ ତାମ୍ର ଫଳକ, ୧୯୮୧ରେ ତତ୍କାଳୀନ ରାଜ୍ୟପାଳଙ୍କଠାରୁ ପୁରସ୍କୃତ ହୋଇଥିଲେ। ଆଜାଦୀ କା ଅମୃତ ମହୋତ୍ସବ ଦେଶର ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା ପାଇଁ ଲୋକଙ୍କୁ ଉଦ୍‌ବୁଦ୍ଧ କରିବା ସହ ରାଜନେତା ଓ ପ୍ରଶାସକ ସାଧାରଣ ଜନତାଙ୍କୁ ସ୍ୱାଧୀନତାର ସ୍ୱାଦ ପ୍ରଦାନ କରନ୍ତୁ। ସାଧାରଣ ଲୋକ ଏବେ ବି ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଶୋଷଣର ଶିକାର ବି ହେଉଛନ୍ତି; ଯାହାକି ସ୍ୱାଧୀନତା ପ୍ରତି ଉପହାସ ପରି ମୋର ମନେ ହେଉଛି। ସରକାର କୋଭିଡ୍ ସମୟରେ ଯେଉଁଭଳି ଆଇନ ବାହାର କଲେ ସେହିଭଳି ଗାନ୍ଧୀ, ଗୋପବନ୍ଧୁଙ୍କ ଭଳି ମହାପୁରୁଷଙ୍କ ଗାଥାକୁ ଆଇନରେ ପ୍ରଣୟନ କଲେ ଏ ସମାଜ କେତେକାଂଶରେ ବଦଳି ପାରନ୍ତା ବୋଲି ସଂଗ୍ରାମୀ ରାଉତ ମତବ୍ୟକ୍ତ କରିଛନ୍ତି।

– ଦେବେନ୍ଦ୍ର ଆଦିଆ, ଧାମନଗର









# ଧରିତ୍ରୀ
DHARITRI

ସୋମବାର, ଅଗଷ୍ଟ ୧୫/୨୦୨୨ | Monday, August 15/2022 | ପୃଷ୍ଠା-୧




## ରେସ୍‌ଲିଂ ଛାଡ଼ିଥାନ୍ତେ ଭିନେଶ

ଟୋକିଓରେ ବିଫଳ ପରେ ରେସ୍‌ଲିଂ ଛାଡ଼ିଦେବାକୁ ବିଚାରିଥିଲେ ଷ୍ଟାର୍ ରେସ୍‌ଲର ଭିନେଶ ଫୋଗଟ୍। ୦୬

୦୩ ## 'ହାରି ପୋଟର' ଲେଖିକାଙ୍କୁ ହତ୍ୟା ଧମକ

ସଲମାନ ରଶଡିଙ୍କ ଉପରକୁ ହୋଇଥିବା ଆକ୍ରମଣକୁ ନିନ୍ଦା କରିଥିବା 'ହାରି ପୋଟର' ପ୍ରବନ୍ଧ ଲେଖିକା ଜେ.କେ ରୋଲିଙ୍ଗଙ୍କୁ ହତ୍ୟା ଧମକ ମିଳିଛି।





୭୬ ତମ ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ରବିବାର ଭୁବନେଶ୍ୱରସ୍ଥିତ ରାଜ୍ୟ ବିଧାନସୌଧକୁ ରଙ୍ଗିନ ଆଲୋକମାଳାରେ ସଜାଯାଇଛି।

# ୧୩ ସୁନାଖଣି ବିକିବ କେନ୍ଦ୍ର

## ଚଳିତ ମାସରେ ନିଲାମ ହେବ ଆନ୍ଧ୍ରର ୧୦, ୟୁପିର ୩ ଗୋଲ୍ଡ ବ୍ଲକ୍

ନୂଆଦିଲ୍ଲୀ,୧୪।୮



କେନ୍ଦ୍ର ସରକାର ଆନ୍ଧ୍ର ପ୍ରଦେଶ ଓ ଉତ୍ତର ପ୍ରଦେଶରେ ଥିବା ୧୩ଟି ସୁନାଖଣି ବିକ୍ରି କରିବା ପାଇଁ ମସୁଧା ଚଳାଇଛନ୍ତି। ଗତ ବର୍ଷ ମାଇନିଂ ଆକ୍ଟ, ୨୦୧୫ରେ ସଂଶୋଧନ ଅଣାଯିବା ପରେ ଏବେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ପାଇଁ ଏହି ସୁନାଖଣିଗୁଡ଼ିକୁ ନିଲାମ କରିବାକୁ ସରକାର ଲକ୍ଷ୍ୟ ରଖିଥିବା କେତେକ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ ନିଲାମ ହେବାକୁ ଥିବା ସୁନାଖଣିଗୁଡ଼ିକ ମଧ୍ୟରୁ ୧୦ଟି ଆନ୍ଧ୍ରରେ ଥିବାବେଳେ ୩ଟି ୟୁପିରେ ରହିଛି। ଆନ୍ଧ୍ରର ୧୦ ଗୋଲ୍ଡ ବ୍ଲକ୍ ମଧ୍ୟରୁ ୫ଟି ଆସନ୍ତା ୨୬ ତାରିଖରେ ନିଲାମ ହୋଇପାରେ। ଅବଶିଷ୍ଟ ୫ ସୁନାଖଣିକୁ ଅଗଷ୍ଟ ୨୯ରେ ନିଲାମ କରାଯାଇପାରେ ବୋଲି ଏଥିରେ ଦର୍ଶାଯାଇଛି। ଆନ୍ଧ୍ରର ସୁନାଖଣିଗୁଡ଼ିକ ମଧ୍ୟରେ ରହିଛି ରାମଗିରି ନର୍ଥ ବ୍ଲକ୍, ବୋକ୍‌ସାମ୍‌ପଲ୍ଲୀ ନର୍ଥ ବ୍ଲକ୍, ବୋକ୍‌ସାମ୍‌ପଲ୍ଲୀ ସାଉଥ୍ ବ୍ଲକ୍, ଜାଭାକୁଲା-ଏ ବ୍ଲକ୍, ଜାଭାକୁଲା-ବି ବ୍ଲକ୍, ଜାଭାକୁଲା-ସି ବ୍ଲକ୍, ଜାଭାକୁଲା-ଡି ବ୍ଲକ୍, ଜାଭାକୁଲା-ଇ ବ୍ଲକ୍ ଏବଂ ଜାଭାକୁଲା-ଏଫ୍ ବ୍ଲକ୍। ଏହି ସୁନାଖଣିଗୁଡ଼ିକର ନିଲାମି ପାଇଁ ଗତ ମାର୍ଚ୍ଚରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ସେହିପରି ଉତ୍ତର ପ୍ରଦେଶର ସୋନଭଦ୍ରା ସ୍ଥିତ ସୋନାପାହାଡ଼ି ବ୍ଲକ୍ ଓ ବିଅଦଣ୍ଡ ବ୍ଲକ୍ ସମେତ ୩ଟି ଖଣି ମଧ୍ୟ ଚଳିତ ମାସରେ ନିଲାମ କରାଯିବ। କିନ୍ତୁ ଏଥିଲାଗି କୌଣସି ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରାଯାଇନାହିଁ। ଏହି ୩ ସୁନାଖଣି ନିଲାମ ପାଇଁ ଗତ ମେ' ୨୧ରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଖନନ ଆଇନ, ୨୦୧୫ରେ ସଂଶୋଧନ ପରେ ନିଲାମି ଜରିଆରେ ଖଣିଜ ବ୍ଲକ୍‌ଗୁଡ଼ିକର ଆବଣ୍ଟନ କରାଯାଉଛି। ଅଗଷ୍ଟ ୪ ସୁଦ୍ଧା ରାଜ୍ୟଗୁଡ଼ିକ ପକ୍ଷରୁ ମୋଟ ୧୯୯ ଖଣିଜ ବ୍ଲକ୍ ନିଲାମ କରାଯାଇଥିଲା। ଗତ ଆର୍ଥିକବର୍ଷରେ ୪୫ ଖଣିଜ ବ୍ଲକ୍‌କୁ ନିଲାମି ପାଇଁ ରଖାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ଏଥିରୁ ପର୍ଯ୍ୟାପ୍ତ ରାଜସ୍ୱ ପାଉଥିବା କହିଥିଲେ। ଖଣି ମନ୍ତ୍ରଣାଳୟ ୨୦୧୫ର ଆଇନରେ ସଂଶୋଧନ ଲାଗି ମିନେରାଲ୍ସ (ଏଭିଡେନ୍ସ ଅଫ୍ ମିନେରାଲ କଣ୍ଟେଣ୍ଟସ) ସେକେଣ୍ଡ ଆମେଣ୍ଡମେଣ୍ଟ ରୁଲସ୍-୨୦୨୧, ମିନେରାଲ (ଅକ୍ସନ) ଫୋର୍ଥ ଆମେଣ୍ଡମେଣ୍ଟ ରୁଲ୍ସ-୨୦୨୧ ଉପରେ ବିଜ୍ଞପ୍ତି ଜାରି କରିଥିଲା। ଖଣି ନିଲାମି ନିୟମରେ ସଂଶୋଧନ ଫଳରେ ବ୍ଲକ୍‌ଗୁଡ଼ିକୁ ବିକ୍ରି ପ୍ରକ୍ରିୟାରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ ବୋଲି ପୂର୍ବରୁ ଖଣି ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ କୁହାଯାଇଥିଲା। ରାଜ୍ୟଗୁଡ଼ିକ, ଶିଳ୍ପ ସଂଘ, ଖନନକାରୀ, ଅନ୍ୟ ପକ୍ଷ ଓ ଜନସାଧାରଣଙ୍କ ସହ ବିଚାରବିମର୍ଶ ପରେ ଏହି ସଂଶୋଧନ ଅଣାଯାଇଥିଲା।

# ନବୀନ ସବୁଠୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ

## ଇଣ୍ଡିଆ ଟୁଡେର 'ମୁଡ୍ ଅଫ୍ ଦି ନେଶନ' ସର୍ଭେ

ନୂଆଦିଲ୍ଲୀ,୧୪।୮



ବିଜୁ ଜନତା ଦଳ (ବିଜେଡି) ସଭାପତି ନବୀନ ପଟ୍ଟନାୟକ ଦେଶର ସବୁଠୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ରୂପେ ମାନ୍ୟତା ପାଇଛନ୍ତି। 'ଇଣ୍ଡିଆ ଟୁଡେ' ପତ୍ରିକା ପକ୍ଷରୁ କରାଯାଇଥିବା 'ମୁଡ୍ ଅଫ୍ ଦି ନେଶନ' ସର୍ଭେରେ ନବୀନଙ୍କ ପ୍ରଦର୍ଶନ ଉପରେ ଓଡ଼ିଶାର ୭୮% ଲୋକ ସନ୍ତୁଷ୍ଟ ଥିବା ପ୍ରକାଶ କରିଛନ୍ତି। ଅନୁରୂପ ଭାବେ ସମସ୍ତ ରାଜ୍ୟର ଲୋକଙ୍କୁ ସେମାନଙ୍କ ମୁଖ୍ୟମନ୍ତ୍ରୀଙ୍କ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସପକ୍ଷରେ ୬୩% ଉତ୍ତରଦାତା ମତ ଦେଇଥିବାବେଳେ ୬୧% ସମର୍ଥନ ସହ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଏହି ତାଲିକାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶାର ୭୮.୧% ଲୋକ ନବୀନ ପଟ୍ଟନାୟକଙ୍କ ପ୍ରଦର୍ଶନକୁ ନେଇ ସନ୍ତୁଷ୍ଟ ଥିବା କହିଛନ୍ତି। ୬ ମାସ ପୂର୍ବରୁ ଏହି ହାର ୭୧% ଥିଲା। ନବୀନ ହେଉଛନ୍ତି ଓଡ଼ିଶାରେ ଅଦ୍ୟାବଧି ସର୍ବାଧିକ ସମୟ ମୁଖ୍ୟମନ୍ତ୍ରୀ ହୋଇଥିବା ନେତା। ରାଜ୍ୟରେ ଦୁଇ ଦଶନ୍ଧି ଧରି ତାଙ୍କ ନେତୃତ୍ୱକୁ କେହି ଚ୍ୟାଲେଞ୍ଜ କରିପାରି ନାହାନ୍ତି। ୨୦୨୧ ଜାନୁୟାରୀରେ ମଧ୍ୟ ନବୀନ ୫୧% ଲୋକଙ୍କ ପଜିଟିଭ୍ ରେଟିଙ୍ଗ୍‌ସ ପାଇ ସବୁଠୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମାନ୍ୟତା ଲାଭ କରିଥିଲେ।




## ବିରିଡିରେ ବନ୍ୟାସ୍ଥିତି ପରଖିଲେ ଜିଲାପାଳ

ବାଲିଆ, (ସ୍ୱ.ପ୍ର.): ଲଗାଣ ବର୍ଷା ଓ ଉପୁଜି ଥିବା ସମ୍ଭାବ୍ୟ ବନ୍ୟା ପରିସ୍ଥିତ ପାଇଁ ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟୱାରୀ ରବିବାର ବିରିଡି ବ୍ଲକ ଗସ୍ତ କରିଥିଲେ। ଜିଲାପାଳ ପଟୱାରୀ ପୂର୍ବାହ୍ନରେ ନଦୀ ତଟରେ ବସବାସ କରୁଥିବା ଉତ୍ତରଶାସନ ପଞ୍ଚାୟତର ୬ ନଂ. ୱାର୍ଡ ସାମଲସାହିକୁ ଯାଇ ସେଠାକାର ପରିସ୍ଥିତ ଅନୁଧ୍ୟାନ କରିଥିଲେ। ଏଥିସହ ଲୋକମାନେ କେତେ ସୁରକ୍ଷିତ ଅଛନ୍ତି ତାହା ନିରୀକ୍ଷଣ କରିବା ସହ ନଦୀ ତଟ ବୁଲି ଦେଖିଥିଲେ। ତେବେ ବନ୍ୟା ପାଇଁ କେହି ଭୟଭୀତ ନ ହେବାକୁ ଜିଲାପାଳ ପଟୱାରୀ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ।

## ସଂକ୍ଷେପରେ

### ଲିପସା କମ୍ପ୍ୟୁଟର ସାଇନ୍ସ ସମ୍ମାନରେ ପ୍ରଥମ



କେନ୍ଦ୍ରାପଡ଼ା ଅଫିସ,୧୪।୮: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ଶନିବାର ପ୍ରକାଶିତ ହୋଇଛି। ଏଥିରେ ବିଜ୍ଞାନ ବିଭାଗର କମ୍ପ୍ୟୁଟର ସାଇନ୍ସ ସମ୍ମାନର ଛାତ୍ରୀ ଲିପ୍‌ସା ଦାସ ମୋଟ ୨୬୦୦ ମାର୍କରୁ ୨୨୨୦ ମାର୍କ ଅର୍ଥାତ୍ ୮୫.୩୮% ରଖି ବିଭାଗରେ ପ୍ରଥମ ହୋଇଛନ୍ତି। ଲିପ୍‌ସା ହେଉଛନ୍ତି କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଭ୍ରମରଦିଆପାଟଣା ଗ୍ରାମର ଗୁଲ୍‌ନଗର ପଞ୍ଚାୟତର ଅରବିନ୍ଦ ଓ ସ୍ମିତାଙ୍କ ଏକମାତ୍ର କନ୍ୟା। ତାଙ୍କ ସଫଳତାରେ ସହପାଠୀମାନଙ୍କ ସହ ଅଞ୍ଚଳର ବହୁ ବିଶିଷ୍ଟବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି। ଲିପ୍‌ସା ଭବିଷ୍ୟତରେ ଜଣେ ସଫ୍ଟୱେର ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଲିପ୍‌ସାଙ୍କୁ ୩ ବର୍ଷ ବୟସ ହୋଇଥିବା ବେଳେ ତାଙ୍କ ବାପା ଅରବିନ୍ଦ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ଲିପ୍‌ସାଙ୍କ ମା' ସ୍ମିତା ଏବେ ଅଙ୍ଗନୱାଡି କର୍ମୀ ଭାବେ କାର୍ଯ୍ୟ କରୁଛନ୍ତି।

### ଶତାୟୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ବର୍ଦ୍ଧନା

ରାଜନଗର,୧୪।୮(ଡି.ଏନ.ଏ.): ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳସ୍ଥିତ ବାରଗାଁର ମାଟିଆ ମଙ୍ଗଳାଙ୍କ ମନ୍ଦିର ପରିସରରେ ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା ଓ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଚାନ୍ଦିବାଉଁଶମୂଳ ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଉପେନ୍ଦ୍ର ସ୍ୱାଇଁ, ସାମାଜିକ କର୍ମୀ କାହ୍ନୁଚରଣ ଚଣ୍ଡ, ଅନନ୍ତ ମହାନ୍ତି, ବ୍ୟାଙ୍କ ଅଫ୍ ବରୋଦା ପ୍ରମୁଖ ଅଧିକାରୀ ଅତିଥି ଭାବେ ଯୋଗଦେଇ ମହୋତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଡେରାବିଶ ବ୍ଲକର ଶତାୟୁ ସ୍ୱାଧୀନତା ସଂଗ୍ରାମୀ ବିନ୍ଧାଧର ମୁଦୁଲି (୧୦୨) ଏବଂ ଫକୀର ମୋହନ ଦାସ (୧୦୭)ଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପଟ୍ଟାମୁଣ୍ଡାଇ ବ୍ୟାଙ୍କ ଅଫ୍ ବରୋଦା ଶାଖା ପରିଚାଳକ ସୁଧାଂଶୁ ଶେଖର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଚାନ୍ଦିବାଉଁଶମୂଳ ଶାଖା ପରିଚାଳକ ଗୋପାଳ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ୟାଙ୍କ କର୍ମଚାରୀ ଅଭିଷେକ ସାମନ୍ତରାୟ, ବିଷ୍ଣୁ ପ୍ରସାଦ ସାହୁ, ସମ୍ବିତ ମହାନ୍ତି, ଅଭିରାମ ମହାନ୍ତି, ଅର୍ଦ୍ଧେନ୍ଦୁ ପଣ୍ଡା, ଅଜୟ ରାଉଳ ପ୍ରମୁଖ ପରିଚାଳନା କରିଥିଲେ।

# ୫୫ ପଞ୍ଚାୟତବାସୀଙ୍କୁ ଘାରିଛି ଜଳବନ୍ଦୀ ଭୟ

କେନ୍ଦ୍ରାପଡ଼ା ଅଫିସ, ୧୪।୮

କେନ୍ଦ୍ରାପଡ଼ା ଜିଲାରେ ୬ ଦିନ ଧରି ଲଗାଣ ବର୍ଷା ଜାରି ରହିଛି। ଜିଲାର ବିଭିନ୍ନ ବ୍ଲକରେ ୧୦ ତାରିଖରେ ୧୫୪ ମିଲିମିଟର, ୧୧ରେ ୧୯୫ ମି.ମି., ୧୨ରେ ୧୯୧ ମି.ମି., ୧୩ରେ ୧୫୨ ମି.ମି. ଓ ୧୪ ତାରିଖରେ ୫୦୨ ମିଲିମିଟର ବର୍ଷା ହୋଇଥିବା ପ୍ରଶାସନ ପକ୍ଷରୁ ରେକର୍ଡ କରାଯାଇଛି। ସେହିପରି ଗତ ୧୨ ତାରିଖ ପୂର୍ଣ୍ଣିମା ତିଥିରେ ସମୁଦ୍ର ଜୁଆର ଉଠି ବଡିଘର, କଜଳାପାଟିଆ, ପେଣ୍ଠ, କଂସାର ବଡ଼ଦାଣ୍ଡୁଆ, ସାତଭାୟା, ତାଳଚୁଆ, ରଙ୍ଗଣୀ ଆଦି ପଞ୍ଚାୟତର ଲୁଣାବନ୍ଧକୁ ଡେଇଁ ପାଣି କ୍ଷେତ ଓ ଗ୍ରାମରେ ପଶିଛି। ଏହି ସମୟରେ ମହାନଦୀରେ ପ୍ରଥମ ବନ୍ୟାଜଳ ଆସୁଥିବାରୁ ଜିଲାର ୫୫ ପଞ୍ଚାୟତବାସୀଙ୍କୁ ଜଳବନ୍ଦୀ ଭୟ ଘାରିଛି। ଲୁଣା, ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳବାସୀ ବନ୍ୟା ଘେରରେ ରହିବେ ବୋଲି ସତର୍କ ହେଲେଣି। ଲୁଣା, କରାଣ୍ଡିଆ, ଚିତ୍ରୋତ୍ପଳା ଓ ପାଇକା ନଦୀ ବନ୍ଧ ବହୁ ସ୍ଥାନରେ ଦୁର୍ବଳ ଥିବାରୁ



ଲଗାଣ ବର୍ଷାରେ କେନ୍ଦ୍ରାପଡ଼ା ଅଞ୍ଚଳର ଚାଷ ଜମି ଜଳମଗ୍ନ।

ଜିଲା ପ୍ରଶାସନ ପକ୍ଷରୁ ନିରୀକ୍ଷଣ କରାଯାଉଛି। ଉପାନ୍ତ ଅଞ୍ଚଳରେ ବନ୍ୟା ହେଲେ ଅଧିବାସୀଙ୍କୁ ସ୍ଥାନାନ୍ତର ହେବାକୁ ପଡ଼ିବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ୨ ଓଡ୍ରାଫ୍ ଟିମ୍, ୧ ଏନ୍‌ଡିଆର୍‌ଏଫ୍ ଟିମ୍ ସହ ୪ଟି ଅଗ୍ନିଶମ ବିଭାଗ ଟିମ୍ କେନ୍ଦ୍ରାପଡ଼ାରେ ପହଞ୍ଚିଛନ୍ତି।

ମହାନଦୀ ଜଳ ଲୁଣା, କରାଣ୍ଡିଆ ନଦୀରେ ପ୍ରବାହିତ ହେବ। କରିଲୋପାଟଣା, ଜଳପୋକ, ଆଇତିପୁର, ଜମପଡ଼ା, ମେହେନ୍ଦି ନଗର, ବଛରା, ହିନ୍ଦୁଳିଆ, ମଣିକୁଣ୍ଡା, ମାର୍ଶାଘାଇ, ଦୁମୁକା, ଦଶିପୁର ପ୍ରଭୃତି ପଞ୍ଚାୟତରେ ଏହି ନଦୀର ବନ୍ୟାଜଳ ପଶିବା ସମ୍ଭାବନା ଅଛି। ସେହିପରି ଚିତ୍ରୋତ୍ପଳା ନଦୀ ନିକଟ ଆଖୁଆଦକ୍ଷିଣୀ, ରାଘବପୁର, ପରକୁଳା, ତାଳସଙ୍ଗା, ଗରଜଙ୍ଗା ପଞ୍ଚାୟତରେ ବନ୍ୟାଜଳ କ୍ଷେତ ନଷ୍ଟ କରିବା ସହ ଘରେ ପଶିବା ଆଶଙ୍କା ଅଛି। ପାଇକା ନଦୀ ପାର୍ଶ୍ୱବର୍ତ୍ତୀ ବଟିରା, ଅନ୍ତେଇ, ମଙ୍ଗରାଜପୁର ଆଦି ପଞ୍ଚାୟତରେ ମଧ ବନ୍ୟା ଚିନ୍ତା ବଢ଼ିଛି। ଚଳିତ ବର୍ଷ ଜିଲାର ୪୪ଟି ସ୍ଥାନରେ ନଦୀବନ୍ଧ ଦୁର୍ବଳ ଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଏଥିପାଇଁ ଏହାର ମରାମତି ହୋଇଥିବା ଜିଲା ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସ୍ଥାନୀୟ ଅଧିବାସୀଙ୍କ ସୂଚନା ଅନୁଯାୟୀ ଡେରାବିଶ, ଗରଦପୁର, ମାର୍ଶାଘାଇ ଓ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ମରାମତି କାର୍ଯ୍ୟ ସରିନାହିଁ। ଜିଲାରେ ପ୍ରବାହିତ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ନଦୀ ଓ ଶାଖା ନାଳର ତଳମୁଣ୍ଡରେ ବନ୍ଧ ନ ଥିବାରୁ ୫୫ ପଞ୍ଚାୟତର ୪୬୭ ଗ୍ରାମରେ ବନ୍ୟାଜଳ ପଶିବା ଆଶଙ୍କା ଅଛି। ଏହି ବନ୍ୟାଜଳ କ୍ଷେତ ସହ ଜନଜୀବନକୁ ଅସ୍ତବ୍ୟସ୍ତ କରିବ। ସମ୍ଭାବ୍ୟ ବନ୍ୟା ପ୍ରସ୍ତୁତି ସମ୍ପର୍କରେ ଜିଲାପାଳ ଅମୃତ ଋତୁରାଜଙ୍କୁ ପଚାରିବାରେ ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ସତର୍କ ଦୃଷ୍ଟି ରଖାଯାଇଛି। ଦୁର୍ବଳ ନଦୀବନ୍ଧ ଚିହ୍ନଟ, ମରାମତି ସହ ଆବଶ୍ୟକ ସ୍ଥଳେ ବାଲିବସ୍ତା ଗଚ୍ଛିତ ରହିଛି। ସେହିପରି ଜଳସମ୍ପଦ ବିଭାଗ ବନ୍ୟାର ସ୍ଥିତି ନିରୀକ୍ଷଣ କରୁଛି। କୌଣସି ସ୍ଥାନରେ ବନ୍ଧ ଭାଙ୍ଗିବା ସ୍ଥିତି ନ ଥିବା ରିପୋର୍ଟ ଆସିଛି। ଆବଶ୍ୟକ ମୁତାବକ ବନ୍ୟାପ୍ଲାବିତ ଅଞ୍ଚଳରୁ ଅଧିବାସୀଙ୍କୁ ସୁରକ୍ଷିତ ସ୍ଥାନକୁ ନେବା, ସ୍ୱାସ୍ଥ୍ୟସେବା ଓ ଖାଦ୍ୟସାମଗ୍ରୀ ଯୋଗାଇବା ପାଇଁ ବିଡିଓ ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

- ଲଗାଣ ବର୍ଷା ବେଳେ ମହାନଦୀରେ ପ୍ରଥମ ବନ୍ୟାଜଳ
- ଲୁଣା, ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳବାସୀ ଆତଙ୍କିତ
- ଆବଶ୍ୟକରେ ସ୍ଥାନାନ୍ତର, ପ୍ରଶାସନ ସହ ୭ ଟିମ୍ ପ୍ରସ୍ତୁତ

### ଦଳେଇଘାଇଠାରେ ୫୦ ଫୁଟରେ ବନ୍ୟାଜଳ ପ୍ରବାହିତ ବିଲୁଆଖାଇ, ଦେବୀ ନଦୀ

ବାଲିଆ, ୧୪।୮ (ସ୍ୱ.ପ୍ର.)

ଲଗାଣ ବର୍ଷା ଯୋଗୁ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ଉପୁଜିଛି। ହୀରାକୁଦର ୩୪ଟି ଗେଟ ଖୋଲା ଯାଇ ଜଳ ନିଷ୍କାସନ କରାଯାଉଛି। ଆଜି ମଧାହ୍ନରେ ମୁଣ୍ଡଳୀ ଦେଇ ୩ ଲକ୍ଷ ଘନ ଫୁଟ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ କାଠଯୋଡିର ଶାଖା ନଦୀ କୁହାଯାଉଥିବା ବିଲୁଆଖାଇ ଓ ଦେବୀ ଫୁଲିବାରେ ଲାଗିଛି। ଦଳେଇ ଘାଇଠାରେ ୫୦ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ଆଗକୁ ଅଧିକ ପାଣି ଆସୁଥିବାରୁ ଉଭୟ ନଦୀର ଜଳସ୍ତର ବୃଦ୍ଧି ପାଇବ ବୋଲି ବିଲୁଆଖାଇ ଜଳସେଚନ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ସେଠୀ ଓ ଦଳେଇଘାଇ ସେକ୍ସନ୍ ସହକାରୀ ଯନ୍ତ୍ରୀ ସାଗରିକା ବେହେରା ସୂଚନା ଦେଇଛନ୍ତି। ତେବେ ବର୍ତ୍ତମାନ ପରିସ୍ଥିତିରେ ଜନସାଧାରଣଙ୍କ ପାଇଁ କୌଣସି ବିପଦର ଆଶଙ୍କା ନ ଥିବା ବେଳେ ପରିସ୍ଥିତିକୁ ସବୁବେଳେ ନଜର ରଖାଯାଇଥିବା କହିଛନ୍ତି। ଦଳେଇଘାଇ ସେକ୍ସନ୍ ପକ୍ଷରୁ ବୈଦ୍ୟନାଥ ଦାସ ବନ୍ୟା ପରିସ୍ଥିତି ଉପରେ ନଜର ରଖିବା ସହ କର୍ମଚାରୀଙ୍କୁ ଧରି ସେଠାରେ ଡେରା ପକାଇଛନ୍ତି।

# ତଳିଆ ଅଞ୍ଚଳ ଲୋକଙ୍କୁ ସ୍ଥାନାନ୍ତର ନିଷ୍ପତ୍ତି

**ଲଗାଣ ବର୍ଷା ଯୋଗୁ ମଧ୍ୟମ ଧରଣର ବନ୍ୟା ଆଶଙ୍କା**

- ୪୫ ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ, ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ପ୍ରସ୍ତୁତ
- ଆଶ୍ରୟସ୍ଥଳରେ ମାଗଣା ରନ୍ଧା ଓ ଶୁଖିଲା ଖାଦ୍ୟ ଦିଆଯିବ
- ଜଳ ନିଷ୍କାସନ ଉପରେ ଗୁରୁତ୍ୱ
- ୧ ଏନ୍‌ଡିଆର୍‌ଏଫ୍ ଦଳ ପାରାଦୀପ ଓ ୧ ଓଡ୍ରାଫ ଦଳ ଜଗତ୍‌ସିଂହପୁରରେ ରହିବେ

ଜଗତ୍‌ସିଂହପୁର ଅଫିସ, ୧୪।୮

ଲଗାଣ ବର୍ଷା ପ୍ରଭାବରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଆଭାସୀ ମାଧ୍ୟମରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାରୁଲ ପଟୱାରୀ ପୌରୋହିତ୍ୟ କରି କହିଥିଲେ, ମହାନଦୀ ଏବଂ ଏହାର ଶାଖା ନଦୀର ଜଳପତ୍ତନ ବୃଦ୍ଧି ପାଇ ମଧ୍ୟମ ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ଜଗତ୍‌ସିଂହପୁର ଜିଲାରେ ଏହାର ପ୍ରଭାବ ପଡ଼ିବ। ତେଣୁ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ନେଇ ଜିଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର, କ୍ଷେତ୍ରୀୟ ଅଧିକାରୀମାନେ ସଜାଗ ରହିବାକୁ ପଡ଼ିବ। ଆବଶ୍ୟକ ସ୍ଥଳେ ତଳିଆ ଅଞ୍ଚଳର ଲୋକଙ୍କୁ ଜିଲାରେ ଥିବା ୪୫ଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ, ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ରକୁ ସ୍ଥାନାନ୍ତର କରିବାକୁ ହେବ। ସ୍ଥାନାନ୍ତର ପରେ ବିଡିଓ ଓ ପୌର ନିର୍ବାହୀ ଅଧିକାରୀମାନେ ସେମାନଙ୍କ ପାଇଁ ରନ୍ଧା ଓ ଶୁଖିଲା ଖାଦ୍ୟ ବ୍ୟବସ୍ଥା କରିବେ। ଆଶ୍ରୟସ୍ଥଳୀଗୁଡ଼ିକରେ ଜେନେରେଟର, ଟାୱାର ଲାଇଟ୍, ଟ୍ରିକଟର୍, ଟଏଲେଟ୍ ଓ ପାନୀୟ ଜଳ ବ୍ୟବସ୍ଥା କରାଯିବ। ପ୍ରତି ଆଶ୍ରୟସ୍ଥଳରେ ୨ ଜଣ ପୁରୁଷ ଓ ଜଣେ ମହିଳା କର୍ମଚାରୀ (ଆଶା, ଅଙ୍ଗନୱାଡି କର୍ମୀ, ଶିକ୍ଷୟିତ୍ରୀ, ମହିଳା କନଷ୍ଟେବଳ) ଦାୟିତ୍ୱରେ ରହିବେ। ବୃଦ୍ଧ, ଭିନ୍ନକ୍ଷମ, ପ୍ରସୂତି ମହିଳା ଓ ଶିଶୁମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସ୍ଥାନାନ୍ତରଣ କରାଯିବ। ଗୋଟିଏ ଏନ୍‌ଡିଆର୍‌ଏଫ୍‌ଦଳ ପାରାଦୀପ ଓ ଗୋଟିଏ ଓଡ୍ରାଫ ଦଳ ଜଗତ୍‌ସିଂହପୁରରେ ରହିବେ। ୪ଟି ଅଗ୍ନିଶମ ଦଳ ଏରସମା, କୁଜଙ୍ଗ, ବାଲିକୁଦା ଓ ଜଗତ୍‌ସିଂହପୁରରେ ମୁତୟନ କରାଯାଇଛି। ସମସ୍ତ କ୍ଷେତ୍ରୀୟ ଅଧିକାରୀ ସମ୍ବେଦନଶୀଳ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ଯୋଗାଇବାକୁ ଜିଲାପାଳ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଜରୁରୀ ବିଭାଗରେ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବ। ଏହି ମାଧ୍ୟମରେ ସମସ୍ତ ବିଡିଓ, ତହସିଲଦାର ଓ ଲାଇନ ଡିପାର୍ଟମେଣ୍ଟ ସଂଯୋଗ ହୋଇ ରହିବେ। ପିଏଚ୍‌ସି ଓ ସିଏଚ୍‌ସିଗୁଡ଼ିକରେ ଜେନେରେଟର କାର୍ଯ୍ୟକ୍ଷମ କରିବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ଓ ଜଳସମ୍ପଦ ବିଭାଗର ରାସ୍ତାଗୁଡ଼ିକ ଯଦି ଧୋଇଯାଏ, ତେବେ ତୁରନ୍ତ ମରାମତି ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀମାନେ ପଦକ୍ଷେପ ନେବେ। ମୋବାଇଲ ହେଲ୍ଥ ଓ ପ୍ରାଣୀ ଚିକିତ୍ସକ ଦଳ ପ୍ରସ୍ତୁତ ରହିବେ। ଡ୍ରେନେଜ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଜଳ ନିଷ୍କାସନ ପାଇଁ ତୁରନ୍ତ ପଦକ୍ଷେପ ନେବା ବ୍ୟବସ୍ଥା କରିବେ। ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁଙ୍କୁ ଜଗତ୍‌ସିଂହପୁର ବ୍ଲକ, ପୌର ପରିଷଦ ଓ ବିରିଡ଼ି ବ୍ଲକ ଦାୟିତ୍ୱ ଦିଆଯାଇଛି। ସେହିପରି ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀରଙ୍କୁ ପାରାଦୀପ ପୌର ପରିଷଦ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଚିନ୍ମୟୀ ବିଶ୍ୱାଳଙ୍କୁ ରଘୁନାଥପୁର, ତିର୍ତ୍ତୋଲ ବ୍ଲକ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ର ନାରାୟଣ ଦାଶଙ୍କୁ ବାଲିକୁଦା, ନାଉଗାଁ, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକଙ୍କୁ ବାଲିକୁଦା ଓ ଏରସମା ବ୍ଲକ ଦାୟିତ୍ୱ ଦିଆଯାଇଛି।



ଏରସମା ବ୍ଲକ ଶିଆଳି ଗାଁର ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। କଚ୍ଚା ଘର କାନ୍ଥ ଭୁଶୁଡିବା ପରିସ୍ଥିତି ସୃଷ୍ଟି ହୋଇଛି।

# ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ୨୯ ପ୍ରତିନିଧି ଦଳଙ୍କ ବିଜୟନଗର ପ୍ଲାଣ୍ଟ ଗସ୍ତ

କୁଜଙ୍ଗ ୧୪।୮ (ଡି.ଏନ.ଏ.)

ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳ ଢିଙ୍କିଆ, ନୂଆଗାଁ, ଗଡକୁଜଙ୍ଗ ପଞ୍ଚାୟତରୁ ଏକ ୨୯ ଜଣିଆ ପ୍ରତିନିଧି ଦଳଙ୍କୁ ବିଜୟନଗରସ୍ଥିତ କମ୍ପାନୀର ପ୍ଲାଣ୍ଟ ଅଭିମୁଖେ ରବିବାର ଯାତ୍ରା କରିଛନ୍ତି। ଏହି ପ୍ରତିନିଧି ଦଳରେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟଙ୍କ ସହ ୩ ପଞ୍ଚାୟତରେ ଓଡ଼ିଶା ଜୀବିକା ମିଶନରେ କାର୍ଯ୍ୟ କରୁଥିବା ସିଆରପି ଓ ଏମ୍‌ବିକେମାନେ ରହିଛନ୍ତି। ଜେଏସ୍‌ଡବ୍ଲ୍ୟୁ କାର୍ଯ୍ୟାଳୟର ସୁରକ୍ଷା ଓ ପ୍ରଶାସନିକ ବିଭାଗର ବରିଷ୍ଠ ଅଧିକାରୀ ଦାବିନ୍ଦର ସାଙ୍ଗା, ସୁବାସ ପରିଡା ଓ ଅଭିଜିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିନିଧ ଦଳ ଯାଇଛନ୍ତି। ଅଗଷ୍ଟ ୧୫ ରେ ବିଜୟନଗରସ୍ଥିତ ଷ୍ଟିଲ ପ୍ଲାଣ୍ଟରେ ଏମାନେ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେବେ। ପରବର୍ତ୍ତୀ ସମୟରେ ସ୍ଥାନୀୟ ଷ୍ଟିଲ ପ୍ଲାଣ୍ଟ ପରିଦର୍ଶନ କରିବା ସହ କିଭଳି ଭାବେ ଏହାର କଞ୍ଚା ମାଲ ଆସୁଛି ଓ ଉତ୍ପାଦନ ହେଉଛି ସେ ସମ୍ପର୍କରେ ବୁଲି ଦେଖିବେ। ଆହୁରି ମଧ ଆଖପାଖ ଅଞ୍ଚଳର ପରିଦର୍ଶନ ଓ ସାମାଜିକସ୍ଥିତି କିଭଳି ଅଛି ତାହା ଅନୁଧାନ କରିବେ। ବିଶେଷକରି ପ୍ଲାଣ୍ଟ ସନ୍ନିକଟ ଅଞ୍ଚଳର ରାସ୍ତାଘାଟ, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ସେବା ସମ୍ପର୍କରେ ଅନୁଧାନ କରିବେ। ଅପରପକ୍ଷେ ସ୍ଥାନୀୟ ଲୋକମାନଙ୍କ ଜୀବନ ଜୀବିକା ତଥା ଆତ୍ମନିର୍ଭରଶୀଳ ହେବା ପାଇଁ କମ୍ପାନୀ ପକ୍ଷରୁ କିଭଳି ଭାବେ ପଦକ୍ଷେପ ନେବା ସହ ସହାୟତା ପ୍ରଦାନ କରାଯାଇଛି ସେ ସମ୍ପର୍କରେ ଏମ୍‌ବିକେ ଓ ସିଆରପିମାନେ ଅନୁଧାନ କରିବେ। ଏହି ଗସ୍ତ ସମୟରେ କମ୍ପାନୀର ସହଭାଗିତାରେ ପ୍ରତିଷ୍ଠା କରାଯାଇଥିବା ବିଦ୍ୟାଳୟ, ସିଲାଇ କେନ୍ଦ୍ର ଓ ଅନ୍ୟ ଉତ୍ପାଦକ କେନ୍ଦ୍ରଗୁଡିକ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି। ଏହି ପରିଦର୍ଶନ ସମୟରେ ଜେଏସ୍‌ଡବ୍ଲ୍ୟୁର ମୁଖ୍ୟ ଅଧକ୍ଷ ସଜ୍ଜନ ଜିନ୍ଦଲ ଓ ଜେଏସ୍‌ଡବ୍ଲ୍ୟୁର ଫାଉଣ୍ଡେଶନର ଅଧକ୍ଷା ସଙ୍ଗୀତା ଜିନ୍ଦଲଙ୍କୁ ପ୍ରତିନିଧି ଦଳ ସାକ୍ଷାତ କରିବେ। ଏ ସମୟରେ ଅଧକ୍ଷଙ୍କୁ ପ୍ରକଳ୍ପ ପ୍ରଭାବିତ ସ୍ଥାନୀୟ ଲୋକମାନଙ୍କୁ ନିଯୁକ୍ତି, ପାରିପାର୍ଶ୍ୱିକ ଉନ୍ନତି କିଛି ପ୍ରସ୍ତାବ ଦେବେ ବୋଲି ଢିଙ୍କିଆ ସରପଞ୍ଚ କିଶୋର ପରିଡା, ନୂଆଗାଁ ସରପଞ୍ଚ ସୁଚିତ୍ରା ମହାନ୍ତ, ଗଡକୁଜଙ୍ଗ ସରପଞ୍ଚ କବିତା ଦାସ ପ୍ରମୁଖ କହିଛନ୍ତି। ଏଥିସହ ଏମବିକେ ରିନାମୟୀ ବିଶ୍ୱାଳ, ଶ୍ରୀମତୀ ସାହୁ, ସନ୍ଧ୍ୟାରାଣୀ ପାତ୍ର ପ୍ରମୁଖ କହିଛନ୍ତି ଆତ୍ମନିର୍ଭରଶୀଳ ଯୋଜନା ସମ୍ପର୍କରେ ଅନୁଭୂତି ସଂଗ୍ରହ କରିବେ ବୋଲି ସେମାନେ କହିଛନ୍ତି।




ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ବିଜୟନଗର ପ୍ଲାଣ୍ଟକୁ ଯାଉଥିବା ପ୍ରତିନିଧି ଦଳ।

# ସାତଭାୟାର ଶେଷ ସନ୍ତକ ମା'ପଞ୍ଚବରାହୀ ମନ୍ଦିର ସମୁଦ୍ର ଗର୍ଭରେ

ରାଜନଗର,୧୪।୮(ଡି.ଏନ୍.ଏ.)

କିମ୍ବଦନ୍ତୀର ଅନନ୍ୟ ସ୍ୱାକ୍ଷର ରାଜନଗର ବ୍ଲକର ଶେଷ ପ୍ରାନ୍ତରେ ବଙ୍ଗୋପସାଗର କୂଳରେ ଥିବା ସାତଭାଇର ଗାଁ ଶେଷ ସ୍ମାରକୀ ମା' ପଞ୍ଚୁବରାହୀଙ୍କ ପରିତ୍ୟକ୍ତ ମନ୍ଦିରଟି ସମୁଦ୍ର ଗର୍ଭରେ ଲୀନ ହେବାରେ ଲାଗିଛି। ଦିନ ଥିଲା କେବଳ ରାଜନଗର ଅଞ୍ଚଳ ନୁହେଁ, ସମଗ୍ର ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଭକ୍ତ, ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା ଏହି ମନ୍ଦିର। ୧୯୯୯ ମହାବାତ୍ୟା ପରେ ବଙ୍ଗୋପସାଗର କୂଳ ଲଂଘିବା ଯୋଗୁ ସନ୍ତ୍ରସ୍ତ ସାତଭାୟାର ୫୭୫ ପରିବାର ଭିଟାମାଟି ହରାଇ ସାରିଛନ୍ତି। ବର୍ତ୍ତମାନ କେବଳ ସାତଭାୟାର ଶେଷଚିହ୍ନ ଭାବେ ରହିଥିବା ପରିତ୍ୟକ୍ତ ମନ୍ଦିରଟି ଆଉ ଦିନ କେଇଟା ପରେ ଲୀନ ହୋଇଯିବ। ବର୍ତ୍ତମାନ ଲଘୁଚାପ ଏବଂ ସାମୁଦ୍ରିକ ଜୁଆର ଯୋଗୁ ୧୦ ଫୁଟ ଉଚ୍ଚର ପାଣି କୂଳ ଲଂଘି ଏହି ପରିତ୍ୟକ୍ତ ମନ୍ଦିରକୁ ନିଜ ଗର୍ଭକୁ ନେବାରେ ଲାଗିଛି। ଏହାଛଡ଼ା ସାମୁଦ୍ରିକ ଜୁଆର ସାତଭାୟାର ବିସ୍ତୀର୍ଣ୍ଣ ଚାଷଜମି ଏବଂ ବାଉଁଶଗଡ଼ି ନଦୀକୂଳରେ ବସବାସ କରୁଥିବା ମଗରକନ୍ଦା ଗାଁଟି ମଧ ଜଳମଗ୍ନ ହୋଇଯାଇଛି, ଯାହାକୁ ନେଇ ସାତଭାୟା, ମଗରକନ୍ଦା ଓ ବଗପାଟିଆର ନୂଆ ଠିକଣାରେ ବସବାସ କରୁଥିବା ଲୋକଙ୍କ ମଧରେ ଛନକା ପଶିଛି।



ସାତଭାୟାଠାରେ ଥିବା ମା' ପଞ୍ଚୁବରାହୀ ମନ୍ଦିର ସମୁଦ୍ର ଗର୍ଭରେ ଲୀନ ହେବାକୁ ଯାଉଛି।

# ନଷ୍ଟହେବାକୁ ବସିଛି ଶତାଧିକ ଏକର ଧାନ ଫସଲ

ପଟ୍ଟାମୁଣ୍ଡାଇ, ୧୪।୮(ସ୍ୱ.ପ୍ର.)

ଲଘୁଚାପଜନିତ ଲଗାଣ ବର୍ଷା ଫଳରେ ପଟ୍ଟାମୁଣ୍ଡାଇର ଧାନ ଅମାର କୁହାଯାଉଥିବା ଉତିକଣ ଭେଡ଼ାରେ ଏବେ ଲହଡ଼ି ଭାଙ୍ଗୁଛି ବର୍ଷାପାଣି। ବର୍ଷାପାଣିରେ ବୁଡ଼ିରହି ଶତାଧିକ ଏକର ଚାଷଜମିର ତଳି ଘେରା ଓ ନୂଆ ରୁଆ ଧାନ ଫସଲ ନଷ୍ଟ ହେବାକୁ ବସିଛି। ଜଳ ନିଷ୍କାସନରେ ସମସ୍ୟା ଯୋଗୁ ଉପରମୁଣ୍ଡରୁ ବର୍ଷାପାଣି ଗଡ଼ି ଜମାହୋଇ ରହୁଛି। ଫଳରେ ଖଡ଼ିଅଣ୍ଟା, ବଡ଼ପଡ଼ା, କଖାରୁଣି, ଗଙ୍ଗାରାମପୁର, ଅରଡ଼ପଲ୍ଲୀ, ବଡ଼ମହନପୁର ଆଦି ପଞ୍ଚାୟତର ଗାଁଗୁଡ଼ିକର ଚାଷଜମିରେ ପଡ଼ିଥିବା ତଳିଘେରା ବୁଡ଼ିବା ଆରମ୍ଭ କରିଛି। ସେହିପରି ଦୁହୁଡ଼ିପୁର, ଦୋସିଆ, ବିଲିକଣା ଆଦି ଗ୍ରାମର ଚାଷଜମି ମଧ ବୁଡ଼ିରହିଛି। ଏହାକୁ ନେଇ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି।

ବଡ଼ପଡ଼ା ପଞ୍ଚାୟତର ପାରେଶ୍ୱର ସେଠୀ କହିଛନ୍ତି, ଚଳିତବର୍ଷ ଚାଷ ପାଇଁ ପାଗଯୋଗ ଆଦୌ ଠିକ୍ ନାହିଁ। ବିଳମ୍ବିତ ମୌସୁମୀ ସାଙ୍ଗକୁ ତଳି ବିହନ ପକା, ତା' ମଧ୍ୟରୁ ଅନେକ ବିହନ ଗଜା ହେଲା ନାହିଁ। ପୁଣି ଯେତିକି ତଳି ଉଠୁରିଥିଲା, ତା' ମଧ୍ୟରୁ ନୂଆକରି ପୋତାଯାଇଥିବା ତଳିଗୁଡ଼ିକ ଲଗାଣ ବର୍ଷାରେ ବୁଡ଼ିରହିଛି। ରୁଆ ପୋତା ବିଳମ୍ବ ପାଇଁ ଚାଷୀମାନେ ଖର୍ଚ୍ଚାନ୍ତ ହୋଇ ଅଧିକ ରାସାୟନିକ ସାର ଜମିରେ ପ୍ରୟୋଗ କରି ଯେତିକି ତଳି ଉତାରିଥିଲେ ତାହା ମଧ ବର୍ଷାରେ ବୁଡ଼ି ପଚିବାକୁ ବସିଲାଣି। ଉତିକଣ ଭେଡ଼ାରେ ଥିବା ପାଟନାଳିଗୁଡ଼ିକରେ ଦଳ ଭର୍ତ୍ତିହୋଇ ରହିଛି। ଅଧିକାଂଶ ପାଟନାଳି ପୋତି ହୋଇପଡ଼ିବାରୁ ଉଦ୍‌ବୃତ ବର୍ଷାପାଣି ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ସେହିପରି ମାନବାଧିକାର କର୍ମୀ ପ୍ରତାପ ପାଢ଼ୀ କହିଛନ୍ତି, ୬ ଦିନ ଧରି ଲଗାଣ ବର୍ଷା ଜାରି ରହିଛି। ଫଳରେ ତଳିଗୁଡ଼ିକ ବର୍ଷାପାଣିରେ ବୁଡିରହିଛି। କଖାରୁଣିଠାରୁ ବାହାରି ଦୋସିଆ ଦେଇ ଚହଲିବାଙ୍କ ଓ ଓସଙ୍ଗରା ସାହୁପଡା ଡ୍ରେନେଜ୍ କଟ୍ ଦେଇ ଖଡ଼ିଅଣ୍ଟା, ଅରଡ଼ପଲ୍ଲି, କଖାରୁଣି ପଞ୍ଚାୟତର ଉଦ୍‌ବୃତ ଜଳ ନିଷ୍କାସିତ ହୋଇଥାଏ। ମାତ୍ର ତାହା ରକ୍ଷଣାବେକ୍ଷଣ ଅଭାବରୁ ଏବେ ପୋତିହୋଇ ରହିଛି। ଅନ୍ୟପକ୍ଷରେ ନୟନଯୋରି ଜବରଦଖଲରେ ରହିଛି। ଫଳରେ ଖାଲୁଆ ଚାଷଜମିର ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ନ ଥିବାରୁ ପ୍ରତବର୍ଷ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ଏହି ସମସ୍ୟାର ସମାଧାନ ଲାଗି ୧୦ ବର୍ଷ ଧରି ଏସବୁ ପଞ୍ଚାୟତବାସୀଙ୍କ ପକ୍ଷରୁ ବିଭିନ୍ନ ସମୟରେ ଆନ୍ଦୋଳନ ଓ ଅନଶନ କରାଯାଉଥିଲେ ମଧ ଜଳସେଚନ ଓ ଡ୍ରେନେଜ୍ ବିଭାଗ ପକ୍ଷରୁ ସେପରି ପଦକ୍ଷେପ ନିଆଯାଉନାହିଁ। କୃଷକ ନେତା ବିଜୟ ଦାସ କୁହନ୍ତି, ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରୁଥିବା ଉତିକଣ ଅଞ୍ଚଳର ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଥିବାବେଳେ ଯଦି ଧାନ ଫସଲ କ୍ଷତି ଘଟେ ତେବେ ଚାଷୀମାନେ ସମ୍ପୂର୍ଣ୍ଣ ଭାଙ୍ଗିପଡିବା ସହ କ୍ଷତି ଭରଣା କରିବାକୁ ସକ୍ଷମ ହେବେ ନାହିଁ। ଏଭଳି ପରିସ୍ଥିତିରେ ସମବାୟ ସଂସ୍ଥା ଓ ବିଭିନ୍ନ ଘରୋଇ ସଂସ୍ଥାରୁ ଋଣ ନେଇ ଚାଷ କରିଥିବା ଚାଷୀମାନେ ଜଟିଳ ପରିସ୍ଥିତିକୁ ସାମ୍ନା କରିବେ। ତେଣୁ ସରକାରୀ ସଂସ୍ଥାରୁ ଋଣ ନେଇଥିବା ଚାଷୀମାନଙ୍କୁ ଋଣ ଛାଡ଼ ସହ ବୀମାରାଶି ପ୍ରଦାନ ଓ ଜଳକର ଛାଡ଼ ପାଇଁ ଦାବି ହେଉଛି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ପ୍ରଭାତ ସାହୁଙ୍କୁ ପଚାରିବାରେ ଉପରୋକ୍ତ ପଞ୍ଚାୟତ ଦେଇ ଯାଇଥିବା କେନାଲରେ ଜଳପ୍ରବାହ ବନ୍ଦ କରିଦିଆଯାଇଛି। ତୁରନ୍ତ ଉକ୍ତ ବାଟ ଦେଇ ବର୍ଷାପାଣି ନିଷ୍କାସନ ହେବାରେ କୌଣସି ସମସ୍ୟା ରହିବ ନାହିଁ ବୋଲି ସେ କହିଛନ୍ତି।



ବର୍ଷା ପାଣିରେ ପଟ୍ଟାମୁଣ୍ଡାଇ ଉତିକଣ ଅଞ୍ଚଳର ଚାଷଜମିରେ ଧାନ ତଳି ବୁଡ଼ି ଯାଇଛି।

- ନଷ୍ଟହେବାକୁ ବସିଛି ଶତାଧିକ ଏକର ଧାନ ଫସଲ
- ଚାଷୀଙ୍କ ମୁଣ୍ଡରେ ଚଡ଼କ

# ବ୍ୟାପକ ଅଞ୍ଚଳ ଜଳମଗ୍ନ


ଏରସମା ବ୍ଲକ ସରବା ପାଟରେ ରାସ୍ତାରେ ଅଣ୍ଟାଏ ପାଣି ଜମି ରହିଛି।


କୁଜଙ୍ଗ ବ୍ଲକ ବଡ଼ଙ୍ଗ ଗ୍ରାମ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଛି।


ତିର୍ତ୍ତୋଲ ବ୍ଲକରେ ରାସ୍ତା ଓ ଚାଷ ଜମିରେ ପାଣି ଜମିଛି।

**ଜଗତ୍‌ସିଂହପୁର ଜିଲା**

- ଏରସମା ବ୍ଲକର ଏକାଧିକ ଗ୍ରାମ ଜଳବନ୍ଦୀ
- କୁଜଙ୍ଗ ବ୍ଲକ ବଡ଼ଙ୍ଗ ଗ୍ରାମ୍ୟ ରାସ୍ତା ବିଚ୍ଛିନ୍ନ ଆଶଙ୍କା ଘନେଇଲା

**ଜଗତ୍‌ସିଂହପୁର ଅଫିସ/କୁଜଙ୍ଗ/ତିର୍ତ୍ତୋଲ/ବିରିଡ଼ି (ଡି.ଏନ୍.ଏ.), ୧୪।୮:**

ଲଗାଣ ବର୍ଷା ଯୋଗୁ ଜିଲାର ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଯାଇଛି। ଅନେକ ସ୍ଥାନରେ ଚାଷଜମି ଦେଖିଲେ ସମୁଦ୍ର ପରି ଅନୁଭୂତ ହେଉଛି। କିଛି ସ୍ଥାନରେ କଚ୍ଚା ଘର ଭାଙ୍ଗିଯିବାରୁ ଏହି ପରିବାରଗୁଡ଼ିକ ବହୁ ମାତ୍ରାରେ ପ୍ରଭାବିତ ହୋଇଛନ୍ତି। ଏରସମାର ତଳିଆ ଅଞ୍ଚଳରେ ବନ୍ୟାଜଳ କେତୋଟି ଗାଁରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି କରିଛି। କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର, ବିରିଡ଼ି, ନାଉଗାଁ, ଜଗତ୍‌ସିଂହପୁର ଓ ବାଲିକୁଦା ଆଦି ବ୍ଲକରେ ବର୍ଷା ଦାଉ ସାଧୁଛି। ୧୦ନଂ ମୁଖ୍ୟ କେନାଲର ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବେଗୁନିଆରୁ କୋରକର ପର୍ଯ୍ୟନ୍ତ ପାଖାପାଖି ୨ କିଲୋମିଟର ମୋରମ ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଛି । ବଡ଼ କଥା ହେଲା ବେଗୁନିଆ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ନିକଟବର୍ତ୍ତୀ ଗ୍ରାମର ପିଲାମାନେ ପଢିବାକୁ ଯାଆନ୍ତି। ରାସ୍ତାରେ ପାଣି ଚାଲୁଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି। ବିଲୁଆଖାଇ ନଦୀ ଦକ୍ଷିଣପାର୍ଶ୍ୱ ବିରିଡ଼ି ବ୍ଲକ ଅନ୍ତର୍ଗତ ମଙ୍ଗୁଲି, ବଣ୍ଡୁଆସାହି, ମଲିକ ସାହି, ଚାଷିଖଣ୍ଡ ଓ ମଇନ୍ଦିପୁରଗଡା ମୁକୁଳା ଅବସ୍ଥାରେ ରହିଛି। ପୂର୍ବରୁ ଏସବୁ ମଧ୍ୟରୁ କିଛି ଗଡାରୁ ଟ୍ରାକ୍ଟର ଓ ହାଇୱା ଯୋଗେ ବାଲି ଚାଲାଣ କରାଯାଉଥିଲା। ଏଥିସହ ଗୋରୁ ଯାତାୟାତ କରନ୍ତି। ସରକାରୀ ନିୟମ ଅନୁଯାୟୀ, ଜୁନ ୧୫ ତାରିଖ ସୁଦ୍ଧା ଜଳ ସମ୍ପଦ ବିଭାଗ ଉପରୋକ୍ତ ସ୍ଥାନଗୁଡିକୁ ସମ୍ଭାବ୍ୟ ବନ୍ୟା ଦାଉରୁ ରକ୍ଷା ପାଇଁ ମରାମତି କରିବା କଥା। କିନ୍ତୁ ତାହା ହୋଇ ନ ଥିବାରୁ ବିପଦ ସୃଷ୍ଟି ହୋଇଛି। କୁଜଙ୍ଗ ବ୍ଲକ ବଡ଼ଙ୍ଗ ଗ୍ରାମ୍ୟ ରାସ୍ତା ଅବସ୍ଥା ବିପଦସଙ୍କୁଳ ଅବସ୍ଥାରେ ରହିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅନ୍ତର୍ଗତ ହଳଦୀପାଣି ନଦୀ ଉପର ଗାଁ ମୁଣ୍ଡରେ ୨/୩ ବର୍ଷ ତଳୁ ୨୭ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାୟୀ ପୋଲ ହେବ ବୋଲି ସ୍ଥିର ହୋଇଥିଲା। ଗତ ଜୁନ ୧୬ ତାରିଖରେ ପୁରୁଣା ପୋଲ ଭଙ୍ଗା ଯାଇଥିଲା। ଗମନାଗମନ ପାଇଁ ଏହାର ପାର୍ଶ୍ୱରେ ହ୍ୟୁମ ପାଇପ ଉପରେ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଥିଲା। ଲଗାଣ ବର୍ଷାରେ ଏହି ପୋଲ ଉପରେ ପାଣି ଚାଲୁଛି। ବାଉଁଶ ପୋତାଯାଇ ବାଲିବସ୍ତା ରଖାଯାଇଥିଲେ ସୁଦ୍ଧା ଯେକୌଣସି ସମୟରେ ଅସ୍ଥାୟୀ ପୋଲ ଧୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ଏପରି ହେଲେ ବଡ଼ଙ୍ଗ, ପାରିଅଙ୍ଗ ଓ ପାନପଲ୍ଲୀ ଆଦି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯିବ। ଏରସମା ବ୍ଲକ ଅନ୍ତର୍ଗତ ଗୋଡାଠାରୁ ଗଡ଼ହରିଶପୁର ରାସ୍ତା କଡ ଚାଷ ଜମି ଜଳମଗ୍ନ ହୋଇଯାଇଛି। ଜିରେଇଲେ ପଞ୍ଚାୟତ ଅଧୀନ ସରବା ପାଟରେ ରାସ୍ତାରେ ଅଣ୍ଟାଏ ପାଣି ଜମି ରହିଥିବାରୁ ଲୋକେ ଯାତାୟାତ କରିବା କଷ୍ଟକର ହୋଇପଡ଼ିଛି। ପଦ୍ମପୁର ପଞ୍ଚାୟତ ଓଲରାରୁ ସରବନ୍ତ ରାସ୍ତା ମଧ୍ୟ ବୁଡ଼ିଛି। କେବଳ ଏତିକି ନୁହେଁ, ପଦ୍ମପୁର ଓ ଶିଆଳି ଆଦି ଗ୍ରାମ ଜଳବନ୍ଦୀ ଅବସ୍ଥାରେ ରହିଛି। ଆଗକୁ ବର୍ଷା ଲାଗି ରହିଲେ ଅଧିକ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି।

## ୫ବ୍ଲକରେ ଅତିପ୍ରବଳ ବର୍ଷା

### ଏରସମାରେ ସର୍ବାଧିକ ୨୧୫ ମିଲିମିଟର

**ଜଗତ୍‌ସିଂହପୁର ଅଫିସ, ୧୪।୮:**

ରବିବାର ଜଗତ୍‌ସିଂହପୁର ଜିଲାରେ ୧୦୬୨ ମିଲିମିଟର (ମିମି) ବର୍ଷା ରେକର୍ଡ କରାଯାଇଛି। କିନ୍ତୁ ଜିଲାରେ ହାରାହାରି ବୃଷ୍ଟିପାତ ୧୩୨.୭୫ ମିମି ରହିଛି। ତେବେ ଏରସମା ବ୍ଲକ ଅଞ୍ଚଳରେ ସର୍ବାଧିକ ୨୧୫ ମିମି ବର୍ଷା ହୋଇଥିବା ଜଣାଯାଇଛି । ସେହିପରି ବାଲିକୁଦା ବ୍ଲକ ଅଞ୍ଚଳରେ ୧୫୪ ମିମି, ବିରିଡ଼ି ୧୧୨, ରଘୁନାଥପୁର ୧୦୩, ଜଗତ୍‌ସିଂହପୁର ୧୩୨, ତିର୍ତ୍ତୋଲ ଓ ନାଉଗାଁ ବ୍ଲକ ଅଞ୍ଚଳରେ ୧୩୫ ମିମି ଲେଖାଏଁ ବର୍ଷା ରେକର୍ଡ କରାଯାଇଛି। ୧୨୪.୫ ମିମିରୁ ଅଧିକ ହେଲେ ଅତିପ୍ରବଳ ବର୍ଷା କୁହାଯାଏ। ଏହି ଆଧାରରେ ଜିଲାର ୫ଟି ବ୍ଲକ ଅଞ୍ଚଳରେ ଅତିପ୍ରବଳ ଓ ଅବଶିଷ୍ଟ ୩ଟିରେ ପ୍ରବଳ ବର୍ଷା ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି।

## 'ହାରି ପୋଟର' ଲେଖିକାଙ୍କୁ ହତ୍ୟା ଧମକ

**ଲଣ୍ଡନ,୧୪।୮:**

ପ୍ରଖ୍ୟାତ ଲେଖକ ସଲମାନ ରଶଡିଙ୍କୁ ଆକ୍ରମଣ ଘଟଣାକୁ ନିନ୍ଦା କରିଥିବା 'ହାରି ପୋଟର' ଲେଖିକା ଜେ.କେ. ରୋଲିଙ୍ଗଙ୍କୁ ହତ୍ୟା ଧମକ ମିଳିଛି। ଟୁଇଟର ଜରିଆରେ ଏହି ହତ୍ୟା ଧମକ ମିଳିଥିବାବେଳେ ସ୍କଟିସ୍ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ନ୍ୟୁୟର୍କରେ ରଶଡିଙ୍କ ଉପରେ



ହୋଇଥିବା ଆକ୍ରମଣକୁ ନିନ୍ଦା କରି ରୋଲିଙ୍ଗ୍ ଶୁକ୍ରବାର ଟୁଇଟରରେ ଏକ ପୋଷ୍ଟ ଶେୟାର କରିଥିଲେ। ଏହାପରେ ଜଣେ ଟୁଇଟର ୟୁଜର 'ତୁମେ ବ୍ୟସ୍ତ ହୁଅନାହିଁ,ଏହାପରେ ତୁମ ପାଳି।' ବୋଲି ଲେଖିଥିଲେ। ଏହାର ସ୍କ୍ରିନ୍‌ସଟ୍ ରୋଲିଙ୍ଗ୍ ଶେୟାର କରିବା ସହ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।













# ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ତ୍ରିରଙ୍ଗା ରାଲି

ଭୁବନେଶ୍ୱର, ୧୪।୮ (ବ୍ୟୁରୋ)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ରବିବାର ତ୍ରିରଙ୍ଗା ରାଲି ଅନୁଷ୍ଠିତ ହୋଇଯାଇଛି। ଦେଶ ସ୍ୱାଧୀନତା ଲାଗି ଯେଉଁ ମହାପୁରୁଷ ଓ ସଂଗ୍ରାମୀମାନେ ନିଜ ଜୀବନକୁ ବାଜି ଲଗାଇ ଫାଁସି ଖୁଣ୍ଟରେ ଝୁଲି ଦେଶ ମାତୃକା ପାଇଁ ଜୀବନ ଦେଇଥିଲେ, ସେମାନଙ୍କ ଉଦ୍ଦେଶ୍ୟରେ ଏହି ରାଲି ଆୟୋଜିତ ହୋଇଥିଲା। ଶହୀଦନଗର ଦୁର୍ଗା ମଣ୍ଡପଠାରୁ ରାଲି ବାହାରି ରାମନ୍ଦିର ଦେଇ ରମାଦେବୀ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଶେଷ ହୋଇଥିଲା। ଏଥିରେ ଭୁବନେଶ୍ୱରର ୨୦ରୁ ଊର୍ଦ୍ଧ୍ୱ କଲେଜର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଭାରତ ଶତ୍ରୁଙ୍କ ଦ୍ୱାରା ଏକ ହଜାର ବର୍ଷ ଶାସନ ହୋଇଥିଲା। ମାତ୍ର କେବେବି ଲଢେଇ କରିବା ବନ୍ଦ କରି ନ ଥିଲା। ମୋଗଲ, ଖିଲଜି, ଆଫଗାନ, ଇଂରେଜ ସମସ୍ତଙ୍କ ବିରୋଧରେ ଦେଶର ବୀରଙ୍ଗନାମାନେ ଲଢେଇ କରିଥିଲେ ଏବଂ ନିଜର ଜୀବନ ଦେବାକୁ ପଛାଇ ନ ଥିଲେ। ଫଳ ସ୍ୱରୁପ ଆଜି ଆମେ ସ୍ୱାଧୀନ ଭାରତରେ ରହିବାର ସୌଭାଗ୍ୟ ଅର୍ଜନ କରିଛେ ବୋଲି ଏବିଭିପି ଓଡ଼ିଶାର ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି କହିଥିଲେ। ରାଲିରେ ଏବିଭିପି ଓଡ଼ିଶାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ କବିତା କହଁର, ରମାଦେବୀ ନଗର ସମ୍ପାଦକ ବର୍ଷାରାଣୀ ଦାସ, ସୁକାନ୍ତ ପୃଷ୍ଟି, ଲକ୍ଷ୍ମୀ ପ୍ରିୟା ସେଠି ପ୍ରମୁଖ ନେତୃତ୍ୱ ନେଇଥିଲେ।

ସ୍ୱାଧୀନତା ଦିବସ ଅବସରରେ ଖାନନଗର ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ସୁଖ ଓ ସମୃଦ୍ଧି ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।
ଶୁଭଶ୍ରୀ ମଲ୍ଲିକ
ସରପଞ୍ଚ, ଖାନନଗର ଗ୍ରାମପଞ୍ଚାୟତ, ଦଶରଥପୁର ବ୍ଲକ

ପବିତ୍ର ୭୬ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବରୀ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ।
ଭବାନୀ ଶଙ୍କର ରାୟ
ବିଦ୍ୟୁତ ଉପଖଣ୍ଡ ଅଧିକାରୀ, ବରୀ

ସ୍ୱାଧୀନତା ଦିବସ ଅବସରରେ ଜିଲ୍ଲାବାସୀ ତଥା କ୍ରୀଡ଼ାବିତ୍‌ମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ।
ସଂଜୟ କୁମାର ବିଷୋୟୀ
ବ୍ରହ୍ମପୁର ଟେବୁଲ ଟେନିସ୍ ସଂଘ ସଭାପତି
ତଥା ଗଞ୍ଜାମ ଜିଲ୍ଲା ଟେନିସବଲ୍ କ୍ରିକେଟ ସଂଘ ସମ୍ପାଦକ

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଚନ୍ଦନପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ଚପଳା ମଲ୍ଲ
ସରପଞ୍ଚ, ଚନ୍ଦନପୁର ଗ୍ରା.ପ.

ଆଜାଦୀର ଅମୃତ ମହୋତ୍ସବ ଅବସରରେ ସମସ୍ତ ଗୁରୁଜନମାନଙ୍କୁ ମୋର ନମସ୍କାର ।
ଭାରତ ମାତାକୀ ଜୟ
ଜୟଜିତ୍

ବିଜୟୀ ବିଶ୍ୱ ତ୍ରିରଙ୍ଗା ପ୍ୟାରା
ଝଣ୍ଡା ଉଚା ରହେ ହମାରା
୭୬ତମ ସ୍ୱାଧୀନତା ଦିବସରେ ସମସ୍ତ ଭାରତବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ
୭୬ତମ ସ୍ୱାଧୀନତା ଦିବସ ଅବସରରେ ତାଳଚେର ନିର୍ବାଚନ ମଣ୍ଡଳୀ ର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଆସନ୍ତୁ ସମସ୍ତେ ମିଳି ମିଶି ତାଳଚେର ନିର୍ବାଚନ ମଣ୍ଡଳୀ କୁ ଏକ ଉନ୍ନତ ତଥା ସମୃଦ୍ଧ ସହରରେ ପରିଣତ କରିବା ଆପଣମାନଙ୍କ ସହଯୋଗ ଓ ଆର୍ଶୀବାଦରେ ତାଳଚେର ର ଉନ୍ନତିର ସୋପାନ ଚଢି ପାରିବ ।
ବ୍ରଜକିଶୋର ପ୍ରଧାନ
ବିଧାୟକ
ତାଳଚେର ନିର୍ବାଚନ ମଣ୍ଡଳୀ
ବିଜୁ ଜନତା ଦଳ

୭୬ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବରୀ ଅଞ୍ଚଳର ସମସ୍ତ ଜନସାଧାରଣମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ଭକ୍ତ ଚରଣ ସେଠୀ
ପ୍ରାଣୀ ଚିକିତ୍ସା ଅଧିକାରୀ, ବରୀ

ସ୍ୱାଧୀନତା ଦିବସ ପାଳନ ଅବସରରେ ଭଅଁରା ପଞ୍ଚାୟତର ସମସ୍ତ ମଉସା, ମାଉସୀ, ଭାଇ ଭଉଣୀ ଓ ଗୁରୁଜନମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ।
ପ୍ରଭାତୀ ପଲ୍ଲାଇ
ସରପଞ୍ଚ, ଭଅଁରା ଗ୍ରା.ପ.

୭୬ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବରୀ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ମାନସ ରଞ୍ଜନ ଭୋଇ
ମଣ୍ଡଳ ଉନ୍ନୟନ ଅଧିକାରୀ, ବରୀ

୭୬ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ସ୍ୱାଇଁଖଣ୍ଡ ଗ୍ରାମ ପଞ୍ଚାୟତର ଜନସାଧାରଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ।
ଶଙ୍କର୍ଷଣ ସ୍ୱାଇଁ
ସରପଞ୍ଚ, ସ୍ୱାଇଁଖଣ୍ଡ
ରେଖା ମଲ୍ଲିକ
ନାଏବ ସରପଞ୍ଚ, ସ୍ୱାଇଁଖଣ୍ଡ ଗ୍ରା.ପ.

ଅମଠପୁର ସମବାୟ ସମିତି ଅଧୀନସ୍ଥ ସମସ୍ତ କୃଷକ ତଥା ଜନସାଧାରଣଙ୍କୁ ପବିତ୍ର ସ୍ୱାଧୀନତା ଦିବସ ପାଳନ ଅବସରରେ ଅଭିନନ୍ଦନ ।
ଗିରିଷ ସାମଲ
ସଭାପତି, ଅମଠପୁର ସମବାୟ ସମିତି

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମହାକାଳପଡ଼ା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ପ୍ରଜ୍ଞା ପରମିତା ପରିଡ଼ା
ସରପଞ୍ଚ, ମହାକାଳପଡ଼ା ଗ୍ରା.ପ.

ସ୍ୱାଧୀନତା ଦିବସ ତଥା ଅମୃତ ମହୋତ୍ସବ ଉପଲକ୍ଷେ ପାଙ୍ଗିଡି ପଞ୍ଚାୟତର ସମସ୍ତ ଆବାଳ ବୃଦ୍ଧ ବନିତାଙ୍କୁ ମୋର ଆନ୍ତରିକ ସ୍ନେହ ଓ ଶୁଭେଚ୍ଛା ।
ବନ୍ଦେ ମାତରମ୍
ଶ୍ରୀମତୀ ଭାଗ୍ୟଲତା ବିଷୋୟୀ
ସରପଞ୍ଚ,
ପାଙ୍ଗିଡି ଗ୍ରାମପଞ୍ଚାୟତ (ବୁଗୁଡା ବ୍ଲକ)

ସ୍ୱାଧୀନତା ଦିବସ ତଥା ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ବୁଗୁଡା ବ୍ଲକର ମୋର ସମସ୍ତ ପ୍ରିୟ ଜନସାଧାରଣଙ୍କୁ ଆନ୍ତରିକ ସ୍ନେହଭରା ଶୁଭେଚ୍ଛା ।
ଭାରତ ମାତାକୀ ଜୟ
ଶ୍ରୀଯୁକ୍ତ ମାନସ ରଞ୍ଜନ ପ୍ରଧାନ
ଉପାଧ୍ୟକ୍ଷ, ବୁଗୁଡା ପଞ୍ଚାୟତ ସମିତି (ଗଞ୍ଜାମ)

ପବିତ୍ର ସ୍ୱାଧୀନତା ଦିବସ ପାଳନ ଅବସରରେ ବାଲିବିଲ ଗ୍ରାମପଞ୍ଚାୟତର ସମସ୍ତ ଭାଇ, ଭଉଣୀ ଓ ଗୁରୁଜନମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ମଧୁସ୍ମିତା ସାମଲ
ସରପଞ୍ଚ, ବାଲିବିଲ ଗ୍ରା.ପ.

ରକ୍ତ ତୀର୍ଥ କଳାମାଟିଆ
ସ୍ୱାଧୀନତା ଦିବସ ପାଳନ ଅବସରରେ ବରୀ ଅଞ୍ଚଳର ସମସ୍ତ ମଉସା, ମାଉସୀ, ଭାଇ ଭଉଣୀ ଓ ଗୁରୁଜନମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ।
ରାଜେଶ କୁମାର ଦାଶ
ଡ. କୈଳାସ ଚନ୍ଦ୍ର ପତି

ସ୍ୱାଧୀନତା ଦିବସ ସହ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ମୋର ସୁନ୍ଦରଗଡ ଜିଲ୍ଲା ତଥା ରାଉରକେଲାବାସୀଙ୍କୁ ଅନେକ ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥ କରୋନା ମହାମାରୀରୁ ସମସ୍ତଙ୍କୁ ରକ୍ଷା କରନ୍ତୁ ଏତିକି ମୋ କାମନା ।
ଭାରତ ମାତାକୀ ଜୟ
ପୂର୍ଣ୍ଣିମା କେରକେଟ୍ଟା
ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟା, ଜନଜାତି ମୋର୍ଚ୍ଚା,
ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା (ଭାଜପା)
ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ନିର୍ଦ୍ଦେଶିକା, ରାଉରକେଲା

ସ୍ୱାଧୀନତା ଦିବସ ତଥା ଆଜାଦୀ କା ଅମୃତ ମହୋତ୍ସବ ପାଳନ ଉପଲକ୍ଷେ ବୁଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦର ମୋର ପ୍ରିୟ ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ସ୍ନେହ ଓ ଅଭିନନ୍ଦନ ।
ଭାରତ ମାତାକୀ ଜୟ
ଶ୍ରୀଯୁକ୍ତ ଚିତ୍ରସେନ ପ୍ରଧାନ
ନଗରପାଳ, ବୁଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ

୭୬ତମ ସ୍ୱାଧୀନତା ଦିବସ ପାଳନ ଅବସରରେ କଳାମାଟିଆ ଗ୍ରାମ ପଞ୍ଚାୟତର ଜନସାଧାରଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ।
ରଶ୍ମିତା ପରିଡ଼ା
ସରପଞ୍ଚ
ପ୍ରିୟଙ୍କା ପ୍ରିୟାଦର୍ଶିନୀ ଦାସ
ସମିତି ସଭ୍ୟ

ସ୍ୱାଧୀନତା ଦିବସ ପାଳନ ଅବସରରେ କଚାରୁ ପଞ୍ଚାୟତବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଅଛି ।
ଝୁବା ଟପ୍ପୋ (ସରପଞ୍ଚ)

ସ୍ୱାଧୀନତା ଦିବସ ତଥା ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଘୁମୁସର ଭାଜପା ସାଙ୍ଗଠନିକ ଜିଲ୍ଲାର ସମସ୍ତ ପ୍ରିୟ ଜନସାଧାରଣଙ୍କୁ ମୋର ସ୍ନେହଭରା ଆନ୍ତରିକ ଅଭିନନ୍ଦନ ।
ଭାରତ ମାତାକୀ ଜୟ
ଶ୍ରୀଯୁକ୍ତ ଗୋକୁଳାନନ୍ଦ ମଲିକ
ସଭାପତି
ଘୁମୁସର ଭାଜପା ସାଙ୍ଗଠନିକ ଜିଲ୍ଲା (ଗଞ୍ଜାମ)

ସ୍ୱାଧୀନତା ଦିବସ ଅବସରରେ ଡାହାଣହତା ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ସୁଖ ଓ ସମୃଦ୍ଧି ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।
ପଦ୍ମାବତୀ ବିଶ୍ୱାଳ
ସରପଞ୍ଚ, ଡାହାଣହତା ଗ୍ରାମପଞ୍ଚାୟତ, ଦଶରଥପୁର ବ୍ଲକ

ପବିତ୍ର ୭୬ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବରୀ ଗ୍ରାମ ପଞ୍ଚାୟତର ଜନସାଧାରଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ।
ସଞ୍ଜୀବ ଜେନା
ସମିତି ସଭ୍ୟ, ବରୀ ଗ୍ରା.ପ.

ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ବୁଗୁଡା ବ୍ଲକ ଓ କଳମ୍ବ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ସ୍ନେହଭରା ଆନ୍ତରିକ ଶୁଭ ଅଭିନନ୍ଦନ ।
ଜୟ ଭାରତ, ଜୟ ଉତ୍କଳ ଜନନୀ
ଶ୍ରୀ କାହ୍ନୁ ଚରଣ ଗୌଡ
ଯୁବ ସମାଜସେବୀ
କଳମ୍ବ ଗ୍ରାମପଞ୍ଚାୟତ (ବୁଗୁଡା ବ୍ଲକ)

୭୫ତମ ସ୍ୱାଧୀନତା ଦିବସର ଅମୃତ ମହୋତ୍ସବ ପାଳନ ଅବସରରେ ଆସିକା ନଗରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶ୍ରୀମତୀ ବିନେତା ସ୍ୱାଇଁ
ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ
ଆସିକା (ଗଞ୍ଜାମ)

୭୬ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଅନ୍ୟାସୀପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ।
ସସ୍ମିତା କୁଣ୍ଡୁ
ସରପଞ୍ଚ, ଅନ୍ୟାସୀପୁର ଗ୍ରା.ପ.

See Career Appointment on every
Wednesday & Saturday

# ଭାରରେ ବୁହା ହେଲେ ରୋଗୀ

**ଜଙ୍ଗଲଘେରି ଗାଁକୁ ରାସ୍ତା ନାହିଁ**
- ଆମ୍ବୁଲାନ୍ସ ଆସି ପାରିଲାନି
- ୭୫ ବର୍ଷ ସ୍ୱାଧୀନତା ପରେ ବି ମିଳୁନି ମୌଳିକ ସୁବିଧା

ମହାକାଳପଡ଼ା,୧୪।୮(ଡି.ଏନ୍.ଏ.)

ଭାରତ ସ୍ୱାଧୀନତା ଲାଭର ୭୫ ବର୍ଷ ପରେ ବି ଗ୍ରାମାଞ୍ଚଳର ଲୋକଙ୍କୁ ମୌଳିକ ସୁବିଧା ମିଳିନି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ପେଟଚ୍ଛେଲା ପଞ୍ଚାୟତ ଶବରପଲ୍ଲୀ ଗାଁ ଜଙ୍ଗଲଘେରିକୁ ଭଲ ରାସ୍ତାଟିଏ ନାହିଁ। ଫଳରେ ଆମ୍ବୁଲାନ୍ସଟିଏ ଗାଁକୁ ଆସିପାରୁ ନ ଥିବାରୁ ବାଧ୍ୟରେ ଲୋକମାନେ ବାଉଁଶ ଓ ଲୁଗାରେ ଭାର କରି ଜଣେ ମହିଳା ରୋଗୀଙ୍କୁ ୨ କିମି ଦୂର ନେବାକୁ ପଡ଼ିଛି। ସେଠାରୁ ଅନ୍ୟ ଗାଡ଼ିରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଛନ୍ତି।

ବ୍ଲକର ଶବରପଲ୍ଲୀ ଗାଁର ଜଙ୍ଗଲଘେରିରେ ଶବର ସମ୍ପ୍ରଦାୟର ୪୦ ପରିବାରରେ ୧୫୦ ଲୋକ ବସବାସ କରୁଛନ୍ତି। ରବିବାର ଅପରାହ୍ନରେ ଗାଁର ଜଣେ ମହିଳା ଦ୍ରୌପଦୀ ଭକ୍ତା(୭୦) ଗୁରୁତର ହୋଇପଡିଥିଲେ। ତାଙ୍କୁ ଗାଁ ଲୋକେ ଭାରରେ ଦୁଇ କିମି ଦୂର ରାମଚଣ୍ଡୀ ମୁଖ୍ୟରାସ୍ତାକୁ ଆଣିଥିଲେ। ସେଠାରୁ ମହିଳାଙ୍କୁ ପ୍ରଥମେ ଅଟୋରିକ୍ସା ଯୋଗେ ରାମନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ହେବାରୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଗାଁର ଲୋକେ ବହୁବାର ପ୍ରଶାସନ ନିକଟରେ ଦାବି କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ ଅଧାପନ୍ତରିଆ ରାସ୍ତା କାମ ସାରି ଚୁପ୍ ହୋଇ ବସି ରହିଛି। ଗାଁର ଏହି ରାସ୍ତା ଦୁଃଖ କେବେ ଦୂର ହେବ ଓ ଆମ୍ବୁଲାନ୍ସଟିଏ ଗାଁକୁ ଆସିବ ତାହାକୁ ନେଇ ସମସ୍ତେ ସନ୍ଦୀହାନରେ ରହିଛନ୍ତି। ଗାଁର ସୁଦନ ଭକ୍ତା, ପଇଡ ଭକ୍ତା, ସୁଦର୍ଶନ ଭକ୍ତା, ସହଚର ଆହାଡ଼ି ପ୍ରମୁଖ ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି।


ଜଙ୍ଗଲଘେରି ଗାଁର ଜଣେ ମହିଳା ରୋଗୀଙ୍କୁ ଭାରରେ ନିଆଯାଉଛି।




# କେନ୍ଦ୍ରାପଡ଼ା ଜିଲାର ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

କେନ୍ଦ୍ରାପଡ଼ା ଅଫିସ, ୧୪।୮:

ମହାନଦୀରେ ବନ୍ୟାଜଳ ଆସୁଛି। କେନ୍ଦ୍ରାପଡ଼ା ଜିଲାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ମୁକାବିଲା ପାଇଁ ରବିବାର ସନ୍ଧ୍ୟାରେ ଜିଲାପାଳ ଅମୃତ ଋତୁରାଜ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିଛନ୍ତି। ଏ ନେଇ ଜିଲାପାଳ ଋତୁରାଜ ଜଣାଇଛନ୍ତି ଯେ, ପ୍ରଶାସନିକ ଅଧିକାରୀ ଓ ସମସ୍ତ ଲାଇନ ଡିପାର୍ଟମେଣ୍ଟର କର୍ମଚାରୀମାନେ ବନ୍ୟାସ୍ଥିତି ଅନୁଧ୍ୟାନ କରିବା ସହ ରିପୋର୍ଟ ଦେବେ। ଏଥିସହ ଜନସାଧାରଣଙ୍କ ସମସ୍ୟାକୁ କର୍ମଚାରୀମାନେ ସମାଧାନ କରିବେ।

# ଇଫ୍‌କୋରେ ଆଜାଦୀ କା ଅମୃତ ମହୋତ୍ସବ

ପାରାଦୀପ,୧୪।୮(ସ୍ୱ.ପ୍ର.)

ପାରାଦୀପସ୍ଥିତ ଇଫକୋ କମ୍ପାନୀରେ ରବିବାର ୭୫ ତମ ଆଜାଦୀ କା ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଇଫକୋ ନିର୍ଦ୍ଦେଶକ କେ.ଜେ ପଟେଲ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜ୍ୟୋତି ଲେଡିଜ କ୍ଲବ ସାମିଲ ହୋଇଥିଲା। ଏଥିରେ କମ୍ପାନୀର ସମସ୍ତ ବରିଷ୍ଠ ଅଧିକାରୀ, ଲେଡିଜ କ୍ଲବ ସଭାନେତ୍ରୀ ମମତା ପଟେଲ ପ୍ରମୁଖ ସାମିଲ ହୋଇଥିଲେ।

# ପିପିଏଲ ବାଣ୍ଟିଲା ୫୦୦ ଜାତୀୟ ପତାକା

ପାରାଦୀପ,୧୪।୮(ସ୍ୱ.ପ୍ର.)

ପିପିଏଲ୍ କମ୍ପାନୀ ପକ୍ଷରୁ ରବିବାର ସ୍ଥାନୀୟ ୫ ପଞ୍ଚାୟତକୁ ୫୦୦ ଜାତୀୟ ପତାକା ଦିଆଯାଇଛି। ପାରାଦୀପଗଡ, ମଙ୍ଗରାଜପୁର,ବଗଦିଆ, କୋଠୀ ଓ ଏରସମା ପଞ୍ଚାୟତକୁ ଖଦି କପଡା ଯୁକ୍ତ ଜାତୀୟ ପତାକା ସମ୍ପୃକ୍ତ ସରପଞ୍ଚମାନଙ୍କୁ ଦିଆଯାଇଛି। କମ୍ପାନୀ ମୁଖ୍ୟ ପ୍ରଣବ ଭଟ୍ଟାଚାର୍ଯ୍ୟ, ଏମ୍ପ୍ଲୋଇଜ ୟୁନିୟନ ସଭାପତି ହେମନ୍ତ ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଶିଶୁମନ୍ଦିରରେ ଆଜାଦୀ କା ଅମୃତ ମହୋତ୍ସବ ପଦଯାତ୍ରା

ଆଳି,୧୪।୮(ଡି.ଏନ.ଏ.)

ଭାରତ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତିରେ ସମଗ୍ର ଦେଶରେ ୧୩ରୁ ୧୫ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଘର ଉପରେ ତ୍ରିରଙ୍ଗା ଓ ଶିକ୍ଷା ଅନୁଷ୍ଠାନରେ ଉତ୍ତୋଳନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ଆହ୍ୱାନକୁ ସାରା ରାଜ୍ୟରେ ପାଳନ ହେଉଛି। ଏହିକ୍ରମରେ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଦେମାଳ ପଞ୍ଚାୟତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆଜାଦୀ କା ଅମୃତ ମହୋତ୍ସବ ଓ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଜାନକୀ କୁମାରୀ ଦାସଙ୍କ ଅଧ୍ୟକ୍ଷତାରେ ଆଜାଦୀ କା ଅମୃତ ମହୋତ୍ସବ ବିଦ୍ୟାମନ୍ଦିର ପରିସରରେ ପାଳନ ହୋଇଯାଇଛି। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, ଦେଶାତ୍ମବୋଧକ ଗୀତ ଓ ସଙ୍ଗୀତ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ପରେ ପ୍ରଧାନ ଆଚାର୍ଯ୍ୟ ଓ ଗୁରୁମା ଛାତ୍ରୀଛାତ୍ରମାନଙ୍କୁ ନେଇ ପଦଯାତ୍ରା କରି ଆଳି ବଜାର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟା ଦାସ, ସହ ପ୍ରଧାନ ଆଚାର୍ଯ୍ୟ ଅମର କୁମାର ବାରିକ, ଆଚାର୍ଯ୍ୟାଆଚାର୍ଯ୍ୟ ନିରଞ୍ଜନ ବେହେରା, ସୁଶାନ୍ତ ସାହୁ, ନିର୍ମଳ ପଣ୍ଡା, ସଞ୍ଜୁଲତା ସ୍ୱାଇଁ, ସୁଜାତା ଗୋଚ୍ଛାୟତ, ପ୍ରମୋଦା ବେହେରା, ସୁକାନ୍ତି ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଲୁଣାନଦୀରେ ବନ୍ୟା ଆଶଙ୍କା: ନଦୀକୂଳବାସୀ ଆତଙ୍କିତ

ଡେରାବିଶ, ୧୪।୮(ସ୍ୱ.ପ୍ର.)



ଲଘୁଚାପଜନିତ ଲଗାଣ ବର୍ଷାରେ ମହାନଦୀ ସିଷ୍ଟମ୍‌ରେ ବନ୍ୟା ଆଶଙ୍କା ଦେଖାଦେଇଛି। ହୀରାକୁଦ ଡ୍ୟାମ୍‌ରୁ ଖୋଲାଯାଇଥିବା ୩୪ଟି ଗେଟ୍ ଯୋଗେ ପ୍ରବାହିତ ହେଉଥିବା ବନ୍ୟା ଜଳ ରବିବାର ସୁଦ୍ଧା ନରାଜଠାରେ ପହଞ୍ଚିଛି। ଏହି ବିନ୍ୟାଜଳ ନରାଜରୁ ନିଷ୍କାସନ ହେବା ପରେ ମହାନଦୀର ବିଭିନ୍ନ ଶାଖା ନଦୀ ଦେଇ ପ୍ରବାହିତ ହେବ। ଲୁଣା ଓ କରାଣ୍ଡିଆ ନଦୀରେ ଏହି ବନ୍ୟାଜଳ ପହଞ୍ଚିବା ପରେ ବନ୍ୟା ଆଶଙ୍କା ଥିବାରୁ ଡେରାବିଶ ବ୍ଲକ ଅଧୀନ ମୁକୁନ୍ଦପୁର, ଯଅଁରାବାରିମୂଳ, ହରିଅଙ୍କ, ଦାନପୁର, ଇନ୍ଦାଲୋ, ବସୁପୁର ପଞ୍ଚାୟତର ନଦୀକୂଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜିଲା ବନ୍ୟା ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଜଳସମ୍ପଦ ବିଭାଗର ସହକାରୀ ମୁଖ୍ୟ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ ଓ କେନ୍ଦ୍ରାପଡ଼ାର ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟଙ୍କ ସମେତ ବିଭାଗୀୟ କନିଷ୍ଠ ଯନ୍ତ୍ରୀମାନେ ରବିବାର ଲୁଣା ନଦୀବନ୍ଧ ପରିଦର୍ଶନ କରିଛନ୍ତି। ନଦୀବନ୍ଧର ଦୁର୍ବଳ ଥିବା ସ୍ଥାନରେ ବାଲିବସ୍ତା ମହଜୁଦ୍ ରଖାଯାଇଥିବା ଅଧୀକ୍ଷଣ ଯନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ଏହି ବନ୍ୟା ପାଇଁ ସାଧାରଣ ଲୋକେ ଆତଙ୍କିତ ନ ହେବା ଲାଗି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଲୁଣା ଓ କରାଣ୍ଡିଆ ନଦୀରେ ବନ୍ୟା ହେଲେ ବସୁପୁର ପଞ୍ଚାୟତର ଢିଅବସୁପୁର ଓ ଇନ୍ଦାଲୋ ପଞ୍ଚାୟତର ପୁରୁଷୋତ୍ତମପୁର ଗ୍ରାମ ବିଶେଷ କ୍ଷତିଗ୍ରସ୍ତ ହେବା ଆଶଙ୍କା ଥିବାରୁ ପ୍ରଶାସନ ପକ୍ଷରୁ ଏହି ଦୁଇ ଗ୍ରାମ ପାଇଁ ସତର୍କ ଦୃଷ୍ଟି ରଖାଯାଇଛି। ଲୁଣାନଦୀର ପୁବଂଶଠାରେ ବିପଦସଙ୍କେତ ୩୫.୨୮ ଫୁଟ ରହିଥିବା ବେଳେ ଏଠାରେ ୨୮.୫୮ ଫୁଟ ବନ୍ୟାଜଳ ପ୍ରବାହିତ ହେଉଛି। ସେହିପରି ଦାନପୁରଠାରେ ବିପଦସଙ୍କେତ ୩୨.୫୫ ରହିଥିବା ବେଳେ ୨୬.୯୦ ଫୁଟ ବନ୍ୟାଜଳ ପ୍ରବାହିତ ହେଉଛି। ସେହିପରି ବସୁପୁରଠରେ ବିପଦସଙ୍କେତ ୩୦ ଫୁଟ ରହିଥିବା ବେଳେ ରବିବାର ଅପରାହ୍ନ ସୁଦ୍ଧା ୨୭ ଫୁଟ ଜଳ ପ୍ରବାହିତ ହେଉଥିବା ଅଧୀକ୍ଷଣ ଯନ୍ତ୍ରୀ ସେଠୀ ସୂଚନା ଦେଇଛନ୍ତି। ତେବେ ପାଣିପାଗ ବିଭାଗ ପକ୍ଷରୁ ମହାନଦୀର ଉପରମୁଣ୍ଡ ଓ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଆଉ ୨ ଦିନ ବର୍ଷାର ପ୍ରଭାବ ରହିବ ବୋଲି ସତର୍କ ସୂଚନା ଦିଆଯାଇଛି। ଡେରାବିଶ ବ୍ଲକ ଅଞ୍ଚଳର ନଦୀକୂଳିଆ ଗ୍ରାମବାସୀ ସମ୍ଭାବ୍ୟ ବନ୍ୟା ନେଇ ଆଶା ଆଶଙ୍କାରେ ଦିନ କାଟୁଛନ୍ତି।

# ବରଗଛ ଉପୁଡ଼ି ରାସ୍ତା ଅବରୋଧ

ବାଲିଆ,୧୪।୮(ସ୍ୱ.ପ୍ର.)



ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ବିରିଡି ବ୍ଲକ ବଡଖଣ୍ଡାଏତା ଗ୍ରାମର ନାୟକ ସାହି ନିକଟ ନୀଳକଣ୍ଠ ମନ୍ଦିର ପ୍ରାଙ୍ଗଣରେ ଥିବା ଏକ ବିରାଟକାୟ ପୁରୁଣା ବରଗଛ ଉପୁଡିଯାଇଛି। ଏଥିଯୋଗୁ ଜନସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ସରପଞ୍ଚ ବେବିନା ମଲ୍ଲିକ ବିରିଡି ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଡକାଇ ଗଛ କାଟିବାକୁ ବ୍ୟବସ୍ଥା କରିଥିଲେ ମଧ୍ୟ ଅଗ୍ନିଶମ ବିଭାଗ କର୍ମଚାରୀମାନେ କେବଳ ଗଛର ଡାଳ କାଟି ଚାଲି ଯାଇଛନ୍ତି। ଗଛଟି ଏବେ ବି ରାସ୍ତା ଉପରେ ପଡି ରହିଛି। ଜେସିବି ସହାୟତାରେ ସେଠାରୁ ଉକ୍ତ ଗଛ ଉଠାଇବାକୁ ହେବ ବୋଲି ସରପଞ୍ଚ କହିଛନ୍ତି।















ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୫/୨୦୨୨ Bhubaneswar, Monday, August 15/ 2022

# ଓଡ଼ିଶା ଜଗରନଟ୍ସର ଅଭିଯାନ ଆଜିଠାରୁ

**ଭୁବନେଶ୍ୱର, ୧୪।୮ (କ୍ରୀଡ଼ା ପ୍ରତିନିଧି)**

ଅଲ୍‌ଟିମେଟ ଖୋ ଖୋ ଲିଗ୍‌ର ସର୍ବପ୍ରଥମ ସଂସ୍କରଣ ରବିବାର ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସର ବ୍ୟାଡ୍‌ମିଣ୍ଟନ ହଲ୍‌ରେ ଆରମ୍ଭ ହୋଇଛି। ଲିଗ୍‌ରେ ମୋଟ ୬ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏହା ମଧ୍ୟରେ ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ ଓଡ଼ିଶା ଜଗରନଟ୍ସ ଅନ୍ୟତମ। ପୂର୍ବରୁ ଜାତୀୟ ସ୍ତରୀୟ ଲିଗ୍ ହକିରେ କଳିଙ୍ଗ ଲାନ୍ସର୍ସ ଏବଂ ଫୁଟବଲରେ ଓଡ଼ିଶା ଏଫ୍‌ସି ଖେଳୁଥିବାବେଳେ ଏବେ ଖୋ ଖୋରେ ମଧ୍ୟ ଏକ ଦଳ ଖେଳାଇ ଓଡ଼ିଶା ସରକାର ବିଭିନ୍ନ ଖେଳକୁ ପ୍ରୋତ୍ସାହନ ଦେଉଥିବା ସ୍ପଷ୍ଟ କରିଛନ୍ତି। ଓଡ଼ିଶା ଜଗରନଟ୍ସ ଏହାର ପ୍ରଥମ ମ୍ୟାଚ ସୋମବାର ଖେଳିବ। ଏହାର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେଉଛି ଚେନ୍ନାଇ କୁଇକ୍ ଗନ୍ସ। ମ୍ୟାଚଟି ରାତି ୮ଟା ୪୫ରେ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଓଡ଼ିଶା ଦଳ ୧୬ ତାରିଖରେ ଗୁଜରାଟ ଜିଆଣ୍ଟ୍ସ, ୧୯ରେ ରାଜସ୍ଥାନ ୱାରିୟର୍ସ, ୨୧ରେ ଗୁଜରାଟ ଜିଆଣ୍ଟ୍ସ, ୨୪ରେ ଚେନ୍ନାଇ କୁଇକ୍ ଗନ୍ସ, ୨୫ରେ ରାଜସ୍ଥାନ ୱାରିୟର୍ସ, ୨୭ରେ ମୁମ୍ବାଇ ଖିଲାଡିଜ୍, ୨୮ରେ ତେଲ୍‌ଗୁ ଯୋଦ୍ଧାସ, ୩୦ରେ ମୁମ୍ବାଇ ଖିଲାଡିଜ୍ ଏବଂ ୩୧ରେ ତେଲ୍‌ଗୁ ଯୋଦ୍ଧାସ ବିପକ୍ଷରେ ମ୍ୟାଚ ଖେଳିବ। ଲିଗ୍ ପର୍ଯ୍ୟାୟ ପରେ ସେପ୍ଟେମ୍ବର ୨ରେ ଏଲିମିନେଟର ଓ କ୍ୱାଲିଫାୟର-୧, ସେପ୍ଟେମ୍ବର ୨ରେ କ୍ୱାଲିଫାୟର-୨ ଏବଂ ୪ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ। ଓଡ଼ିଶା ସ୍ପୋର୍ଟ୍ସ ଡେଭେଲପ୍‌ମେଣ୍ଟ ଆଣ୍ଡ ପ୍ରମୋଶନ କମ୍ପାନୀ (ଓଏସ୍‌ଡିପିସି) ମାଲିକାନାରେ ଓଡ଼ିଶା ଜଗରନଟ୍ସ ଏହି ଲିଗ୍‌ରେ ଖେଳିବାକୁ ଯାଉଥିବାବେଳେ ଅଶ୍ୱିନୀ କୁମାର ଶର୍ମା ଏହାର ମୁଖ୍ୟ କୋଚ୍ ଏବଂ ଲିଲନ ପ୍ରସାଦ ସାହୁ ଟିମ୍ ମ୍ୟାନେଜର ଅଛନ୍ତି। ଓଡ଼ିଶା ଜଗରନଟ୍ସ ଦଳରେ ମୋଟ ୨୫ ଖେଳାଳି ରହିଛନ୍ତି। ଓଡ଼ିଶାର ୬ ଖେଳାଳି ଏଥିରେ ରହିଥିବାବେଳେ ମୋଟ ୧୦ ଖେଳାଳି ଓଭରଅଲ୍ ଲିଗ୍‌ରେ ପ୍ରତିନିଧିତ୍ୱ କରିବେ। ଓଡ଼ିଶା ଦଳରେ ୨ ଜଣ ଖେଳାଳି ଅଧିନାୟକ ଦାୟିତ୍ୱ ତୁଲାଇବେ ସେମାନେ ହେଲେ ମିଲିନ୍ଦ ଦିଲୀପ ଚଭାରେକର ଓ ଦୀପେଶ ବିଜୟ ମୋରେ।

**ଓଡ଼ିଶା ଜଗରନଟ୍ସ ଦଳ**

ଆଟାକର: ଦର୍ଶନାପୁ ସତୀଶ, ଦୀନେଶ ନାଏକ, ଲିପୁନ ମୁଖି, ମହେଶ ପି., ମନୋଜ ନାରାୟଣରାଓ, ମୁକେଶ ପ୍ରଜାପତ, ଶିବ୍ କୁମାର ସେନ୍ ଓ ସୂରଜ ଶୀତଲ ଲାଣ୍ଡେ। ଡିଫେଣ୍ଡର: ଗୌତମ ଏମ୍. କେ, ଗୁରଜିନ୍ଦର ସିଂ, ସୁରେଶ କୁମାର, ସ୍ୱୟମ ସତ୍ୟପ୍ରକାଶ ପରିଜା, ଥୁଙ୍ଗନା ବିନୋଦ କୁମାର ଓ ବିଶାଲ। ଅଲ୍‌ରାଉଣ୍ଡର: ଆଦିତ୍ୟ କୁଡାଲେ, ଅର୍ଜୁନ ସିଂ, ଅବିନାଶ ଶିବାଜୀ ଦେଶାଇ, ଦୀପେଶ ବିଜୟ ମୋରେ (ଅଧିନାୟକ), ଜଗନ୍ନାଥ ମୁର୍ମୁ, ମିଲିନ୍ଦ ଦିଲୀପ ଚଭାରେକର (ଅଧିନାୟକ), ନିଲେଶ୍ ଆନନ୍ଦ ଯାଦବ, ଶୁଭାଶିଷ ସାନ୍ତ୍ରା, ଦିଲୀପ ଖାଣ୍ଡାଭି, ସିଦ୍ଧେଶ୍ୱର ଟୁଡୁ, ସୁକାନ୍ତ ସିଂ।

**ମ୍ୟାଚ ଆରମ୍ଭ ରାତି ୮ଟା ୪୫**


ଅଭ୍ୟାସ ଅବସରରେ ଓଡ଼ିଶା ଜଗରନଟ୍ସ ଦଳର ଖେଳାଳି।

# ‘ଓଡ଼ିଶାରେ ହେବ ଏକାଧିକ ବୃହତ୍ ଭଲିବଲ ଟୁର୍ନାମେଣ୍ଟ’

**ଭୁବନେଶ୍ୱର,୧୪।୮ (କ୍ରୀଡ଼ା ପ୍ରତିନିଧି):** ଆଗାମୀ ଦିନରେ ଓଡ଼ିଶାରେ ଏକାଧିକ ବୃହତ୍ ଭଲିବଲ ଟୁର୍ନାମେଣ୍ଟ ଆୟୋଜନ ହେବ। ଏହି ସୂଚନା ଦେଇଛନ୍ତି ଅନ୍ତର୍ଜାତୀୟ ଭଲିବଲ୍ ଫେଡେରେଶନ୍(ଏଫ୍‌ଆଇଭିବି) ମହାନିର୍ଦ୍ଦେଶକ ଫାବିଓ ଆଜେଭେଦୋ। ରବିବାର ଏଠାରେ ଆୟୋଜିତ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ଫାବିଓ ଏଥିପାଇଁ ଓଡ଼ିଶା ସରକାର ପ୍ରସ୍ତୁତ ରହିବାକୁ କହିଛନ୍ତି। ଭଲିବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଭିବିଏଫ୍‌ଆଇ) ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ଅନୁରୋଧକ୍ରମେ ଏଫ୍‌ଆଇଭିବିର ମହାନିର୍ଦ୍ଦେଶକ ଫାବିଓଙ୍କ ସମେତ ସଂଘର ଅନ୍ୟ ସଦସ୍ୟଙ୍କୁ ନେଇ ଏହି ପ୍ରତିନିଧିମଣ୍ଡଳୀ ଓଡ଼ିଶାରେ ପହଞ୍ଚିବା ପରେ କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି। ଏହି ଅବସରରେ ପ୍ରତିନିଧିମଣ୍ଡଳୀକୁ ରବିବାର ଭୁବନେଶ୍ୱରରେ ଉଚ୍ଛ୍ୱସିତ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା, ଓଡ଼ିଶା ଫୁଟବଲ୍ ସଂଘ ଓ ଓଡ଼ିଶା ଆଥ୍‌ଲେଟିକ୍ ସଂଘର ସଭାପତି ଆଶୀର୍ବାଦ ବେହେରା ଏବଂ ଓଡ଼ିଶାର ବିଭିନ୍ନ କ୍ରୀଡ଼ା ସଂଗଠନର ସଦସ୍ୟ, ଓଡ଼ିଶାର ଖ୍ୟାତିସମ୍ପନ୍ନ କ୍ରୀଡ଼ାବିତ୍‌ମାନେ ଉପସ୍ଥିତ ଥିଲେ। ଏହା ବ୍ୟତୀତ ନିକଟରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ, ସି.ଏ. ଭବାନୀ ଦେବୀ, ଅମିତ ରୋହିଦାସ ଏବଂ ପାରା ଆଥ୍‌ଲେଟ ରାଖାଲ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଫ୍‌ଆଇଭିବିର ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ପ୍ରଥମ ଥର ଲାଗି ଭାରତ ଗସ୍ତ କରିଥିବା ବେଳେ ତୃଣମୂଳସ୍ତରରେ ଭଲିବଲ୍‌ର ବିକାଶ ନେଇ ଅଚ୍ୟୁତଙ୍କ ନେତୃତ୍ୱରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଫିଫା ଫୁଟ୍‌ବଲ ଫର୍ ସ୍କୁଲ୍ ଭଳି ଭାରତରେ ସ୍କୁଲସ୍ତରରେ ଭଲିବଲ୍‌ର ପ୍ରଚଳନ ପାଇଁ ଅଚ୍ୟୁତଙ୍କ ପ୍ରୟାସରେ ଏହି ଚୁକ୍ତି ସ୍ୱାକ୍ଷର କରାଯାଇଛି। ଏହି ପ୍ରତିନିଧିମଣ୍ଡଳୀ ଅଗଷ୍ଟ ୧୨ରୁ ୧୭ ତାରିଖ ପର୍ଯ୍ୟନ୍ତ ଭାରତ ଗସ୍ତରେ ଆସିଛି। ସେମାନେ ନୂଆଦିଲ୍ଲୀଠାରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀଙ୍କ ସମେତ ସାଇର ବରିଷ୍ଠ ଅଧିକାରୀଙ୍କ ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହାସହ ଓଡ଼ିଶାରେ କ୍ରୀଡ଼ାମନ୍ତ୍ରୀ, କ୍ରୀଡ଼ା ସଚିବ ଓ ରାଜ୍ୟର ବିଭିନ୍ନ କ୍ରୀଡ଼ା ସଂଗଠନ କର୍ମକର୍ତ୍ତାଙ୍କ ସହ ମିଶି ଓଡ଼ିଶାରେ ଭଲିବଲ୍‌ର ପ୍ରସାର ନେଇ ଆଲୋଚନା କରିଥିଲେ। ପ୍ରକାଶଯୋଗ୍ୟ, ଭାରତରେ ତୃଣମୂଳସ୍ତରରେ ଭଲିବଲର ବିକାଶ ଲକ୍ଷ୍ୟ ନେଇ ଭାରତୀୟ ଭଲିବଲ୍ ସଂଘ ସଭାପତି ଅଚ୍ୟୁତ ସାମନ୍ତ ଗତ ଜୁନ୍‌ରେ ମାନିଲାଠାରେ ଅନୁଷ୍ଠିତ ଏଫ୍‌ଆଇଭିବିର ବାର୍ଷିକ ସାଧାରଣ ପରିଷଦ ବୈଠକରେ ଯୋଗଦେଇଥିଲେ। ଏହି ଅବସରରେ ସେ ଏଫ୍‌ଆଇଭିବିର ସଭାପତି ଆରି ଗ୍ରାକା ଓ ମହାନିର୍ଦ୍ଦେଶକ ଫାବିଓ ଆଜେଭେଦୋଙ୍କୁ ବ୍ୟକ୍ତିଗତ ଭାବେ ଭେଟିଥିଲେ।

**ଏଫ୍‌ଆଇଭିବି ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀକୁ ନାଗରିକ ସମ୍ବର୍ଦ୍ଧନା**



ଏଫ୍‌ଆଇଭିବି ମହାନିର୍ଦ୍ଦେଶକ ଫାବିଓ ଆଜେଭେଦୋ (ବାମରୁ ଦ୍ୱିତୀୟ)ଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଏମ୍‌ପି ଅଚ୍ୟୁତ ସାମନ୍ତ ଓ ଅନ୍ୟମାନେ।

# ଓଡ଼ିଶାର ୪ ଫୁଟ୍‌ବଲ କୋଚ୍ ଉତ୍ତୀର୍ଣ୍ଣ

**ଭୁବନେଶ୍ୱର,୧୪।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ସମ୍ମାନଜନକ ଏଏଫ୍‌ସି ‘ବି’ ଡିପ୍ଲୋମା ଫୁଟ୍‌ବଲ କୋଚିଂ ପାଠ୍ୟକ୍ରମରେ ଓଡ଼ିଶାର ୪ ଫୁଟ୍‌ବଲ କୋଚ୍ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଭୁବନେଶ୍ୱରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାରୁ ୭ ସମେତ ସମଗ୍ର ଦେଶରୁ ୨୪ ଜଣ କୋଚ୍ ଭାଗ ନେଇଥିଲେ। ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଥିବା ୪ କୋଚ୍ ହେଲେ ଗାୟତ୍ରୀ ମଲିକ, ପାରୋମିତା ସିତ୍, ମହାବୀର ନାଥ୍ ଓ ଏମ୍. ଐଶ୍ୱର୍ଯ୍ୟନ ପିଲାଇ। ଏହି ପରିପ୍ରେକ୍ଷୀରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଏହି କୋଚ୍‌ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଛନ୍ତି।


ଗାୟତ୍ରୀ ମଲିକ, ମହାବୀର ନାଥ, ଐଶ୍ୱର୍ଯ୍ୟନ ପିଲାଇ, ପାରୋମିତା ସିତ୍।

# ରେସ୍‌ଲିଂ ଛାଡ଼ିବାକୁ ଚିନ୍ତା କରିଥିଲେ ଭିନେଶ

**ନୂଆଦିଲ୍ଲୀ,୧୪।୮(ପି.ଟି.):** ଟୋକିଓରେ ଦ୍ୱିତୀୟ ଥର ପାଇଁ ଅଲିମ୍ପିକ୍ସରେ ପଦକ ହାସଲ କରିବାରେ ବିଫଳ ହେବା ପରେ ରେସ୍‌ଲିଂ ଛାଡ଼ିଦେବାକୁ ପ୍ରାୟତଃ ନିଷ୍ପତ୍ତି ନେଇସାରିଥିଲେ ଭାରତର ଷ୍ଟାର ରେସ୍‌ଲର ଭିନେଶ ଫୋଗଟ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରେରଣା ଯୋଗୁ ସେ ତାଙ୍କ ନିଷ୍ପତ୍ତି ବଦଳାଇଥିଲେ। ୨୦୧୬ ରିଓ ଅଲିମ୍ପିକ୍ସ କ୍ୱାର୍ଟର ଫାଇନାଲରେ ଆଣ୍ଠୁରେ ଆଘାତପ୍ରାପ୍ତ ହେବାପରେ ତାଙ୍କ ଆଶା ଧୂଳିସାତ୍ ହୋଇଯାଇଥିଲା। ଟୋକିଓରେ ବିଶ୍ୱର ନମ୍ବର ୱାନ୍ ରେସ୍‌ଲର ଭାବେ ସେ ନିଜ କାଟେଗୋରିରେ ଭାଗ ନେଇଥିଲେ। ସେଥର ମଧ୍ୟ ସେ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଥିଲେ। ଦୁଇଟି ଅଲିମ୍ପିକ୍ସରେ ପଦକ ଶୂନ୍ୟ ପରେ ସେ ହତାଶ ହୋଇପଡ଼ିଥିଲେ। ନିକଟରେ ବର୍ମିଂହାମ୍‌ରେ ଶେଷ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ଏକ ସ୍ୱର୍ଣ୍ଣ ପଦକ ଜିତିପାରିଛନ୍ତି। ଭିନେଶ କହିଛନ୍ତି, ଦୁଇଟି ଅଲିମ୍ପିକ୍ସରେ ବିଫଳ ହେବା ପରେ ନିଜ ଉପରୁ ମୋର ଆତ୍ମବିଶ୍ୱାସ ତୁଟିଯାଇଥିଲା। ହେଲେ ପରିବାର ତରଫରୁ ତାଙ୍କୁ ସବୁବେଳେ ସାହାଯ୍ୟ ସହାନୁଭୂତି ମିଳୁଥିଲା। ତାଙ୍କ ଦକ୍ଷତା ଉପରେ ଭରସା ରହିଥିଲା। ସେ ଯେତେବେଳେ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ସେତେବେଳେ ତାଙ୍କୁ ପ୍ରେରଣା ଦେଇଥିଲେ ଯେ, ତୁମେ ନିଶ୍ଚିତରୂପେ ପାରିବ। ତୁମ ଉପରେ ଆମର ଭରସା ରହିଛି ବୋଲି ମୋଦିଜୀ ତାଙ୍କୁ କହିଥିଲେ, ଯାହା ତାଙ୍କ ପାଇଁ ଇନ୍ଧନ ଭଳି କାମ ଦେଇଥିଲା। ଭିନେଶ ପୁଣି କହିଛନ୍ତି, ପରିବାର ଓ ସମର୍ଥକଙ୍କ ସମର୍ଥନ ତାଙ୍କୁ ଆଗକୁ ବଢ଼ିବା ଲାଗି ପ୍ରେରଣା ଦେଉଛି। ପିଲାଦିନରୁ ଖେଳକୁ ପସନ୍ଦ କରେ। ସେଥିପାଇଁ ସେ ମନପ୍ରାଣ ଦେଇ ଖେଳିଥାନ୍ତି। ସେ କାହାରି ଚାପର ବଶବର୍ତ୍ତୀ ହୁଅନ୍ତି ନାହିଁ। ତାଙ୍କର ସବୁବେଳେ ଜିତିବା ଲାଗି ଆଗ୍ରହ ରହିଥାଏ। ଜିତିବା ପରେ ହିଁ ସେ ଖୁସି ଅନୁଭବ କରିଥାନ୍ତି।

# ଲିଜେଣ୍ଡଙ୍କ ହାତରେ ଫୁଟ୍‌ବଲ ପ୍ରଶାସନ ଭାର

**ନୂଆଦିଲ୍ଲୀ,୧୪।୮(ପି.ଟି.):** ନିଜ ଫୁଟ୍‌ବଲ ଦକ୍ଷତାରେ ୭୦ ଓ ୮୦ ଦଶକରେ ଦର୍ଶକଙ୍କୁ ବିମୋହିତ କରୁଥିବା ଲିଜେଣ୍ଡମାନଙ୍କ ହାତରେ ଫୁଟ୍‌ବଲ ପ୍ରଶାସନର ଭାର। ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶକ୍ରମେ ଅଗଷ୍ଟ ୨୮ରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଆଇଏଫ୍‌ଏଫ୍ ପରିଚାଳନା ବୋର୍ଡ ଓ ପ୍ରାଥମିକ ଭୋଟର ତାଲିକାରେ ୩୬ ଜଣ ପୂର୍ବତନ ଖେଳାଳିଙ୍କୁ ସାମିଲ କରାଯାଇଛି। ପୂର୍ବତନ ଅଧିନାୟକ ସବିର ଅଲ୍ଲୀ ଓ ମନୋରଞ୍ଜନ ଭଟ୍ଟାଚାର୍ଯ୍ୟଙ୍କ ପରି ବଡ ନାମ ଏହି ପରିଚାଳନା ବୋର୍ଡରେ ସାମିଲ ହୋଇଛି। ପୂର୍ବରୁ ଭାରତୀୟ ଫୁଟ୍‌ବଲ ପରିଚାଳନାରେ ୱାନ୍ ମ୍ୟାନ୍ ଶୋ’ ରହିଥିଲା। ଲାଭ ପରିବର୍ତ୍ତେ ଏଥିରୁ ପ୍ରଭୂତ କ୍ଷତି ହୋଇଛି। ଏହି ଦୁଇ ଖେଳାଳିଙ୍କ ବ୍ୟତୀତ ଆଉ ୨୨ ଜଣ ପୁରୁଷ ଏବଂ ୧୨ ମହିଳା ଖେଳାଳିଙ୍କୁ ସାମିଲ କରାଯିବ। ଆସନ୍ତା ୨୮ ତାରିଖ ନିର୍ବାଚନ ପୂର୍ବରୁ ୬୭ ଜଣିଆ ପ୍ରାଥମିକ ଭୋଟର ତାଲିକାରେ ପୂର୍ବତନ ଖେଳାଳିମାନଙ୍କୁ ସାମିଲ କରାଯାଇଛି।

ଏହି ତାଲିକାରେ ବାଇଚୁଙ୍ଗ ଭୂଟିଆ, ଆଇଏମ୍ ବିଜୟନ, ମରସିଓ ଆଲଫୋନ୍ସୋ, କ୍ଲାଇମାକ୍ସ ଲରେନ୍ସ, ପ୍ରଶୂନ ବାନାର୍ଜୀ, ବିଶ୍ୱଜିତ ଭଟ୍ଟାଚାର୍ଯ୍ୟ, ବ୍ରୁନୋ କୋଟିନୋ ଏବଂ ଭାରତର ଏକମାତ୍ର ପଦ୍ମଶ୍ରୀ ମହିଳା ଫୁଟ୍‌ବଲର ଓଇନାମ ବେମବେମ ଦେବୀଙ୍କୁ ସ୍ଥାନ ମିଳିଛି। ଏହି ତାଲିକାରେ ସ୍ଥାନ ପାଇବାକୁ ହେଲେ ଖେଳାଳିଙ୍କୁ ଅନ୍ୟୂନ ଦୁଇଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ଆବଶ୍ୟକ। ଆଉ ତା’ ସହିତ ଏହି ତାଲିକା ପ୍ରକାଶ ପାଇବାର ଦୁଇ ବର୍ଷ ପୂର୍ବରୁ ଅବସର ନେଇଥିବା ଆବଶ୍ୟକ। ସେହିପରି ଇଲେକ୍ଟୋରାଲ କଲେଜ କାରଣରୁ ରାଜନେତାମାନେ ମଧ୍ୟ ଏଆଇଏଫ୍‌ଏଫ୍ ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିପାରିବେନାହିଁ।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ଡମ୍ବର ଚୋରି ଅଭିଯୋଗ**

**କଳିଙ୍ଗନଗର,(ଡି.ଏନ.ଏ.):** କଳିଙ୍ଗନଗର ଥାନା ଅଧୀନ ଗୋଲାଗାଁରୁ ଏକ ଡମ୍ବର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗାଁର ଲକ୍ଷ୍ମଣ ପଲେଇଙ୍କ ଡମ୍ବର ନଂ.ଓଆର୍-୦୯-ଜେ-୨୩୩୭କୁ ସେ ତାଙ୍କ ଦୋକାନ ଆଗରେ ଥୋଇ ଥିବା ବେଳେ ଶନିବାର ରାତିରେ କେହି ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ରବିବାର ସକାଳେ ଲକ୍ଷ୍ମଣ ଗାଡ଼ିଟି ଦୋକାନ ଆଗରେ ନ ଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୭୩/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ହେଲେ ଗାଡ଼ିର ସନ୍ଧାନ ପାଇ ପାରିନାହିଁ।

# ବୈତରଣୀ, କାଣୀ ନଦୀରେ ବନ୍ୟା

ଯାଜପୁର ଅଫିସ/ଝୁମ୍ପୁରୀ (ଡି.ଏନ୍.ଏ.),୧୪।୮

- ■ ଦଶରଥପୁରରେ ବିପଦ ସଙ୍କେତର ୧ମିଟର ଉଚ୍ଚରେ ବନ୍ୟାଜଳ ପ୍ରବାହିତ
- ■ ମୁକୁଳା ଘାଇ, ପାଣିରେ ବୁଡ଼ିଲା ଚାଷଜମି
- ■ ୨୦ରୁ ଊର୍ଦ୍ଧ୍ୱ ଗ୍ରାମ ଜଳବନ୍ଦୀ


ବନ୍ୟାପାଣି ଘେରରେ ଆଦର୍ଶ ବିଦ୍ୟାଳୟ।

ଯାଜପୁର ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଲଘୁଚାପଜନିତ ବର୍ଷା ଯୋଗୁ ଜିଲା ଦେଇ ପ୍ରବାହିତ ବୈତରଣୀ ନଦୀ ଫୁଲିବାରେ ଲାଗିଛି। ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ବୈତରଣୀ ନଦୀର ଆନନ୍ଦପୁରଠାରେ ବିପଦ ସଙ୍କେତ ୩୮.୩୬ ମିଟର ସ୍ଥଳେ ୩୬.୬୨ ମିଟର ଓ ଆଖୁଆପଦାଠାରେ ବିପଦ ସଙ୍କେତ ୧୭.୮୩ ମିଟର ସ୍ଥଳେ ରାତି ୮ଟା ସୁଦ୍ଧା ୧୮.୦୬ ମିଟର ଉଚ୍ଚରେ ବନ୍ୟା ପାଣି ପ୍ରବାହିତ ହେଉଛି। ସେହିପରି ବଲ୍ଲଭିଘାଟରେ ବିପଦସଙ୍କେତ ୧୩.୩୪ ମିଟର ସ୍ଥଳେ ୧୨.୩୯ ମିଟର ଏବଂ ଦଶରଥପୁରଠାରେ ବିପଦସଙ୍କେତ ୯.୫୨ ମିଟର ସ୍ଥଳେ ୧୦.୬୦ ମିଟର ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି। ଏଥିଯୋଗୁ ଜିଲାର ଦଶରଥପୁର ବ୍ଲକ ଅଞ୍ଚଳର ନଦୀ ତଟବାସୀ ଆତଙ୍କିତ ହୋଇ ପଡିଛନ୍ତି ।

ବର୍ଷା ଲାଗି ରହିଥିବାରୁ ବୈତରଣୀ ଓ କାଣୀ ନଦୀର ବନ୍ୟାଜଳ ବୃଦ୍ଧି ପାଇବା ଆଶଙ୍କା ସୃଷ୍ଟି ହୋଇଛି। ଦଶରଥପୁରର ୭ ପଞ୍ଚାୟତ କସପା, ମଲ୍ଲିକାପୁର, ଦୁଦୁରାଅଣ୍ଟା, ଦଉପୁର, କୟାଁ, ଜୟନ୍ତରା ଓ କଟିକଟା ପଞ୍ଚାୟତର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଗ୍ରାମ ପାଣିଘେରରେ ରହିଛି। ଗତବର୍ଷ କଣ୍ଟପଡ଼ା ନିକଟରେ ହୋଇଥିବା ୮୦ ଫୁଟ୍‌ର ଘାଇ ମୁକୁଳା ଥିବାରୁ ଏହି ଘାଇ ମଧ୍ୟଦେଇ କାଣୀ ନଦୀରେ ବନ୍ୟାଜଳ ପ୍ରବେଶ କରିଛି। ଫଳରେ ବ୍ଲକ୍‌ର ୫ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଚାଷ ଜମି ପାଣିରେ ବୁଡ଼ି ରହିଥିବାବେଳେ ବହୁ ଫସଲ ଓ ପନିପରିବା କ୍ଷତି ହୋଇସାରିଛି। କଣ୍ଟପଡ଼ା ଘାଇ ପାଣିରେ ଦଶରଥପୁର ଆଦର୍ଶ ବିଦ୍ୟାଳୟ, ଜୟନ୍ତରା ପଞ୍ଚାୟତର ମହାପାତ୍ର ସାହି ଓ କଟିକଟା ପଞ୍ଚାୟତର କାପୁଡ଼ିଆ ସାହି, ମାଝୀ ସାହି ପାଣି ଘେରରେ ରହିଛି । ରବିବାର ବନ୍ୟା ପରିସ୍ଥିତି ସ୍ଥିତି ପରଖିବାକୁ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଦଶରଥପୁର ବ୍ଲକ୍ ଗସ୍ତ କରିବା ସହ କାଣୀ ନଦୀ ପ୍ରଭାବିତ କଣ୍ଟପଡ଼ା, ମଲ୍ଲିକାପୁର, କସପା ପ୍ରଭୃତି ଅଞ୍ଚଳ ପରିଦର୍ଶନ କରିଥିଲେ। ବିଧାୟକ ସ୍ଥିତି ସମୀକ୍ଷା କରି ଅଧିକାରୀମାନଙ୍କୁ ବନ୍ୟା ଉପରେ ସତର୍କ ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରାହ୍ନରେ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଧନେଶ୍ୱର ସାମଲ, ଯାଜପୁର ଡ୍ରେନେଜ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦିଲୀପ ନନ୍ଦନ ମହାପାତ୍ର ପ୍ରମୁଖ ବନ୍ୟା ପ୍ରଭାବିତ ମଲ୍ଲିକାପୁର, କସପା ପଞ୍ଚାୟତ ଗସ୍ତକରି କାଣୀ ନଦୀର ବିଭିନ୍ନ ଦୁର୍ବଳ ସ୍ଥାନ ପରିଦର୍ଶନ କରିଛନ୍ତି। ଏଥିସହ ବନ୍ୟା ଉପରେ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ରଖାଯିବା ସହ ବନ୍ଧର ସୁରକ୍ଷା ପାଇଁ ରାତିଦିନ ସଜାଗ ରହିବାକୁ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବ୍ଲକ ଅଧୀନ ବୈତରଣୀ ନଦୀ ଓ କାଣୀ ନଦୀର କେତେକ ସ୍ଥାନରେ ନଦୀବନ୍ଧ ଦୁର୍ବଳ ଥିବାରୁ ସେଠାରେ ବାଲିବସ୍ତା ପକାଯାଇଥିବା ଦେଖାଯାଇଛି। ସୋମବାର ସକାଳ ସୁଦ୍ଧା ବୈତରଣୀ ନଦୀରେ ପୁନଃ ବନ୍ୟାଜଳ ପ୍ରବେଶ କରିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଜଳସେଚନ ବିଭାଗ ତରଫରୁ ନଦୀର ବିଭିନ୍ନ ସ୍ଥାନରେ ରାତ୍ରି ପାଟ୍ରୋଲିଂ ବ୍ୟବସ୍ଥା କରାଯିବା ସହିତ ସମ୍ଭାବ୍ୟ ବିପଦକୁ ସାମ୍ନା କରିବାକୁ ବିଭାଗ ପ୍ରସ୍ତୁତ ରହିଛି ବୋଲି ବିଭାଗୀୟ ଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀ ଆମ ପ୍ରତିନିଧିଙ୍କୁ କହିଛନ୍ତି।

## ଫୁଲୁଛି ବିରୂପା, ଗେଙ୍ଗୁଟି ନଦୀ


ବିରୂପା ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି।

ଚଣ୍ଡିଖୋଲ,୧୪।୮(ଡି.ଏନ.ଏ.)

ମହାନଦୀର ଶାଖା ବିରୂପା ଓ ଏହାର ଶାଖା ଗେଙ୍ଗୁଟି ନଦୀରେ ଜଳସ୍ତର ବୃଦ୍ଧି ପାଉଛି। ଦୁଇ ଦିନ ହେବ ଲଗାଣ ବର୍ଷା ଯୋଗୁ ନଦୀର ଜଳସ୍ତର ବଢ଼ିବା ସହ ମହାନଦୀରେ ଆସୁଥିବା ବନ୍ୟା ଜଳ ପହଞ୍ଚିବା ପରେ ବନ୍ୟା ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଫଳରେ ଯାଜପୁର ଜିଲା ବଡ଼ଚଣା ବ୍ଲକ ଦେଇ ପ୍ରବାହିତ ହୋଇଥିବା ଏହି ଦୁଇ ନଦୀ ତଟବର୍ତ୍ତି ତଳିଆ ଅଞ୍ଚଳରେ ଥିବା ଲୋକଙ୍କ ମଧ୍ୟରେ ଭୟ ସଞ୍ଚାର ହୋଇଛି। ସରକାରୀ ହିସାବ ଅନୁସାରେ ରବିବାର ସକାଳ ୮ଟା ସୁଦ୍ଧା ବ୍ଲକରେ ୩୩ ମିଲିଲିଟର ବର୍ଷା ରେକର୍ଡ କରାଯାଇଛି। ବନ୍ୟା ହେଲେ ବଡ଼ଚଣା ବ୍ଲକର ୧୫ଟି ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇପାରେ ବୋଲି ଆକଳନ କରାଯାଇଛି। ସେଥିପାଇଁ ଗତ ଶୁକ୍ରବାର ବ୍ଲକ ପରିସରରେ ଏକ ବୈଠକ ବିଡିଓ ଅଜିତ ନାରାୟଣ ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବନ୍ୟା ପ୍ରଭାବିତ ହେବାକୁ ଥିବା ପଞ୍ଚାୟତର ରିଟେଲର ଚାଉଳ ଗଚ୍ଛିତ କରି ରଖିବାକୁ ପଠାଇ ଦିଆଯାଇଛି। ସୋମବାରଠାରୁ ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ପରିସ୍ଥିତି ଉପରେ ନଜର ରଖିବାକୁ ପ୍ରଶାସନ ପ୍ରସ୍ତୁତ ରହିଥିବା ବିଡିଓ ଗିରି ପ୍ରକାଶ କରିଛନ୍ତି।

## ଆଜି କ'ଣ କେଉଁଠି

**ଧର୍ମଶାଳା**

- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଗୋକର୍ଣ୍ଣିକା ସହିତ୍ୟ ସମାଜ ପକ୍ଷରୁ ଦେଶାତ୍ମବୋଧକ କବିତା ପାଠୋତ୍ସବ, ସ୍ଥାନ-ଜାରକା ହାଇସ୍କୁଲ୍, ସମୟ: ଅପରାହ୍ନ ୩ଟା।

## ଖରସ୍ରୋତାରେ ପ୍ରଥମ ବନ୍ୟା

ସିଂହପୁର,୧୪।୮(ଡି.ଏନ.ଏ.)

**ନଦୀକୂଳିଆ ଲୋକେ ଛାନିଆ**

ଲଗାଣ ବର୍ଷା ଯୋଗୁ ଖରସ୍ରୋତା ନଦୀରେ ପ୍ରଥମ ବନ୍ୟାଜଳ ପ୍ରବେଶ କରିଛି। ଫଳରେ ନଦୀକୂଳିଆ ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି। ବଞ୍ଚାରପୁର ବ୍ଲକ ଅଧୀନ ଜରି ଗ୍ରାମର ସେଠୀ ସାହି, ଅଢ଼େଇ ସାହି, କୁଳସାହିରେ ନଦୀବନ୍ଧ ବିପଦ ଶଙ୍କୁଳ ଅବସ୍ଥାରେ ରହିଛି। ପୂର୍ବରୁ ଏହି ସ୍ଥାନରେ ବନ୍ୟା ସମୟରେ ଜଳ ସମ୍ପଦ ବିଭାଗ ପକ୍ଷରୁ ବାଲିବସ୍ତା ଦିଆଯାଇ ଜାଫିଲ କରାଯାଇଥିଲା। ହେଲେ ଏହି ବିପଦପୂର୍ଣ୍ଣ ସ୍ଥାନରେ ସ୍ଥାୟୀ ପଦକ୍ଷେପ ନିଆଯାଇ ନାହିଁ। ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ତୁରନ୍ତ ବିଭାଗ ପକ୍ଷରୁ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଖରସ୍ରୋତା ନଦୀର ସିଂହପୁରଠାରେ ବିପଦ ସଂକେତ ୬.୭୨ ଥିବା ବେଳେ ରବିବାର ରାତି ୭ଟା ସୁଧା ୫.୦୮ରେ ପହଞ୍ଚିଛି। ଅନ୍ୟପକ୍ଷେ ୭ ଦିନ ହେଲା ଲଗାଣ ବର୍ଷା ଯୋଗୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଜଳ ନିଷ୍କାସନ ହୋଇ ପାରୁ ନ ଥିବାରୁ ସିଂହପୁର ବଜାର ଓ ଗ୍ରାମ ସମେତ ଗାଁ ଗହଳି ରାସ୍ତା ଜଳାର୍ଣ୍ଣବ ହୋଇପଡ଼ିଛି।


ଯାଜପୁର ରୋଡ ମହତାବ ନଗର ବାସିନ୍ଦା ରବିବାର ସନ୍ଧ୍ୟାରେ ସ୍ଥାନୀୟ ଶିବ ମନ୍ଦିର ପରିସରରେ ୭୫ତମ ସ୍ୱାଧୀନତା ଦିବସ ପୂର୍ତ୍ତି ଅବସରରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରି ପ୍ରଦୀପ ପ୍ରଜ୍ୱଳନ ସହିତ ତ୍ରିରଙ୍ଗା ପ୍ରଦର୍ଶନ କରୁଛନ୍ତି।

## ଓଏମ୍‌ସି ମହିଳା କର୍ମଚାରୀଙ୍କ ଆକସ୍ମିକ ମୃତ୍ୟୁ

**କାଳିଆପାଣି,୧୪।୮(ଡି.ଏନ.ଏ.):**

କାଳିଆପାଣି ଓଡ଼ିଶା ଖଣି ନିଗମ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କ ରବିବାର ସକାଳେ ଆକସ୍ମିକ ମୃତ୍ୟୁ ହୋଇଛି। ସେ ହେଲେ ସ୍ୱର୍ଣ୍ଣମଞ୍ଜୁରୀ ସାହୁ। କଲରଙ୍ଗିଅତା ଓଏମ୍‌ସି ଖଣି କଲୋନୀରେ ରହୁଥିବା ସ୍ୱର୍ଣ୍ଣମଞ୍ଜୁରୀଙ୍କ ମୃତଦେହ ବନ୍ଦ ଖଣି କାର୍ଯ୍ୟାଳୟ ନିକଟରେ ପଡ଼ିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସେ ବୁଦୁବୁଦିଆ ଜଙ୍ଗଲକୁ ଯାଇ ଫେରିଥିଲେ। ଘରେ କିଛି ସମୟ ରହିବା ପରେ କଲୋନୀ ରାସ୍ତା ଦେଇ ଯାଉଥିବା ବେଳେ ବନ୍ଦ କାର୍ଯ୍ୟାଳୟ ସମ୍ମୁଖରେ ପଡ଼ିଯାଇଥିଲେ। କାଳିଆପାଣି ଥାନା ଅଧିକାରୀ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦୀ ଡାକ୍ତରଖାନା ପଠାଇଛନ୍ତି। ଏନେଇ ନଂ.୧୧।୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ତ୍ରିଲୋଚନ ସାହୁ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସେ ଜଙ୍ଗଲକୁ ଯାଇଥିବାରୁ ସାପ କାମୁଡି ଥାଇପାରେ ବୋଲି ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି।

## ସଂକ୍ଷେପରେ

### ଚାଷଜମି ହିଡ଼ହଣାକୁ ନେଇ ଗଣ୍ଡଗୋଳ

**ପାଣିକୋଇଲି,୧୪।୮(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ପଞ୍ଚାୟତ ଖଜିରପୁର ଗ୍ରାମରେ ଚାଷଜମି ହିଡ଼ହଣାକୁ ନେଇ ୨ ପଡ଼ୋଶୀଙ୍କ ମଧ୍ୟରେ ମାରପିଟ ହୋଇଛି। ଏନେଇ ଉଭୟ ପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୨ଟି ମାମଲା ନଂ.୧୭୯।୨୨ ଓ ୧୮୦।୨୨ ରୁଜୁ କରି ତଦନ୍ତ ଜାରି ରଖିଛି। ଗ୍ରାମର ସମ୍ବର ମଳିକଙ୍କ ପୁଅ ଅରୁଣଙ୍କ ଅଭିଯୋଗ ମୁତାବକ, ଜମିରେ ପାଣି ନିଷ୍କାସନ ପାଇଁ ସେ ହିଡ଼ ହାଣୁଥିବା ସମୟରେ ଗ୍ରାମର ମାୟାଧାର ମଳିକଙ୍କ ପୁଅ ଆନନ୍ଦ, ଆନନ୍ଦଙ୍କ ପୁଅ ପ୍ରଶାନ୍ତ ଓ ରମାକାନ୍ତ ମିଳିତ ଭାବେ ତାଙ୍କୁ ଗାଳିଗୁଲଜ କରିବା ସହ କୋଦାଳରେ ଆକ୍ରମଣ କରିଥିଲେ। ଫଳରେ ସେ କ୍ଷତାକ୍ତ ହୋଇଛନ୍ତି। ଅପରପକ୍ଷେ ମାୟାଧରଙ୍କ ପୁଅ ଆନନ୍ଦଙ୍କ ଅଭିଯୋଗ ମୁତାବକ, ଅରୁଣ ତାଙ୍କ ଜମିରେ ଜୋର ଜବରଦସ୍ତ ହିଡ଼ ହାଣୁଥିଲେ। ଏହାକୁ ପ୍ରତିବାଦ କରିବାରୁ ଅରୁଣ ତାଙ୍କୁ ଓ ତାଙ୍କ ସ୍ତ୍ରୀଙ୍କୁ ଗାଳିଗୁଲଜ କରିବା ସହ ମାରପିଟ କରିଥିଲେ। ଏପରି କି ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ।

### ୨ ଫେରାର ଅଭିଯୁକ୍ତ ଗିରଫ

**ରସୁଲପୁର,୧୪।୮(ଡି.ଏନ.ଏ.):** କୁଆଖିଆ ଥାନା ଅନ୍ତର୍ଗତ କଲଣ ଓ ମୁଗୁପାଳ ଗ୍ରାମରୁ ପୋଲିସ ୨ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କଲଣ ଗ୍ରାମର ଚୈତନ୍ୟ ମଳିକ(୩୭) ଓ ମୁଗୁପାଳ ଗ୍ରାମର ଦୀପକ ଗୁରୁ (୨୮)। ସେମାନେ ୨୦୧୮ ଓ ୨୦୨୧ରେ ୨ଟି ପୃଥକ ମାମଲାରେ ସମ୍ପୃକ୍ତ ଥିଲେ। ଉଭୟଙ୍କ ନାମରେ ଥାନାରେ ୨ଟି ମାମଲା ରୁଜୁ କରାଯାଇଥିଲା। ଘଟଣା ଦିନରୁ ଅଭିଯୁକ୍ତ ଦ୍ୱୟ ଫେରାର ଥିଲେ। କୋର୍ଟ ପକ୍ଷରୁ ଚୈତନ୍ୟଙ୍କ ନାମରେ ସିଟି କେସ୍ ନଂ.୧୦୫୪।୧୮ ଓ ଦୀପକଙ୍କ ନାଁରେ ସିଟି କେସ୍ ନଂ.୬୨୧।୨୧ରେ କୋର୍ଟରେ ହାଜର ହେବାକୁ ନୋଟିସ କରାଯାଇଥିଲା। ମାତ୍ର ନୋଟିସକୁ ଅଭିଯୁକ୍ତଦ୍ୱୟ ଅବମାନନା କରିଥିଲେ। ଫଳରେ କୋର୍ଟ ପକ୍ଷରୁ ସେମାନଙ୍କ ନାଁରେ ଗିରଫ ପରୱାନା ଜାରି କରାଯାଇଥିଲା। ଏହି ନିର୍ଦ୍ଦେଶ ବଳରେ ଥାନା ଏଏସ୍‌ଆଇ ଦେବପଦ ମହାନ୍ତି ରବିବାର ଭୋର ସମୟରେ ଉଭୟଙ୍କୁ ଗିରଫ କରିଥିଲେ।

### ଶର୍ଟସର୍କିଟ ଯୋଗୁ ସମ୍ପତ୍ତି ପାଉଁଶ

**ସିଂହପୁର,୧୪।୮(ଡି.ଏନ.ଏ.):** ବିଞ୍ଝାରପୁର ଥାନା ଅନ୍ତର୍ଗତ ଅଙ୍ଗାଲୋ ପଞ୍ଚାୟତ ଅରିଲୋ ଗ୍ରାମର ଅରୁଣ କୁମାର ସାମଲଙ୍କ ଘରେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଯାଇଛି। ଫଳରେ ଘରର ଆସବାବପତ୍ର ସମେତ କୁଲର, ଫ୍ୟାନ, ୨୦ ହଜାର ଟଙ୍କା ଓ ପ୍ରିଂଟିଂ ପ୍ରେସ ଜଳିଯାଇଛି। ଏଥିସହିତ ଗ୍ରାମର ଶୁଭଲକ୍ଷ୍ମୀ ଧଳଙ୍କ ଅଙ୍ଗନୱାଡି ପିଲାଙ୍କ ଜିନିଷ ପୋଡି ନଷ୍ଟ ହୋଇଯାଇଛି।

## ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

ଧର୍ମଶାଳା,୧୪।୮(ଡି.ଏନ.ଏ.)

ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ଜେନାପୁର ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କଳିଙ୍ଗନଗର ଥାନା ଅଧୀନ ପିଙ୍ଗଳ ଗ୍ରାମର ଅଶୋକ କୁମାର ସାହୁ। ଅଶୋକ ସେହି ଗ୍ରାମର ତପସ୍ୱିନୀ ପରିଡ଼ାଙ୍କୁ ୧୨ ବର୍ଷ ତଳେ ବିବାହ କରିଥିଲେ। ତପସ୍ୱିନୀ ଜଣେ ଶିକ୍ଷୟିତ୍ରୀ ହୋଇଥିବା ବେଳେ ସେ ଏବେ ଜେନାପୁର ଥାନା ଅନ୍ତର୍ଗତ ବିଛାଖଣ୍ଡି ସ୍କୁଲରେ କାର୍ଯ୍ୟ କରୁଛନ୍ତି। ତେଣୁ ଦୀର୍ଘବର୍ଷ ହେଲା ସେ ଏଠାରେ ଏକ ଘରଭଡ଼ା ନେଇ ସ୍ୱାମୀଙ୍କ ସହିତ ରହିଆସୁଥିଲେ। ଅଧିକ ଯୌତୁକ ଆଣିବା ପାଇଁ ଅଶୋକ ତପସ୍ୱିନୀଙ୍କ ଉପରେ ଚାପ ପକାଇବା ସହ ଶାରୀରିକ ଓ ମାନସିକ ନିର୍ଯାତନ ଦେଉଥିଲେ। ଏନେଇ ଶିକ୍ଷୟିତ୍ରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୧୭/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଶୋକଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ବୋଲେରୋ ଚୋରିବେଳେ ଯୁବକଙ୍କୁ କାବୁକଲା ପୋଲିସ

ରସୁଲପୁର,୧୪।୮(ଡି.ଏନ.ଏ.)

କୁଆଖିଆ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବିଲିପଡ଼ା ଛକ ନିକଟରୁ ବୋଲେରୋ ଗାଡ଼ି ଚୋରି ବେଳେ ରବିବାର ଜଣେ ଯୁବକଙ୍କୁ କୁଆଖିଆ ଓ ଭଦ୍ରକ ପୋଲିସ କାବୁ କରିଛନ୍ତି। ତାଙ୍କୁ ଧରିବାକୁ ଉଭୟ ଥାନା ପୋଲିସକୁ ଦିନ ତମାମ ନୟାନ୍ତ ହେବାକୁ ପଡ଼ିଥିଲା। ଏପରି କି କିଛି ସମୟ ପୋଲିସ ଓ ଯୁବକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ କାବୁ କରି ମଧୁବନ ଡାକ୍ତରଖାନାରେ ଚିକିତ୍ସା କରାଇଛି। ପରେ ତାଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି। ସମ୍ପୃକ୍ତ ଯୁବକଙ୍କ ଘର କଳିଙ୍ଗନଗର ଥାନା ଅଞ୍ଚଳରେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏନେଇ ଅଧିକ ତଦନ୍ତ ଜାରି ରହିଥିବାରୁ ପୋଲିସ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇ ନାହିଁ।

## ଫ୍ୟାନରେ ରଶି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

ଧର୍ମଶାଳା/ ଜେନାପୁର, ୧୪।୮ (ଡି.ଏନ.ଏ.)

ଜେନାପୁର ଥାନା ଅନ୍ତର୍ଗତ ଗୋଡ଼ିପାଟିଆ ଗ୍ରାମରେ ପାରିବାରିକ ଅଶାନ୍ତି ଯୋଗୁ ଜଣେ ଯୁବତୀ ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ଗ୍ରାମର ଭରତ ବେହେରାଙ୍କ ଝିଅ ଗୁରୁବାରୀ ବେହେରା। ଯୁବତୀ ଫ୍ୟାନ୍‌ରେ ଝୁଲିପଡ଼ିଥିବା ଦେଖି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପରିବାର ଲୋକଙ୍କଠାରୁ ଖବର ପାଇ ପୋଲିସ ନଂ.୧୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯିବ ବୋଲି ପୋଲିସ ସୂଚନା ଦେଇଛି।

## ଚାରିନଙ୍ଗଳ ପାକ୍ସର ପ୍ରଥମ ବୈଠକ


ବୈଠକରେ ଯୋଗ ଦେଇଥିବା ସମିତିର କର୍ମକର୍ତ୍ତା।

ବାଲିଚନ୍ଦ୍ରପୁର,୧୩।୮(ସ୍ୱ.ପ୍ର.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳସ୍ଥିତ ଚାରିନଙ୍ଗଳ ପ୍ରାଥମିକ ସେବା ସମବାୟ ସମିତି(ପାକ୍ସ)ର ପ୍ରଥମ ବୈଠକ ସଭାପତି ପ୍ରତାପ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବନିର୍ବାଚିତ ସମସ୍ତ ବୋର୍ଡ ସଭ୍ୟାସଭ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହ ସମିତିର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ବିଶେଷକରି ସମିତିର ଗୋଦାମ, ଅଫିସ୍ ନିର୍ମାଣ, ଚାଷୀଙ୍କ ଋଣ ଛାଡ଼ ଓ କୃଷିବୀମା ଉପରେ ଧ୍ୟାନ ଦେବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା।

ବୈଠକରେ ସମିତି ଉପସଭାପତି କଳ୍ପନା ପଣ୍ଡା, ସଭ୍ୟ ଭୀମସେନ୍ ରାଉତ, ଅନନ୍ତ ସିଂହ, ମନ୍ମଥ କୁମାର ନାୟକ, ହିମାଂଶୁ ଶେଖର ବଳ, ସେକ୍ ଜାଉଲ୍ଲା, ସେକ୍ ଇମାମୁଦ୍ଦିନ୍, ନୀରୋଦ ଚନ୍ଦ୍ର ସେନାପତି, ଜାନକୀ ନାୟକ, ମାନସ ରଞ୍ଜନ ସାମଲ, ନାରାୟଣ ଦଳେଇ, ଚନ୍ଦ୍ର ଶେଖର ଦଳେଇ ପ୍ରମୁଖ ଯୋଗଦେଇ ନିଜ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମକୁ ସମିତି ସମ୍ପାଦକ ଜୟଶ୍ରୀ ଦାସ, ଡିଇଓ ମନୋଜ କୁମାର ମହାରଣା ଓ ସହଦେବ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀ ସ୍ତମ୍ଭ ଅବହେଳିତ

ଚଣ୍ଡିଖୋଲ,୧୪।୮(ଡି.ଏନ.ଏ.)

- ■ ଖସିପଡ଼ିଲାଣି ନାମଫଳକ
- ■ ବାଉଁଶ ଡେରା ଦିଆଯାଇଛି

ସାରାଦେଶ ଏବେ ପାଳୁଛି ସ୍ୱାଧୀନତାର ୭୫ତମ ଅମୃତ ମହୋତ୍ସବ। ଏଥିପାଇଁ ୩ ଦିନ ଧରି ପ୍ରତ୍ୟେକ ଘରେ ତ୍ରିରଙ୍ଗା ପତାକା ଉଡ଼ାଇବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଛନ୍ତି। ଯେଉଁମାନଙ୍କ ତ୍ୟାଗ ଓ ବଳିଦାନରେ ଦେଶ ସ୍ୱାଧୀନତା ଲାଭ କରିଥିଲା ସେମାନଙ୍କୁ ସ୍ମରଣ କରିବା ପାଇଁ ଏହି ଉତ୍ସବ ପାଳନ କରାଯାଉଛି। ତେବେ ଦୁଃଖର କଥା ସେହି ସଂଗ୍ରାମୀଙ୍କୁ ପୂଜା କରିବା ପାଇଁ ନିର୍ମାଣ କରାଯାଇଥିବା ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀ ସ୍ତମ୍ଭ ଏବେ ଅବହେଳିତ ଅବସ୍ଥାରେ ରହିଛି। ଏହି ସ୍ତମ୍ଭରୁ ବିଭିନ୍ନ ସ୍ଥାନରୁ ଟାଇଲ ଖସିପଡ଼ି ଖଣ୍ଡିଆ ଖାବରା ଦେଖାଯାଉଥିବା ବେଳେ ସଂଗ୍ରାମୀମାନଙ୍କ ନାମଫଳକ ସ୍ତମ୍ଭରୁ ଗଳିପଡ଼ିଲାଣି। ସୋମବାର ସ୍ୱାଧୀନତା ଦିବସ ପାଳନ କରାଯିବ। ତେବେ ଏହି ସ୍ତମ୍ଭର ଫଳକଗୁଡ଼ିକ ଖସି ନ ଯିବା ପାଇଁ ରଶି ବନ୍ଧା ଯାଇ ବାଉଁଶ ଡେରା ଦିଆଯାଇଥିବା ରବିବାର ଦେଖିବାକୁ ମିଳିଛି, ଯାହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ଯାଜପୁର ଜିଲାର ବଡ଼ଚଣା ବ୍ଲକରେ। ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣ କରାଯାଇଛି ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀସ୍ତମ୍ଭ। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୯ ମାର୍ଚ୍ଚ ୨ରେ ଲୋକାର୍ପଣ କରିଥିଲେ। ଏଥିରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଓ ରାଜ୍ୟ ସ୍ୱାଧୀନତା ସଂଗ୍ରାମ ସମିତି ସଭାପତି ନୀଳମଣି ସାମଲ ଯୋଗ ଦେଇଥିଲେ।

ତେବେ ଆଶ୍ଚର୍ଯ୍ୟର କଥା ନିର୍ମାଣ ହେବାର ତିନିବର୍ଷ ପରେ ଏହି ସ୍ତମ୍ଭରୁ ଖଣ୍ଡଖଣ୍ଡ କରି ଟାଇଲ ଗଳିପଡୁଛି। ବଡ଼ଚଣାର ୮୫ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ନାମ ଓ ଗ୍ରାମ ଏହି ସ୍ତମ୍ଭରେ ଉଲ୍ଲେଖ କରାଯାଇଛି। ଭବିଷ୍ୟତର ପିଢ଼ି ସଂଗ୍ରାମୀଙ୍କ ସମ୍ପର୍କରେ ଜାଣିବା ପାଇଁ ଏହି ସ୍ତମ୍ଭର ଉଦ୍ଦେଶ୍ୟ ରହିଛି। ଏଥିସହ ପ୍ରତ୍ୟେକ ବର୍ଷ ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସରେ ସଂଗ୍ରାମୀମାନଙ୍କୁ ସମ୍ମାନ ଜଣାଇବା ଏହାର ମୂଳ ଲକ୍ଷ୍ୟ ଥିଲା। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏହି ସ୍ତମ୍ଭ ସ୍ଥାପିତ ହୋଇଥିବା ବେଳେ ଏଠାକୁ ଦୈନିକ ଶହଶହ ରାଜନୈତିକ ବ୍ୟକ୍ତିବିଶେଷ ଓ ସରକାରୀ କର୍ମଚାରୀ ଅସିଥାନ୍ତି। ସ୍ତମ୍ଭର ଚତୁଃପାର୍ଶ୍ୱ ଗଛ ଉଠି ଜଙ୍ଗଲ ହୋଇଯାଇଛି, ଯାହାକି ଦିନେ କେହି ପରିଷ୍କାର କରିବାକୁ ଇଚ୍ଛା ପ୍ରକାଶ କରିନାହାନ୍ତି। ଯଦି ଆମେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଠିକ୍ ଭାବେ ସମ୍ମାନ ନ ଦେଇପାରିବା ତେବେ ସ୍ମୃତିସ୍ତମ୍ଭ କରିବାର ଆବଶ୍ୟକତା ନାହିଁ ବୋଲି ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ବଡ଼ଚଣା ବିଡିଓ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରେ ସେ କୁହନ୍ତି, ବିଧାୟକଙ୍କ ସହିତ କଥା ହୋଇଛି। ଏବେ ଏହାର ମରାମତି କାର୍ଯ୍ୟ କରାଯାଉଛି। ଆବଶ୍ୟକ ଅର୍ଥ ଆସିବା ପରେ ସମ୍ପୂର୍ଣ୍ଣ ମରାମତି କରାଯିବ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୫ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ଲଗାଣ ବର୍ଷାରେ ଦମ୍ପତିଙ୍କ ଘର ଭାଙ୍ଗିଲା



ଭାପୁର,୧୪।୮।(ଡି.ଏନ.ଏ.): ଲଘୁଚାପଜନିତ ବର୍ଷାରେ ମହାନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହି ବର୍ଷାରେ ନୟାଗଡ଼ ଜିଲା ଭାପୁର ବ୍ଲକ କରବର ପଞ୍ଚାୟତ ଅନ୍ତର୍ଗତ ମାଣିତ୍ରୀ ଗ୍ରାମର ହୀରା ରାଉତଙ୍କ(୭୧) ଟାଇଲି ଛପର ଘର ସମ୍ପୂର୍ଣ୍ଣ ଭାଙ୍ଗି ପଡିଛି। ରାତିରେ ହୀରା ଓ ତାଙ୍କ ସ୍ୱାମୀ ମାୟାଧର ଘରେ ଖାଇପିଇ ଶୋଇଥିଲେ। ଲଘୁଚାପ ଜନିତ ବର୍ଷା ପ୍ରଭାବରେ ତାଙ୍କ ଘର ଭାଙ୍ଗି ପଡିଥିଲା। ହେଲେ ଏହି ଦମ୍ପତି ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି। ଏହି ଦମ୍ପତିଙ୍କ ୩ ପୁଅ ବାହାରେ ରୁହନ୍ତି। ଗାଁରେ ଥିବା ଘରେ ହୀରା ଓ ମାୟାଧର ରହୁନ୍ତି। ଘର ଭାଙ୍ଗି ଯିବାରୁ ସେମାନେ ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ଏହି ଦମ୍ପତିଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ବଲାଙ୍ଗୀ ପାର୍କର ସମୀକ୍ଷା କଲେ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ



ନୟାଗଡ଼ ଅଫିସ,୧୪।୮: ନୟାଗଡ଼ ବଲାଙ୍ଗୀ ପାର୍କର ସମୀକ୍ଷ କରିଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ । ସେ ପାର୍କର ବିଭିନ୍ନ ସ୍ଥାନ ବୁଲି ଦେଖିଛନ୍ତି । କ'ଣ କରାଗଲେ ପାର୍କକୁ ଆହୁରି ସରସ ସୁନ୍ଦର କରାଯାଇ ପାରିବ ସେନେଇ ସ୍ଥାନୀୟ ଲୋକମାନଙ୍କୁ ପଚାରି ବୁଝିଛନ୍ତି । ଏହି ସମୀକ୍ଷା ସମୟରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଉପସ୍ଥିତ ଥିଲେ ।

### ୭ଫୁଟ ଲମ୍ବର ବୋଡ଼ା ସାପକୁ ମାରିଦେଲେ

ଖଣ୍ଡପଡା,୧୪।୮(ସ୍ୱ.ପ୍ର.): ଗତ ୩ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ସବୁଠି ଜଳାର୍ଣ୍ଣବ ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ବିଷଧର ସରିସୃପ ଜନବସତି



ଅଞ୍ଚଳକୁ ଚାଲି ଆସୁଛନ୍ତି। ଏଥିପାଇଁ ସାଧାରଣରେ ଭୟ ଓ ଆତଙ୍କ ସୃଷ୍ଟି ହେଉଛି। ଖଣ୍ଡପଡା ସହରର ୬ନଂ. ୱାର୍ଡ କୁମ୍ଭାର ସାହି ମଧ୍ୟ ଦେଇ ଯାଇଥିବା ରାସ୍ତା ଉପରକୁ ୭ଫୁଟ ଲମ୍ବର ଏକ ବୋଡାସାପ ଶନିବାର ସନ୍ଧ୍ୟାରେ ଚାଲି ଆସିଥିଲା। ସାପଟିକୁ ଦେଖି ସ୍ଥାନୀୟ ବାସିନ୍ଦା ପ୍ରଥମେ ଭୟଭୀତ ହୋଇ ପଡିଥିଲେ। ପରବର୍ତ୍ତୀ ସମୟରେ କେତେକ ପଥଚାରୀ ବୋଡା ସାପଟିକୁ ବାଡେଇ ମାରିଦେଇଥିଲେ।

# 'ହଜି ଯାଉଛି ସ୍ୱାଧୀନତାର ମୂଲ୍ୟବୋଧ'

**୭୫ତମ ସ୍ୱାଧୀନତା ଦିବସ ପୂର୍ତ୍ତି ଉପଲକ୍ଷେ ଦେଶ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଛି । ହେଲେ ଆଜି ସ୍ୱାଧୀନତାର ମୂଲ୍ୟବୋଧ ହଜି ଯାଇଛି । ପ୍ରକୃତରେ ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ ଏ ପର୍ଯ୍ୟନ୍ତ ବାସ୍ତବ ରୂପ ନେଇପାରିନାହିଁ । ଗାନ୍ଧିଜୀଙ୍କ ଆଦର୍ଶକୁ ଆମେ ଯେତେ ଭୁଲି ଯାଉଛୁ ଭାରତର ଐକ୍ୟ, ସଂହତି ସେତେ ଦୂରେଇ ଯାଉଛି ବୋଲି ମନେ ହେଉଛି । ଏହି ପ୍ରସଙ୍ଗରେ ବିଭିନ୍ନ ବର୍ଗର ଲୋକଙ୍କ ମତାମତକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା... ।**

## ଆଭିମୁଖ୍ୟ ପରିବର୍ତ୍ତନ



ଦେଶ ଆଜି ଆଜାଦ୍ କି ଅମୃତ ମହୋତ୍ସବ ପାଳନ କରୁଛି। ମାତ୍ର ଦୁଃଖର ବିଷୟ ଯେଉଁମାନେ ଦେଶ ସ୍ୱାଧୀନତା ପାଇଁ ପ୍ରାଣବଳି ଦେଇଥିଲେ, କେତେଜଣ ସେମାନଙ୍କୁ ମନେ ରଖିଛନ୍ତି ? ବାପୁଜୀ ସ୍ୱାଧୀନତାର ଯେଉଁ ମଞ୍ଜି ବୁଣିଥିଲେ, ସେଥିରୁ ଖାଲି ଅଗାଡ଼ି ବାହାରିଛି। ଆଜି ବି ଜଣେ ନାରୀ ରାତି କ'ଣ ଦିନରେ ବି ନିର୍ଭୟରେ ବାହାରକୁ ବାହାରି ପାରୁନି। ଏଠି ସ୍ୱାଧୀନତାର ମୂଲ୍ୟବୋଧ ହଜି ଯାଇଛି। ଏଣୁ ରାଜନୈତିକ ବ୍ୟକ୍ତିମାନେ ନିଜର ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବା ସହିତ ଆଇନକୁ ଅଧିକ କ୍ରିୟାଶୀଳ କରାଇଲେ ଗାନ୍ଧିଜୀଙ୍କ ସ୍ୱପ୍ନର ରାମରାଜ୍ୟ ଗଠନ କରିବାରେ ସହାୟକ ହେବ।

**–ସ୍ନେହଲତା ମିଶ୍ର,**
**ଅଧକ୍ଷା ରଘୁନାଥ ଜୀଉ ମହାବିଦ୍ୟାଳୟ, କଟକ**

## ଜଣତନ୍ତ୍ର, ଦଳତନ୍ତ୍ର



ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପରେ ବି ଆମେ ନିଜ ସ୍ଥିତିକୁ ଦେଖିଲେ ବହୁ ପଛରେ ରହିବା ପରି ଲାଗୁଛି। ଆମର ଗତି ଓ ପ୍ରଗତିକୁ ଦେଖିଲେ ଆମର ସ୍ୱପ୍ନଗୁଡାକ ଯେମିତି ଚୁରମାର ହୋଇଯାଇଛି। ମୁଖ୍ୟ ଲକ୍ଷ୍ୟର ମଞ୍ଜିଗୁଡାକ ଅଙ୍କୁରୋଦମ୍ ହୋଇ ମଉଳି ଯାଇଛି। ଇଂରେଜମାନଙ୍କ ଧଳା ସ୍ୱାଧୀନତାକୁ ଆମର କଳା ଶାସକ ଓ ପ୍ରଶାସକ ଗୋଷ୍ଠୀମାନେ ଟପି ଗଲେଣି। ଗଣତନ୍ତ୍ର ଏଠି କେତେବେଳେ ଜଣତନ୍ତ୍ର ତ କେଉଁଠି ଦଳତନ୍ତ୍ର ହେଲାଣି। ତଥାପି ଯୁବ ପିଢି ଉପରେ ଆମର ଭରସା ରହିଛି।

**–ଆଡଭୋକେଟ ରଶ୍ମିତା ସେଠୀ, ଦଶପଲ୍ଲା**

## ଅର୍ଥବଳର ପ୍ରଭାବ



ସ୍ୱଚ୍ଛତା ସ୍ୱାଧୀନତାଠାରୁ ଅଧିକ ମୂଲ୍ୟବାନ। ସ୍ୱାଧୀନତାର ଅର୍ଥ ନୁହେଁ ସ୍ୱେଚ୍ଛାଚାରିତା। ମନ ଓ ହୃଦୟରେ ସ୍ୱଚ୍ଛତା ଆସିଲେ ଅସୁମାରୀ ମଣିଷକୃତ ଅସୁବିଧା ଦୂର ହୋଇପାରିବ। ଯେତେ ଦିନ ପର୍ଯ୍ୟନ୍ତ ସମସ୍ତ ଭୋଟର ଭୋଟଦାନର ଅସଲ ମୂଲ୍ୟ ବୁଝି ପାରୁ ନାହାନ୍ତି, ସେତେ ଦିନ ପର୍ଯ୍ୟନ୍ତ ସେମାନେ ସ୍ୱାଧୀନତାର ମୂଲ୍ୟ ବୁଝିବା ସମ୍ଭବ ପର ନୁହେଁ। ଯେତେଦିନ ପର୍ଯ୍ୟନ୍ତ ନିର୍ବାଚନରେ ଅର୍ଥବଳ, ବାହୁବଳର ପ୍ରଭାବ ଥିବ ସେତେଦିନ ପର୍ଯ୍ୟନ୍ତ ଆମକୁ ସ୍ୱାଧୀନତା ମିଳିଛି ବୋଲି ଭାବିବା ଭୁଲ ହେବ।

**–ବିଶ୍ୱନାଥ ମହାରଣା,**
**ଅଧାପକ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ନୟାଗଡ଼**

## ନୀତି ବିହୀନ ରାଜନୀତି



ସମ୍ପ୍ରତି ଚାରିଆଡେ ଚାଲିଛି ନୀତି ବିହୀନ ରାଜନୀତି, ନୈତିକତା ବିହୀନ ବ୍ୟବସାୟ, ଚରିତ୍ର ବିହୀନ ଶିକ୍ଷା, ଶ୍ରମ ବିହୀନ ସମ୍ପଦ, ବିବେକ ବିହୀନ ବିଳାସ ଓ ତ୍ୟାଗ ବିହୀନ ଉପାସନା। ଆଜି ଭାରତ ବାହାରେ କୋଟି କୋଟି ଜନତା ଗାନ୍ଧୀଙ୍କ ନୀତି ଆଦର୍ଶକୁ ଆପଣେଇବା ବେଳେ ଆମେ ଭାରତୀୟମାନେ କିନ୍ତୁ ତାଙ୍କୁ ଭୁଲି ଯାଉଛେ।

**–ରୁପାଲୀ ସାହୁ, ଛାତ୍ରୀ, ଖଣ୍ଡପଡ଼ା**

## ନିଜସ୍ୱ ସ୍ୱାର୍ଥକୁ ଗୁରୁତ୍ୱ



ଲୋକେ ସମୂହ ସ୍ୱାର୍ଥ ଅପେକ୍ଷା ନିଜସ୍ୱ ସ୍ୱାର୍ଥକୁ ବେଶି ଗୁରୁତ୍ୱ ଦେଉଛନ୍ତି। ଫଳରେ ପ୍ରତ୍ୟେକଙ୍କ ମନରେ ଦେଶ ପ୍ରତି ଯେଉଁ ଜାତୀୟତା ଭାବ ରହିବା କଥା ତାହା ଧୀରେ ଧୀରେ କମିବାରେ ଲାଗିଛି। ଆଜି ସରକାରଙ୍କ ବିଧି ବ୍ୟବସ୍ଥା କେବଳ କିଛି ସ୍ୱାର୍ଥନ୍ୱେଷୀ ଓ କ୍ଷମତା ଲୋଭି ମୁଷ୍ଟିମେୟ ଲୋକଙ୍କ ପାଇଁ ବରଦାନ ସାଜିଛି।

**–ପଦ୍ମନାଭ ଖଟେଇ, ଶିକ୍ଷକ, ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ, ବାଙ୍କୋଇ, ଖୋର୍ଦ୍ଧା**

## ଜାତୀୟତାଭାବ କମୁଛି



ସ୍ୱାଧୀନତାର ୭୫ ବର୍ଷ ପରେ ବାସ୍ତବତା ଅପେକ୍ଷା ସ୍ୱପ୍ନ ଅଧିକ ମନେହୁଏ। ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ ଦିଗରେ ଏବେ ବି ପରାଧୀନତା ସ୍ପଷ୍ଟ ଅନୁମେୟ। ଲୋକଙ୍କ ମଧ୍ୟରେ ଜାତୀୟତାଭାବ କ୍ରମଶଃ କମିବାରେ ଲାଗିଛି। ବିକାଶର ଧାରା ତଥାପି ଅପହଞ୍ଚ। ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ୱପ୍ନ ସାକାର ପାଇଁ ଆମେ ଆଜି ଆତ୍ମ ସମୀକ୍ଷା କରିବାର ସମୟ ଆସିଛି। ନ ହେଲେ ଅନୁତପ୍ତ ହେବାକୁ ପଡିବ ଏଥିରେ ସନ୍ଦେହ ନାହିଁ।

**–ଲିପ୍‌ସ୍ମିତା ସାହୁ, ସହକାରୀ ଶାଖା ପରିଚାଳକ, ୟୁନିୟନ ବ୍ୟାଙ୍କ**

## ଭ୍ରଷ୍ଟାଚାର ବଢ଼ିଛି



ଜଣେ ଅନ୍ୟ ଜଣଙ୍କ ଉପରେ ନିର୍ଭର ନ କରିବା ହିଁ ସ୍ୱାଧୀନତା। ଦୀର୍ଘବର୍ଷ ହେବ ଆମ ଦେଶମାତୃକା ସ୍ୱାଧୀନତା ଲାଭ କରିଛି ସତ, କିନ୍ତୁ ବର୍ତ୍ତମାନ ଦୁର୍ନୀତି, ଭ୍ରଷ୍ଟାଚାର ବଢି ଚାଲିଛି। ଗଣତନ୍ତ୍ରର ପୁରୋଧାମାନଙ୍କ ଭ୍ରଷ୍ଟାଚାରକୁ ଦେଖି ସାଧାରଣ ନାଗରିକମାନଙ୍କ ମଧ୍ୟରେ ଜାତୀୟତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମହିଳାମାନଙ୍କୁ କେବଳ କାଗଜପତ୍ରରେ ସୁରକ୍ଷା ମିଳିଛି। ନାରୀ ନିର୍ଯାତନା, ଅପହରଣ ଘଟଣାମାନ ପ୍ରତିଦିନ ବିଭିନ୍ନ ଗଣମାଧମରେ ପୃଷ୍ଠା ମଣ୍ଡନ କରୁଛି।

**–ଡ. ନିରୋଦ ମନ୍ତ୍ରୀ,**
**ଅଧାପକ ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ**

## ସ୍ୱାର୍ଥପର ଚିନ୍ତାଧାରା



ଆଧୁନିକତାର ସ୍ପର୍ଶରେ ଯୁଗ ବଦଳିବା ସହ ବଦଳିଛି ମଣିଷର ବୁଦ୍ଧି, ବିଚାର, ବିବେକ ଓ ଚିନ୍ତାଧାରା। ମଣିଷ ଏବେ ସ୍ୱାର୍ଥପର ହୋଇ ଯାଇଛି। ଯେଉଁଠି ସେ ନିଜ ବ୍ୟତୀତ ଅନ୍ୟ କାହା କଥା ଚିନ୍ତା କରିବାକୁ ବେଳ ପାଉନି। ସେଠି ଦେଶ କଥା ପଚାରେ ବା କିଏ? ଆମ ଚିନ୍ତାଧାରା ଏପରି ହେଲାଣି, ଦେଶ ପଛେ ବୁଡି ଯାଉ, କେବଳ ଆମର ଉନ୍ନତି ଘଟୁ। ଏଥି ପାଇଁ ରାଜନେତାମାନେ ଅନେକାଂଶରେ ଦାୟୀ ହେଲେ ମଧ ବୁଦ୍ଧିଜୀବି, ସାଧାରଣ ଜନତା, ଯୁବଗୋଷ୍ଠି, ଛାତ୍ର ସମାଜ କେତେକାଂଶରେ ଦାୟୀ।

**–ମେଜର ରାଜ କିଶୋର ସାହୁ,**
**ନୟାଗଡ଼**

**ଉପସ୍ଥାପନା: ଅଜୟ କୁମାର ମହାରଣା, ଖଣ୍ଡପଡ଼ା**

# ଶୋଭାଯାତ୍ରାରେ ସାମିଲ ହେଲା ୨୫ ମିଟର ଜାତୀୟ ପତାକା



ନୟାଗଡ଼ଠାରେ ରବିବାର ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରା।

**ନୟାଗଡ଼ ଅଫିସ,୧୪।୮**

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶ ପାଳୁଛି ଅମୃତ ମହୋତ୍ସବ। ସବୁ ଘରେ ତ୍ରୀରଙ୍ଗା ଶୋଭା ପାଉଛି। ଏହି ଅବସରରେ ନୟାଗଡ଼ର ରେଡକ୍ରସ ଫୋରମ ଏବଂ ଓମ୍ ସାଇ ପ୍ରସାଦ ଖାଦ୍ୟ ରଥ ପକ୍ଷରୁ ଏକ ଭବ୍ୟ ତ୍ରିରଙ୍ଗା ଯାତ୍ରା ରବିବାର ସହର ପରିକ୍ରମା କରିଥିଲା। ଏହି ତ୍ରୀରଙ୍ଗା ଯାତ୍ରାକୁ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ବର୍ଷାରେ ଭିଜି ଶୋଭାଯାତ୍ରାକାରୀମାନେ ଭାରତ ମାତା କି ଜୟ, ବନ୍ଦେ ମାତରମ୍ ସ୍ଲୋଗାନ ଦେଇ ନୟାଗଡ଼ ଜଗନ୍ନାଥ ମନ୍ଦିରରୁ ବାହାରିଥିଲେ। ଶୋଭାଯାତ୍ରାକାରୀମାନେ ୨୫ ମିଟର ଲମ୍ବର ଜାତୀୟ ପତାକାକୁ ଧରି ନୟାଗଡ଼ ସହର ପରିକ୍ରମା କରି ତ୍ରିନାଥ ଛକସ୍ଥିତ ଗାନ୍ଧୀମୂର୍ତ୍ତି ନିକଟରେ ପହଞ୍ଚିଥିଲେ। ସେଠାରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ସାମାଜିକ କର୍ମୀ ଚିକୁ ପଟ୍ଟନାୟକ, ସନ୍ତୋଷ ଷଡ଼ଙ୍ଗୀ ଓ ଶ୍ରୀକାନ୍ତ ଖଟେଇ, ନୟାଗଡ ମ୍ୟୁନିସିପାଲିଟିର ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ, ଖବରଦାତା, ବୁଦ୍ଧିଜୀବୀ, ସାହିତ୍ୟିକମାନେ ସାମିଲ ହୋଇ ଥିଲେ।

# ମହାନଦୀରେ ଜଳସ୍ତର ବୃଦ୍ଧି, ଲୋକେ ଆତଙ୍କିତ

**ଖଣ୍ଡପଡ଼ା,୧୪।୮(ସ୍ୱ.ପ୍ର.)**

ଲଘୁଚାପ ଜନିତ ଲଗାଣ ବର୍ଷାରେ ଖଣ୍ଡପଡ଼ା ଅଞ୍ଚଳ ଦେଇ ପ୍ରବାହିତ ମହାନଦୀ ଓ ତାର ଶାଖାନଦୀ କୁସୁମୀ, କୁଆଁରିଆ, ଆମ୍ବନାଳ, ଡ଼ାହୁକା, ଲୁଣିଝରାରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଫଳରେ ନଦୀତଟବର୍ତ୍ତୀ ସିଧାମୂଳା, ବାଣପୁର, କଣ୍ଟିଲୋ, ମାଧପୁର ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ବାସିନ୍ଦା ସାମ୍ଭବ୍ୟ ବନ୍ୟା ଆଶଙ୍କାରେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଲଗାଣ ବର୍ଷା ଜାରି ରହିଛି । ବର୍ଷା ଯୋଗୁ ଝାଟି ମାଟି ଓ ଚାଳଛପର ଘରେ ବସବାସ କରୁଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ସିଧାମୂଳାଠାରେ ବିପଦ ସଙ୍କେତ ତଳେ ମହାନଦୀର ବନ୍ୟା ଜଳ ପ୍ରବାହିତ ହେଉଛି । କଣ୍ଟିଲୋଠାରେ ମହାନଦୀର ଜଳପତନ ବିପଦ ସଙ୍କେତ ୪୭.୯୮ ମିଟର ଥିବା ବେଳେ ରବିବାର ସନ୍ଧ୍ୟା ସୁଦ୍ଧା ସେଠାରେ ବନ୍ୟାଜଳ ୪୭.୪୦ ମିଟର ରହିଥିବା ଜଳ ସମ୍ପଦ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ଜେଲ ଗଲେ ଲୁଟେରା

**୪୦ ହଜାର ଟଙ୍କା, ୨ଟାବ୍‌ଲେଟ ଜବତ**

**ନୟାଗଡ଼ ଅଫିସ/ ରଣପୁର, ୧୪।୮(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ଥାନା ପୋଲିସ ଡମସାହି ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ଲୁଟେରା ନୂଆଗାଁ ଥାନା ମହିପୁର ଫାଣ୍ଡି ବିରୁଡା ଗାଁର କାଶିନାଥ ସାହୁ(୩୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ରଣପୁର ଉପକାରାଗାରକୁ କାଶିନାଥଙ୍କୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ନୂଆଗାଁ ଥାନା ବାଲଣ୍ଡା ଗାଁର ସଞ୍ଜୟ ମୁଦୁଲି ଏକ ଘରୋଇ ଫାଇନାନ୍ସ କମ୍ପାନୀରେ କାମ କରନ୍ତି। ସେ ଋଣ ଟଙ୍କା ଆଦାୟ କରି ଗୋଡିପଡାରୁ ରଣପୁର ଅଭିମୁଖେ ଯାଉଥିବାବେଳେ ରଣପୁର ଥାନାର ଡମସାହି ପେଟ୍ରୋଲ ପମ୍ପ ଠାରେ ଗତ ୧୦ ତାରିଖରେ ଲୁଟର ଶିକାର ହୋଇଥିଲେ। ତାଙ୍କୁ କାଶିନାଥଙ୍କ ସମେତ ୨ଜଣ କଟୁରୀ ଦେଖାଇ ୨୮ ହଜାର ଟଙ୍କା ସହ ଏକ ଟାବ୍‌ଲେଟ ଓ ମୋବାଇଲ ଲୁଟି ନେଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୧୯୧/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ କାଶିନାଥଙ୍କୁ ଗିରଫ କରି ତାଙ୍କଠାରୁ ୪୦ ହଜାର ଟଙ୍କା, ୨ ଟାବ୍‌ଲେଟ, କଟୁରୀ, ୨ ମୋବାଇଲ ଫୋନ, ଗୋଟିଏ ବାଇକ୍ ଜବତ କରିଛି। ଲୁଟେରାମାନେ ଆଉ କେଉଁ ଲୁଟ୍ ଘଟଣାରେ ସମ୍ପୃକ୍ତ ଅଛନ୍ତି ପୋଲିସ ତାର ତଦନ୍ତ କରୁଛି। ଅନ୍ୟପକ୍ଷେ ପୋଲିସ କାଶିନାଥଙ୍କ ସହଯୋଗୀ ନୟାଗଡ଼ ଟାଉନ ଥାନାର ଦୀପକ କୁମାର ପ୍ରଧାନ(୨୫)ଙ୍କୁ ଖୋଜୁଛି। କାଶିନାଥଙ୍କ ନାମରେ ଶରଣକୁଳ, ନୟାଗଡ଼, ଦଶପଲ୍ଲା ଥାନାରେ ଏକାଧିକ ଲୁଟ୍ ମାମଲା ରହିଛି ବୋଲି ଥାନା ଆଇଆଇସି କହିଛନ୍ତି।

# ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ନାଁରେ ଜାତୀୟ ପତାକାକୁ ଅସମ୍ମାନ




ସିମିଳିସାହି ସ୍କୁଲରେ ଜାତୀୟ ପତାକା।

**ନୂଆଗାଁ,୧୪।୮(ଡି.ଏନ.ଏ.)**

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ ସ୍ୱାଧୀନତାର ଅମୃତ ଉତ୍ସବ ପାଳନ କରାଯାଉଛି। ହେଲେ ଏହି ପୂର୍ତ୍ତି ସମୟରେ ଜାତୀୟ ପତାକାକୁ ଅସମ୍ମାନ ପ୍ରଦର୍ଶନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ପ୍ରତି ଘରେ ଜାତୀୟ ପତାକାକୁ ସମ୍ମାନର ସହ ଉଡାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ଶିକ୍ଷାନୁଷ୍ଠାନରେ ସକାଳ ୯ ଘଟିକା ସମୟରେ ପତାକା ଉତ୍ତୋଳନ କରି ସୂର୍ଯ୍ୟାସ୍ତ ପୂର୍ବରୁ ତାହାକୁ ଅବତରଣ କରିବା ପାଇଁ ଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଜରି କରିଛି। ହେଲେ ଉକ୍ତ ନିର୍ଦ୍ଦେଶକୁ ବେଖାତିର କରିବା ସହ ଜାତୀୟ ପତାକାକୁ ଅସମ୍ମାନ କରାଯାଉଥିବା ଦେଖିବାକୁ ମିଳିଛି। ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତ ସରକାରୀ ସିମିଳିସାହି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ପତାକାକୁ ଅସମ୍ମାନୀତ କରାଯାଇଛି। ବିଦ୍ୟାଳୟର ଛାତରେ ଲାଗିଥିବା ରଡ଼ରେ ଜାତୀୟ ପତାକାକୁ ବାନ୍ଧି ଦିଆ ଯାଇଥିବାବେଳେ ତାହା ନଇଁ ଛାତ ତଳକୁ ଲମ୍ବିଛି। ସେହିପରି ଜାକେଡା ପଞ୍ଚାୟତ ବାଗ୍‌ଦେବୀ ଛକ ନିକଟରୁ ପଞ୍ଚାୟତ



ବିଦ୍ୟୁତ୍ ଖୁଣ୍ଟରେ ଝୁଲୁଛି ଜାତୀୟ ପତାକା।

ଯାଏ ରାସ୍ତା କଡରେ ଛୋଟ ବାଡିରେ ତ୍ରିରଙ୍ଗା ଲଗାଇ ପୋତା ଯାଇଥିବା ବେଳେ ସେଥିରୁ ଅନେକ ମାଟିରେ ପଡି ପାଣି କାଦୁଅରେ ପୋତି ହୋଇ ଗଲାଣି। ଜାତୀୟ ପତାକାକୁ ତଳ ମୁହାଁ ମାଳ କରି ଇଲେକ୍ଟ୍ରି ପୋଲରେ ବାନ୍ଧା ଯାଇଛି। ତେବେ ରାସ୍ତା କଡରେ ଅଧିକ ମାତ୍ରାରେ ଜାତୀୟ ପତାକା ଲଗାଇବା ପାଇଁ ନୂଆଗାଁ ବ୍ଲକ ବିପିଏମ ସସ୍ମିତା ପରିଡା କହିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଜାକେଡା ଏମ୍‌ବିକେ ସରସ୍ୱତୀ ମଳିକ ଓ ବିପିଏମ ପରିଡାଙ୍କୁ ପଚାରିବାରେ ମୁଁ ଏପରି କିଛି କହି ନାହିଁ ବୋଲି ସେ ସଫେଇ ଦେଇଛନ୍ତି। ତେବେ ଜାତୀୟ ପତାକାର ଏପରି ବ୍ୟବହାର ବାବଦରେ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରେ ମୁଁ ସେ ବିଷୟରେ ଅନୁଧ୍ୟାନ କରୁଛି ବୋଲି କହିଛନ୍ତି।

# କ୍ରାନ୍ତି ଦିବସ ପଦଯାତ୍ରା ଉଦ୍‌ଯାପିତ

**ଦଶପଲ୍ଲା,୧୪।୮(ଡି.ଏନ.ଏ.)**

ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଅଗଷ୍ଟ ୯କ୍ରାନ୍ତି ଦିବସରୁ ଆରମ୍ଭ ହୋଇଥିବା ପଦଯାତ୍ରା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପଦଯାତ୍ରା ସ୍ଥାନୀୟ ମହାବୀର ମନ୍ଦିରରୁ ବାହାରି ଗାନ୍ଧୀ ମଇଦାନର ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଆସିଥିଲା। ପଦଯାତ୍ରା ପହଞ୍ଚିବା ପରେ ବ୍ଲକ୍ ସଭାପତି ବୁଲୁ ପରିଡ଼ାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସଭାପତି ଆଇନଜିବୀ ରଣଜିତ୍ ଦାସ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଉମାରାଣି ପାଣି, ସରୋଜ ପରିଡା, ରାଜୀବ ଲୋଚନ ମିଶ୍ର,ସୁକାନ୍ତ ଶତପଥୀ,ଆଇନଜିବୀ ବିନୋଦ ମିଶ୍ର, ନାରାୟଣ ସାହୁ, ଅମଜାଦ୍ ଖାଁ, ଦିଲ୍ଲୀପ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଦରଦାମ୍ ବୃଦ୍ଧି, ବେରୋଜଗାରୀ, ବିପର୍ଯ୍ୟସ୍ତ ଅର୍ଥନୀତି ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ସଭାପତି ପରିଡ଼ା ପଦଯାତ୍ରା ଉଦ୍‌ଯାପନ ଘୋଷଣା କରିଥିଲେ।




ପଦଯାତ୍ରାରେ ସାମିଲ ହୋଇଥିବା କଂଗ୍ରେସ ନେତା ଓ କର୍ମୀ।

# ରାସ୍ତା ନିର୍ମାଣ ବର୍ଷ ପରେ ଭୁଶୁଡ଼ିଲା ପୋଲ ସାଇଡ୍ ୱାଲ

**ନୂଆଗାଁ,୧୪।୮(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତ ସିମିଳିସାହି ନିକଟରେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିବା ପୋଲର ସାଇଡ ୱାଲ ଶନିବାର ଭୁଶୁଡ଼ି ପଡିଛି। ତେବେ ଏହି ଘଟଣାକୁ ଲୁଚାଇବାକୁ ବିଭାଗୀୟ ଅଧିକାରୀ ଚେଷ୍ଟା କରିଥିଲେ। ଏପରି କି ବିଳମ୍ବିତ ରାତିରେ ପୋଲ ଉପରେ ମାଟି ଗଦା କରି ରାସ୍ତା ଫାଟରେ ପିଚୁ ଢାଳି ଲୁଚାଇବାର ଉଦ୍ୟମ କରିଥିଲେ। କିନ୍ତୁ ସମ୍ପୃକ୍ତ ଅଧିକାରୀ ସେଥିରେ ସଫଳ ହୋଇ ନାହାନ୍ତି। ପୋଲର ସାଇଡ କଂକ୍ରିଟ ୱାଲ ଭୁଶୁଡି ପଡିବା ସହ ରାସ୍ତା ଖାଇ ଯାଇଛି।

ସୂଚନା ଅନୁଯାୟୀ, ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥ ନୂଆଗାଁଠାରୁ ଡିମିରିପଲି ୧୬ କିଲୋମିଟର ରାସ୍ତାର ଉନ୍ନତିକରଣ ପାଇଁ ୧୨ କୋଟି ୫୮ ଲକ୍ଷ ଟଙ୍କା ଅନୁଦାନ ଆସିଛି। ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ବିଭାଗୀୟ ଅଧିକାରୀ କିମ୍ବା ବିଭାଗୀୟ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିବା କଥା। କିନ୍ତୁ ଉକ୍ତ କାର୍ଯ୍ୟ ଚାଲିଥିବା ବେଳେ କୌଣସି କର୍ମଚାରୀ କିମ୍ବା ଅଧିକାରୀ ଆସୁ ନ ଥିଲେ। ଫଳରେ ଠିକାଦାର ଅଧିକ ଲାଭ ପାଇବା ଆଶାରେ ନିଜକୁ ସୁହାଇଲା ଭଳି କାମ କରୁଥିଲେ। ଯାହାର ପରିଣାମ ସ୍ୱରୂପ ଉକ୍ତ ରାସ୍ତାର ସିମିଳିସାହି ନିକଟରେ ଥିବା ପୋଲର ସାଇଡ଼ ୱାଲ ଭୁଶୁଡି ପଡିଛି। ଯାହା ଫଳରେ ରାସ୍ତାର ପିଚୁ ମଧ୍ୟ ଅନେକାଂଶରେ ଖାଇ ଯାଇଛି। ତେବେ ପୋଲ ଫାଟିବା ବାବଦରେ ପିଡବ୍ଲୁଡି କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରେ ପୁନର୍ବାର ସେହି କାର୍ଯ୍ୟ କରିବା ପାଇଁ ଆମେ ଠିକାଦାରଙ୍କୁ କହି ସାରିଛୁ ବୋଲି ସେ କହିଛନ୍ତି।



ନବ ନିର୍ମିତ ପୋଲର ସାଇଡ୍ ୱାଲ ଭୁଶୁଡି ପଡିଛି।

# ଗାଁ ରାସ୍ତାରେ ଲହଡ଼ି ଭାଙ୍ଗୁଛି ବର୍ଷା ପାଣି



କୁସ୍ତିରା ଦଳେଇ ସାହି ରାସ୍ତାରେ ପାଣି ଲହଡ଼ି ଭାଙ୍ଗୁଛି।

ଧର୍ମଶାଳା,୧୪।୮(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅଣ୍ଡିଆ ପଞ୍ଚାୟତ କୁସ୍ତିରା ଦଳେଇସାହି ରାସ୍ତାରେ ଦୀର୍ଘଦିନ ଧରି ବର୍ଷାପାଣି ଲହଡ଼ି ଭାଙ୍ଗୁଛି। ଏଠାରେ ଜଳନିଷ୍କାସନ ବ୍ୟବସ୍ଥା ନ ଥିବାରୁ ରାସ୍ତା ଉପରେ ପାଣି ଜମିରହୁଛି। ସାହିର ଏହା ଏକ ମୁଖ୍ୟ ରାସ୍ତା। ଏହି ରାସ୍ତାଦେଇ ଆଖପାଖ ଗ୍ରାମର ଲୋକେ ଯାଆସ କରିଥାନ୍ତି। ହେଲେ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମିରହିବା ଫଳରେ ଯାତାୟାତ କଷ୍ଟକର ହୋଇପଡୁଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ବ୍ଲକ ପ୍ରଶାସନର ଦୃଷ୍ଟିଆକର୍ଷଣ କରିଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ରାସ୍ତାରେ ଜମି ରହୁଥିବା ପାଣି ନିଷ୍କାସନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବେଣୁଧର ବେହେରା ଓ ଅନ୍ୟମାନେ ବ୍ଲକ ଅଧ୍ୟକ୍ଷ ଓ ବିଡିଓଙ୍କୁ ଜଣାଇଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

# ଟ୍ରେଲର ଧକ୍କାରେ ଆଇଚର୍ ଚାଳକଙ୍କ ଗୋଡ଼ ଭାଙ୍ଗିଲା

ପାଣିକୋଇଲି,୧୪।୮(ଡି.ଏନ.ଏ.)

ପାଣିକୋଇଲି ଥାନା ଅନ୍ତର୍ଗତ ଜାତୀୟ ରାଜପଥର ଟୋଲପ୍ଲାଜା ନିକଟସ୍ଥ ସିଙ୍ଗଡ଼ା ଗଳିପୋଲ ନିକଟରେ ଏକ ଟ୍ରେଲର ସହ ଆଇଚରର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଆଇଚର୍ ଚାଳକ ଗୁରୁତର ହୋଇଛନ୍ତି। ତାଙ୍କର ଗୋଟିଏ ଗୋଡ଼ ଭାଙ୍ଗିଯାଇଛି। କୁଆଖିଆ ପଟୁ କଳିଙ୍ଗନଗର ଜିନ୍ଦଲ କାରଖାନା ଅଭିମୁଖେ ଆସୁଥିବା ଟ୍ରେଲର(ଏନ୍‌ଏଲ୍‌-୦୧-କେ-୦୨୩୯) ପାଣିକୋଇଲି ପଟୁ ଯାଉଥିବା ଆଇଚର ଟ୍ରକ୍ (ଓଡି-୦୨-ସିବି-୨୪୯୧) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଆଇଚର ଚାଳକ ଗାଡ଼ିରେ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ପୋଲିସ ଓ ସ୍ୱେଚ୍ଛାସେବୀ ସଙ୍ଗଠନକୁ ଖବର ଦେଇଥିଲେ। ସାମାଜିକ କର୍ମୀ ତାରିଣୀ ପଟ୍ଟନାୟକ, ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପ୍ ସଭାପତି ଅଶୋକ କୁମାର ଦାସ ଓ ଉପେନ୍ଦ୍ର ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଡୋର କାଟି ଚାଳକଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ତାଙ୍କ ପରିଚୟ ମିଳିନଥିବା ବେଳେ ସେ କଟକ ଜିଲାର ବୋଲି ସୂଚନା ମିଳିଛି।

# ଧର୍ମଶାଳାର ୮ ପଞ୍ଚାୟତ ବନ୍ୟା ପ୍ରଭାବିତ ହେବା ଆଶଙ୍କା

ଧର୍ମଶାଳା,୧୪।୮(ଡି.ଏନ.ଏ.)

ହୀରାକୁଦ ଡ୍ୟାମ୍‌ର ୩୪ ଗେଟ୍ ଖୋଲାଯାଇଥିବାରୁ ମହାନଦୀରେ ଏକ ମଧ୍ୟମ ଧରଣର ବନ୍ୟା ଆଶଙ୍କା କରାଯାଇଛି। ସୋମବାର ସନ୍ଧ୍ୟା ସୁଦ୍ଧା ମହାନଦୀର ମୁଣ୍ଡୁଳିଠାରେ ୧୧ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ। ଫଳରେ ଏହାର ଶାଖା ନଦୀ ବିରୂପା ଓ ଗେଙ୍ଗୁଟିରେ ବନ୍ୟା ହେବା ନେଇ ଆଶଙ୍କା କରାଯାଇଛି। ଏହି ବନ୍ୟା ଦ୍ୱାରା ଧର୍ମଶାଳା ବ୍ଲକର କଣ୍ଟିଗଡ଼ିଆ, କ୍ଷେତ୍ରପାଳ, ପଟୁଣିଆ, ଅରେଇକଣା, କୋଟପୁର, ପାଟପୁର ଓ ମିର୍ଜାପୁର ଆଦି ପଞ୍ଚାୟତ ପ୍ରଭାବିତ ହେବା ଆଶଙ୍କା ରହିଛି। ଏନେଇ ଜାରକା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସ ଓ ଧର୍ମଶାଳା ବିଡିଓ ଅରବିନ୍ଦ ବେହେରାଙ୍କୁ ପଚାରିବାରେ ସେମାନେ କହିଛନ୍ତି, ବନ୍ୟା ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି ହୋଇଛି।




# 'ହାରି ପୋଟର' ଲେଖିକାଙ୍କୁ ହତ୍ୟା ଧମକ



'ହାରି ପୋଟର' ଲେଖିକା ଜେ.କେ. ରୋଲିଙ୍ଗ୍।

ଲଣ୍ଡନ,୧୪।୮:

ପ୍ରଖ୍ୟାତ ଲେଖକ ସଲମାନ ରଶଡିଙ୍କୁ ଆକ୍ରମଣ ଘଟଣାକୁ ନିନ୍ଦା କରିଥିବା 'ହାରି ପୋଟର' ଲେଖିକା ଜେ.କେ. ରୋଲିଙ୍ଗ୍‌ଙ୍କୁ ହତ୍ୟା ଧମକ ମିଳିଛି। ଟୁଇଟର ଜରିଆରେ ଏହି ହତ୍ୟା ଧମକ ମିଳିଥିବାବେଳେ ସ୍କଟିସ୍ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ନ୍ୟୁୟର୍କରେ ରଶଡିଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରି ରୋଲିଙ୍ଗ୍ ଶୁକ୍ରବାର ଟୁଇଟରରେ ଏକ ପୋଷ୍ଟ ଶେୟାର କରିଥିଲେ। ଏହାପରେ ଜଣେ ଟୁଇଟର ୟୁଜର 'ତୁମେ ବ୍ୟସ୍ତ ହୁଅନାହିଁ,ଏହାପରେ ତୁମ ପାଳି।' ବୋଲି ଲେଖିଥିଲେ। ଏହାର ସ୍କ୍ରିନ୍‌ସଟ୍ ରୋଲିଙ୍ଗ୍ ଶେୟାର କରିବା ସହ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।









# ରାସ୍ତା ଉପରେ ୫ ଫୁଟ୍‌ର ବନ୍ୟାଜଳ


ବନ୍ୟା ସ୍ଥିତି ଅନୁଧ୍ୟାନ ପାଇଁ ଆସିଥିବା ଜନପ୍ରତିନିଧି।

## ଫୁଲୁଛି ମହାନଦୀ

- ଗଣିଆର ୩ ପଞ୍ଚାୟତ ସହ ଯୋଗାଯୋଗ ବିଚ୍ଛିନ୍ନ
- ବୋଟ୍ ପଡ଼ିନି, ଚାଷ ଜମି ଜଳମଗ୍ନ

**ନୟାଗଡ଼ ଅଫିସ/ଗଣିଆ/ଭାପୁର, ୧୪।୮(ଡି.ଏନ୍.ଏ.)**

ହୀରାକୁଦ ଡ୍ୟାମ୍‌ର ୩୪ଟି ଗେଟ୍ ଖୋଲିବା ପରେ ମହାନଦୀରେ ବନ୍ୟା ଆସିଛି। ବଡମୂଳ ମାଳିସାହିଠାରେ ଥିବା ଗେଜ ସେଣ୍ଟରରେ ମହାନଦୀରେ ବନ୍ୟା ଜଳ ସାଢ଼େ ୩୮ ଫୁଟରେ ପ୍ରବାହିତ ହେଉଛି। ୩୯ ରୁ ୪୦ ଫୁଟ ଉଚ୍ଚରେ ମହାନଦୀରେ ବନ୍ୟା ଜଳ ପ୍ରବାହିତ ହେଲେ ବିଭିନ୍ନ ଗାଁରେ ପାଣି ପଶିବ। ନୟାଗଡ଼ ଜିଲା ଗଣିଆ ବ୍ଲକର ମଣ୍ଡାତୁଠ ଠାରେ ମହାନଦୀର ବନ୍ୟାଜଳ ରାସ୍ତା ଉପରେ ୫ ଫୁଟ ଉଚ୍ଚରେ ପ୍ରବାହିତ ହେଉଛି। ସେହିପରି ବଡମୁଳ ରାସ୍ତାର ରାସଙ୍ଗ, କାଦୁଆ ଗାଁ ନିକଟରେ ୪ ଫୁଟରେ, ଛାମୁଣ୍ଡିଆ ଠାରେ ୩ ଫୁଟରେ ଓ ବଡମୂଳର ମଙ୍ଗାନାସିସ୍ଥିତ ସାତ କୋଶିଆ ସ୍ୟାଣ୍ଡ ରିସୋର୍ଟ ନିକଟରେ ସାଢ଼େ ୪ ଫୁଟ ଉଚ୍ଚର ବନ୍ୟାଜଳ ରାସ୍ତା ଉପରେ ପ୍ରବାହିତ ହେଉଛି। ଏଣୁ ବଡମୂଳ ରାସଙ୍ଗ ପର୍ଯ୍ୟନ୍ତ ଯାତାୟତ ବନ୍ଦ ରହିଛି। ଏପରିକି ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ଭିତରେ ୨ ଫୁଟର ବନ୍ୟା ଜଳ ପ୍ରବାହିତ ହୋଇଛି। ଗଣିଆ ବ୍ଲକରେ ରାସ୍ତା ଉପରେ ବନ୍ୟା ଜଳ ପ୍ରବାହିତ ହେବା ଯୋଗୁ ବଡମୂଳ, ବଡସିଲିଙ୍ଗା, ଛାମୁଣ୍ଡିଆ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ପଡିଛି। ତେବେ ସେଠାରେ ବୋଟ ବ୍ୟବସ୍ଥା ପ୍ରଶାସନ କରିନି। ରାଜିଙ୍ଗି, ମହୁକଣ, ପତୁରିଆ, ରାସଙ୍ଗା, କାଦୁଆ, ମାଳତିପୁଟ, ୱାଲିପୁର, ବେଲପଡା, ଛାମୁଣ୍ଡିଆର ପ୍ରାୟ ୬୦୦ ଏକର ଧାନ ଜମିରେ ବନ୍ୟା ପାଣି ମାଡି ରହିଛି। ମୁଦୁଲିଗାଡିଆ, ବଡମୂଳ, ବଡମୂଳ ମାଳିସାହି, ବେଠିଆସାହି ଲୋକ ଭୟଭୀତ ଅବସ୍ଥାରେ ଅଛନ୍ତି। ରାତିରେ ଗାଁ ଭିତରେ ପାଣି ପଶିଯିବାର ଭୟ ରହିଛି। ସେହିଭଳି ବୃତ୍ତଙ୍ଗ ନଦୀ ଯୋଗୁ ମହୁକଣ, ରାଜିଙ୍ଗି, ମହନାପଦାର ବହୁ ଚାଷ ଜମି ଜଳମଗ୍ନ ହୋଇଛି।

**ମଣିପୁର ଗାଁ ଜଳବନ୍ଦୀ**

ଭାପୁର ବ୍ଲକ ଫତେଗଡ ପଞ୍ଚାୟତର ମଣିପୁର ଗାଁ ଜଳବନ୍ଦୀ ଅବସ୍ଥାରେ ରହିଛି। ମଣିପୁରକୁ ସଂଯୋଗ କରୁଥିବା କାଳିଗିରି ବ୍ରିଜଠାରୁ ମଣିପୁର ରାସ୍ତାରେ ସାଢ଼େ ୩ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ଏଣୁ ମଣିପୁର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଛି। ମତ୍ସ୍ୟଜିବୀମାନେ ରାସ୍ତା ଉପରେ ମାଛ ମାରୁଥିବା ଦେଖିବାକୁ ମିଳିଛି। କରବର, ମାଣିତ୍ରୀ, ମଣିପୁର ଗାଁର ଚାଷ ଜମିରେ ୫ରୁ ୬ଫୁଟର ବନ୍ୟା ଜଳ ମାଡି ରହିଛି। ଖବର ପାଇ ଭାପୁର ତହସିଲଦାର, ବିଡିଓ, ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ମଣିପୁର ଓ କରବର ଗାଁ ଅନୁଧ୍ୟାନ କରି ଫେରିଛନ୍ତି। ଭାପୁର ତହସିଲଦାର ତୃପ୍ତି ମହାନ୍ତି କୁହନ୍ତି, ସୋମବାର ମଣିପୁର ଗାଁରେ ବୋଟ୍ ପହଞ୍ଚିବ। ପୁଣି ଶୁଖିଲା ଖାଦ୍ୟ ଓ ଆନୁସଙ୍ଗିକ ପଦାର୍ଥ ଯୋଗାଇ ଦିଆଯିବ। ଏନେଇ ମଣିପୁର ଗାଁର ବଂଶୀଧର ସୁବୁଦ୍ଧି କୁହନ୍ତି, ଚଳିତ ବନ୍ୟାରେ ମହାନଦୀର ପାଣି ଯେପରି ବଢୁଛି ରବିବାର ରାତିରେ କେଉଁ ପରିସ୍ଥିତି ହେବ କହି ହେବ ନାହିଁ। ଲୋକମାନେ ଅନିଦ୍ରା ହୋଇ ଅପେକ୍ଷା କରିଛନ୍ତି। ସମୟ ଦେଖି ଘର ଛାଡିବେ ବୋଲି ଚିନ୍ତା କରୁଛନ୍ତି।

**ବନ୍ୟାଜଳରେ ଗଲା ଆମ୍ବୁଲାନ୍ସ**

ରବିବାର ଗଣିଆ ବେଠିଆସାହିର ବାସନ୍ତୀ ପଲେଇ ଓ ବଡମୂଳ ପାଟଣା ଗାଁର ସନ୍ଧ୍ୟାରାଣୀ ସାହୁଙ୍କ ଗର୍ଭବେଦନା ବଢ଼ି ଚାଲିଥିଲା। ଛାମୁଣ୍ଡିଆ ବଡମୂଳ ରାସ୍ତାରେ ବନ୍ୟାଜଳ ପ୍ରବାହିତ ହେବାରୁ ଗର୍ଭବତୀଙ୍କୁ ପରିବାର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ପାରୁ ନ ଥିଲେ। ଏଭଳିସ୍ଥଳେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ ରାସ୍ତାରେ ବନ୍ୟା ପାଣି ଅତିକ୍ରମ କରୁଥିବାରୁ ଚିନ୍ତାରେ ପଡିଥିଲେ। ରାସ୍ତାରେ ବନ୍ୟା ଜଳ ଅତିକ୍ରମ କରୁଥିଲେ ଯାନବାହାନ ଚଳାଚଳ ବନ୍ଦ ବୋଲି ସରକାରୀ ନିୟମ ରହିଛି। ଆମ୍ବୁଲାନ୍ସ ଡ୍ରାଇଭର ଭୟ ଥିଲେହେଁ ସାହାସ ରଖି ୨ ଗର୍ଭବତୀଙ୍କୁ ଆଣି ଛାମୁଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏନେଇ ଗୋପୀନାଥ ସେଣ କୁହନ୍ତି ଆଇନ ନ ମାନି ମୁଁ ଦୁଇ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ବନ୍ୟାଜଳ ବଢ଼ିବାର ଆଶଙ୍କା ଥିବାରୁ ଏପରି ପଦକ୍ଷେପ ନେବାକୁ ବାଧ୍ୟ ହୋଇଥିଲି ବୋଲି ସେ କହିଛନ୍ତି। ସନ୍ଧ୍ୟାରାଣୀ ସାହୁ କୁହନ୍ତି, ବନ୍ୟା ଜଳରୁ ପାର ହୋଇ ସ୍ୱାସ୍ଥକେନ୍ଦ୍ରରେ ପହଞ୍ଚିବା ବିଶ୍ୱାସ ଲାଗୁ ନ ଥିଲା। ଡ୍ରାଇଭର ବହୁ ରାସ୍ତା ବୁଲାଇ ଆମକୁ ଆଣି ଥିଲେ। ଏପରିକି ଆମ୍ବୁଲାନ୍ସ ବନ୍ୟା ପାଣି ଅତିକ୍ରମ କରି ଆସୁଥିବାବେଳେ ଭୟ ଲାଗୁ ଥିଲା। ତେବେ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ସେ ଧନ୍ୟବାଦ ଜଣାଇବା ସହ ସାବାସ୍ ବୋଲି କହିଥିଲେ। ଏନେଇ ଉପଜିଲାପାଳ ଲଗ୍ନଜିତ୍ ରାଉତ କୁହନ୍ତି, ଗଣିଆ ବ୍ଲକର ରାସଙ୍ଗ ଠାରେ ଓ ଭାପୁର ବ୍ଲକର ମଣିପୁର ଠାରେ ବନ୍ୟା ଜଳ ପ୍ରବାହିତ ହେଉଛି। ପ୍ରଶାସନ ବନ୍ୟା ପରିସ୍ଥିତିର ସମୀକ୍ଷା କରୁଛି। ସୋମବାର ଉଭୟ ବ୍ଲକ ପାଇଁ ବୋଟ୍ ଯୋଗାଇ ଦିଆଯିବ। ପୁଣି ସ୍ଥିତିକୁ ଦେଖି ରିଲିଫ ଯୋଗାଣର ବ୍ୟବସ୍ଥା କରାଯିବ।

## 'ହାରି ପୋଟର' ଲେଖିକାଙ୍କୁ ହତ୍ୟା ଧମକ



**ଲଣ୍ଡନ,୧୪।୮:** ପ୍ରଖ୍ୟାତ ଲେଖକ ସଲମାନ ରଶଡିଙ୍କୁ ଆକ୍ରମଣ ଘଟଣାକୁ ନିନ୍ଦା କରିଥିବା 'ହାରି ପୋଟର' ଲେଖିକା ଜେ.କେ. ରୋଲିଙ୍ଗ୍‌ଙ୍କୁ ହତ୍ୟା ଧମକ ମିଳିଛି। ଟୁଇଟର ଜରିଆରେ ଏହି ହତ୍ୟା ଧମକ ମିଳିଥିବାବେଳେ ସ୍କଟିସ୍ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ନ୍ୟୁୟର୍କରେ ରଶଡିଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରି ରୋଲିଙ୍ଗ୍ ଶୁକ୍ରବାର ଟୁଇଟରରେ ଏକ ପୋଷ୍ଟ ଶେୟାର କରିଥିଲେ। ଏହାପରେ ଜଣେ ଟୁଇଟର ୟୁଜର 'ତୁମେ ବ୍ୟସ୍ତ ହୁଅନାହିଁ,ଏହାପରେ ତୁମ ପାଳି।' ବୋଲି ଲେଖିଥିଲେ। ଏହାର ସ୍କ୍ରିନସଟ୍ ରୋଲିଙ୍ଗ୍ ଶେୟାର କରିବା ସହ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।













# ମଦନପୁରରେ କୃତ୍ରିମ ବନ୍ୟା

ନୟାଗଡ ଅଫିସ/ଓଡ଼ଗାଁ/ଭାପୁର,୧୪।୮(ସ୍ୱ.ପ୍ର.)/(ଡି.ଏନ୍.ଏ.)

■ ଡ୍ରେନ ନ ଥିବାରୁ ଘରେ ପାଣି ପଶିଲା
■ ବ୍ଲକ ଅଧ୍ୟକ୍ଷଙ୍କ ପଞ୍ଚାୟତରେ ଅବ୍ୟବସ୍ଥା
■ ଲଗାଣ ବର୍ଷାରେ ୩ ଘର ଭାଙ୍ଗିଲା

ନୟାଗଡ଼ ଜିଲା ଓଡଗାଁ ବ୍ଲକ ଅଧ୍ୟକ୍ଷଙ୍କ ପଞ୍ଚାୟତ ପାଣ୍ଡେରୀପଡାରେ ଡ୍ରେନ ନ ଥିବାରୁ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ମଦନପୁର ପିଅନସାହିର ଗୋଲା ବେହେରାଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଘରେ ବର୍ଷା ଜଳ ଜମି ରହିଛି। ସରକାର ମୋ ବିକାଶ ଯୋଜନାରେ ବହୁ କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ବ୍ଲକ ଅଧ୍ୟକ୍ଷଙ୍କ ଗାଁରେ ଡ୍ରେନ ନ ହୋଇ ପାରିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଏନେଇ ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ କୁହନ୍ତି, ୨୨ ବର୍ଷ ହେଲା ବିଜେଡି ଶାସନ କରୁଛି। ପୁଣି ଲୋକନାଥ ସାହୁଙ୍କ ପରିବାରରେ ଅଧ୍ୟକ୍ଷ ପଦ ରହିଛି। ନିଜେ ଲୋକନାଥ ସାହୁ ଓଡଗାଁ ବ୍ଲକ ଅଧ୍ୟକ୍ଷ ଅଛନ୍ତି। ତେବେ ବର୍ଷା ହେଲେ ବର୍ଷା ଜଳ ଘରେ ପଶିବା ପାଇଁ ବ୍ୟବସ୍ଥା କରା ନ ଯିବାର କାରଣ ସ୍ପଷ୍ଟ ହୋଇନାହିଁ। ମୋ ଗାଁ ମୋ ବିକାଶ ଓ ସରକାରୀ ଯୋଜନା କାହା ପାଇଁ ବୋଲି ବ୍ଲକ ଅଧ୍ୟକ୍ଷଙ୍କୁ ପ୍ରଶ୍ନ କରିଛନ୍ତି। ମଦନପୁର ପିଅନ ସାହିକୁ କଂଗ୍ରେସ ପକ୍ଷରୁ ଏକ ପ୍ରତିନିଧି ଦଳ ଯିବା ପରେ ଘଟଣା ଲୋକ ଲୋଚନକୁ ଆସିଛି। ଅନ୍ୟପକ୍ଷେ ମଦନପୁର ପିଅନସାହି ପରି ଓଡ଼ଗାଁ ବ୍ଲକର ଅନେକ ଘରେ ପାଣି ପଶୁଥିବାର ଅଭିଯୋଗ ହେଉଛି। ହେଲେ ଏହାର ସମାଧାନ ନାହିଁ। ଅନ୍ୟପକ୍ଷେ ଲଗାଣ ବର୍ଷା ଯୋଗୁ ଭାପୁର ବ୍ଲକ ବାଇଗୁଣିଆ ପଞ୍ଚାୟତ ନୂଆପଲ୍ଲୀ ଗାଁରେ ଦେବ ଦଳେଇ, ମିତାରାଣୀ ପ୍ରଧାନ, ପଞ୍ଚେଇ ପ୍ରଧାନଙ୍କ ଘର ଭାଙ୍ଗି ଯାଇଛି। ସେହିପରି ଜିଲାର ବିଭିନ୍ନ ସ୍ଥାନରେ ୧୦ ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବା ସୂଚନା ମିଳିଛି।

# କୁଆଁରିଆ ବ୍ରିଜ୍ ବିପଦସଙ୍କୁଳ

**ଦଶପଲ୍ଲା,୧୪।୮(ଡି.ଏନ.ଏ.):** ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ଦଶପଲ୍ଲା ସହର ମଧ୍ୟସ୍ଥଳରେ ଦୁର୍ଗା ବଜାର ନିକଟରେ ବହି ଯାଇଛି କୁଆଁରିଆ ନଦୀ। ବ୍ରିଟିଶ୍ ଅମଳରେ ତା'ଉପରେ ଏକ ଲୁହା ଶଙ୍ଘ(ବ୍ରିଜ୍) କରାଯାଇଥିଲା। ତେବେ ଲୁହା ଶଙ୍ଘଟି ଯଦିଓ ଯଥେଷ୍ଟ ମଜଭୁତ ଥିଲା ତଥାପି ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠିବାରୁ ତାକୁ ହଟେଇ ସେହିସ୍ଥାନରେ ଆଉ ଏକ ଶଙ୍ଘ କରାଯାଇଛି। ସେହି ଶଙ୍ଘ ଉପରେ ସମ୍ବଲପୁର ,ବରଗଡ,ଫୁଲବାଣୀ, ବୌଦ୍ଧ, କଟକ, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଆଦି ୧୦ ଜିଲାର ଲୋକମାନେ ଯାତାୟାତ କରିଥାନ୍ତି। ପ୍ରତିଦିନ ଶତାଧିକ ଟନ୍ ଓଜନର ସାମଗ୍ରୀ ବିଭିନ୍ନ ଯାନବାହାନରେ ଯିବା ଆସିବା କରିଥାଏ। ଏଥିପାଇଁ ସେହି ଶଙ୍ଘ ଉପରେ ପ୍ରତିଦିନ ଚାପ ବଢୁଛି। ଗତ କିଛିଦିନ ତଳେ ସେହି ଶଙ୍ଘର କିଛି ଅଂଶ ମରାମତି କରାଯାଇଥିଲା। କିନ୍ତୁ ସପ୍ତାହେ ନ ପୁରୁଣୁ ତାହା ନଷ୍ଟ ହୋଇଯାଇଛି। ଏବେ ଶଙ୍ଘ ଉପରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ପ୍ରତିବର୍ଷ ଶଙ୍ଘ ଉପରେ ସୃଷ୍ଟି ହେଉଥିବା ଖାଲକୁ ମରାମତି କରାଯାଉଥିଲେ ମଧ୍ୟ କୋଣସି ସ୍ଥାୟୀ ପ୍ରତିକାର କରାଯାଉନାହିଁ। ଯଦି କୌଣସି କାରଣ ବଶତଃ ଶଙ୍ଘଟି ଦବିଯାଏ ତେବେ ପୂର୍ବ ଓଡ଼ିଶା ସହ ପଶ୍ଚିମ ଓଡିଶାର ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହେବ। ଏଣୁ ଜାତୀୟ ରାଜପଥ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ଏହି ଶଙ୍ଘର ବିକଳ୍ପ ଚିନ୍ତା କରିବା ଦରକାର ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି।




# ଆଜାଦୀ କା ଅମୃତ ମହୋତ୍ସବରେ ଦୀପ ପ୍ରଜ୍ୱଳନ

**ଖଣ୍ଡପଡ଼ା,୧୪।୮(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ପଞ୍ଚାୟତବାସୀ ଏକ ଭିନ୍ନ ଢଙ୍ଗରେ ଆଜାଦ୍ କି ଅମୃତ ମହୋତ୍ସବ ପାଳନ କରିଛନ୍ତି । ଖଳିସାହି ମୁଖ୍ୟ ଛକରେ ବଣିକ ସଂଘର ସଦସ୍ୟ, ସାମାଜିକ କର୍ମୀ ଓ ସ୍ଥାନୀୟ ଜନସାଧାରଣ ପ୍ରଦୀପ ପ୍ରଜ୍ୱଳନ କରିବା ସହ ହାତରେ ଜାତୀୟ ପତାକା ଧରି ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ । ଖଳିସାହି ଗ୍ରାମର ପ୍ରତିଘରେ ତ୍ରିରଙ୍ଗା ପତାକା ଉଡୁଥିବା ବେଳେ ଏକ ଶୋଭାଯାତ୍ରାରେ ସ୍ଥାନୀୟ ବାସିନ୍ଦା ଗ୍ରାମ ପରିକ୍ରମା କରିଥିଲେ । ସେହିପରି ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ,ଶିକ୍ଷକ ଓ କର୍ମକର୍ତ୍ତା ଜାତୀୟ ପତାକା ଧରି ଖଣ୍ଡପଡ଼ା ସହର ପରିକ୍ରମା କରି ବିଦ୍ୟାଳୟ ପରିସରରେ ପହଞ୍ଚିଥିଲେ । ଶନିବାରଠାରୁ ଆଜାଦ୍ କି ଅମୃତ ମହୋତ୍ସବ ପାଳନ ଖଣ୍ଡପଡା ନିର୍ବାଚନମଣ୍ଡଳୀରେ ଦେଖିବାକୁ ମିଳିଥିଲା ।




# ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଅବହେଳିତ

**ଖଣ୍ଡପଡ଼ା,୧୪।୮(ସ୍ୱ.ପ୍ର.):** ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜାଦ୍ କି ଅମୃତ ମହୋତ୍ସବ ପାଳନ କରୁଛି। ହେଲେ ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ କଣ୍ଟିଲୋ ପଞ୍ଚାୟତରେ ଥିବା ଗାନ୍ଧୀ ପାର୍କ ଦୟନୀୟ ଅବସ୍ଥାରେ ରହିଛି। ସେହି ପାର୍କରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପରିତ୍ୟକ୍ତ ଅବସ୍ଥାରେ ଅଛି। ଏହି ପାର୍କର ପୁନରୁଦ୍ଧାର ପାଇଁ କାହାର ଆନ୍ତରିକତା ନାହିଁ। ପଙ୍କ, କାଦୁଅ ଓ ବନାବନା ଗଛଲତାରେ ଭର୍ତ୍ତି ଏକ ସ୍ତୁପ ଉପରେ ରହିଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଦେଖିଲେ ମନରେ କ୍ଷୋଭ ଜାତ ହେଉଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ବିଭିନ୍ନ ଯୋଜନାରେ କଣ୍ଟିଲୋକୁ ସରକାରୀ ଅନୁଦାନ ଆସୁଥିଲେ ମଧ୍ୟ ଏକ ପାର୍କର ଉନ୍ନତୀ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏ ସମ୍ପର୍କରେ କଣ୍ଟିଲୋର ପରିବେଶବିତ୍ ଅନ୍ତର୍ଯ୍ୟାମୀ ସାହୁ ସ୍ଥାନୀୟ ସରପଞ୍ଚଙ୍କ ସହ ଖଣ୍ଡପଡ଼ା ବିଡିଓ, ନୟାଗଡ଼ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହି ପାର୍କ ପରିସରରେ ଏକ ଉନ୍ନତ ସିମେଣ୍ଟ ପିଣ୍ଡି କରାଯାଉ। ପାର୍କ ଚାରିପାଖରେ ତାରବାଡ ଏବଂ ବିଭିନ୍ନ ଫୁଲ ଗଛ ଲଗାଯାଇ ସୌନ୍ଦର୍ଯ୍ୟକରଣ କରିବାକୁ ସେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

**ଜିଲାପାଳଙ୍କୁ ଅବଗତ କଲେ ପରିବେଶବିତ୍**







# ଶିଶୁ ଗୃହ ଅତିରିକ୍ତ ଶୟନ କକ୍ଷ ଉଦ୍‌ଘାଟିତ

**ନୟାଗଡ଼ ଅଫିସ,୧୪।୮:** ନୟାଗଡ଼ ତପସ୍ୟା ଶିଶୁଗୃହର ଅତିରିକ୍ତ ଶୟନ କକ୍ଷ ରବିବାର ଉଦ୍‌ଘାଟନ ହୋଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର କୁମାର ସାହୁ , ଓଏସ୍‌ସିପିଏସ୍‌ର ପ୍ରୋଗ୍ରାମ ମ୍ୟାନେଜର ପ୍ରୀତିକାନ୍ତ ପଣ୍ଡା, ଗଣିଆ ଉନ୍ନୟନ କମିଟି ସଭାପତି ଉଷାରାଣି ପଟ୍ଟନାୟକ ଓ ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ସେହିଭଳି ଜିଲ୍ଲାରେ ଶିଶୁମାନଙ୍କ ପାଇଁ କାମ କରୁଥିବା ଶିଶୁମଙ୍ଗଳ ସମିତି, ଶିଶୁ ସୁରକ୍ଷା କମିଟି ଓ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ତପସ୍ୟା ଶିଶୁ ଗୃହର କୁନି ଝିଅମାନେ ଉପସ୍ଥିତ ଥିଲେ। ୨୦୧୮ ମାର୍ଚ୍ଚରୁ ଗଣିଆ ଉନ୍ନୟନ କମିଟି ତପସ୍ୟା ଶିଶୁ ଗୃହକୁ ଚଳାଇ ଆସୁଛି। ଏହି ଶିଶୁ ଗୃହରେ ୬ ବର୍ଷରୁ ୧୮ ବର୍ଷର ଅନାଥ ଶିଶୁ, ସିଙ୍ଗିଲ ପ୍ୟାରେଣ୍ଟସ ଶିଶୁ ଓ ବାଲ୍ୟ ବିବାହରେ ଉଦ୍ଧାର ହେଉଥିବା ନାବାଳିକା ରହୁଛନ୍ତି।







# ଡ୍ରାଇଭର ସଂଘର ସାଧାରଣ ସଭା

**ଭାପୁର,୧୪।୮(ଡି.ଏନ.ଏ.):** ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ସାଇ କଲ୍ୟାଣ ମଣ୍ଡପଠାରେ ରବିବାର ଡ୍ରାଇଭର ମହାସଂଘର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଭାପୁର ବ୍ଲକର ଡ୍ରାଇଭର ମହାସଂଘର ସଭାପତି ସନ୍ତୋଷ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲା ଡ୍ରାଇଭର ମହାସଂଘର ସଭାପତି ଅବକାଶ କାଠୁଆ ,ସମ୍ମାନିତ ଅତିଥି ଭାବେ ଜିଲା ସଂଯୋଜକ ପୂର୍ଣ୍ଣ ପାଣି ,ସମ୍ପାଦକ ସମୀର କୁମାର ବେହେରା ଯୋଗ ଦେଇଥିଲେ । ଏହି ଅବସରରେ ଖବରଦାତା ସଂଗ୍ରାମ କେଶରୀ ପଟ୍ଟନାୟକ ଓ ପ୍ରଭାତ କୁମାର ବରାଡଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଚାଳକମାନେ ଗାଡ଼ି ଚାଳନା ସମୟରେ ମଦ୍ୟପାନ ନ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ଗାଡ଼ି ଚାଳନା ସମୟରେ ଡ୍ରାଇଭରମାନେ ୟୁନିଫର୍ମ ପିନ୍ଧିବେ । ଯାତ୍ରୀମାନଙ୍କୁ ସହଯୋଗ କରିବା ଉପରେ ଗୁରୁତ୍ୱରୋପ କରାଯାଇଥିଲା ।

**ନିଶା ସେବନ ନ କରିବାକୁ ପରାମର୍ଶ**

# ବିପଦ ସଙ୍କେତ ଉପରେ ବଂଶଧାରା

**କାଶୀନଗର, ୧୪।୮(ଡି.ଏନ୍.ଏ):** ଗଜପତି ଜିଲା କାଶୀନାଗରଠାରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି ବଂଶଧାରା ନଦୀ ଜଳ। ରବିବାର ରାତି ୯ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୫୪.୯୧ ମି.ରେ ପହଞ୍ଚିଛି। ଏଠାରେ ବିପଦ ସଂକେତ ୫୫.୭୫ମି. ଥିବାବେଳେ ଉପର ମୁଣ୍ଡରେ ବର୍ଷାର ପରିମାଣ ଅଧିକ ହେଲେ ଜଳସ୍ତର ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଜଳସ୍ତରକୁ ନଜରରେ ରଖି ଗୋଟା ବ୍ୟାରେଜର ସମସ୍ତ ୨୨ଟି ଗେଟ ଖୋଲାଯାଇଛି। ଯଦି ବର୍ଷାର ପରିମାଣ ବୃଦ୍ଧିପାଏ କିମ୍ବା ଉପରେ ମୁଣ୍ଡରେ ବର୍ଷା ଲାଗିରହେ ତା'ହେଲେ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ସମେତ ୧୧ ପଞ୍ଚାୟତ ଓ ରାୟଗଡ଼ା ଜିଲାର ଗୁଣୁପୁର ସବ୍‌ଡିଭିଜନ ପ୍ରଭାବିତ ହେବା ଆଶଙ୍କା ରହିଛି ।